ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୬ (୧୨ ପୃଷ୍ଠା) | Bhubaneswar, Monday, March 2/2026 | Page 12 | ₹ 7.00
୫୨ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 98 | ମୂଲ୍ୟ ₹୭/-




## ଭାରତୀୟ ହକି ଦଳରେ ସୁନେଲିତା

ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର ପାଇଁ ମନୋନୀତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଏକମାତ୍ର ଖେଳାଳି ସୁନେଲିତା ଟୋପ୍ପୋ ।

୧୨

୦୫

## ଆବୁଧାବିରେ ଫସିଛନ୍ତି ଈଶା ଗୁପ୍ତା

ଆମେରିକା-ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ପରିପ୍ରେକ୍ଷୀରେ ଅଭିନେତ୍ରୀ ଈଶା ଗୁପ୍ତା ଆବୁଧାବିରେ ଅଟକି ରହିଛନ୍ତି।



# ହୋର୍ମୁଜ ଷ୍ଟ୍ରେଟ୍‌ରେ ସଙ୍କଟ

ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିବା ସ୍ପଷ୍ଟ ହେବା ପରେ ରବିବାର ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ତେହରାନ୍ ଆକ୍ରମଣ କରିଛି। ଉକ୍ତ ଟ୍ୟାଙ୍କରରେ ଥିବା ୨୦ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ହେଉଛନ୍ତି ଭାରତୀୟ। ଏହି ଅତର୍କିତ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ବିଶ୍ୱ ତୈଳ ଯୋଗାଣର ୨୦-୩୦% ହର୍ମୁଜ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ମଧ୍ୟପ୍ରାଚ୍ୟର ତୈଳ ରପ୍ତାନିକାରୀ ରାଷ୍ଟ୍ର ସାଉଦି ଆରବ, ଇରାକ୍ ଏବଂ ୟୁଏଇର ସର୍ବାଧିକ ତୈଳ ଏହି ପ୍ରଣାଳୀ ଦେଇ ଯାଇଥାଏ। ଯୁଦ୍ଧ ଲାଗିରହିଲେ ଇରାନ୍ ହୋର୍ମୁଜ ପ୍ରଣାଳୀ ବନ୍ଦ କରିଦେବା ଆଶଙ୍କା ରହିଛି। ତେଣୁ ଯୁଦ୍ଧ ଅବଧି ବୃଦ୍ଧି ତୈଳ ଦରକୁ ୯୦ ଡଲାରରେ ପହଞ୍ଚାଇପାରେ। ପ୍ରାକୃତିକ ବାଷ୍ପ ଦର ମଧ୍ୟ ବଢ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏପରି ହେଲେ ଭାରତରେ କେବଳ ତୈଳ ନୁହେଁ, ଅନ୍ୟ ଆବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ମଧ୍ୟ ବଢ଼ିବା ଆଶଙ୍କା କରାଯାଉଛି।



ବୈଶ୍ୱିକ ତୈଳ ପରିବହନର ପ୍ରମୁଖ ସାମୁଦ୍ରିକ ପଥ ହାର୍ମୁଜ୍ ପ୍ରଣାଳୀ

- **ତୈଳ ଟ୍ୟାଙ୍କରକୁ ଇରାନ୍‌ର ଆକ୍ରମଣ**
- **ରହିଛନ୍ତି ୧୫ ଭାରତୀୟ କ୍ରିଉ**
- **ବଢ଼ିପାରେ ତୈଳ ଦର**

ଦୁବାଇ/ ୱାଶିଂଟନ୍/ ତେହରାନ୍,୧।୩ (ଏ.ପି./ ଅଲ୍‌ଜଜିରା)

ଆମେରିକା ଓ ଇସ୍ରାଏଲ୍‌ର ଜଏଣ୍ଟ ଅପରେଶନ୍‌ରେ ଶନିବାର ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିବା ସ୍ପଷ୍ଟ ହୋଇଛି। କେବଳ ଖାମେନେଇ ନୁହନ୍ତି, ତାଙ୍କ ସେନା, ଗୋଇନ୍ଦା ଏଜେନ୍ସି ଏବଂ ପରିବାରର କେତେଜଣ ସଦସ୍ୟ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ରବିବାର ଇସ୍ରାଏଲ୍ ସମେତ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରିଛି। କେବଳ ଏତିକି ନୁହେଁ, ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ମଧ୍ୟ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଆକ୍ରମଣ କରାଯାଇଛି। ଓମାନ୍‌ର ମୁସାଦାମ୍‌ଠାରୁ ପ୍ରାୟ ୫ ନଟିକାଲ ମାଇଲ୍ ଦୂରରେ ଥିବା କସାବ ବନ୍ଦରରେ ଏହି ତୈଳ ଭେସେଲ୍‌କୁ ଟାର୍ଗେଟ କରାଯାଇଥିଲା। ଫଳରେ ସେଥିରେ ନିଆଁ ଲାଗିଯାଇଥିଲା। ଭେସେଲ୍‌ରୁ କଳା ଧୂଆଁ ବାହାରି ସମ୍ପୃକ୍ତ ଅଞ୍ଚଳର ଆକାଶକୁ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳିଥିଲା। ଛୋଟ ଜାହାଜଟି ପରେ ବୁଡ଼ିଯାଇଥିବା ଏକ ଇରାନୀୟ ଟିଭି ଚ୍ୟାନେଲ ଦାବି କରିଥିଲା। ଉକ୍ତ ଟ୍ୟାଙ୍କରରେ ୧୫ ଭାରତୀୟ ଓ ୫ ଇରାନୀୟ ଥିଲେ। ଆକ୍ରମଣରେ ୪ ଜଣ ଆହତ ହୋଇଥିବାବେଳେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ଆହତମାନଙ୍କୁ ☞ପୃଷ୍ଠା-୪


SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2026
Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KIIT | Government Of India | VOLLEYBALL WORLD BEACH PRO TOUR | FIVB | KHELO INDIA | KISS



FIVB
1st TIME in INDIA in a University Campus
WORLD BEACH VOLLEYBALL CHAMPIONSHIP 2026
(MEN & WOMEN)
Proudly Hosted By
KIIT UNIVERSITY
Bhubaneswar, Odisha

4th-8th March, 2026 | KIIT, BHUBANESWAR, ODISHA

52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND

Participating Countries:

Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in | KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in



ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁରେ ଇରାନୀୟ ମହିଳା ଶୋକ କରୁଛନ୍ତି।




ଅଷ୍ଟ୍ରେଲିଆରେ ଥିବା ଇରାନୀୟ ନାଗରିକ ସିଡ୍‌ନୀଠାରେ ଖୁସି ମନାଉଛନ୍ତି ।

# ଖାମେନେଇଙ୍କ ମୃତ୍ୟୁରେ ଭାରତରେ ବିକ୍ଷୋଭ

**ଶ୍ରୀନଗର/ଲକ୍ଷ୍ନୌ, ୧।୩**

ଇସ୍ରାଏଲ୍-ଆମେରିକାର ମିଳିତ ଆକ୍ରମଣରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ଘଟଣାରେ ଭାରତର କଶ୍ମୀରଠାରୁ କର୍ଣ୍ଣାଟକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିଆ ସମ୍ପ୍ରଦାୟର ଲୋକମାନେ ରାସ୍ତାକୁ ଓହ୍ଲାଇବା ସହ ଖାମେନେଇଙ୍କ ମୃତ୍ୟୁରେ ସେମାନଙ୍କ ଦୁଃଖ ଓ କ୍ରୋଧ ପ୍ରକାଶ କରିଛନ୍ତି। ଶନିବାର ସକାଳେ ତେହରାନ୍‌ରେ ଏୟାରଷ୍ଟ୍ରାଇକ୍‌ରେ ଖାମେନେଇ ନିହତ ହୋଇଥିବା ଇରାନୀୟ ଗଣମାଧ୍ୟମ ରବିବାର ସ୍ପଷ୍ଟ କରିବା ପରେ ଭାରତ ସମେତ ବିଶ୍ୱବ୍ୟାପୀ ବିକ୍ଷୋଭ ଓ ଶୋକ ପ୍ରକାଶ ପାଇଛି। କଶ୍ମୀରରେ ଶିଆ ସମ୍ପ୍ରଦାୟର ପ୍ରାୟ ୧୫ ଲକ୍ଷ ଲୋକ ରହୁଥିବାବେଳେ ସେମାନେ ଲାଲ୍‌ଚୌକ, ସାଇଦା କାଡାଲ, ବଡ୍‌ଗାମ୍, ବନ୍ଦିପୋରା, ଅନନ୍ତନାଗ ଏବଂ ପୁଲ୍‌ୱାମାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଛାତି ବାଡ଼େଇ ଆମେରିକା ଏବଂ ଇସ୍ରାଏଲ୍ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଇରାନ ଘଟଣାରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଲୋକମାନଙ୍କୁ ଶାନ୍ତ ରହିବା ପାଇଁ କହିଛନ୍ତି। ଉତ୍ତେଜନା କମ୍ବା ଅଶାନ୍ତି ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନ କରିବାକୁ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ପ୍ରଶାସନକୁ ସମ୍ବେଦନଶୀଳତାର ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଛନ୍ତି। କଶ୍ମୀରର ମୁଖ୍ୟ ମୌଲବୀ ମିର୍‌ୱେଜ୍ ଉମର ଫାରୁକ୍ ଇରାନ ସୁପ୍ରିମ ଲିଡରଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟବାସୀ ମିଳିତ ଭାବେ ଏହି ନିଷ୍ଠୁର ଆକ୍ରମଣକୁ ନିନ୍ଦା କରିବାକୁ ଆହ୍ୱାନ ଦେଇଛନ୍ତି। ତାଙ୍କ ନେତୃତ୍ୱାଧୀନ ଇସ୍‌ଲାମୀୟ ଧର୍ମୀୟ ସଂଗଠନ ମୁତାହିଦା ମଜଲିସ୍-ଇ-ଉଲମା (ଏମ୍‌ଏମ୍‌ୟୁ) ଖାମେନେଇଙ୍କ ହତ୍ୟା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ସୋମବାର କଶ୍ମୀର ବନ୍ଦ ପାଇଁ ଆହ୍ୱାନ ଦେଇଛି।

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ବାରା ଇମାମବାରା ମସ୍‌ଜିଦ ନିକଟରେ ବହୁସଂଖ୍ୟାରେ ଲୋକ ଏକାଠି ହୋଇ ବିକ୍ଷୋଭ କରିବା ସହ ଇରାନ ସୁପ୍ରିମଲିଡରଙ୍କ ଫଟୋ ଧରି ମହିଳାମାନେ କାନ୍ଦୁଥିବା ଦେଖାଯାଇଛି। ସୋମବାର ବିକ୍ଷୋଭ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ଅଲ୍ ଇଣ୍ଡିଆ ଶିଆ ପର୍ସୋନାଲ ଲ’ ବୋର୍ଡର ସାଧାରଣ ସମ୍ପାଦକ ମୌଲାନା ୟାସୁବ ଆବ୍ବାସ ଘୋଷଣା କରିଛନ୍ତି। ଶିଆ ସମ୍ପ୍ରଦାୟ ପକ୍ଷରୁ ୩ ଦିନିଆ ଶୋକ ଘୋଷଣା କରାଯାଇଛି। ଏହି ସମୟରେ ଲୋକେ କଳା ପୋଷାକ ପିନ୍ଧିବା ସହ ଘରେ କଳା ପତାକା ଲଗାଇବେ ଏବଂ ସ୍ୱତନ୍ତ୍ର ନମାଜ ପାଠ ଆୟୋଜନ କରିବେ। ସେହିପରି ପଞ୍ଜାବର ଲୁଧିଆନାରେ ମୁସଲମାନମାନେ ବିକ୍ଷୋଭ କରିବା ସହ କୁଶ ପୁତ୍ତଳିକା ଦାହ କରିଛନ୍ତି। କେନ୍ଦ୍ର ସରକାର ସପ୍ତାହେ ଜାତୀୟ ଶୋକ ପାଳନ ପାଇଁ ଘୋଷଣା କରିବାକୁ ଶାହି ଇମାମ ମୌଲାନା ମହମ୍ମଦ ଉସ୍‌ମାନ ରହମାନି ଲୁଧିଆନଭି ଦାବି କରିଛନ୍ତି। ସେ ଖାମେନେଇଙ୍କୁ ଶହୀଦ କହିବା ସହ ତାଙ୍କ ନିଧନକୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି। ଏହି ଚ୍ୟାଲେଞ୍ଜ ବିରୋଧରେ ବିଶ୍ୱବ୍ୟାପୀ ମୁସଲମାନ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ସେହିପରି ନୂଆଦିଲ୍ଲୀ, ବିହାର, ଝାଡ଼ଖଣ୍ଡ ଏବଂ ତେଲଙ୍ଗାନାରେ ବିକ୍ଷୋଭକାରୀମାନେ ଖାମେନେଇଙ୍କ ପୋଷ୍ଟର ଧରି ଆମେରିକା ଓ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏକଦା ଖାମେନେଇ କର୍ଣ୍ଣାଟକର ଚିକ୍କବଲ୍ଲପୁର ଜିଲାକୁ ଆସିଥିବାବେଳେ ସେଠାରେ ରବିବାର ଲୋକେ ନୀରବତା ପାଳନ କରିବା ସହ ସ୍ୱେଚ୍ଛାକୃତ ଭାବେ ଦୋକାନବଜାର ବନ୍ଦ କରିଥିଲେ। ଶିଆ ସୁପ୍ରିମ ଲିଡରଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ସେଠାର ଗ୍ରାମବାସୀମାନେ ୩ ଦିନିଆ ଶୋକ ଘୋଷଣା କରିଛନ୍ତି ଏବଂ ଉତ୍ସବ ଓ ସାଧାରଣ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।



ଆୟାତୋଲ୍ଲା ଅଲୀ ଖାମେନେଇ

## କଶ୍ମୀର ବନ୍ଦ ପାଇଁ ଏମ୍‌ଏମ୍‌ୟୁର ଡାକରା

# ଉପସାଗରୀୟ ଦେଶକୁ ଇରାନ୍‌ର ଟାର୍ଗେଟ

**ତେହରାନ୍ ,୧।୩**

ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଶନିବାର ଇରାନ ଉପରେ ଆକ୍ରମଣ କରିବା ପରେ ଇରାନ ସେନା ପକ୍ଷରୁ ଇସ୍ରାଏଲ ସମେତ ଉପସାଗରୀୟ ଅଞ୍ଚଳର ବହୁ ଇସ୍‌ଲାମିକ୍ ରାଷ୍ଟ୍ର ଉପରେ ଆକ୍ରମଣ କରାଯାଇଥିଲା। ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଆଦି ଦେଶରେ ରହିଥିବା ଆମେରିକୀୟ ସାମରିକ ବେସ୍‌ଗୁଡିକୁ ଟାର୍ଗେଟ କରି ଇରାନ ସେନା କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିନ୍ତୁ ମଧ୍ୟରାତ୍ରରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ନିହତ ଖବର ସ୍ପଷ୍ଟ ହେବା ପରେ ଇରାନ ଏହିସବୁ ଦେଶ ଉପରେ ଆକ୍ରମଣ ଆହୁରି ଜୋର୍‌ଦାର କରିଛି, ଯାହାକୁ ନେଇ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଦୁବାଇ, ଆବୁଧାବି, ରିଆଦ୍, ଦୋହା ଏବଂ ମାନାମା ଆଦି ପ୍ରମୁଖ ସହରଗୁଡିକରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବିଭିନ୍ନ ସହର ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରୁଥିବାରୁ ବିସ୍ଫୋରଣର ଶବ୍ଦରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇରାନ ଟାର୍ଗେଟରୁ ବଡ଼ ହୋଟେଲ ଏବଂ ଉଚ୍ଚ ଅଟ୍ଟାଳିକା ମଧ୍ୟ ବାଦ୍ ପଡ଼ିନାହିଁ। ଦୁବାଇ, ଆବୁଧାବି ଏବଂ ଦୋହା ଆଦି ସହରରେ ବିସ୍ଫୋରଣ ଯୋଗୁ ପ୍ରବାସୀ ନାଗରିକମାନଙ୍କ ଭିତରେ କୋକୁଆଭୟ ସୃଷ୍ଟି ହୋଇଛି। ଦୁବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ଅନେକ ବିଳାସପୂର୍ଣ୍ଣ ହୋଟେଲ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ସେପଟେ ଉପସାଗରୀୟ ଦେଶଗୁଡିକରେ ବିମାନଚଳାଚଳ ବନ୍ଦ କରିଦିଆଯାଇଥିବାରୁ ଲୋକେ ଅନ୍ୟତ୍ର ଯିବା ସମ୍ଭବ ହୋଇପାରି ନାହିଁ। ବିଭିନ୍ନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅନେକ ହଜାର ଯାତ୍ରୀ ପଡ଼ି ରହିଛନ୍ତି। ଇରାନ ସେନାର ଏଭଳି ଆଭିମୁଖ୍ୟକୁ ସାଉଦି ଆରବ, ୟୁଏଇ, କାତାର ଏବଂ ବାହାରିନ୍ ଆଦି ରାଷ୍ଟ୍ର ନିନ୍ଦା କରିଛନ୍ତି। ଇରାନ ଜାଣିଶୁଣି ତାହାର ପଡ଼ୋଶୀ ରାଷ୍ଟ୍ରଗୁଡିକ ଉପରେ ଆକ୍ରମଣ ଚଳାଇଥିବା ସେମାନେ କହିଛନ୍ତି। ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାହେଦ୍ ଅଲ୍ ନାହିୟାନ ଇରାନ ସେନାକୁ ଦୃଢ଼ ନିନ୍ଦା କରିବା ସହ ୟୁଏଇ ଭଳି ଏକ ପଡ଼ୋଶୀ ରାଷ୍ଟ୍ରକୁ ଟାର୍ଗେଟ କରାଯିବା ଆଦୌ ସମୀଚିନ ନୁହେଁ ବୋଲି କହିଛନ୍ତି।

# ୧୨ ଘଣ୍ଟାରେ ଇରାନ୍‌ର ୯୦୦ ଠିକଣାରେ ବୋମାମାଡ଼

**ତେହରାନ୍ ,୧।୩**

ଆମେରିକା ଏବଂ ଇସ୍ରାଏଲର ମିଳିତ ସେନା ଗତ ୧୨ ଘଣ୍ଟା ମଧ୍ୟରେ ଇରାନ୍‌ର ପ୍ରମୁଖ ୯୦୦ ଠିକଣାରେ ବୋମାମାଡ଼ କରିଛନ୍ତି। ଏଥିମଧ୍ୟରୁ ସର୍ବାଧିକ ଇରାନ୍‌ର ସାମରିକ ପ୍ରତିଷ୍ଠାନ ଏବଂ ଅସ୍ତ୍ର ଭଣ୍ଡାର ରହିଛି। ଏହାମଧ୍ୟରେ ଇରାନର ଏକ ଯୁଦ୍ଧ ଜାହାଜକୁ ଇସ୍ରାଏଲ ଆକ୍ରମଣ କରି ବୁଡ଼ାଇ ଦେଇଥିବା ଦାବି କରିଛି। ଅନ୍ୟପକ୍ଷରେ ଇରାନ୍ ମଧ୍ୟପ୍ରାଚ୍ୟର ବିଭିନ୍ନ ଆମେରିକୀୟ ସାମରିକ ବେସ୍ ଉପରେ ଆକ୍ରମଣ କରିବା ସହ ରବିବାର ଆରବସାଗରରେ ମୁତୟନ ହୋଇଥିବା ଆମେରିକାର ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ୍ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି। ଏହି ଜାହାଜ ଉପରେ ୪ଟି କ୍ଷେପରାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ୍ ସେନା ଆଇଆର୍‌ଜିସି ପକ୍ଷରୁ କୁହାଯାଇଛି। କିନ୍ତୁ ଆମେରିକା ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ଅପରେଶନ ଏପିକ୍ ଫ୍ୟୁରି ବେଳେ କେବଳ ୩ ଜଣଙ୍କ ମୃତ୍ୟୁ ହୋଇଥିବା କହିଛି। ସେପଟେ ଇରାନ୍ ଆକ୍ରମଣରେ ଇସ୍ରାଏଲରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ତେବେ ଆଗକୁ ଇସ୍ରାଏଲ ଇରାନ୍ ଉପରେ ଆହୁରି ଜୋରଦାର୍ ଆକ୍ରମଣ କରିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।



ଇରାନୀୟ ଯୁଦ୍ଧ ଜାହାଜ ଉପରେ ଆମେରିକାର ଆକ୍ରମଣ।

# ଆକ୍ରମଣ, ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱନେତାଙ୍କ ପ୍ରତିକ୍ରିୟା

**ବ୍ରୁସେଲ୍ସ, ୧।୩**

ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଏବଂ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱନେତାମାନେ ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ଆମେରିକାର ଆକ୍ରମଣକୁ ଅଷ୍ଟ୍ରେଲିଆ ଏବଂ କାନାଡା ଖୋଲା ସମର୍ଥନ କରିଥିବାବେଳେ ଚାଇନା ଏବଂ ରୁଷିଆ ଏହାକୁ ସମାଲୋଚନା କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଏବଂ ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମେର୍ଜ ଆମେରିକା ଏବଂ ଇରାନକୁ ପୁନର୍ବାର ଆଲୋଚନାକୁ ଫେରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆପୋସ ସମାଧାନକୁ ସେମାନେ ସମର୍ଥନ କରିଛନ୍ତି। ସେମାନଙ୍କ ଦେଶ ଇରାନ ଆକ୍ରମଣରେ ଭାଗ ନେଇନାହିଁ କିନ୍ତୁ ଆମେରିକା, ଇସ୍ରାଏଲ୍ ଓ ଉକ୍ତ ଅଞ୍ଚଳର ସହଯୋଗୀମାନଙ୍କ ସହ ଯୋଗାଯୋଗରେ ରହିଛି। ଇରାନର ଆଣବିକ କାର୍ଯ୍ୟକ୍ରମ ଉପରେ ସମାଧାନରେ ପହଞ୍ଚିବାକୁ ଉକ୍ତ ୩ ଦେଶ ଉଦ୍ୟମ କରିଛନ୍ତି। ଇରାନ ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଥିବାରୁ ସେମାନେ ଏହାକୁ ନିନ୍ଦା କରିଛନ୍ତି। ଇରାନ ଅବିଚାରିତ ସାମରିକ କାର୍ଯ୍ୟାନୁଷ୍ଠାନରୁ ବିରତ ରହୁ। ଇରାନୀୟମାନଙ୍କୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଅନୁମତି ମିଳିବା ଜରୁରୀ ବୋଲି ସେମାନେ କହିଛନ୍ତି।

ଇରାରର ଆକ୍ରମଣ ବିଭିନ୍ନ ଦେଶର ସାର୍ବଭୌମତ୍ୱର ଘୋର ଉଲ୍ଲଂଘନ ବୋଲି ଆରବ ଲିଗ୍‌ର ୨୨ଟି ଦେଶ କହିଛନ୍ତି। ସେମାନେ ଶାନ୍ତି ଓ ସ୍ଥିରତା ଫେରିବା ସପକ୍ଷରେ ମତ ଦେଇଛନ୍ତି। ଇସ୍ରାଏଲ୍ ଇ ଆମେରିକାର ଆକ୍ରମଣକୁ ଉକ୍ତ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ସେମାନଙ୍କ ଆକ୍ରଣ ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବ ବୋଲି ଆରବ ରାଷ୍ଟ୍ରଗୁଡ଼ିକ କହିଛନ୍ତି। କୁଏଟ୍, ବାହରିନ୍, କାତାର ଏବଂ ଏମିରେଟ୍ସରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନ ଆକ୍ରମଣକୁ ମରକ୍କୋ, ଜୋର୍ଡାନ, ସିରିଆ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ନିନ୍ଦା କରିଛନ୍ତି। ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କିମ୍ବା ସିଧାସଳଖ ନିନ୍ଦା ନ କରି ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ଆମେରିକା ଏବଂ ଇସ୍ରାଏଲ୍‌ର ଆକ୍ରମଣକୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପୂର୍ବପ୍ରସ୍ତୁତ ଯୋଜନା ଏବଂ ଏକ ସାର୍ବଭୌମ ତଥା ନିରପେକ୍ଷ ଜାତିସଂଘ ସଦସ୍ୟ ରାଷ୍ଟ୍ର ବିରୋଧରେ ଅକାରଣ ସଶସ୍ତ୍ର ଆକ୍ରମଣ। ଇରାନ ଆଣବିକ କାର୍ଯ୍ୟକ୍ରମଜନିତକୁ ନେଇ ୱାଶିଂଟନ ଏବଂ ତେଲ୍ ଆଭିଭ୍‌ର ଲୋକଦେଖାଣିଆ ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ବାସ୍ତବରେ ସେଠାର ଶାସନ ବଦଳାଇବାକୁ ଚାହୁଁଛି ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସେହିପରି ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣକୁ ନେଇ ଚାଇନା ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ତୁରନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ବୁଝାମଣାକୁ ଫେରିବା ପାଇଁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଇରାନର ସାର୍ବଭୌମତ୍ୱ, ସୁରକ୍ଷା ଓ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ବେଜିଂ କହିଛି।

## ଆଲୋଚନାକୁ ଫେରିବାକୁ ଆହ୍ୱାନ

# ଆମେରିକୀୟ ଦୂତାବାସ ବାହାରେ ବିକ୍ଷୋଭ: ଗୁଳିମାଡ଼ରେ ୧୨ ମୃତ

**କରାଚୀ,୧।୩**

ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ପାକିସ୍ତାନର ଶିଆ ସମ୍ପ୍ରଦାୟ ଆମେରିକା ବିରୋଧରେ ବିକ୍ଷୋଭ କରିଛି। କରାଚୀରେ ଥିବା ଶିଆ ସମ୍ପ୍ରଦାୟର ଅନେକ ହଜାର ଲୋକ ଖାମେନେଇଙ୍କ ସମର୍ଥନରେ ରାଜରାସ୍ତାକୁ ଓହ୍ଲାଇବା ସହିତ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ବିକ୍ଷୋଭ କରିଛନ୍ତି। ଏହି ସମୟରେ କେତେକ ବିକ୍ଷୋଭକାରୀ ଆମେରିକୀୟ ଦୂତାବାସରେ ଧସେଇ ପଶିବା ଉଦ୍ୟମ କରିବାରୁ ଆମେରିକାର ମେରିନ୍ ସୁରକ୍ଷାକର୍ମୀ ଗୁଳିଚଳାଇଥିଲା। ପାକିସ୍ତାନର ଅର୍ଦ୍ଧସାମରିକ ସୁରକ୍ଷାବଳ ପକ୍ଷରୁ ମଧ୍ୟ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଲାଠି ଚାଳନା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ୧୨ ଜଣଙ୍କ ମୃତ୍ୟୁ ହେବା ସହ ୩୦ରୁ ଅଧିକ ଆହତ ହୋଇଛନ୍ତି।

# ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୧୫ ମୃତ

**ମୁମ୍ବାଇ, ୧।୩**

ମହାରାଷ୍ଟ୍ରର ନାଗପୁର ସହରଠାରୁ ୨୫ କି.ମି. ଦୂର କଲମେଶ୍ୱର ତହସିଲ ଅନ୍ତର୍ଗତ ରାଉଲଗାଁଓରେ ଏକ ଗୋଳାବାରୁଦ କାରଖାନାରେ ରବିବାର ସକାଳେ ବିସ୍ଫୋରଣ ଘଟି ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ସକାଳ ୭ଟାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ନୋନେଲ୍ କ୍ରିମ୍ପିଙ୍ଗ୍ ପ୍ଲାଣ୍ଟ ଅଞ୍ଚଳ ଓ ଆଖପାଖକୁ ନିଆଁ ବ୍ୟାପିଯାଇଥିଲା। ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସମୟରେ କାରଖାନାରେ ପ୍ରାୟ ୩୫ ଜଣ କର୍ମଚାରୀ ଓ ୨ ଜଣ ସୁପରଭାଇଜର ଥିଲେ। ଉକ୍ତ କମ୍ପାନୀରେ ମାଇନିଂ ଏବଂ ଭିତ୍ତିଭୂମି ପ୍ରୋଜେକ୍ଟରେ ବ୍ୟବହୃତ ଡିଟୋନେଟର ଆଦି ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। କାରଖାନା ସୁରକ୍ଷା ନିୟମର ଉଲ୍ଲଂଘନ କରିବା ସହ ନିଯୁକ୍ତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଉ ନ ଥିଲା ବୋଲି ସ୍ଥାନୀୟ ବିଧାୟକ ଚରଣସିଂ ଠାକୁର ଅଭିଯୋଗ କରିଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କଲମେଶ୍ୱର ପୋଲିସ ସମେତ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ।



DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୬ Bhubaneswar, Monday, March 2/2026 ପୃଷ୍ଠା-୩

# ପିଲା ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ

## ଅଭିଯୁକ୍ତ ଗିରଫ

**ବାସୁଦେବପୁର,୧।୩(କାଳିପଦ ରାୟ)**

ପିଲାଚୋର ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ମାରି ଦିଆଯାଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କଷିଆ ସାମୁଦ୍ରିକ ଥାନା ଅଞ୍ଚଳରେ ଶନିବାର ଏଭଳି ଘଟଣା ଘଟିଛି। ଶନିବାର ବାସୁଦେବପୁର-ଧାମରା ରାସ୍ତାର ଚାନ୍ଦିମାଳ ବଜାର ସଂଲଗ୍ନ ଏକ ଦୋକାନ ପାଖରୁ ଯୁବକଙ୍କ ମୃତଦେହ ମିଳିଥିବା ବେଳେ ରବିବାର ମୃତ୍ୟୁର କାରଣ ସାମ୍ନାକୁ ଆସିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ ଗ୍ରାମର ଶ୍ୟାମସୁନ୍ଦର ଜେନା।

ପ୍ରକାଶ ଯେ, ଶନିବାର କଷିଆ ଅଞ୍ଚଳରେ ବୁଲୁଥିବା ଜଣେ ଅପରିଚିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଚିହ୍ନଟ ପାଇଁ ମୃତଦେହ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଥିଲା। ରବିବାର ମୃତଙ୍କ ଭଣଜା କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ରବୀନ୍ଦ୍ର ନାଥ ମଣ୍ଡଳ କଷିଆ ସାମୁଦ୍ରିକ ଥାନାରେ ତାଙ୍କ ମାମୁ ସୁକୁଲ ବିଦ୍ଧାଣି(୪୧)ଙ୍କୁ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ମଞ୍ଜୁରୀ ଗ୍ରାମର ସୁକୁଲ ମାନସିକ ବିକାରଗ୍ରସ୍ତ ଓ ନିଶାସକ୍ତ ଭାବେ ଶନିବାର କଷିଆ ଅଞ୍ଚଳରେ ବୁଲୁଥିଲେ। ତାଙ୍କୁ ପିଲାଚୋର ଭାବି ଶ୍ୟାମସୁନ୍ଦର ଅପରାହ୍ନରେ ନିର୍ଘୁକ ମାଡ଼ ମାରିଥିଲେ। ମାଡ଼ ଖାଇ ସୁକୁଲ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତ ସୁକୁଲଙ୍କ ଭଣଜା ରବୀନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଥାନାଧିକାରିଣୀ କୁନି ବେସ୍ରା ଘଟଣାର ତଦନ୍ତ କରିଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୪/୨୬) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରିଣୀ ବେସ୍ରା କହିଛନ୍ତି।



ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁକୁ ନେଇ ରବିବାର ଶ୍ରୀନଗରରେ ବଡ଼ଧରଣର ବିକ୍ଷୋଭ କରାଯାଇଛି। ଏଥିରେ ସାମିଲ ହୋଇଥିବା ଖାମେନେଇଙ୍କ ସମର୍ଥକମାନେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି।

**ଆଜିର ସମ୍ପାଦକୀୟ** ଇରାନ୍ ନିଆଁ

# ଇରାନ୍ ମୁରବୀବିହୀନ

**ତେହରାନ୍, ୧।୩(ପି.ଟି.)**

ତେହରାନରେ ଶନିବାର ଇସ୍ରାଏଲ୍‌ର ଟାର୍ଗେଟେଡ୍ ପ୍ରିସାଇଜ୍ ଆକ୍ରମଣରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ନିହତ ହୋଇଥିବା ଇସ୍ରାଏଲ୍ ପ୍ରତିରକ୍ଷା ବଳ (ଆଇଡିଏଫ୍) ଆନୁଷ୍ଠାନିକ ଭାବେ ଘୋଷଣା କରିବା ସହ ଇରାନ ଗଣମାଧ୍ୟମ ସ୍ପଷ୍ଟ କରିଛି। ଫଳରେ ଇରାନ ମୁରବୀବିହୀନ ହୋଇଯାଇଥିବାବେଳେ ବରିଷ୍ଠ ନେତା ୬୭ ବର୍ଷୀୟ ଆୟାତୋଲ୍ଲା ଅଲିରେଜା ଅରାଫିଙ୍କୁ ଦେଶର ଅନ୍ତରୀଣ ସର୍ବୋଚ୍ଚ ନେତା କରାଯାଇଛି। ଅରାଫି ପୂର୍ବରୁ ଇରାନର ଜାତୀୟ ଇସ୍‌ଲାମିକ୍ ସେମିନାରିଗୁଡ଼ିକର ମୁଖ୍ୟ ଏବଂ ଗାର୍ଡିଆନ କାଉନ୍‌ସିଲ୍‌ର ମୌଲବୀ ଭାବେ କାର୍ଯ୍ୟ କରୁଥିଲେ।

ଶନିବାର ଭୋର ସମୟରେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନର ଅନେକ ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିଥିଲେ। ଇରାନ ଶାସନ ବିରୋଧରେ ଏକ ବ୍ୟାପକ ସମନ୍ୱିତ ଓ ମିଳିତ ଆକ୍ରମଣର ଅଂଶ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା, ଯାହାର ଲକ୍ଷ୍ୟ ଇରାନ୍ ରାଷ୍ଟ୍ର ପ୍ରତି ଲାଗିରହିଥିବା ଅସ୍ତିତ୍ୱଗତ ବିପଦକୁ ସମାପ୍ତ କରିବା । ଆଇଡିଏଫ୍‌ର ସଠିକ୍ ଗୋଇନ୍ଦା ତଥ୍ୟ ଆଧାରରେ ଖାମେନେଇଙ୍କୁ ଟାର୍ଗେଟ କରି ଇସ୍ରାଏଲୀ ବାୟୁସେନା ପ୍ରିସାଇଜ୍ ଏବଂ ବିସ୍ତୃତ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ତେହରାନ୍‌ର କେନ୍ଦ୍ରସ୍ଥଳରେ ଥିବା ଖାମେନେଇଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବରିଷ୍ଠ ଅଧିକାରୀମାନେ ଏକାଠି ହୋଇଥିବା ନେଇ ଆଇଡିଏଫ୍ ଗୋଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦ ମେରୁଦଣ୍ଡର ନେତା ଖାମେନେଇଙ୍କ ମୃତ୍ୟୁରେ ବହୁ ଦଶନ୍ଧିର ଅଧ୍ୟାୟର ଅନ୍ତ ଘଟିଲା ବୋଲି ଆଇଡିଏଫ୍ କହିଛି। ଶନିବାର ସକାଳେ ଖାମେନେଇ ତାଙ୍କ କାର୍ଯ୍ୟାଳୟରେ ନିଜ ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ଆକ୍ରମଣରେ ନିହତ ହୋଇଥିବା ଫାର୍ସ ନିଉଜ୍ ଏଜେନ୍ସି କହିଛି।

୧୯୮୯ରୁ ଖାମେନେଇ ଇରାନ୍ ସାଧାରଣତନ୍ତ୍ରର ସୁପ୍ରିମ ଲିଡର ରହିଆସିଥିଲେ। ବହୁବର୍ଷ ଧରି ଇରାନୀୟଙ୍କ ଉପରେ ହିଂସାତ୍ମକ ଦମନଲୀଳା ପାଇଁ ସେ ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ଇସ୍ରାଏଲୀ ସେନା କହିଛି। ଇସ୍ରାଏଲ୍‌କୁ ଧ୍ୱଂସ କରିବା ଯୋଜନାର ବିଦ୍ଧାଣି ହେଉଛନ୍ତି ଖାମେନେଇ ଏବଂ ସେ ଇରାନୀୟ ଅକ୍ଟୋପସ୍‌ର ମୁଖ୍ୟ ଭାବେ ଜଣାଶୁଣା। ସେ ସମଗ୍ର ମଧ୍ୟପ୍ରାଚ୍ୟ ଏବଂ ଇସ୍ରାଏଲ୍ ସୀମା ପର୍ଯ୍ୟନ୍ତ ସଶସ୍ତ୍ର ଆତଙ୍କବାଦ ବିସ୍ତାର କରିଥିଲେ। ସେମାନଙ୍କ ମଧ୍ୟରେ ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀ ସଂଗଠନ ଅନ୍ୟତମ। ଇସ୍ରାଏଲ ବିରୋଧରେ ଆତଙ୍କବାଦୀ ଆକ୍ରମଣ ପାଇଁ ଇରାନ୍ ସୁପ୍ରିମ ଲିଡର ଦାୟୀ ଏବଂ ସାରା ବିଶ୍ୱର ଅନେକ ସାଧାରଣ ନାଗରିକଙ୍କ ରକ୍ତ ତାଙ୍କ ହାତରେ ଲାଗିଥିବା ଆଇଡିଏଫ୍ କହିଛି। ତାଙ୍କ ନିଧନ ଫଳରେ ବହୁ ଦଶନ୍ଧି ଧରି ଚାଲିଆସିଥିବା ଅଧ୍ୟାୟର ଅନ୍ତ ଘଟିଥିବା ଇସ୍ରାଏଲୀ ସେନା କହିଛି।

ଇସ୍ରାଏଲ୍ ଏବଂ ଆମେରିକାର ମିଳିତ ଆକ୍ରମଣରେ ଇରାନ୍ ସୁପ୍ରିମ ଲିଡର ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବାର କିଛି ଘଣ୍ଟା ପରେ ଇରାନ ଗଣମାଧ୍ୟମ ତାହା ସ୍ପଷ୍ଟ କରିଥିଲା। ଆକ୍ରମଣରେ ଖାମେମେନଇଙ୍କ ଝିଅ, ଜ୍ୱାଇଁ ଏବଂ ନାତୁଣୀଙ୍କ ମୃତ୍ୟୁ ଘଟିଥିବା ଇରାନ ଗଣମାଧ୍ୟମ କହିଛି। ଆକ୍ରମଣରେ ଇରାନ୍‌ର ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିହତ ହୋଇଛନ୍ତି। ଦେଶର ପ୍ରତିରକ୍ଷା ପରିଷଦ ବୈଠକ ଚାଲିଥିବାବେଳେ ଏହାକୁ ଟାର୍ଗେଟ କରି ଆକ୍ରମଣ ହୋଇଥିଲା ☞ପୃଷ୍ଠା-୪

## ଆୟାତୋଲ୍ଲା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା

**ତେହରାନ୍ ,୧।୩**

ଇରାନ୍‌ର ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ଅଲୀ ଖାମେନେଇ ଶନିବାର ଇସ୍ରାଏଲ ଆକ୍ରମଣରେ ନିହତ ହୋଇଥିବା ସ୍ପଷ୍ଟ ହେବା ପରେ ଆୟାତୋଲ୍ଲା ଅଲ୍ଲୀରେଜା ଅରାଫିଙ୍କୁ ଅନ୍ତରୀଣ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ କରାଯାଇଛି। ଖାମେନେଇଙ୍କ ପରେ ତାଙ୍କ ବଂଶଧରମାନଙ୍କ ମଧ୍ୟରୁ କାହାକୁ ଉତ୍ତରାଧିକାରୀ କରାଯିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ସେଭଳି କିଛି ଦେଖିବାକୁ ମିଳିନାହିଁ। ୬୭ ବର୍ଷୀୟ ଆରାଫି ଖାମେନେଇଙ୍କ ଜଣେ ଅତ୍ୟନ୍ତ ଘନିଷ୍ଠ ହୋଇଥିବା ବେଳେ ଇରାନ୍‌ର ୩ ଜଣିଆ ଲିଡରଶିପ୍ କାଉନ୍‌ସିଲ୍‌ର ସଦସ୍ୟ ରହିବା ସହିତ ଗାର୍ଡିଆନ୍ କାଉନ୍‌ସିଲ୍‌ର ମଧ୍ୟ



ଜଣେ ଅଭିଜ୍ଞ ଧାର୍ମିକ ନେତା ଭାବେ ପରିଚିତ। ଇରାନ୍‌ର ୟାଜଦ୍ ପ୍ରଦେଶରେ ମେବୋଡ୍‌ରେ ୧୯୫୯ରେ ଜନ୍ମ ଗ୍ରହଣ କରିଥିବା ଆରାଫି ମାତ୍ର ୧୧ ବର୍ଷ ବୟସରୁ ଧାର୍ମିକ ଶିକ୍ଷା ଗ୍ରହଣ କରିବା ସହ ପ୍ରାଥମିକ ସ୍ତରରେ ତାଙ୍କ ବାପାଙ୍କଠାରୁ ତାଲିମ ନେଇଥିଲେ। ☞ପୃଷ୍ଠା-୪

## ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

**ନୂଆପଡା/ବରଗଡ଼,୧।୩ (ମକାରୁ ବେମାଲ/ପ୍ରେମାନନ୍ଦ ଖମାରୀ)**

ଭାରତକୁ ମାଓବାଦୀମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଡେଡ୍ ଲାଇନ୍ ମାର୍ଚ୍ଚ ୩୧ ପାଖେଇ ଆସୁଥିବାବେଳେ ଛତିଶଗଡ଼ ପୋଲିସକୁ ରବିବାର ବଡ଼ ସଫଳତା ମିଳିଛି। ବରଗଡ଼, ବଲାଙ୍ଗୀର ଓ ଛତିଶଗଡ଼ର ମହାସମୁନ୍ଦ ଡିଭିଜନାଲ କମିଟିର ୧୫ ଜଣ ମାଓବାଦୀ ମହାସମୁନ୍ଦ ଜିଲା ବୋଲଦା ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୯ ମହିଳା ଓ ୬ ପୁରୁଷ ମାଓବାଦୀ ରହିଛନ୍ତି। ସେମାନେ ହେଲେ ତେଲଙ୍ଗାନା ରାଜ୍ୟ ତାରଲାପଲ୍ଲୀ ଗାଁର ବିକାଶ ଓରଫ ସୁଦର୍ଶନ ଉର୍ଫଜଗ୍ଗୁ (୫୭), ଛତିଶଗଡ଼ ରାଜ୍ୟ ହିଦୁର ଗାଁ ମଙ୍ଗେଶ ଓରଫ ମେଶ ପଦ୍ମା(୩୫), କୋହକାମଟା ଗାଁର ବାବୁ ଓରଫ ସେତୁ (୩୫), ପୋଞ୍ଜେର ଗାଁ ମନୋଜ ଓରଫ ରିଙ୍କୁ(୩୦), କୋରମା ଗାଁର ପ୍ରମିଳା ଓରଫ ପରନିତା(୩୦), ପଙ୍ଗୋଡ ଗାଁର କରୁଣା ଓରଫ ଅସ୍ମିତା(୩୦), ପୂର୍ତ୍ତୀ ଗାଁର ରୋଜା ଓରଫ ଦେବୀ ଓ ହୋଲିକା(୩୦), ଚିତାଗୁଫା ଗାଁର ରୋସନୀ ଓରଫ ସୋନି ଓ ନୀଲା (୨୮), ବିଝାପୁର ଗାଁର ରାଧିକା ଓରଫ ଅସ୍ମିତା(୧୯), ପିଡିୟା ଗାଁର ମୀନା ଓରଫ ଶାନ୍ତି(୨୨), ☞ପୃଷ୍ଠା-୪

## ୩୫ ଡିଗ୍ରୀ ଉପରେ ୧୧ ସହର

**ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)**

ରାଜ୍ୟରେ ଏବେ ପ୍ରବଳ ଖରା ଅନୁଭୂତ ହେଉଛି। ସକାଳ ୯ଟାରୁ ଖରାତାତି ବାରିହୋଇ ପଡୁଥିବାବେଳେ ମଧ୍ୟାହ୍ନରୁ ପ୍ରବଳ ଗରମ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ ଡିଗ୍ରୀ ଏବଂ ଆଉ କିଛି ସ୍ଥାନରେ ୩ ଡିଗ୍ରୀରୁ ଅଧିକ ବଢ଼ିଛି। ତେବେ କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରାରେ ୪ରୁ ୫ ଡିଗ୍ରୀ ବୃଦ୍ଧି ପାଇଛି। ଫଳରେ ୧୨ଟି ସହରର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୬.୪ ଡିଗ୍ରୀ ରହିଥିଲାବେଳେ ଭୁବନେଶ୍ୱରରେ ୩୬.୨ ଡିଗ୍ରୀ, ସୋନପୁର ୩୬.୨ ଡିଗ୍ରୀ, ଅନୁଗୋଳ ୩୬.୧ ଡିଗ୍ରୀ, ବାରିପଦା ୩୬ଡିଗ୍ରୀ, ଚାନ୍ଦବାଲିରେ ୩୫.୮, ଢେଙ୍କାନାଳ ୩୫.୮ ଡିଗ୍ରୀ, ତାଳଚେର ୩୫.୮ ଡିଗ୍ରୀ, ଟିଟିଲାଗଡ ୩୫.୮ ଡିଗ୍ରୀ, ସମ୍ବଲପୁର ୩୫.୬ ଡିଗ୍ରୀ, ଭବାନୀପାଟଣା ୩୫.୪ ଡିଗ୍ରୀ ଏବଂ ବଲାଙ୍ଗୀରରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା। ଏଥିସହ ଦକ୍ଷିଣ ଉପକୂଳ ଓଡ଼ିଶାର ଖୋର୍ଦ୍ଧା ଜିଲାର କିଛି ସ୍ଥାନରେ ମଧ୍ୟମ କୁହୁଡ଼ି ଦେଖାଦେଇଥିଲା ବୋଲି ସୂଚନା ଦିଆଯାଇଛି।

# ସେମିଫାଇନାଲରେ ଭାରତ

**ଟି୨୦ ବିଶ୍ୱକପ**

## ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ

**କୋଲକାତା,୧।୩**

ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ୱେଷ୍ଟଇଣ୍ଡିଜ୍‌କୁ ୫ ଉଇକେଟରେ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ୧୯୬ ରନ ବିଜୟ ଲକ୍ଷ୍ୟର ପିଛାକରି ଭାରତ ୧୯.୨ ଓଭରରେ ୫ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରି ନେଇଥିଲା। ମ୍ୟାଚର ହିରୋ ସାବ୍ୟସ୍ତ ହୋଇଥିଲେ ସଞ୍ଜୁ ସାମସନ। ସେ ସେ ୫୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୪ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ଏଥିସହ ୨୦୦୭ ଓ ୨୦୨୪ରେ ଚାମ୍ପିୟନ ଭାରତ କ୍ରମାଗତ ଦ୍ୱିତୀୟ ଏବଂ ଓଭରଅଲ୍ ତୃତୀୟ ଥର ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଅନ୍ୟପକ୍ଷରେ ୨୦୧୨ ଓ ୨୦୧୬ରେ ଚାମ୍ପିୟନ ୱେଷ୍ଟଇଣ୍ଡିଜ



ମ୍ୟାଚ ବିଜୟୀ ଇନିଂସ ଖେଳିବା ଅବସରରେ ସଞ୍ଜୁ ସାମସନ।

ଅଭିଯାନ ଶେଷ ହୋଇଛି। ଏହି ମ୍ୟାଚ ଶେଷ ହେବା ସହିତ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଯାଇଛି। ୪ ତାରିଖରେ କୋଲକାତାର ଇଡେନ ଗାର୍ଡେନ୍ସରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ୫ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ମ୍ୟାଚ୍ ଦେଖିବା ପାଇଁ ଆଇସିସି ମୁଖ୍ୟ ଜୟ ଶାହା, ବିସିସିଆଇ ମୁଖ୍ୟ ମିଥୁନ ମାନହାସ, ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ ସ୍କୋରର ପିଛା କରିଥିବା ଭାରତ ଭଲ ଆରମ୍ଭ କରିପାରି ☞ପୃଷ୍ଠା-୪

# ସିଏଜିଙ୍କୁ ମିଳୁନି ୪୩,୮୩୦ କୋଟିର ହିସାବ

**ଭୁବନେଶ୍ୱର,୧।୩(ରବିନାରାୟଣ ଜେନା)**

ରାଜ୍ୟରେ ଦୀର୍ଘବର୍ଷ ଧରି ବିଭାଗୀୟ ଅଧିକାରୀମାନେ ସରକାରୀ ଅର୍ଥକୁ ଏଣେତେଣେ ଖର୍ଚ୍ଚ କରିଛନ୍ତି; ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ସରକାରୀ ଅର୍ଥର ହିସାବ ଠିକଣା ଭାବେ ମହାଲେଖାକାର (ଏଜି)ଙ୍କୁ ମିଳୁନାହିଁ। ଯେପର୍ଯ୍ୟନ୍ତ ହିସାବ କିତାବ ଠିକ୍ ହୋଇନାହିଁ, ସେପର୍ଯ୍ୟନ୍ତ ମହାଲେଖାକାର ମଧ୍ୟ ଛାଡୁ ନାହାନ୍ତି। ସରକାରଙ୍କ ପକ୍ଷରୁ ଯେତେ ଥର ସମୀକ୍ଷା କରାଯାଉଛି ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ପକ୍ଷରୁ ସେତେଥର ହିସାବ ତଥ୍ୟ ଧରାଇ ଦିଆଯାଉଛି। ସେଥିମଧ୍ୟରେ କେତେକ ବିଭାଗ ୨୦୦୩-୦୪ରୁ ଏପର୍ଯ୍ୟନ୍ତ ବିନିଯୋଗ ପ୍ରମାଣପତ୍ର(ୟୁସି) ଦେଇ ପାରୁ ନ ଥିବାବେଳେ ଆଉ କେତେକ ବିଭାଗ ୨୦୦୭-୦୮ରୁ ଦେଇପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୦ରେ ସିଏଜିଙ୍କ ପକ୍ଷରୁ ଯେଉଁ ପରିମାଣର 'ୟୁସି' ବିଭିନ୍ନ ବିଭାଗ ଉପରେ ବକେୟା ଥିବା ଦର୍ଶାଯାଇଥିଲା ତାହା ଫେବୃଆରୀ ୨୫ ବେଳକୁ ୧,୪୭୮ କୋଟି ଟଙ୍କାକୁ ବଢ଼ି ଯାଇଛି। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ଡିସେମ୍ବର ସୁଦ୍ଧା ୪୩,୮୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର 'ୟୁସି' ବକେୟା ଥିବା ଅର୍ଥ ପରାମର୍ଶଦାତା ସମ୍ମିଳନୀର ଦ୍ୱିତୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଫେବୃଆରୀ ୨୫ରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକର ତଥ୍ୟ ଅନୁଯାୟୀ, ମହାଲେଖାକାରଙ୍କ ପକ୍ଷରୁ ୪୩,୮୩୦.୩୮କୋଟି ଟଙ୍କାର 'ୟୁସି' ବକେୟା ରିପୋର୍ଟ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ୨୧ଟି ବିଭାଗ ଉପରେ ୨୦୨୩-୨୪ ଆର୍ଥିକବର୍ଷ ସୁଦ୍ଧା ୧୭ହଜାର ୬୦କୋଟି ଟଙ୍କାର ୟୁସି ବାକି ରହିଛି। ଏହାବାଦ୍ ଅବଶିଷ୍ଟ ଅର୍ଥ ପରବର୍ଷର ରହିଛି।

ତଥ୍ୟ ଅନୁଯାୟୀ, ରାଜ୍ୟର ଦୁଇଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଏବଂ ନଗର ଉନ୍ନୟନ ବିଭାଗ ଲୋକଙ୍କ ସହିତ ସିଧାସଳଖ ଜଡ଼ିତ ରହିଥିଲେ ହେଁ ଏହି ବିଭାଗ ଉପରେ ପ୍ରାୟ ୧୦, ୭୦୦କୋଟି ଟଙ୍କାର 'ୟୁସି' ବକେୟା ରହିଛି। ନଗର ଉନ୍ନୟନ ବିଭାଗ ଉପରେ ୨୦୦୩-୦୪ରୁ ୨୦୨୩-୨୪ ବର୍ଷ ମଧ୍ୟରେ ୫,୪୦୯.୧୧କୋଟି ଟଙ୍କାର 'ୟୁସି' ବକେୟା ରହିଥିବାବେଳେ ପଞ୍ଚାୟତିରାଜ ବିଭାଗ ଉପରେ ୫,୨୭୮.୩୨କୋଟି ଟଙ୍କାର 'ୟୁସି' ପଡ଼ିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଉପରେ ୨,୫୧୭କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ୨୦୧୧-୧୨ରୁ ୨୦୨୩-୨୪ ମଧ୍ୟରେ ୯୫୩ କୋଟି, ଏସ୍‌ସିଏସ୍‌ଟି ବିଭାଗ ଉପରେ ୨୦୦୭-୦୮ରୁ ୮୪୯.୬୫କୋଟି, ଉଚ୍ଚଶିକ୍ଷା ବିଭାଗ ଉପରେ ୨୦୧୬-୧୭ରୁ ଏହି ଅବଧି ମଧ୍ୟରେ ୮୨୦.୬୭ କୋଟି ଟଙ୍କା ବକେୟା ରହିଛି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ଉପରେ ୨୦୨୩-୨୪ ବର୍ଷ ସୁଦ୍ଧା ଅବଶିଷ୍ଟ ଅର୍ଥର 'ୟୁସି' ବକେୟା ରହିଛି। ତେବେ ବର୍ଷ ବର୍ଷ ଧରି ବିଭାଗୀୟ ଅଧିକାରୀମାନେ କାହିଁକି ୟୁସିର ପୂର୍ଣ୍ଣାଙ୍ଗ ବିବରଣୀ ଦେଇପାରୁ ନାହାନ୍ତି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ସ୍ମୃତିସଭା, ସ୍ଥାନ: ଉତ୍କଳ ଆଶ୍ରମ ପରିସର, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ କରଡ଼ାକଣା ପଞ୍ଚାୟତ ସଭା ଗୃହ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅହିର ପୋଡ଼ି, ସ୍ଥାନ: ଶେରଗଡ଼ ବ୍ଲକ ହରିକୃଷ୍ଣପୁର ଗ୍ରାମ ଛକ,ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦେବାଦେବୀ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ନିରୁପମା ସମ୍ମିଳନୀ କକ୍ଷ, ସମୟ: ପୂବର୍ରାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ପାରାଦୀପ, ସମୟ:ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗତାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ପ୍ରସିଦ୍ଧ ଶାଗପଖାଳ ଓ ଦହିଭାତ ଭୋଗ, ସ୍ଥାନ: ଭକ୍ତ ବିଦୁର ମନ୍ଦିର, ଅରାଖଣ୍ଡ, ଏଣ୍ଡର, ଡେରାବିଶ, ସମୟ:ସକାଳ ୮ଟା।
- ଜିଲା ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- କସପା ମେଳଣ, ସ୍ଥାନ: ଦୁମୁକା ହାଟ, ଡେରାବିଶ, ସମୟ: ଅପରାହ୍ନ ୨ଟା।
- ସାଗର ବେଳା ମହୋତ୍ସବ, ସ୍ଥାନ: ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ସାହାରାସୁନ୍ଦରୀ ମେଳଣ, ସ୍ଥାନ: ନୂଆଗାଁ, ଡେରାବିଶ: ସନ୍ଧ୍ୟା ୫ଟା।
- ନରସିଂହପୁର ମେଳଣ, ସ୍ଥାନ: ମେଳଣ ପଡିଆ, ନରସିଂହପୁର, ଡେରାବିଶ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀମଦ ଭଗବଦ୍ ଗୀତା ପରିଚାଳନା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ:ଶ୍ରୀ ସିଦ୍ଧ ବେଲବଣ ମହାପୁରୁଷ ପୀଠ, ପାଖଡ, ନୂଆପଡା, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।
- ବିଶାଳ ନାମଯଜ୍ଞ, ସ୍ଥାନ: ବିବି କଲୋନି, ପେଟଛେଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ପ୍ରସିଦ୍ଧ ଓଳକଣା ମେଳଣ, ସ୍ଥାନ: ଓଳକଣା, ସମୟ: ରାତି ୧୦ଟା।

**ଯାଜପୁର**
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ୭୦ତମ ବାର୍ଷିକ ନାମ ସଂକିର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।

**ନୟାଗଡ଼**
- ଜାମାଲାଗି ବେଶର ୩୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ୩ୟ ଦିବସ, ସ୍ଥାନ: ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ, ସମୟ: ସକାଳ ୮ଟା।
- ୧୨ ଶମ୍ଭୁ ମେଳଣ ଓ ଗଡ ଉତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ସମ୍ମୁଖ. ସମୟ: ସକାଳ ୮ଟା।
- ମଦନ ମୋହନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଓ ଚାଉପଲ୍ଲୀ ମହୋତ୍ସବର ୩ୟ ଦିବସ, ସ୍ଥାନ: ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ: ଅପରାହ୍ନ ୩ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ପଞ୍ଚମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା ୩ୟ ଦିବସ, ସ୍ଥାନ: ଜଗନ୍ନାଥ ପ୍ରସାଦ ପଞ୍ଚାୟତ କୁଆହରା, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶୋଭାଯାତ୍ରା, ଜିଲାପାଳ ଅଫିସ ଘେରାଉ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେସନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାମନାଗୁଡ଼ା, ସମୟ: ଅପରାହ୍ନ ୫ଟା ୩୦।

**ନବରଙ୍ଗପୁର**
- ଅଷ୍ଟମ ପିଏମ୍ ଜନ ଔଷଧି ସପ୍ତାହ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ପିଏମ୍ ଜନ ଔଷଧି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ସମାଜ ପାଇଁ ମହିଳାମାନଙ୍କ ଭୂମିକା ଆଲୋଚନା ଚକ୍ର, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡସ୍ତରୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ, ସ୍ଥାନ: ଉମରକୋଟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବିଲାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ପିଭି ଭେକସିନ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବଡଶୁକୁ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ପିଭି ଟୀକାକରଣ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସୁଡିପଦର ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ଠିକାଦାର ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ, ସ୍ଥାନ: ବାଲିମେଳା ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ରାଧା ଗୋବିନ୍ଦ ଧାମ ପକ୍ଷରୁ ସ୍ୱାମୀ ମୁକୁଳାନନ୍ଦଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ଏନଏସି ବୁର୍ଡା ବସ୍ତିରେ ହରିହର ଭେଟ, ସ୍ଥାନ: କୁମ୍ଭାରପଡା ଛକ,ବୁର୍ଡା, ସମୟ: ରାତି ୧୦ଟା।

**ରାଉରକେଲା**
- ୩୧ତମ ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଇସ୍ପାତ ଗଜପତି ମାର୍କେଟ, ସମୟ: ସକାଳ ୮ଟା।
- ମାନସ ପରିଷଦ ପକ୍ଷରୁ ହୋଲିକା ଦହନ, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡ଼ିଆ, ସମୟ: ସନ୍ଧ୍ୟା ୮ଟା।

**ସୁନ୍ଦରଗଡ଼**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ:୧୦ଟା୩୦।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗାଇସିଲେଟ, ସମୟ:ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ଶିଶୁ ନାଟକ ମଞ୍ଚସ୍ଥ, ସ୍ଥାନ:ବଡ଼ଧରା, ଅମ୍ବାଭୋନା, ସମୟ: ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଫଗୁ ମହୋତ୍ସବ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ଅପରାହ୍ନ ୫ଟା।
- ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ରାଧାକୃଷ୍ଣ ପୂଜା ଓ କଂସ ଦରବାର, ସ୍ଥାନ: କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଆଞ୍ଚଳିକ ଯାଦବ ଭବନ ପରିସର, ସମୟ: ରାତି ୮ଟା।

**ବୌଦ୍ଧ**
- ଘଣ୍ଟାପଡା ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଘଣ୍ଟାପଡା ରଘୁନାଥ ମନ୍ଦିର ପ୍ରାଙ୍ଗଣ, କଣ୍ଟାମାଳ, ସମୟ: ଅହୋରାତ୍ର।
- ଯୁଗ୍ମ ଜଣଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ୧୦ଟା।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଜନକପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଫଗୁଣ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ସରଗାଦୀ ଗାଁ ଗଉଣ୍ଟିଆପଡା, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ଚବିଶ ପ୍ରହରୀ ହରେକୃଷ୍ଣ ନାମ ସଂକୀର୍ତ୍ତନ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଖଇରାନୀ ଗାଁ, ସମୟ: ପ୍ରାତଃ ୫ଟା ୧୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମ ଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆ ସିକୁଆଁ ଗାଁ, ସମୟ: ସକାଳ ୮ଟା ୫।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ବୋଡେନ ବ୍ଲକ ଖଇରା ପଞ୍ଚାୟତ ଦାବେରୀ ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ହାଟପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡା ସଦର ବ୍ଲକ କୁଳିଆବନ୍ଧା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ଅପରାହ୍ନ ୩ଟା।
- ଓମ ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ବା ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଭୀମାପଦର ଗାଁ, ସମୟ: ଅପରାହ୍ନ ୪ଟା ୨୫।

**ଝାରସୁଗୁଡ଼ା**
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ମାଇକ୍ରୋକଣ୍ଟିନେଣ୍ଟାଲ, ସମୟ: ପୂର୍ବାହ୍ନ ୧୦ଟା।
- ଟିକାକରଣ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମାନିଆ ପୁଅ କୋଣରେ ପଶେ**
**ମାନିଆ ପୁଅ କୋଳରେ ବସେ ।**

ମାତାପିତା ତଥା ଗୁରୁଜନଙ୍କ ଉପଦେଶକୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳ ବାଳୁଙ୍ଗା ବୋଲାଇଥାଏ । ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ । ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁତ ଉନ୍ନତି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅରୁଆ ଚାଉଳ ଖିରି କି**
**ଆମ ରାଇଜର ନୋହୁଁରେ ନାଗର**
**କେତେ ଅନଉଛୁ ନିରେଖି ।**

ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ । ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇ ଯାଇଥାଏ । ଯୁବତୀଙ୍କୁ ରାସ୍ତାଘାଟରେ ଗଲାବେଳେ କେହି କେହି ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନେଇଥାନ୍ତି । ତେବେ ଚିହ୍ନା ଜଣା ନ ଥିବା ଅପରିଚିତ ବ୍ୟକ୍ତିଙ୍କର ଏପରି ନିରେଖି ଅନେଇରହିବା ଉକ୍ତ ଯୁବତୀ ପକ୍ଷେ ଆଦୌ ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଇରାନ୍ ମୁରବୀବିହୀନ...

ବୋଲି ଇରାନ ସରକାରୀ ଟେଲିଭିଜନ ରବିବାର ରିପୋର୍ଟ କରିଛି। ଜେନେରାଲ ଅବଡୋଲ ରହିମ ମୌସାଭି ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଅଜିଜ ନାସିରଜାଦେହ ବୈଠକରେ ଥିବାବେଳେ ଆକ୍ରମଣରେ ନିହତ ହୋଇଛନ୍ତି। ଏଥିସହିତ ଇରାନ୍ ଅର୍ଦ୍ଧସାମରିକ ବାହିନୀ ରିଭଲ୍ୟୁଶନାରୀ ଗାର୍ଡର ମୁଖ୍ୟ, ସୁରକ୍ଷା ପରାମର୍ଶଦାତା ଅଲି ଶାମଖାନିଙ୍କର ମଧ୍ୟ ମୃତ୍ୟୁ ଘଟିଛି। ସୁପ୍ରିମ ଲିଡର ଖାମେନେଇଙ୍କ ମୃତ୍ୟୁରେ ଇରାନ୍‌ରେ ୪୦ ଦିନିଆ ଶୋକ ଘୋଷଣା କରାଯାଇଥିବାବେଳେ ୭ ଦିନ ସର୍ବସାଧାରଣ ଛୁଟି ଘୋଷଣା କରାଯାଇଛି।

## ଆୟାତୋଲ୍ଲା ଅରାଫି...

ପରବର୍ତ୍ତୀ ସମୟରେ ସେ ଧର୍ମଯାଜକ ଭାବେ କାର୍ଯ୍ୟ କରିବା ପରେ ଖାମେନେଇଙ୍କ ଘନିଷ୍ଠ ଲୋକଙ୍କ ମଧ୍ୟରେ ସାମିଲ ହୋଇଥିଲେ। ଏହାପରେ ସେ ଖାମେନେଇ ଶାସକ ଗୋଷ୍ଠୀରେ ସାମିଲ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଇରାନ୍‌ର ଗାର୍ଡିଆନ୍ କାଉନ୍‌ସିଲ୍‌ର ସଦସ୍ୟ ହୋଇଥିଲେ। ଗାର୍ଡିଆନ୍ କାଉନ୍‌ସିଲ୍ ଇରାନ୍ ସଂସଦ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଥିଲାବେଳେ ଆଇନକାନୁନ ଅନୁମୋଦନ ଏବଂ ରାଜନୈତିକ ସ୍ତରରେ ନିଷ୍ପତ୍ତି ନେବା ଦିଗରେ ଏହାର ସଦସ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେବେ ଆରାଫି ଗତ କିଛି ବର୍ଷ ଧରି ଏହି କାଉନ୍‌ସିଲ୍‌ରେ କାର୍ଯ୍ୟ କରି ଖାମେନେଇଙ୍କ ଅତ୍ୟନ୍ତ ବିଶ୍ୱସ୍ତ ହୋଇପାରିଥିଲେ।

ଇରାନ୍ ସମ୍ବିଧାନର ଧାରା ୧୧୧ ଅନୁସାରେ ସ୍ଥାୟୀ ଭାବେ ପରବର୍ତ୍ତୀ ନେତା ଚୟନ ନ ହେବା ପର୍ଯ୍ୟନ୍ତ ଲିଡରଶିପ୍ କାଉନ୍‌ସିଲ୍ ଶାସନ କ୍ଷମତାରେ ରହିବ। ଏହି କାଉନ୍‌ସିଲ୍‌ରେ ଆରାଫିଙ୍କ ବ୍ୟତୀତ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ଏବଂ ପ୍ରଧାନବିଚାରପତି ଜି ମୋହସେନି ଇଜେଇ ରହିଛନ୍ତି। ଏହି ୩ ସଦସ୍ୟ ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗରେ ସମନ୍ୱୟ ରଖି କାର୍ଯ୍ୟ କରିବେ।

## ହୋର୍ମୁଜ ଷ୍ଟ୍ରେଟ୍‌ରେ...

ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିବା ଓମାନ୍‌ର ମାରିଟାଇମ୍ ସିକ୍ୟୁରିଟି ସେଣ୍ଟର (ଏମ୍‌ଏସ୍‌ସି) ସୂଚନା ଦେଇଛି। ଅନ୍ୟପକ୍ଷେ ବଡ଼ ଜାହାଜଗୁଡ଼ିକର ମାଲିକମାନେ ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ପରିବହନ ବନ୍ଦ କରିଦେଇଛନ୍ତି। ମରିନ୍ ବୀମାକର୍ତ୍ତାମାନେ ମଧ୍ୟ ସମ୍ପୃକ୍ତ ଅଞ୍ଚଳ ପାଇଁ କଭରେଜ୍‌କୁ ସ୍ଥଗିତ ରଖିଛନ୍ତି। ଅର୍ଥାତ୍ ବର୍ତ୍ତମାନ ସ୍ଥିତିରେ ହୋର୍ମୁଜ୍ ପ୍ରଣାଳୀ ଦେଇ କୌଣସି ତୈଳ ଜାହାଜ ଯାଉଥିବାବେଳେ ଆକ୍ରମଣର ଶିକାର ହୋଇ କ୍ଷତିଗ୍ରସ୍ତ ହେଲେ କିମ୍ବା ତାହା ସମୁଦ୍ରରେ ବୁଡ଼ିଗଲେ ବୀମା ରାଶି ମିଳିବ ନାହିଁ।

ପାରସ୍ୟ ଉପସାଗର ସହ ଓମାନ୍ ଉପସାଗରକୁ ଯୋଡୁଥିବା ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ହେଉଛି ବୈଶ୍ୱିକ ତୈଳ ପରିବହନର ଏକ ରଣନୈତିକ ରୁଟ୍, ଯାହାକୁ ସର୍ବାଧିକ ସମ୍ବେଦନଶୀଳ ଚୋକ୍‌ପଏଣ୍ଟ ବିବେଚନା କରାଯାଏ। ଏହି ସଂକୀର୍ଣ୍ଣ କରିଡର ଦେଇ କୌଣସି ଜାହାଜ ଚଳାଚଳକୁ ଅନୁମତି ଦିଆଯିବ ନାହିଁ ବୋଲି ଶନିବାର ଇରାନୀୟ ନୌସେନା ସ୍ପଷ୍ଟ କରିଥିଲା। ଏହାସତ୍ତ୍ୱେ ପଲଉ ସାଧାରଣତନ୍ତ୍ରର ପତାକା ଲାଗିଥିବା ତୈଳ ଟ୍ୟାଙ୍କର ସେହି କରିଡର ଦେଇ ଯାଉଥିବାରୁ ଆକ୍ରମଣର ଶିକାର ହୋଇଛି। ଏହି ଧାରା ଜାରି ରହିଲେ କ୍ରୁଡ୍ ମହଙ୍ଗା ହେବା ଅନୁମାନ କରାଯାଉଛି। କାରଣ ମଧ୍ୟପ୍ରାଚ୍ୟରୁ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଯୋଗାଣ ହୋଇପାରିବ ନାହିଁ। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଭିତ୍ତିଭୂମି, ପାଇପ୍ ଲାଇନ୍ କିମ୍ବା ଜାହାଜଗୁଡ଼ିକ ଉପରେ ଆକ୍ରମଣ କଲେ ତୈଳ ଦର ଆକାଶଛୁଆଁ ହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ହୋର୍ମୁଜ ପ୍ରଣାଳୀ ଦେଇ ଇରାନୀୟ ଟ୍ୟାଙ୍କରଗୁଡ଼ିକ ତୈଳ ପରିବହନ କରୁଥିବାରୁ ୟୁଏସ୍ ନେଭିର କଡ଼ା ନଜର ରହିଛି। ଯୁଦ୍ଧ ଆଶଙ୍କାରେ ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ୭ ମାସର ସର୍ବାଧିକ ମୂଲ୍ୟ ବ୍ୟାରେଲ ପିଛା ୭୨.୮୭ ଆମେରିକୀୟ ଡଲାରକୁ ଉଠି କାରବାର ବନ୍ଦ ହୋଇଥିଲା। ସମ୍ପ୍ରତି ଓମାନ୍ ଉପସାଗରରେ ଅନେକ ତୈଳ ଟ୍ୟାଙ୍କର ଯାତ୍ରା ବନ୍ଦ କରି ପଡ଼ିରହିଛି। ଇରାନ୍ ଦୈନିକ ୧.୬ ନିୟୁତ ବ୍ୟାରେଲ୍ ତୈଳ ରପ୍ତାନି କରିଥାଏ। ଏଥିରୁ ସର୍ବାଧିକ ତୈଳ ଚାଇନା ଆମଦାନୀ କରିଥାଏ। ଏହି ଯୋଗାଣ ବାଧାପ୍ରାପ୍ତ ହେଲେ ଚାଇନା ଗ୍ରାହକ ବିଶ୍ୱର ଅନ୍ୟ ବଜାର ଉପରେ ନିର୍ଭର କରିବେ। ଫଳରେ ତୈଳ ଦର ବୃଦ୍ଧି ପାଇବ। ସପ୍ତାହାନ୍ତ ଛୁଟି ପରେ ସୋମବାର ତୈଳ ବଜାର ଖୋଲିବା ମାତ୍ରେ ଅଏଲ୍ ମାର୍କେଟରେ ନିଆଁ ଲାଗିବା ଅନୁମାନ କରାଯାଉଛି।

ଇତିମଧ୍ୟରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ହୋର୍ମୁଜ ବନ୍ଦ ନେଇ ଚିନ୍ତାବ୍ୟକ୍ତ କରିଛି। ଯାହାଦ୍ୱାରା ବିଶ୍ୱ ତୈଳ ଓ ବାଷ୍ପ ବଜାର ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ତୁରନ୍ତ ଉତ୍ତେଜନା ହ୍ରାସ କରି ରାଜନୈତିକ ଓ କୂଟନୈତିକ ଆଲୋଚନା ଜରିଆରେ ସମାଧାନର ବାଟ ବାହାର କରିବା ପାଇଁ ମସ୍କୋ ପରାମର୍ଶ ଦେଇଛି।

## ୧୫ ମାଓବାଦୀଙ୍କ...

ସାବନାର ଗାଁର ଦୀପନା ଓରଫ ନାନୀ ଓ ଅମିତା(୨୦), ପୁସନାର ଗାଁର ରୀନା ଓରଫ କବିତା(୨୧), ପିଡିୟା ଗାଁର ସୋନୁ ଓରଫ ଜୁଗନୁ(୨୩), ବଡା ବଟମୁମା ଗାଁର ପାଣ୍ଡୁ ଓରଫ ଦିନେଶ (୨୪) ଓ କୁବିସ ଗାଁର ନୀଳା ଓରଫ ପୋଜେଓ ସବିତା (୨୨)। ଏହି ୧୫ ମାଓବାଦୀ ଓଡ଼ିଶାର ବଲାଙ୍ଗୀର,ବରଗଡ଼ ଜିଲା ଓ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଜିଲାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ। ବରଗଡ଼, ବଲାଙ୍ଗୀର ଓ ମହାସମୁନ୍ଦ ଡିଭିଜନ କମିଟି ମୁଖ୍ୟ ବିକାଶ ରହିଥିଲେ। ତାଙ୍କ ନେତୃତ୍ୱରେ ୧୫ ଜଣ ମାଓବାଦୀ କାର୍ଯ୍ୟ କରୁଥିଲେ। ୧୫ ମାଓବାଦୀଙ୍କ ନାମରେ ମୋଟ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ବିକାଶ ତେଲଙ୍ଗାନା ରାଜ୍ୟରୁ ଆସି ରାଜ୍ୟ କମିଟି ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଅନ୍ୟ ୧୪ ଜଣ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲା ଓ ଗାଁର ରହିଛନ୍ତି। ସେମାନଙ୍କ ନାମରେ ମଧ୍ୟ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ରହିଥିଲା। ମଙ୍ଗେଶଙ୍କ ନାମରେ ୮ ଲକ୍ଷ, ବାବୁଙ୍କ ନାମରେ ୫ ଲକ୍ଷ ଏହିପରି ୧୫ ଜଣଙ୍କ ନାମରେ ମୋଟ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେମାନେ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ରବିବାର ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ବଲୋଦା ଥାନାରେ ଭୋର ୪ଟାରେ ଆତ୍ମସମର୍ପଣ କରିଛନ୍ତି। ଏହା ପୂର୍ବରୁ ଗତ ୨୨ ତାରିଖରେ ଛତିଶଗଡ଼ ରାଜ୍ୟର ଗୃହମନ୍ତ୍ରୀଙ୍କଠାରେ ଆତ୍ମସମର୍ପଣ କରିବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରି ବରଗଡ଼ ଓ ବଲାଙ୍ଗୀର ଜିଲା ପୋଲିସଙ୍କୁ କମ୍ବିଂ ଅପରେଶନ ନ କରି ଆତ୍ମସମର୍ପଣ କରିବା ପାଇଁ ସମୟ ମାଗିଥିଲେ। ସେମାନେ ଓଡ଼ିଶାରେ କାମ କରି ଛତିଶଗଡ଼ ରାଜ୍ୟରେ ଯାଇ ଆତ୍ମସମର୍ପଣ କରିଛନ୍ତି। ବିକାଶ ୧୯୮୫ ମସିହାଠାରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୧୪ ଜଣ ୨୦୦୫, ୨୦୦୯, ୨୦୧୦, ୨୦୨୨ଠାରୁ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାର ମାଓବାଦୀମୁକ୍ତ ଭାରତ ଗଠନ କରିବା ପାଇଁ ବାରମ୍ବାର ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ କରିଛନ୍ତି।

## ସିଏଜିଙ୍କୁ ମିଳୁନି...

ଏନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସମ୍ପୃକ୍ତ ବିଭାଗକୁ ବାରମ୍ବାର ତାଗିଦ କରୁଛନ୍ତି। ଏପରି କି ସଚିବସ୍ତରୀୟ ବୈଠକରେ ଏହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ହେଲେ କୌଣସି ସୁଫଳ ମିଳୁନାହିଁ, ବରଂ ମାସକୁ ମାସ 'ୟୁସି' ବକେୟା ବଢ଼ି ଚାଲିଛି। ଯଦି ପୂର୍ବ ଅଧିକାରୀମାନେ ଅବାଟରେ ଟଙ୍କା ଖର୍ଚ୍ଚ କରିଛନ୍ତି ତେବେ ସରକାରଙ୍କ ନିୟମ ଅନୁଯାୟୀ, କାହିଁକି ସମ୍ପୃକ୍ତ ଅଧିକାରୀଙ୍କୁ ଦାୟୀ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଲୋକସେବା ଭବନରେ ଚର୍ଚ୍ଚା ହେଉଛି।

## ସେମିଫାଇନାଲରେ ଭାରତ...

ନ ଥିଲା। ସଞ୍ଜୁ ସାମସନ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରିଥିଲେ ମଧ୍ୟ ଓପନର ଅଭିଷେକ ଶର୍ମା ୧୦ ଓ ଇଶାନ କିଶନ ୧୦ ରନକରି ଆଉଟ ହେବାରୁ ଘରୋଇ ଦଳକୁ ଡବଲ୍ ଝଟ୍‌କା ଲାଗିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ମାତ୍ର ୧୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଏଭଳି ସ୍ଥିତିରେ ସାମସନ ଓ ତିଳକ ବର୍ମାଙ୍କ ୪୨ ରନର ଭାଗୀଦାରି ଆଶା ଉଜ୍ଜୀବିତ ରଖିଥିଲା। ତିଳକ ୨୭ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସାମସନ କିନ୍ତୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର ଓ ଶମର ଜୋସେଫ ୨ଟି ଲେଖାଏ ଏବଂ ଆକେଲ ହୋସେନ ଗୋଟିଏ ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍‌କୁ ଶାଇ ହୋପ ଓ ରଷ୍ଟନ ଚେଜ୍ ୬୮ ରନର ଆରମ୍ଭ ପ୍ରଦାନ କରିଥିଲେ। ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ ୯ମ ଓଭରରେ ହୋପ(୩୨ ରନ, ୩ ଚୌକା ଓ ୧ ଛକା)ଙ୍କୁ କ୍ଲିନ ବୋଲ୍ଡ କରି ଭାରତକୁ ବ୍ରେକଥ୍ରୁ ଦେଇଥିଲେ। ଏହାପରେ ୧୨ଶ ଓଭରରେ ଯଶପ୍ରୀତ ବୁମରା ବିସ୍ଫୋରକ ବ୍ୟାଟିଂ କରୁଥିବା ଶିମରନ ହେଟମେୟର (୧୨ ବଲ ୨୭ ରନ, ୧ ଚୌକା ଓ ୨ ଛକା) ଓ ଚେଜ (୪୦ ରନ, ୫ ଚୌକା ଓ ୧ ଛକା)ଙ୍କୁ ପାଭିଲିୟନ ପଠାଇଥିଲେ। ଶେଷ ଆଡ଼କୁ ରୋଭମାନ ପାଓ୍ୱେଲ ଓ ଜାସନ ହୋଲ୍ଡର ବିସ୍ଫୋରକ ବ୍ୟାଟିଂ କରି ପଞ୍ଚମ ଉଇକେଟରେ ୩୫ ବଲରେ ୭୬ ରନ କରି ଦଳକୁ ଭଲ ଫିନିସିଂ ପ୍ରଦାନ କରିଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ପାଓ୍ୱେଲ ୧୯ ବଲରେ ୩୪ (୩ ଚୌକା ଓ ୨ ଛକା) ଓ ହୋଲ୍ଡର ୨୨ ବଲରେ ୩୭ (୨ ଚୌକା ଓ ୩ ଛକା) ରନ କରି ଅପରାଜିତ ଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମରା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୯୫/୪(ରଷ୍ଟନ ଚେଜ-୪୦, ଜାସନ ହୋଲ୍ଡର-୩୭*, ରଭୋମାନ ପାଓ୍ୱଲ-୩୪*, ଶାଇ ହୋପ-୩୨ ; ଯଶପ୍ରୀତ ବୁମରା-୨/୩୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୦)। ଭାରତ ୧୯.୨ ଓଭରରେ ୧୯୯/୫ (ସଞ୍ଜୁ ସାମସନ-୯୭*, ତିଳକ ବର୍ମା-୨୭, ଜାସନ ହୋଲ୍ଡର-୨/୩୮, ଶମର ଜୋସେଫ-୨/୪୨, ଆକେଲ ହୋସେନ-୧/୨୨)।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଦ୍ୱାଦଶଭାବସ୍ଥ କର୍ମାଧିପ ଶନି ଆପଣଙ୍କ କର୍ମ ସମୂହକୁ ସମ୍ପନ୍ନ କରିବାରେ ବହୁତ ସମୟ ନେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ଭାବରେ ବିଶ୍ୱାସ କରି ଅସୁବିଧାରେ ପଡିପାରନ୍ତି। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସଫଳ ହେବେ। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ।

**ବୃଷ**: ଚନ୍ଦ୍ର ଲଗ୍ନର ଅଷ୍ଟମସ୍ଥ ଗ୍ରହମାନେ ଆପଣଙ୍କୁ ଶୁଭଫଳ ଦେବାର ସାମର୍ଥ୍ୟ ହରାଇପାରନ୍ତି। ଭାବପ୍ରବଣତାବଶତଃ ବନ୍ଧୁଙ୍କ ସହ ଥଟ୍ଟାମଜା କଥା ଅଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟିବ । ପାପଗ୍ରହ ଯୁକ୍ତ ରାଶ୍ୟାଧିପ ମିତ୍ରକ୍ଷେତ୍ରସ୍ଥ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲ। ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ବ୍ୟବସାୟକୁ ବଢାଇପାରନ୍ତି।

**ମିଥୁନ**: ରାଶି ଓ ଚତୁର୍ଥାଧିପ ବୁଧ ଉଚ୍ଚାରୋହଣ କରୁଥିବାରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ନେଇ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଲାଭର ମଉକା ପାଇବେ। କର୍ମାରମ୍ଭ ସହ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**କର୍କଟ**: ପରିବାରାଧିପତି ଶୁକ୍ର ଭାଗ୍ୟଭାବସ୍ଥ ଯୋଗୁ ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ ହେବ। କର୍ମକ୍ଷେତ୍ରରୁ ସମ୍ମାନ ପ୍ରତିଷ୍ଠା ପାଇବାରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାରେ ବିଫଳ ହୋଇପାରନ୍ତି।

**ସିଂହ**: ସପ୍ତମଭାବରେ ଏକାଧିକଗ୍ରହ ଅବସ୍ଥାନ କରିଥିବାରୁ ଯାତ୍ରା ସମସ୍ୟାବହୁଳ ହୋଇପାରେ। ଶିଳ୍ପ, ବାଣିଜ୍ୟ, ଆଇନ, ଅଦାଲତ ଓ ପ୍ରତିଯୋଗିତା କ୍ଷେତ୍ରରେ ସୁଫଳ ପାଇବା କଷ୍ଟକର ହେବ। ଭାଙ୍ଗି ପଡିଥିବା ସମ୍ପର୍କ ଯୋଡିବା ପାଇଁ ଚେଷ୍ଟାକଲେ ମଧ୍ୟ ବିଫଳ ହେବେ। ପଡୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ବ୍ୟଥା ଅନୁଭବ କରିବେ।

**କନ୍ୟା**: ରାଶି ଓ କର୍ମାଧିପ ଦୁଃସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ଆଶା ମଉଳିଯିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାର୍ଯ୍ୟ ସକାଶେ ସମ୍ମତି ପ୍ରଦାନ କରିପାରନ୍ତି। ପଡୋଶୀଙ୍କ ସହ ପିଲା କଳିକୁ ନେଇ ଅଶାନ୍ତି ସୃଷ୍ଟି ହୋଇପାରେ। ଯାତ୍ରା, ସଭାସମିତି, ପ୍ରଶାସନ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୂର ହୋଇଯିବ।

**ତୁଳା**: ଭାଗ୍ୟସ୍ଥ ବୃହସ୍ପତି ତୃତୀୟ ଏବଂ ଚତୁର୍ଥଭାବକୁ ଦେଖୁଥିବାରୁ ଭ୍ରାତୃ ସମ୍ପର୍କହାନି ସାଙ୍ଗକୁ ପାରିବାରିକ ସ୍ଥିତିକୁ ବେସାହାରା କରିପାରନ୍ତି। ଭୁଲ୍ ବୁଝାମଣାରୁ ଆତ୍ମୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। ସ୍ତ୍ରୀକାରକ ଗ୍ରହ ଶୁକ୍ର ମିତ୍ର ଶନିଙ୍କ କ୍ଷେତ୍ରସ୍ଥ ହେତୁ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ବନ୍ଧୁଙ୍କ ସହ ମତାନ୍ତର ଦୂର ହେବ।

**ବିଛା**: ଆଜିର ସ୍ୱରାଶିସ୍ଥ ଚନ୍ଦ୍ର ଆପଣଙ୍କ ଉନ୍ନତ ଚିନ୍ତା ଓ ଯୋଜନାକୁ ସାକାର କରିବାରେ ସାହାଯ୍ୟ କରିବେ। ଶିକ୍ଷା, ସନ୍ତାନ, ମନ୍ତ୍ରଣା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। ଅଯଥା କାମରେ ବ୍ୟୟାଧିକ୍ୟଜନିତ ମନସ୍ତାପ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେନାହିଁ।

**ଧନୁ**: ଦେବଗୁରୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ନିରାମୟ ସ୍ୱାସ୍ଥ୍ୟ ସାଙ୍ଗକୁ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରଖିବେ। ବନ୍ଧୁ ସମ୍ପର୍କ, ଗୃହାରମ୍ଭ, ଯାନ କ୍ରୟ, ଆଭୂଷଣ ପ୍ରାପ୍ତି ହେବ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି ଓ ଆନୁଷ୍ଠାନିକ କାମରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପରୀକ୍ଷା, ଇଣ୍ଟରଭ୍ୟୁ ଏବଂ ସାଙ୍ଗଠନିକ କ୍ଷେତ୍ରରେ ସଫଳତା ପାଇବେ।

**ମକର**: ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ମନ ଅନୁଯାୟୀ କାର୍ଯ୍ୟହାସଲ କରିବା ସହ ଅଭିଳଷିତ ଜିନିଷ ପାଇବେ। ସଭାସମିତି ଅବସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ଷଷ୍ଠଭାବରେ ବ୍ୟୟାଧିପ ସ୍ୱାସ୍ଥ୍ୟ, ସମସ୍ୟା ସମାଧାନ, ଦୂରଯାତ୍ରା କ୍ଷେତ୍ରରେ ଖର୍ଚ୍ଚାନ୍ତ କରାଇପାରନ୍ତି।

**କୁମ୍ଭ**: ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ରାଜଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଉଚ୍ଚାରୋହୀ ରବି ହେତୁ ସରକାରୀ ସୁବିଧା, କାର୍ଯ୍ୟସିଦ୍ଧି ସାଙ୍ଗକୁ ଲୋକସମ୍ପର୍କ ବଢ଼ିବ। ପ୍ରତିପକ୍ଷ ମିତ୍ରତାର ହାତ ବଢାଇବେ ଏବଂ ବିଭିନ୍ନ ଦିଗରୁ ସହଯୋଗ ପାଇବାରେ ଅସୁବିଧା ହେବନାହିଁ। ଅସୁବିଧାଜନକ ପରିସ୍ଥିତି ଦୂରେଇ ଯିବ ।

**ମୀନ**: ରାଶିରେ ଶୁକ୍ର ଏବଂ ଶନିଙ୍କ ସ୍ଥିତିଜନିତ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ସାମାଜିକ ସ୍ତରରେ ତ୍ୟାଗ, ସହନଶୀଳତା ଓ ଉଦାରତା ଗୁଣରୁ ପ୍ରଶଂସିତ ହେବେ। ବନ୍ଧୁମିଳନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ପ୍ରଶାସନିକ ସ୍ତରରେ, ରାଜନୀତିରେ, ସଭାସମିତରେ ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ମାର୍ଚ୍ଚ ୨ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ସୋମବାର, ଶ୍ରୀମନ୍ଦିରରେ ରାଜାଗ୍ନି, ଦୋଳବେଦୀକୁ ଦୋଳଗୋବିନ୍ଦଙ୍କ ବିଜେ, ମେଷ ରାକ୍ଷସ ଦହନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ସକାଳ ଘ.୦୭।୫୧ ମି. ଗତେ, ରାଶିନକ୍ଷତ୍ର-ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୯ ଗତେ, ଘ.୦୭।୩୬ ମଧ୍ୟେ, ଘ.୧୦।୪୯ ଗତେ, ଘ. ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୬ ଗତେ, ଘ.୦୯।୦୪ ମଧ୍ୟେ ରାହୁକାଳ।

# ଆବଶ୍ୟକ ସ୍ଥଳେ ତୁରନ୍ତ ଜମି ଅଧିଗ୍ରହଣ କର

## ପ୍ରସ୍ତାବିତ ଜଳପଥ ନିର୍ମାଣ

**ଯାଜପୁର,୧।୩(ହର୍ଷବର୍ଦ୍ଧନ ବେହେରା)**

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ୫ଟି ଜଳପଥ ନିର୍ମାଣ ପ୍ରସ୍ତାବ ରହିଛି। ଏହିକ୍ରମରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଗତ ଡିସେମ୍ବରରେ ପତ୍ର ଦିଆଯାଇଥିଲା। ଉକ୍ତ ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟରୁ ବୁଧବାର ପ୍ରସ୍ତାବିତ ଜଳପଥ ପ୍ରକଳ୍ପଗୁଡିକରେ ଆବଶ୍ୟକସ୍ଥଳେ ତୁରନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗୀୟ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ ଇନ୍‌ଲାଣ୍ଡ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ(ଆଇଡବ୍ଲ୍ୟୁଏଆଇ) ବା ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ଗାଇଡଲାଇନ ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ଖରସ୍ରୋତା, ତନ୍ତିଘାଇ, ଚିଙ୍ଗୁଡିଆ, ପଣ୍ଡୁଆ, ବିରୂପା, ବଡ଼ଗେଙ୍ଗୁଟି ନଦୀରେ ନିର୍ମାଣାଧୀନ ଏବଂ ମଞ୍ଜୁରିପ୍ରାପ୍ତ ବ୍ରିଜ୍‌ଗୁଡ଼ିକର ସ୍ଥିତି ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ବର୍ତ୍ତମାନ ପ୍ରସ୍ତାବିତ ଜଳପଥ ଅଞ୍ଚଳରେ ୯ଟି ବ୍ରିଜ୍ ଟେଣ୍ଡର ଷ୍ଟେଜ୍‌ରେ ରହିଥିବାବେଳେ ୧୫ଟି ବ୍ରିଜ୍ ନିର୍ମାଣାଧୀନ ଓ ୨୦୨୪-୨୫ ବର୍ଷରେ ୬ଟି ବ୍ରିଜ୍ ମଞ୍ଜୁର ହୋଇଛି। ତେବେ ଆଇଡବ୍ଲ୍ୟୁଏଆଇର ଗାଇଡ୍‌ଲାଇନ୍ ଅନୁସାରେ ବ୍ରିଜ୍‌ଗୁଡିକର ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି।

ବ୍ରାହ୍ମଣୀ-ଖରସ୍ରୋତା-ଧାମରା ପର୍ଯ୍ୟନ୍ତ ୨୬୫ କି.ମି., ବୈତରଣୀ ନଦୀର ୪୮ କି.ମି., ବିରୂପା-ବଡ଼ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମର ୧୫୬ କି.ମି. ସମେତ ମହାନଦୀର ୪୨୬ କି.ମି., ବୁଢ଼ାବଳଙ୍ଗ ନଦୀର ୫୬ କି.ମି. ଜଳପଥର ବିକାଶ ପାଇଁ ପ୍ରସ୍ତାବ ରହିଛି। ଏହିସବୁ ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ତତ୍ପରତା ପ୍ରକାଶ ପାଇଛି। ଏହିସବୁ ନଦୀ ଉପରେ ନିର୍ମାଣାଧୀନ ଓ ମଞ୍ଜୁର ବ୍ରିଜ୍ ପ୍ରକଳ୍ପଗୁଡ଼ିକ ଉପରେ ଆଇଡବ୍ଲ୍ୟୁଏଆଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗର ରିପୋର୍ଟ ଅନୁସାରେ ଭଦ୍ରକ ଜିଲାର କୋଷ୍ଟ କେନାଲ ଉପରେ ବ୍ରିଜ୍, ବ୍ରାହ୍ମଣୀ, ଖରସ୍ରୋତା, ତନ୍ତିଘାଇ ଓ ପଣ୍ଡୁଆ ନଦୀରେ ଯାଜପୁର ଜିଲାର ଭଇଁରା-ଭୁରୁଙ୍ଗା ରାସ୍ତା, କଣ୍ଟିଆ, ବରୀ-ବିଞ୍ଝାରପୁର, ସାହାସପୁର-ଡଅଁରାକୁଳ ଏବଂ କେନ୍ଦ୍ରାପଡା ଜିଲାର କୃଷ୍ଣଦାସପୁର-ସିଂହଗାଁ ଓ ବଲଣ-ଆଦମପୁର ରାସ୍ତାରେ ବ୍ରିଜଗୁଡିକ ନିର୍ମାଣାଧୀନ ରହିଛି। ସେହିପରି ବିରୂପା, ବଡଗେଙ୍ଗୁଟି, ବ୍ରାହ୍ମଣୀ ନଦୀରେ କଟକ ଜିଲାର ରୁଦ୍ରପୁର ରାସ୍ତା, ବୁଢ଼ାବଳଙ୍ଗ ନଦୀ ଉପରେ ବାଲେଶ୍ୱର ଜିଲାର କେଶପୁର-କୋସମିଲା ରାସ୍ତା, ମହାନଦୀରେ କଟକ ଜିଲାର ଜନାର୍ଦ୍ଦନପୁରଠାରୁ କୁଳିଆ, କେନ୍ଦ୍ରାପଡ଼ା ଜିଲାର ବେଲାରପୁର-ନୂଆଗାଁ, ବର୍ତ୍ତୁଙ୍ଗା ରାସ୍ତା, ବଳରାମପୁର ରାସ୍ତା, ଗହଗାଠାରୁ ନରସିଂହପୁର ଓ ସାନସଲାରଠାରୁ ଷଠିଲୋ ରାସ୍ତାରେ ବ୍ରିଜ୍‌ଗୁଡ଼ିକ ନିର୍ମାଣାଧୀନ ରହିଛି। ସେହିପରି ବାଲେଶ୍ୱର ଜିଲାର କୋଷ୍ଟ କେନାଲରେ ୩ଟି ବ୍ରିଜ୍, ବ୍ରାହ୍ମଣୀ-ଖରସ୍ରୋତା, ତନ୍ତିଘାଇ, ଚିଙ୍ଗୁଡିଆ ଓ ପଣ୍ଡୁଆ ନଦୀରେ ଯାଜପୁର ଜିଲାର ୩ଟି, ଢେଙ୍କାନାଳ ଜିଲାର ଗୋଟିଏ ଓ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ବ୍ରିଜ୍, ବୁଢ଼ାବଳଙ୍ଗ ନଦୀରେ ବାଲେଶ୍ୱର ଜିଲାର ଗୋଟିଏ ବ୍ରିଜ୍ ଟେଣ୍ଡରସ୍ତରରେ ରହିଛି। ଏହାବାଦ ବିରୂପା, ବଡ଼ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀରେ କଟକ ଜିଲାର ୩ଟି ଓ କେନ୍ଦ୍ରାପଡ଼ା ଜିଲାର ୩ଟି ଏବଂ ମହାନଦୀରେ କଟକ ଜିଲାର ୧ଟି ବ୍ରିଜ୍ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ଏହିସବୁ ବ୍ରିଜ୍ ଆଇଡବ୍ଲ୍ୟୁଏଆଇ ଗାଇଡ୍‌ଲାଇନ୍‌ରେ ନିର୍ମାଣ କିମ୍ବା ଯୋଜନା ହୋଇଛି କି ନାହିଁ ତାହା ଅନୁଧ୍ୟାନଯୋଗ୍ୟ ବୋଲି ନିର୍ଦ୍ଦେଶ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇଡବ୍ଲ୍ୟୁଏଆଇ ପକ୍ଷରୁ ତଦନ୍ତ କରାଗଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆବଶ୍ୟକସ୍ଥଳେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

# ୬ ଓଡ଼ିଶା କ୍ୟାଡର୍ ଆଇଏଏସ୍‌ଙ୍କୁ କେନ୍ଦ୍ରୀୟ ପାହ୍ୟା

**ଭୁବନେଶ୍ୱର,୧।୩ (ରବିନାରାୟଣ ଜେନା)**

ଭାରତ ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି(ଏସିସି) ପକ୍ଷରୁ ଶନିବାର ଦୁଇଟି ପର୍ଯ୍ୟାୟରେ ୬୯ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ କେନ୍ଦ୍ର ପକ୍ଷରୁ ସଚିବ ତଥା 'ଇକ୍ୟୁଭାଲେଣ୍ଟ' ପାହ୍ୟା ପ୍ରଦାନ କରାଯାଇଛି। ଏସିସିର ଅନୁମୋଦନକ୍ରମେ ପ୍ରଥମ ପର୍ଯ୍ୟାୟରେ ୪୧ଜଣଙ୍କ ମଧ୍ୟରେ କେନ୍ଦ୍ରରେ କାର୍ଯ୍ୟ କରୁଥିବା ୧୯୯୫ ବ୍ୟାଚର ଆଇଏଏସ୍ ସୁଶୀଲ କୁମାର ଲୋହାନୀଙ୍କୁ କେନ୍ଦ୍ରର ସଚିବ ପାହ୍ୟା ମିଳିଥିବାବେଳେ ୧୯୯୧ ବ୍ୟାଚର ସଞ୍ଜୟ ରସ୍ତୋଗୀଙ୍କୁ ସଚିବ ସହ 'ଇକ୍ୟୁଭାଲେଣ୍ଟ' ପାହ୍ୟା ମିଳିଛି। ସେହିପରି ଏସିସିର ଦ୍ୱିତୀୟ ପର୍ଯ୍ୟାୟ ପାହ୍ୟା ଅନୁମୋଦନରେ ୨୮ଜଣ ଆଇଏଏସ୍ ରହିଥିବାବେଳେ ଓଡ଼ିଶାର ୪ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୦୧ ବ୍ୟାଚ୍‌ର ଡୋଡା ଭେଙ୍କଟ ସ୍ୱାମୀ, ୧୯୯୯ ବ୍ୟାଚ୍‌ର ଭାସ୍କର ଜ୍ୟୋତି ଶର୍ମା ଏବଂ ସେହି ବ୍ୟାଚ୍‌ର ଶୁଭା ଶର୍ମାଙ୍କ ସହିତ ୨୦୦୧ ବ୍ୟାଚର ଆର୍. ସନ୍ଥଗୋପାଳନ ରହିଛନ୍ତି। ଅନୁମୋଦନ ଅନୁଯାୟୀ, ଏହି ୪ ଆଇଏଏସ୍ ଯେଉଁ ପାହ୍ୟାରେ ରାଜ୍ୟରେ ଅଛନ୍ତି ତାହା ଇକ୍ୟୁଭାଲେଣ୍ଟ ବୋଲି ଦର୍ଶାଯାଇଛି। ତେବେ ଅଧିକାରୀଙ୍କ ସୁପାରିସକ୍ରମେ ଏସିସିର ଏହି ପାହ୍ୟା ଅନୁମୋଦନକୁ ନେଇ ଏବେ କେଉଁ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେଶନ ଯିବେ କି ନାହିଁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

nirf | A++ NAAC | Category-I University | QS ASIA 2026
CENTRAL UNIVERSITY OF RAJASTHAN
(A Central University established by an Act of Parliament)
International Recognition with 651st Rank in QS Asia University Rankings 2026
OPEN & DISTANCE LEARNING (ODL) PROGRAMMES
BREAK BARRIER, BUILD CAREER
LEARNING FROM ANYWHERE
ADMISSION OPEN
ODL Programmes 2025-26
Join ODL Programme of Central University of Rajasthan
UGC DEB Approved Programmes
POST GRADUATE / UNDER GRADUATE PROGRAMMES
M.Com. (Master of Commerce) | M.A. (Economics)
M.A. (Hindi) | M.A. (English)
M.Sc. (Computer Science) | B.Sc. (Computer Science)
MBA (Master of Business Administration)
Last Date for submission of online Application
30th March, 2026
Website: www.curaj.ac.in
E-mail : cdoe@curaj.ac.in
Helpline No.: 01463-257556

# ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା



ଡାକ୍ତରଖାନାରେ ମୃତକଙ୍କ ସମ୍ପର୍କୀୟ।

■ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା ଅଭିଯୋଗ
■ ମୃତକଙ୍କ ସମ୍ପର୍କୀୟ-ଡାକ୍ତର ମୁହାଁମୁହିଁ

**ପାଟଣା,୧।୩(ବୀର କିଶୋର ଦାଶ)**

ରୋଗୀ ମୃତ୍ୟୁକୁ ନେଇ କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ରୋଗୀ ସମ୍ପର୍କୀୟ ଏବଂ ଡାକ୍ତର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ମୃତକ ହେଲେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମଲଦା ଗ୍ରାମର ଶିଖର ମୁଣ୍ଡାଙ୍କ ପୁଅ ଭୂୟାଁ ମୁଣ୍ଡା(୪୨)।

ହାତୀ ଘର ଭାଙ୍ଗି ଦେଇଥିବାରୁ ୬ ମାସ ହେବ ସେ ଶ୍ୱଶୁର ଘର ଘଟଗାଁ ବ୍ଲକ୍ ମୁକ୍ତାପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ରହୁଥିଲେ। ତେବେ ଜ୍ୱରରେ ପୀଡ଼ିତ ହୋଇ ଗୁରୁତର ହେବାରୁ ଶନିବାର ରାତି ୯ଟାରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କେନ୍ଦୁଝର ରେଫର କରିଥିଲେ। ପରିବାର ଲୋକେ ରାତି ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ଫୋନ କରି ଅପେକ୍ଷା କରିଥିଲେ ହେଁ ଆମ୍ବୁଲାନ୍ସ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ଥିଲା। ଆମ୍ବୁଲାନ୍ସକୁ ଅପେକ୍ଷା କରି ଭୂୟାଁ ଆଖି ବୁଜିଥିଲେ। ତେବେ ଚିକିତ୍ସା କରୁଥିବା ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା ଓ ଚିକିତ୍ସାରେ ଅବହେଳା କରିବା ଯୋଗୁ ଭୂୟାଁଙ୍କ ମୃତ୍ୟୁ ହୋଇଥିବା ନେଇ ରାମଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ମୁଣ୍ଡା, ଜଗନ୍ନାଥ ମହାନ୍ତ ଓ ଲକ୍ଷ୍ମଣ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଚିକିତ୍ସା କରିଥିବା ଡାକ୍ତର ନିରଞ୍ଜନ ସାହୁ କହିଛନ୍ତି, ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ। ରୋଗୀ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଆସିଥିଲେ। ଆବଶ୍ୟକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ରେଫର୍ କରାଯାଇଥିବା ବେଳେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବା ବେଳକୁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ରୋଗୀ ସମ୍ପର୍କୀୟଙ୍କୁ କୌଣସି ଦୁର୍ବ୍ୟବହାର କରାଯାଇନାହିଁ। ରାତି ୧୨ଟାରେ ୨ଜଣ ନିଶାସକ୍ତ ଯୁବକ ଆସି ପ୍ରଥମେ ସିକ୍ୟୁରିଟି, ଡାକ୍ତରଖାନା କର୍ମଚାରୀ ଓ ପରେ ଆମକୁ ଗାଳିଗୁଲଜ କରିଥିଲେ। ଏନେଇ ପାଟଣା ଥାନାରେ ଅଭିଯୋଗ କରିଥିବା ଡାକ୍ତର ସାହୁ କହିଛନ୍ତି। ତେବେ ରୋଗୀ ମୃତ୍ୟୁକୁ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ଅପରାହ୍ଣ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୨ ମନ୍ତ୍ରୀ, ଦେବାଶିଷଙ୍କ ପାଇଁ ନାଲି ପୋଷାକ ପିନ୍ଧୁଛି

## ବର୍ଷିଲେ ପ୍ରଭାତ ବିଶ୍ୱାଳ

**କଟକ,୧।୩(ଶିଳ୍ପା ପ୍ରିୟଦର୍ଶିନୀ)**



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିବୃତି ଦେଉଛନ୍ତି।

ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମଧ୍ୟରେ କଳି ତେଜିବାରେ ଲାଗିଛି। ଉଭୟ ନେତା ପରସ୍ପରକୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଶନିବାର ପ୍ରଭାତ ବିଜେଡିରୁ ବହିଷ୍କାର ହେବା ପରେ ତାଙ୍କ ବିରୋଧରେ ଦେବାଶିଷ ପ୍ରବଳ ବର୍ଷିଥିଲେ। ରବିବାର ଏହାର କଡ଼ା ଜବାବ ଦେଇଛନ୍ତି ପ୍ରଭାତ। ମହାନଦୀ ବିହାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତ କହିଛନ୍ତି, ଦେବାଶିଷଙ୍କ ଚରିତ୍ର ବିଷୟରେ ସମସ୍ତେ ଜାଣନ୍ତି। ୨ଜଣ ମନ୍ତ୍ରୀ ଓ ଦେବାଶିଷଙ୍କ ପାଇଁ ନାଲି ପୋଷାକ ପିନ୍ଧୁଛି। ପ୍ରଣବ ପ୍ରକାଶ ଦାସ ହେଲେ ମୁଖ୍ୟ ଲୋକ। ତାଙ୍କ ବିଷୟରେ ସବୁ ଭିଡିଓ ରଖିଛି। ଦେବାଶିଷ ସ୍ୱାଧୀନ ଭାବେ କର୍ପୋରେଟର ହୋଇ ନିର୍ବାଚନ ଲଢ଼ି ଦେଖନ୍ତୁ, ତେବେ ଜାଣିପାରିବେ ତାଙ୍କ ଲୋକପ୍ରିୟତା କ'ଣ ରହିଛି। ସେ ବିଜେଡିକୁ ଠିକା ସଂସ୍ଥା ଭାବେ ବ୍ୟବହାର କରି କାର୍ଯ୍ୟ କରୁଛନ୍ତି। ଏପରିକି ଚିଟ୍‌ଫଣ୍ଡ ଠକେଇରେ ଦେବାଶିଷଙ୍କ ସମ୍ପୃକ୍ତି ରହିଥିଲା। କଟକ ସହରରେ ସଫେଇ କାର୍ଯ୍ୟ ପାଇଁ ସେ କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି। ସେ କ୍ଷମତାରେ ଥିବାବେଳେ ଲୋକଙ୍କ ଟଙ୍କାକୁ ହରିଲୁଟ କରିଛନ୍ତି। ଏପରିକି ପ୍ରତ୍ୟେକ ମାସରେ ୨କୋଟିରୁ ଅଧିକ ଟଙ୍କାର ବିଲ୍ କରି ଟଙ୍କା ନେଉଥିଲେ। ସମସ୍ତ ପ୍ରମାଣ ସର୍ବସମ୍ମୁଖରେ ଉପସ୍ଥାପନ କରୁଛି। ସେହିପରି ସେ ପାଣ୍ଡିଆନ ଗୋ ବ୍ୟାକ୍‌ର ନାରା ଦେଉଥିଲେ। ଏପରିକି ବିଜେଡିରେ ନବୀନ ପଟ୍ଟନାୟକ କିଛି ନିଷ୍ପତ୍ତି ନିଅନ୍ତି ନାହିଁ ବୋଲି ସେ କହିଥିଲେ, କିନ୍ତୁ ଏବେ କିଭଳି ସହମତି ଦେଉଛନ୍ତି। ମୋର ରାଜନୈତିକ କ୍ୟାରିୟର ନଷ୍ଟ କରିବାକୁ ଦେବାଶିଷ ଉଦ୍ୟମ କରିଥିଲେ। ଯେତେ ଚକ୍ରାନ୍ତ କଲେ ବି ମତେ ଜେଲ୍ ପଠାଇପାରିଲେ ନାହିଁ। ସେହିପରି ୨୦୧୮ ମେ'ରେ ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା, ଦେବାଶିଷ ସାମନ୍ତରାୟ, ରଞ୍ଜନ ବିଶ୍ୱାଳ, ମୀନା ମହାନ୍ତି, ପ୍ରଦୀପ ପଟ୍ଟନାୟକଙ୍କ ଭଳି ବ୍ୟକ୍ତିଙ୍କ ବିରୋଧରେ ଚୌଦ୍ୱାର ଜେଲରୁ ମଧ୍ୟ ଚିଠି ଆସିଥିଲା। ମୋ ଘରେ ସିବିଆଇ ରେଡ୍ କରାଗଲା, ହେଲେ କିଛି ପାଇଲା ନାହିଁ। ନୀତିକୁ ବନ୍ଧା ପକେଇ ମୁଁ କେବେ ବି କିଛି କାମ କରିନାହିଁ। ଦଳର ରଣନୀତି ଏବଂ ଅନ୍ୟାନ୍ୟ ତଥ୍ୟ ସବୁ ମୁଁ ପ୍ରସ୍ତୁତ କରେ। ମୋର ଏଭଳି କାର୍ଯ୍ୟକୁ ସହି ନ ପାରି ପ୍ୟାରୀବାବୁ ଓ ମୋତେ ମେ ୨୯ ଅପରେଶନରେ ସମ୍ପୃକ୍ତି ନେଇ ଆଖ୍ୟା ଦିଆଯାଇଛି। ମୋର ୩୩ ବର୍ଷର ରାଜନୈତିକ ଜୀବନର ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମର ଚିଠା ରଖିଛି। ନବୀନ ବାବୁଙ୍କୁ ନେଇ ବିଜେଡି ନାଁରେ ଆଉ ଗୋଟିଏ ଆକାଉଣ୍ଟ ଖୋଲାଯାଇଛି। ତିନିଜଣଙ୍କ ଦସ୍ତଖତରେ ଏହି ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଖୋଲିବାର କ'ଣ ଆବଶ୍ୟକ ଥିଲା ତାହାର ଉତ୍ତର ରଖନ୍ତୁ। ଅନ୍ୟପଟେ ସଂତୃପ୍ତ ମିଶ୍ରଙ୍କ ସହ ମୋର କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ। କିଛି ଭୁଲ୍ ନିଷ୍ପତ୍ତି ହୋଇ ନ ଯାଉ, ସେଥିପାଇଁ ମୁହଁ ଫିଟାଇଲି। ନବୀନ ଜଣେ ଭଲ ମଣିଷ, ସେଥିପାଇଁ ଦୀର୍ଘବର୍ଷ ସରକାର ଚଳାଇଥିଲେ। ତେବେ ସେ ଦୁଇଜଣଙ୍କ ଉପରେ ନିର୍ଭରଶୀଳ ବୋଲି ପ୍ରଭାତ କହିଛନ୍ତି। ଏନେଇ ଦେବାଶିଷଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରି ନାହିଁ।



କଟକ ବାଲିଯାତ୍ରା ତଳପଡିଆରେ ରବିବାର ଜିଲା ପ୍ରଶାସନ ପକ୍ଷରୁ 'କଟକ ଦହିବରା ଆଳୁଦମ୍ ଦିବସ' ପାଳନ ଅବସରରେ ଖୋଲିଥିବା ଏକ ଷ୍ଟଲ୍‌ରେ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ, ମେୟର ସୁବାସ ସିଂ, ଅଭିନେତା ଶ୍ରୀତମ ନନ୍ଦ ପ୍ରମୁଖ ଦହିବରା ଖାଉଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା: ଯୁବକ ଗିରଫ

**ପାରାଦୀପ,୧।୩(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ୩ ଦିନ ଧରି ବଳାତ୍କାର କରିବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶେଖ୍ ରାଜା (୨୮)। ଏ ନେଇ ଥାନାରେ ମାମଲା (ନଂ.୫୭/୨୬) ରୁଜୁ ହୋଇଛି। ଏଥିସହ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ଏକ ବସ୍ତିରେ ରହୁଥିବା ମା'ଛେଉଣ୍ଡ ଅନୁସୂଚିତ ଜନଜାତି ନାବାଳିକା ପ୍ରାୟତଃ ମାଗି ଖାଇଥାନ୍ତି। ଏହାର ସୁଯୋଗ ନେଇ ପାଖ ବଜାରର ଚିକେନ୍ ଦୋକାନରେ କାମ କରୁଥିବା ଅଭିଯୁକ୍ତ ରାଜା ପ୍ରାୟ ସମୟରେ ଉକ୍ତ ଝିଅକୁ କ୍ୟାବିନ୍‌କୁ ଡାକି ଖାଇବାକୁ ଦେଇଥାନ୍ତି। ଏଥିସହ ଥଣ୍ଡା ପାନୀୟରେ ନିଶାଦେଇ ବଳାତ୍କାର କରିଥାନ୍ତି। ଶନିବାର ସେପରି କାର୍ଯ୍ୟ କରିବାକୁ ଗଲାବେଳେ ବସ୍ତିର କେତେଜଣ ମହିଳା ରାଜାଙ୍କୁ କାବୁ କରି ଗଛରେ ବାନ୍ଧି ମାଡ଼ ମାରିଥିଲେ ଏବଂ ପରେ ପୋଲିସ ଜିମା ଦେଇଥିଲେ।

# ଆବୁଧାବିରେ ଫସିଛନ୍ତି ଈଶା ଗୁପ୍ତା

**ଆବୁଧାବି,୧।୩**



ଇରାନ୍‌ର ସାମରିକ ଓ ପରମାଣୁ କେନ୍ଦ୍ର ଉପରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଶନିବାର ବଡ଼ଧରଣର ଆକ୍ରମଣ କରିଛନ୍ତି। ଏହାର ପ୍ରତିବାଦରେ ଇରାନ୍ ମଧ୍ୟ ବାହାରିନ୍, ୟୁଏଇ, ଜୋର୍ଡାନ ଆଦି କେତେକ ଦେଶରେ ଥିବା ଆମେରିକା ଓ ଇସ୍ରାଏଲର ସେନା ଘାଟି ଉପରେ ପାଲଟା ଆକ୍ରମଣ କରିଛି, ଯାହା ଫଳରେ ସମ୍ପୂର୍ଣ୍ଣ ଅଞ୍ଚଳ ଅର୍ଥାତ୍ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟ ଦେଖାଦେଇଛି। ଏଭଳିସ୍ଥଳେ ୟୁଏଇର ଆବୁଧାବିକୁ ଛୁଟି କାଟିବାକୁ ଯାଇଥିବା ବଲିଉଡ୍ ଅଭିନେତ୍ରୀ ଈଶା ଗୁପ୍ତା ସେଠାରେ ଫସିଯାଇଛନ୍ତି। ସେ ସୁରକ୍ଷିତ ଥିବା ସୋସିଆଲ ମିଡିଆ ମାଧ୍ୟମରେ ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି। ସେ କହିଛନ୍ତି ଯେ, ସେଠାକାର ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଏବଂ ଚିନ୍ତାଜନକ ରହିଛି। ସ୍ଥାନୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଭରସା ରଖିଛନ୍ତି ଏବଂ ଶୀଘ୍ର ଘରକୁ ଫେରିବା ପାଇଁ ପ୍ରାର୍ଥନା କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଅଭିନେତ୍ରୀ ତଥା ଗାୟିକା ସୋନାଲ ଚୌହାନ ଦୁବାଇରେ ଫସି ରହିଛନ୍ତି। ବିମାନ ଚଳାଚଳ ବନ୍ଦ ହୋଇଯିବାରୁ ସେ ଭାରତ ଫେରିପାରୁ ନାହାନ୍ତି। ସେ ସୁରକ୍ଷିତ ଭାବେ ଘରକୁ ଫେରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସହାୟତା ମାଗିଛନ୍ତି। ସୂଚନାଥାଉ କି ଯୁଦ୍ଧସ୍ଥିତି ଯୋଗୁ ଦୁବାଇ ଏବଂ ଆବୁଧାବି ବିମାନବନ୍ଦରରେ ଶତାଧିକ ବିମାନ ବାତିଲ ହୋଇଛି, ଯାହା ଫଳରେ ବହୁ ହଜାର ଭାରତୀୟ ପର୍ଯ୍ୟଟକ ସେଠାରେ ଅଟକି ରହିଛନ୍ତି। ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ଥିବା ଭାରତୀୟମାନଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେମାନଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନ ବାହାରିବାକୁ ଏବଂ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ କୁହାଯାଇଛି।

# ମହାନଦୀ ଟ୍ରିବ୍ୟୁନାଲଙ୍କ ବିଳାସମୟ ଗସ୍ତକୁ ବିରୋଧ

## ହୋଟେଲ ସମ୍ମୁଖରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ

**ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)**




ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ର ଓଡ଼ିଶା ଗସ୍ତକୁ ବିରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ମହାନଦୀ ଟ୍ରିବ୍ୟୁନାଲ ଟିମ୍ ୨ ତାରିଖ ପର୍ଯ୍ୟନ୍ତ ୫ଦିନିଆ ଓଡ଼ିଶା ଗସ୍ତରେ ଅଛି। ତେବେ ଟ୍ରିବ୍ୟୁନାଲର ଏହି ଗସ୍ତକୁ ପାରିବାରିକ ବିଳାସମୟ ପିକ୍‌ନିକ ବୋଲି କହି ତୀବ୍ର ବିରୋଧ କରୁଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ରବିବାର ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଟ୍ରିବ୍ୟୁନାଲ ଟିମ୍ ରହୁଥିବା ସ୍ଥାନୀୟ ଏକ ହୋଟେଲ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି। ସୁଦର୍ଶନ କହିଛନ୍ତି, ଓଡ଼ିଶା ଗସ୍ତରେ ଥିବା ମହାନଦୀ ଟ୍ରିବ୍ୟୁନାଲର ୧୦ ସଦସ୍ୟଙ୍କ ଭିତରୁ ୪ଜଣ ହେଉଛନ୍ତି ସେମାନଙ୍କ ପରିବାର ସଦସ୍ୟ। ସେମାନେ ପାଣି ଅଭାବରୁ ପ୍ରଭାବିତ ଅଞ୍ଚଳ ନ ଯାଇ ହୀରାକୁଦ ଡ୍ୟାମ୍, ଦେବ୍ରିଗଡ଼ ଜଙ୍ଗଲ, ସମଲେଇ ମନ୍ଦିର, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାମଚଣ୍ଡୀ, କୋଣାର୍କ ଓ ଚିଲିକା ସି-ମାଉଥ୍ ବୁଲିବା ସହ ବୋଟିଂର ମଜା ନେଉଛନ୍ତି। କେବଳ ହୀରାକୁଦକୁ ଛାଡିଦେଲେ ଅନ୍ୟ ସ୍ଥାନଗୁଡିକ ମହାନଦୀର ସ୍ଥିତି ଆକଳନ ପାଇଁ ଉଦ୍ଦିଷ୍ଟ ନୁହେଁ। ଏଗୁଡିକ କେବଳ ପର୍ଯ୍ୟଟନସ୍ଥଳୀ। ତେଣୁ ପରିବାର ବନ୍ଧୁବାନ୍ଧବ ଧରି ଗରିବ ଓଡିଶା ଲୋକଙ୍କ ଟିକସ ପଇସାରେ ବୁଲି ମଉଜ କରିବାକୁ ଆସିଥିବା ଟ୍ରିବ୍ୟୁନାଲକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ କରୁଛି। ୨୦୨୩ରେ ଟ୍ରିବ୍ୟୁନାଲର ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ୫କୋଟି ଖର୍ଚ୍ଚ ହୋଇଥିବାବେଳେ ଏଥର ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ରାଜ୍ୟ ସରକାରଙ୍କ ବିଳାସପୂର୍ଣ୍ଣ ଅତିଥିଭବନ ଥିବାବେଳେ ପାଞ୍ଚତାରକା ହୋଟେଲରେ ଟ୍ରିବ୍ୟୁନାଲଙ୍କ ରହଣି କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ଅଧିକାରୀ ଏହି ଗସ୍ତ ପାଇଁ ଅନୁମତି ଦେଇଛନ୍ତି ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଦରମାରୁ ଅର୍ଥ ଅସୁଲ ପାଇଁ ମଧ୍ୟ ସଂଗଠନ ଦାବି କରିଛି। ଏଥିସହ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀକାଳୀନ ଅନ୍ତରୀଣ ଆଦେଶରେ ଅଣମୌସୁମୀ ସମୟରେ ମହାନଦୀର ନିତାନ୍ତ ଆବଶ୍ୟକ ପାଣି ଛାଡିବାକୁ ଛତିଶଗଡ଼କୁ ତୁରନ୍ତ ନିର୍ଦ୍ଦେଶ ଦେବା, କଲମା ବ୍ୟାରେଜରେ ପାଣିକୁ ସମ୍ପୂର୍ଣ୍ଣ ବନ୍ଦ କରିବାରୁ ନିବୃତ୍ତ ରହିବା ପାଇଁ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ କହିଛନ୍ତି। ପ୍ରତିବାଦରେ ସଙ୍ଗଠନର ସହଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ଏନ୍ଏଚ୍ଆର୍‌ସି କୋର୍ ମେମ୍ବର ମନୋଜ ଜେନା, ସିପିଏମ୍‌ର ପ୍ରଦୀପ୍ତ ନାୟକ, ଓଡିଶା ପାଣି ପଞ୍ଚାୟତ ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଅଶୋକ ପାଇକରାୟ, ମିଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।)–ଶ୍ରୀମା

-ବରାହ ଦୋଳ, ରାଜାଗ୍ନି ଓ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା



# ଇରାନ ନିଆଁ

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଇରାନର ଏକ ସ୍କୁଲରେ ୮୫ ଛାତ୍ରୀଙ୍କ ସହ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ। ଇରାନକୁ ଦୃଢ଼ ହସ୍ତରେ ଦମନ କରି ଶାସନ ଚଳାଉଥିବା ଖାମେନେଇଙ୍କ ପରେ କିଏ ନେତୃତ୍ୱ ନେବେ ତାହା କହିବା କଷ୍ଟକର। ଶୁଣିବାକୁ ମିଳୁଥିଲା ତାଙ୍କ ପୁଅ ମୋଜତାବା ଖାମେନେଇ ଆଗକୁ ନେତୃତ୍ୱ ନେଇପାରନ୍ତି। କିନ୍ତୁ ଆୟାତୋଲ୍ଲା ଅଲୀରେଜା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା ହୋଇଥିବା ଶୁଣିବାକୁ ମିଳୁଛି। ୩ ଜଣିଆ ଟ୍ରାଞ୍ଜିଶନାଲ କାଉନ୍‌ସିଲର ସେ ଅନ୍ୟତମ ନେତା। ସେ ମଧ୍ୟ ଗାର୍ଡିଅନ କାଉନ୍‌ସିଲର ସଦସ୍ୟ ଅଛନ୍ତି।

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଦୀର୍ଘବର୍ଷ ହେବ ଆମେରିକା ବିରୋଧ କରିଚାଲିଛି। ଇସ୍‌ଲାମିକ ସାଧାରଣତନ୍ତ୍ର ଇରାନର କାର୍ଯ୍ୟକଳାପ ପାଶ୍ଚାତ୍ୟ ଦୁନିଆ ପାଇଁ ବିପଦ ବୋଲି ଆମେରିକା କହି ଆସୁଥିବା ବେଳେ ଇସ୍ରାଏଲ ସହ ମିଳିତ ଆକ୍ରମଣ ଇରାନକୁ ଡରେଇ ଦେଇଛି ବୋଲି ଆଲୋଚନା ହେଉଛି। ଅନ୍ୟ ଏକ ଘଟଣା ହେଲା ଇରାନ ଉପରେ ଆକ୍ରମଣ ବିଶେଷକରି ଖାମେନେଇଙ୍କ ମୃତ୍ୟୁକୁ ଅନ୍ୟ ଇସ୍‌ଲାମିକ୍ ରାଷ୍ଟ୍ର ନିନ୍ଦା କରୁ ନ ଥିବା ଦେଖିବାକୁ ମିଳିଛି। ସାଉଦି ଆରବ ଇସ୍‌ଲାମିକ୍ ବିଶ୍ୱର ନେତୃତ୍ୱ ନେବାକୁ ଚାହୁଁଥିବା ବେଳେ ଖାମେନେଇ ନିଜର ପତିଆରା ବଢ଼ାଇବାକୁ ଚାହୁଁଥିଲେ। ତେଣୁ ଖାମେନେଇଙ୍କ ଯୁଗ ଶେଷ କରିବାକୁ କିଛି ଇସ୍‌ଲାମିକ ଦେଶ ଆମେରିକାକୁ ସମର୍ଥନ କରୁଥିଲେ। ପୁଣି ଦେଖିଲେ ଇରାନ ଏକ ଶିୟାବହୁଳ ରାଷ୍ଟ୍ର। ଇସ୍‌ଲାମିକ୍ ବିଶ୍ୱରେ ସୁନ୍ନିଙ୍କ ପ୍ରଭାବ ଥିବାରୁ ଇରାନ ନେତୃତ୍ୱ ନେଉ ବୋଲି ଅନେକ ଦେଶ ଚାହୁଁନାହାନ୍ତି। ଏଥିସହିତ କୁହାଯାଇପାରେ ଯେ, ଖାମେନେଇଙ୍କୁ ବିରୋଧ କରୁଥିବା ଇରାନୀୟ ଗୋଷ୍ଠୀ ଏହି ଆକ୍ରମଣରେ ଖୁସିବ୍ୟକ୍ତ କରିଛନ୍ତି। ସେମାନେ ଶାସନ ପରିବର୍ତ୍ତନ ପାଇଁ ଯେଉଁ ଆନ୍ଦୋଳନ କରୁଥିଲେ ତାହା ଏହି ଘଟଣାକ୍ରମ ଦ୍ୱାରା ଫଳପ୍ରସୂ ହେବାର ସମ୍ଭାବନା ବଢ଼ିଛି। ଅନ୍ୟପକ୍ଷରେ ଖାମେନେଇଙ୍କ ସମର୍ଥକମାନେ ଅତ୍ୟନ୍ତ କଠୋରପନ୍ଥୀ ହୋଇଥିବାରୁ ସେମାନେ ଆମେରିକା ଓ ଇସ୍ରାଏଲ ଉପରେ ପ୍ରତିହିଂସାପରାୟଣ ହୋଇଯାଇଥିବାରୁ ଯୁଦ୍ଧ ବଢ଼ିବା ବିଷୟକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ।

ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ତାହାର ଜବାବ ଦେବାକୁ ଯାଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ୍, ଜୋର୍ଡାନ ଓ କୁଏଟ୍ ସମେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟି ଉପରେ ଇରାନ୍ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଛି। ଏଥିସହିତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେବା ପରେ ବିଶ୍ୱବ୍ୟାପୀ ଅନ୍ୟ ଏକ ସଙ୍କଟ ଦେଖାଦେଲାଣି। ପ୍ରାୟ ୨୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଏବଂ ଶୋଧିତ ଉତ୍ପାଦ ଇରାନ ଓ ଓମାନ ମଧ୍ୟରେ ଥିବା ସଂକୀର୍ଣ୍ଣ ଜଳପଥ ମାଧ୍ୟମରେ ପରିବହନ ହୋଇଥାଏ। ଏକ ହିସାବରୁ ଜଣାପଡ଼ିଛି ଯେ, ବିଶ୍ୱବ୍ୟାପୀ ତେଲ ବ୍ୟବହାରର ପ୍ରାୟ ଏକ ପଞ୍ଚମାଂଶ ଏହି ପଥ ଦ୍ୱାରା ହୋଇଥାଏ। ତେଣୁ ଏହି ଆକ୍ରମଣ ବିଶ୍ୱ ଶକ୍ତି ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି କରିପାରେ, ଯାହା ଆମେରିକା ଚାହୁଁଥାଇପାରେ। ଏଥିଯୋଗୁ ଅନ୍ତର୍ଜାତୀୟ ଅର୍ଥନୀତି ଘୋର ପ୍ରଭାବିତ ହେବା ଥୟ। କୋଭିଡ୍ ୧୯ ମହାମାରୀ ପରେ ବିଶ୍ୱ ଅର୍ଥନୀତି ମାନ୍ଦା ହୋଇଯାଇଥିବା ବେଳେ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଏହି ସଙ୍କଟକୁ ବଢ଼ାଇ ଦେଇଥିଲା। ଏଭଳି ଅସ୍ଥିରତା ଭିତରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ସ୍ଥିତିକୁ ଅଧିକ ସଙ୍ଗିନ କରିଦେବା ଦେଖାଯାଉଛି। ଖାମେନେଇଙ୍କ ମୃତ୍ୟୁ ପରେ ଯଦି ଇରାନ ଆଲୋଚନା ଟେବୁଲକୁ ଆସେ ତାହା ହେଲେ ଯୁଦ୍ଧ ସ୍ଥିତି ଥମିପାରେ। ତାହା ନ ହୋଇ ଯଦି ଯୁଦ୍ଧର ପରିସର ବ୍ୟାପକ ହୁଏ, ତେବେ ଭୂରାଜନୈତିକ ପ୍ରେକ୍ଷାପଟରେ ଏକ ବିଭୀଷିକା ସୃଷ୍ଟି ହେବ। ଏପରି ମଧ୍ୟ ହୋଇପାରେ ଯେ ଆହୁରି ଘୋର କଠୋରପନ୍ଥୀଙ୍କ ହାତକୁ ଇରାନର ଭାଗ୍ୟ ଟେକି ହୋଇଯିବ। ଇରାନକୁ ରୁଷିଆ ସମର୍ଥନ କରି ତାହାକୁ ଟିହାଇଲେ ଅସମ୍ଭାଳ ପରିସ୍ଥିତି ଉପୁଜିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ଇରାନର ଦୀର୍ଘ ଦିନର ବାଣିଜ୍ୟ ସହଯୋଗୀ ଚାଇନା ଏବର ଆମେରିକା-ଇସ୍ରାଏଲର ଆକ୍ରମଣକୁ ବିରୋଧ କରିଛି। ମନେରଖିବାକୁ ହେବ ଯେ, ଇରାନ ତୈଳର ସିଂହଭାଗ ଚାଇନା ଶସ୍ତାରେ କିଣିଥାଏ। ୨୦୨୫ରେ ଇରାନର ୮୦ ପ୍ରତିଶତ ତୈଳ ଚାଇନା କିଣିଥିଲା। ଚାଇନାର ଦୈନିକ ମୋଟ ତୈଳ ଆମଦାନୀର ୧୩ ପ୍ରତିଶତରୁ ଅଧିକ ଥିଲା ଇରାନୀୟ ତେଲ। ଏଥିସହିତ ୨୦୨୧ରେ ଚାଇନା ଓ ଇରାନ ଏକ ୨୫ ବର୍ଷିଆ ରଣନୀତିକ ସହଭାଗିତା ବୁଝାମଣା ସ୍ୱାକ୍ଷର କରିଥିଲେ। ଏପରିକି ବ୍ରିକ୍ସ ପ୍ଲସ୍‌ରେ ଇରାନକୁ ଚାଇନା ସଦସ୍ୟ ଭାବେ ଆମନ୍ତ୍ରିତ କରି ସ୍ଥାନ ଦେଇଛି। ଏସବୁକୁ ଦେଖିଲେ ଆମେରିକାର ଇରାନ ଉପରେ ଆକ୍ରମଣର ମୁଖ୍ୟ କାରଣ ଜଳଜଳ ଦିଶୁଛି। ଭେନେଜୁଏଲା ନେତା ନିକୋଲାସ ମାଦୁରୋଙ୍କୁ ଆମେରିକା ଉଠାଇନେଇ ସେହି ଦେଶ ଉପରେ ଅକ୍ତିଆର ଜମାଇବାର ମୁଖ୍ୟ କାରଣ ତୈଳ ବୋଲି କୁହାଯାଉଛି। ଏବର ଯୁଦ୍ଧ ଆରମ୍ଭ ହେବା ପରଠୁ ତୈଳ ଦରରେ ନିଆଁ ଲାଗିଲାଣି।

ଖାମେନେଇଙ୍କୁ ହତ୍ୟା କରିବା ପରେ ଇରାନ ଉପରେ ଆମେରିକାର ଆଧିପତ୍ୟ କେତେ ବଢ଼ିବ ତାହାକୁ ନେଇ ଚର୍ଚ୍ଚା ହେଲାଣି। ଇତିହାସ ଦେଖିଛି, ଆମେରିକା ସବୁବେଳେ ଇସ୍‌ଲାମିକ୍ ବିଶ୍ୱକୁ ଟାର୍ଗେଟ୍ କରିଆସିଛି। ଫଳରେ ମଧ୍ୟପ୍ରାଚ୍ୟରେ ସ୍ଥିତି ସ୍ୱାଭାବିକ ହୋଇପାରୁ ନାହିଁ। ଗୋଟେ ପଟେ ଅନେକ ଯୁଦ୍ଧ ବନ୍ଦ କରି ନୋବେଲ ଶାନ୍ତି ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ଲାଭକୁ ଦେଖି ବିଶ୍ୱବ୍ୟାପୀ ଅରାଜକତା ସୃଷ୍ଟି କରୁଛନ୍ତି। ତାଙ୍କ ସହ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଯୋଗଦାନ ଆଉ ଏକ ବିଶ୍ୱ ବିଶୃଙ୍ଖଳାର ବୀଜ ବପନ କଲା ବୋଲି ଧରାଯିବ। ତୈଳ ପାଇଁ ଆମେରିକା ଲଗାଉଥିବା ନିଆଁ କେବେ ଥମିବ ଆକଳନ କରିବା କଷ୍ଟକର।

# ଜୀବନରେ ଭୁଲ୍



ପ୍ରକାଶ ତ୍ରିପାଠୀ

ସମସ୍ତେ ଭୁଲ୍ କରନ୍ତି ଏବଂ ଏହା ପ୍ରତ୍ୟେକଙ୍କ ଜୀବନର ଏକ ଅଂଶ। କେତେକେ ଭୁଲ୍ କଲେ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାନ୍ତି । କେତେଜଣ ଭୁଲ୍‌କରି ଜାଣିପାରନ୍ତି, ସେମାନେ ସେଥିରୁ ଶିଖନ୍ତି, ସଂଶୋଧନ କରନ୍ତି ଏବଂ ତା'ପରେ ଆଗକୁ ବଢ଼ିଥାନ୍ତି। ସେମାନେ ଜାଣନ୍ତି ଯେ, ଯଦି ସେମାନେ ଏକ ଭୁଲ୍‌କୁ ଅଣଦେଖା କରନ୍ତି ତେବେ ସେମାନେ ଏକ ନକାରାତ୍ମକ ଚକ୍ରରେ ଫସିଯାଇପାରନ୍ତି, ଯାହା ସେମାନଙ୍କୁ ବିଫଳତା ଆଡ଼କୁ ନେଇଯିବ। ଜୀବନରେ ଭୁଲ୍‌ହେବା ସ୍ୱାଭାବିକ। ଆମେ ସମସ୍ତେ ଭୁଲ୍ କରିଥାଉ। କୁହାଯାଏ, ମଣିଷ ଭୁଲ୍‌ର ଉତ୍ପାଦ। ଏହାର ଏକ ଅର୍ଥ ହୋଇପାରେ ଯେ ଜଣେ ବ୍ୟକ୍ତି କେବଳ ନିଜ ଭୁଲ୍‌ରୁ ଶିଖି ଭଲ ମଣିଷ ହୋଇଯାଏ। ଯେପରି ବିଭିନ୍ନ ଅସୁବିଧା ମଣିଷକୁ କଷ୍ଟକର ପରିସ୍ଥିତିରେ ବଞ୍ଚିବା ଏବଂ ଉନ୍ନତି କରିବା ଶିଖାଏ, ସେହିପରି ସେମାନଙ୍କର ଭୁଲ୍ ମଧ୍ୟ ସର୍ବୋତ୍ତମ ଶିଖିବାର ସୁଯୋଗ ପ୍ରଦାନ କରେ। ଭୁଲ୍ ବିନା ମଣିଷ କିଛି ଶିଖିପାରିବ ନାହିଁ। ଭୁଲ୍ ଅପରାଧ ନୁହେଁ, କିନ୍ତୁ ସେଗୁଡ଼ିକୁ ସଂଶୋଧନକରିବା ଜରୁରୀ। ଯଦି ଆମେ କୌଣସି ଭୁଲ୍ ସଂଶୋଧନ ନ କରୁ, ତେବେ ଏହା ଏକ ଅଭ୍ୟାସ ହୋଇଯାଏ। ଏହା ଆମ ଆଚରଣର ଏକ ଅଂଶ ପାଲଟିଯାଏ ଏବଂ ଶେଷରେ ଆମକୁ କ୍ଷତି ପହଞ୍ଚାଏ। ତେଣୁ ଭୁଲ୍ ବୁଝିବା ପରେ ମଧ୍ୟ ସଂଶୋଧନ ନ କରିବା କିମ୍ବା ତାହାକୁ ବାରମ୍ବାର ପୁନରାବୃତ୍ତି କରିବା ଅପରାଧଠାରୁ କମ୍ ନୁହେଁ ବୋଲି ବିବେଚନା କରାଯାଏ।

ବାରମ୍ବାର ସମାନ ଭୁଲ୍ କରୁଥିବା ବ୍ୟକ୍ତିଙ୍କୁ କୁହାଯାଏ ତ୍ରୁଟିବାଦୀ । ଜଣେ ତ୍ରୁଟିବାଦୀ ଏବଂ ଅପରାଧୀଙ୍କ ମଧ୍ୟରେ କୌଣସି ବିଶେଷ ପାର୍ଥକ୍ୟ ନ ଥାଏ । ଜଣେ ବ୍ୟକ୍ତି ଯେତେବେଳେ ନିଜର ଭୁଲ୍‌କୁ ସ୍ୱୀକାରକରିବା ଏବଂ ସଂଶୋଧନ କରିବା ପରିବର୍ତ୍ତେ ବାରମ୍ବାର ସେହି ଭୁଲ୍ କରନ୍ତି ସେତେବେଳେ ସେ ଅପରାଧୀ ହୋଇଯାଆନ୍ତି। ଚୋରି କରିବା, ଅତ୍ୟଧିକ ଲୋଭ କରିବା, ମିଛ କହିବା, ଧମକ ଏବଂ ହିଂସାର ଆଶ୍ରୟ ନେବା, ସମୟ ଥିଲେ ମଧ୍ୟ ଆଜିର କାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ସ୍ଥଗିତ ରଖିବା, ନିଜର ଭାବନା କିମ୍ବା ଚିନ୍ତାଧାରାକୁ ନିୟନ୍ତ୍ରଣ ନ କରିବା, ସାମାନ୍ୟ କଥାରେ କ୍ରୋଧିତ ହେବା, କ୍ଷମା ଏବଂ ସମ୍ବେଦନଶୀଳତାର ଅଭାବ, ପ୍ରତ୍ୟେକ ପରିସ୍ଥିତିରେ ଅସନ୍ତୁଷ୍ଟ ରହିବା ଏବଂ ଦୋଷ ଖୋଜିବା ଓ ଅନ୍ୟାନ୍ୟ ନକାରାତ୍ମକ ଭାବନା କିମ୍ବା ଅଭ୍ୟାସ ହେଉଛି ଭୁଲ୍ ଯାହାକୁ ସ୍ୱୀକାର କରିବା ଏବଂ ସଂଶୋଧନ କରିବା ଆବଶ୍ୟକ। ସେଥିପାଇଁ କୁହାଯାଏ, ଭୁଲ୍ କରିବା ମଣିଷର ପ୍ରକୃତି, ନିଜର ଭୁଲ୍‌କୁ ସ୍ୱୀକାର କରିବା



ସଂସ୍କୃତି ଏବଂ ଭୁଲ୍‌କୁ ସୁଧାରିନେବା ମଣିଷର ପ୍ରଗତି। ନଚେତ୍, ଆମକୁ ଜଣେ ସାଧାରଣ ବ୍ୟକ୍ତିରୁ ଜଣେ ହୀନବ୍ୟକ୍ତି ହେବାକୁ ବହୁ ସମୟ ଲାଗିବ ନାହିଁ। ଏହି ଭୁଲ୍‌ଗୁଡ଼ିକ ହିଁ ଜଣେ ବ୍ୟକ୍ତିକୁ କୁଖ୍ୟାତ କରିଥାଏ ଏବଂ ସେଗୁଡ଼ିକୁ ସଂଶୋଧନକରି ଜଣେ ପ୍ରସିଦ୍ଧ କିମ୍ବା ପ୍ରଖ୍ୟାତ ହୋଇଯାଏ। ବାସ୍ତବରେ, ଆମର ସମସ୍ତ ନକାରାତ୍ମକ ଭାବନା ଏବଂ ସେଗୁଡ଼ିକରୁ ସୃଷ୍ଟି ହେଉଥିବା କାର୍ଯ୍ୟଗୁଡ଼ିକ ଆମର ଭୁଲ୍। ଯେଉଁମାନେ ନିଜର ଭୁଲ୍‌କୁ ସକାରାତ୍ମକ ଢଙ୍ଗରେ ସଂଶୋଧନକରି ନିଜର ପରବର୍ତ୍ତୀ କାର୍ଯ୍ୟ ସମ୍ପାଦନ କରିଥାନ୍ତି ସେମାନେ ଜୀବନରେ ଈପ୍ସିତ ପ୍ରଗତି ହାସଲ କରିପାରିଥାନ୍ତି ।

କିଏ ଭୁଲ୍ କରେନାହିଁ? ମହାତ୍ମା ଗାନ୍ଧୀ ଆତ୍ମଜୀବନୀରେ ତାଙ୍କ ଭୁଲ୍ ଏବଂ ତ୍ରୁଟି ବିଷୟରେ ସ୍ପଷ୍ଟଭାବରେ ଲେଖିଛନ୍ତି। ସେ ତାଙ୍କ ଜୀବନରେ ଅନେକ ଭୁଲ୍ କରିଥିଲେ, କିନ୍ତୁ ସେ କେବେ ସେ ଭୁଲ୍‌କୁ ଲୁଚାଇ ନ ଥିଲେ କିମ୍ବା ତା'ର ପୁନରାବୃତ୍ତି କରି ନ ଥିଲେ। ସେ ସାହସର ସହ ତାଙ୍କର ଭୁଲ୍ ସ୍ୱୀକାର କରିଥିଲେ ଏବଂ ସେଗୁଡ଼ିକୁ ସଂଶୋଧନ କରିଥିଲେ। ଗାନ୍ଧିଜୀଙ୍କ ପିଲାଦିନର ଏକ ଘଟଣା । ସେ ଜଣେ ଦୋକାନୀଙ୍କଠାରୁ ଅଧିକ ବାକି କରିଦେଇଥିଲେ। ସେ ଏକଥା ଘରେ କାହାକୁ ନ କହି ଋଣ ପରିଶୋଧ କରିବା ପାଇଁ ଏକ ଭୁଲ୍ ପନ୍ଥାର ଆଶ୍ରୟ ନେଲେ। ସେ ତାଙ୍କ ମାଆଙ୍କ ସୁନାଚୁଡ଼ିରୁ ଅଳ୍ପ ପରିମାଣର ସୁନା କାଟି ବିକ୍ରିକରି ଋଣ ପରିଶୋଧ କରିଥିଲେ। ପରେ କିନ୍ତୁ ଏହି କାର୍ଯ୍ୟ ତାଙ୍କୁ ଗଭୀର ଦୁଃଖ ଦେଇଥିଲା। ସେ ଅନୁତାପରେ ଜଳିବାକୁ ଲାଗିଲେ। ତା' ପରେ ସେ ସବୁ ସତକଥା ନିଜର ବାପାଙ୍କୁ କହିବାକୁ ନିଷ୍ପତ୍ତି ନେଲେ। ହେଲେ ବାପାଙ୍କ ସମ୍ମୁଖରେ ଏସବୁ କହିବାକୁ ତାଙ୍କର ସାହସ ନ ହେବାରୁ ସବୁକିଛି ଏକ ଚିଠିରେ ଲେଖି ତାଙ୍କ ବାପାଙ୍କୁ ଦେଲେ। ସେ ସମୟରେ ତାଙ୍କ ବାପା ଅସୁସ୍ଥ ଥିଲେ। ଚିଠିଟି ପଢ଼ିବା ପରେ ତାଙ୍କ ଆଖିରେ ଲୁହ ଆସିଗଲା। ଗାନ୍ଧିଜୀ ମଧ୍ୟ କାନ୍ଦିବାକୁ ଲାଗିଲେ ଏବଂ ତାଙ୍କ ବାପାଙ୍କ ସମ୍ମୁଖରେ ଶପଥକଲେ ଯେ ସେ ଜୀବନରେ ଆଉ କେବେ ଏପରି ଭୁଲ୍ କରିବେ ନାହିଁ। ଗାନ୍ଧିଜୀ ତାଙ୍କ ଜୀବନସାରା କେବଳ ତାଙ୍କର ପ୍ରତିଜ୍ଞା ପୂରଣ କରି ନ ଥିଲେ ବରଂ ତାଙ୍କର ଅନ୍ୟାନ୍ୟ ଦୁର୍ଗୁଣକୁ ମଧ୍ୟ ପରିତ୍ୟାଗ କରିଥିଲେ ଏବଂ ସଦ୍‌ଗୁଣକୁ ଜୀବନର ବ୍ରତ କରିଥିଲେ। ଯେତେବେଳେ ପ୍ରଥମ ଥର ପାଇଁ ଏକ ଭୁଲ୍ କରାଯାଏ, ତାହାକୁ ସ୍ୱୀକାର କରିବା ଏବଂ ଲୁଚାଇବା ପରିବର୍ତ୍ତେ ସଂଶୋଧନ କରିବା ହେଉଛି ଏକ ଖରାପ ମଣିଷରୁ ଭଲ ମଣିଷ ହେବା ଦିଗରେ ଏକ ପଦକ୍ଷେପ। ସେହିପରି ନିଜର ଭୁଲ୍‌ରୁ ଶିକ୍ଷା ନ କରି ଯିଏ ବାରମ୍ବାର ଭୁଲ୍ କରନ୍ତି, ସେମାନେ ଏହାର କୁଫଳ ଭୋଗନ୍ତି। ମହମ୍ମଦ ଘୋରୀଙ୍କୁ ପ୍ରଥମ ତରାଇ ଯୁଦ୍ଧରେ ପରାସ୍ତ କରିଥିଲେ ପୃଥ୍ୱୀରାଜ ଚୌହାନ ଓ ମାନବିକତା ଆଧାରରେ ହତ୍ୟା ନ କରି କ୍ଷମା କରିଥିଲେ। ଘୋରୀଙ୍କୁ ପ୍ରଥମ ଥର ପରାସ୍ତ କରିବା ବେଳେ ତାଙ୍କୁ ହତ୍ୟା କରିବାକୁ ମନ୍ତ୍ରୀ ପରିଷଦ ଏବଂ ତାଙ୍କ ସ୍ତ୍ରୀ ପରାମର୍ଶ ଦେଇଥିଲେ ପୃଥ୍ୱୀରାଜଙ୍କୁ। ହେଲେ ପରାମର୍ଶ ଗ୍ରହଣ ନ କରି ମସ୍ତବଡ଼ ଭୁଲ୍ କରିଥିଲେ ପୃଥ୍ୱୀରାଜ ଚୌହାନ। ଶେଷରେ ସେହି ମହମ୍ମଦ ଘୋରୀ ପୃଥ୍ୱୀରାଜଙ୍କୁ ତା' ପରବର୍ଷ ପରାସ୍ତକରି ବନ୍ଦୀ କରିବା ସହ ମୃତ୍ୟୁଦଣ୍ଡ ଦେଇଥିଲେ। ପୃଥ୍ୱୀରାଜଙ୍କ ଏହି ଭୁଲ୍ ପାଇଁ ଭାରତ ଅନେକ ଶହ ବର୍ଷ ଧରି ପରାଧୀନ ହୋଇଗଲା । କେତେଜଣ ଐତିହାସିକ ମତ ଦିଅନ୍ତି ଯେ ଥରେ ନୁହେଁ, ଅନେକ ଥର ମହମ୍ମଦ ଘୋରୀଙ୍କୁ ପରାସ୍ତ କରିଥିଲେ ମଧ୍ୟ ପ୍ରତିଥର ପୃଥ୍ୱୀରାଜ ଦୟା ପ୍ରଦର୍ଶନକରି ଘୋରୀଙ୍କୁ ଛାଡ଼ି ଲଗାତର ଭୁଲ୍ କରୁଥିଲେ ଯାହାର ପରିଣାମ ସେ ଓ ସମଗ୍ର ଭାରତବର୍ଷ ଭୋଗିଥିଲା।

କେବଳ ଜଣେ ଅପରାଧୀ ନୁହେଁ,ଜଣେ ଭୀରୁ କିମ୍ବା ଭୟଭୀତ ବ୍ୟକ୍ତି ମଧ୍ୟ କେବେ ବି ନିଜର ଭୁଲ୍ ସ୍ୱୀକାର କରନ୍ତି ନାହିଁ। ତେଣୁ ସେ ସେଗୁଡ଼ିକୁ ସଂଶୋଧନ କରନ୍ତି ନାହିଁ କିମ୍ବା ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ। ଯେତେବେଳେ ରତ୍ନାକର ନାମକ ଜଣେ ବ୍ୟକ୍ତି ନିଜର ଭୁଲ୍‌ଗୁଡ଼ିକୁ ଅନୁଭବ କଲେ ଏବଂ ନିଜର ନୀଚ ଦସ୍ୟୁବୃତ୍ତି ପରିତ୍ୟାଗ କରିବାକୁ ନିଷ୍ପତ୍ତି ନେଲେ, ତାଙ୍କ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ତାଙ୍କର କରୁଣା ଏପରି ଶୀର୍ଷରେ ପହଞ୍ଚିଲା ଯେ ସେ ମହାକାବ୍ୟ ରାମାୟଣ ରଚନାକଲେ ଏବଂ ବାଲ୍ମୀକି ଭାବରେ ପ୍ରସିଦ୍ଧ ହେଲେ। ଆମର ତ୍ରୁଟିଗୁଡ଼ିକୁ ଆବିଷ୍କାରକରି ସେଗୁଡ଼ିକୁ ସଂଶୋଧନକଲେ ଆମେ ଚାହିଁଲେ ସନ୍ଥ ହୋଇପାରିବା, ନ ଚାହିଁଲେ ଅପରାଧୀ ହୋଇପାରିବା। ''ଯେଉଁ ବ୍ୟକ୍ତି କେବେ ଭୁଲ୍ କରିନାହିଁ, ସେ କେବେ ନୂଆ କିଛି କରିବାକୁ ଚେଷ୍ଟା କରିନାହିଁ।'' – ଆଲବର୍ଟ ଆଇନ୍‌ଷ୍ଟାଇନଙ୍କ ଏହି ଉକ୍ତି ଆମକୁ ମନେପକାଇ ଦିଏ ଯେ ଭୁଲ୍‌ଗୁଡ଼ିକ ବିଫଳତାର ଲକ୍ଷଣ ନୁହେଁ, ବରଂ ପ୍ରୟାସର ପ୍ରମାଣ। କିଛି ନୂଆ ଚେଷ୍ଟା କରିବା ସର୍ବଦା ଅନିଶ୍ଚିତତା ସହ ଜଡ଼ିତ ଏବଂ ତ୍ରୁଟିଗୁଡ଼ିକରୁ ଶିଖିବା ଅଭିବୃଦ୍ଧିର ଏକ ଅଂଶ। ଦାର୍ଶନିକ କ୍ୟୁଲେନ୍ ହାଇଟାୱାରଙ୍କ ମତରେ ନିଜର ଭୁଲ୍‌ରେ ହସିବା ଜୀବନକୁ ଦୀର୍ଘ କରିପାରେ। ହେଲେ ଅନ୍ୟ କାହାର ଭୁଲ୍‌କୁ ଦେଖି ହସିବା ଜୀବନକୁ ହ୍ରାସ କରିପାରେ। ସେହିମାନେ ହିଁ ଭୁଲ୍ କରି ନ ଥାନ୍ତି, ଯେଉଁମାନେ ଜୀବନରେ କିଛି କରି ନ ଥାନ୍ତି ଓ ସେମାନଙ୍କ ପାଇଁ ତାହା ହିଁ ବଡ଼ ଭୁଲ୍ ।

ମୋ:୯୪୩୭୨୩୨୪୬୩

# ପ୍ରଶ୍ନ: କ'ଣ, କିପରି, କାହିଁକି



ବିଭାବସୁ ଦତ୍ତ

ମାନବର ବିବର୍ତ୍ତନ ସମ୍ବନ୍ଧୀୟ ବିଦ୍ୟା ବା ନୃତତ୍ତ୍ୱ ଅନ୍ୟ ସମସ୍ତ ଜୀବଙ୍କଠାରୁ କିଛିଟା ଅଲଗା। ଅନ୍ୟ ପ୍ରାଣୀ ଓ ଉଦ୍ଭିଦମାନଙ୍କଠାରେ ମୁଖ୍ୟତଃ ଦେଖାଦିଏ କ୍ରମିକ ଶାରୀରିକ ପରିବର୍ତ୍ତନ। ମାନବ ଶରୀରରେ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ପରିବର୍ତ୍ତନ ଆସିଛି। କିନ୍ତୁ ସର୍ବୋପରି ମାନବର ବୌଦ୍ଧିକ ଶକ୍ତି ଏବଂ ଚେତନାର ଉତ୍ତରଣ ଘଟିଛି। ଅନ୍ୟାନ୍ୟ ଜୀବଜନ୍ତୁ ସମୟ ସହିତ ତାଳଦେଇ ଚାଲାକ୍ ଚତୁର ହୋଇଛନ୍ତି। କିନ୍ତୁ ମାନବର ଚେତନା ଓ ଧୀ ଶକ୍ତିର ଅଗ୍ରଗତି ତୁଳନାରେ ତାହା ଅତି ନଗଣ୍ୟ।

ତେବେ କାହିଁକି ମଣିଷ କ୍ରମାଗତ ଭାବେ ବୁଦ୍ଧିମାନ୍ ହେବା ଅବସରରେ ଅନ୍ୟ ପ୍ରାଣୀମାନେ ଏତେ ପଛରେ ରହିଯାଇଛନ୍ତି? ପ୍ରଶ୍ନଟି ଯେତିକି ଜଟିଳ, ତା'ର ଉତ୍ତରଟି ସେତିକି ସରଳ। ପ୍ରକୃତରେ ଏ ପ୍ରଶ୍ନର ସମାଧାନ ହେଉଛି ଖୋଦ୍ ସେଇ 'ପ୍ରଶ୍ନ'। କିନ୍ତୁ 'ପ୍ରଶ୍ନ' ବା ନିଜେ 'ପ୍ରଶ୍ନର' ଉତ୍ତର ହେଲା କେମିତି? କ'ଣ ଏମିତି ଅଛି ସେ 'ପ୍ରଶ୍ନ'ରେ! ଅପରପକ୍ଷରେ ପୁଣି ପ୍ରଶ୍ନ ପଚାରିବାର ଆବଶ୍ୟକତା ବା କାହିଁକି ଅଛି?

ବିଚାର କରନ୍ତୁ, ପ୍ରଶ୍ନ ପଚାରିବାର ଏହି ଅଭ୍ୟାସ ଆମକୁ ଆଣିଦେଇଛି ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଉତ୍ତରଣ। ସଭ୍ୟତାର ଆରମ୍ଭରୁ ମଣିଷ ମୁଖ୍ୟତଃ ଦୁଇ ପ୍ରକାରର ପ୍ରଶ୍ନ ପଚାରିବା ଆରମ୍ଭ କରିଛି। ପ୍ରଥମଟି ଭୌତିକ ସ୍ତରରେ ଓ ଅନ୍ୟଟି ଆଧିଭୌତିକ ସ୍ତରରେ। ଭୌତିକ ସ୍ତରରେ ପ୍ରଶ୍ନ; ଯେପରି ମଣିଷ ନିଜ ଚତୁଃପାର୍ଶ୍ୱରେ ଦୈନନ୍ଦିନ ଦେଖୁଥିବା ସମସ୍ତ ପ୍ରକ୍ରିୟାର କାରଣ ଜାଣିବାକୁ ଚାହିଁଛି। ଆକାଶଟି କାହିଁକି ନୀଳାଭ? ଝରଣା କାହିଁକି ଉର୍ଦ୍ଧ୍ୱମୁଖୀ ପ୍ରବାହିତ ହେଉନାହିଁ? କେବଳ ନିମ୍ନଗାମୀ ହେଉଛି। ଗଛର ପତ୍ର କାହିଁକି ସବୁଜ? ଏ ପ୍ରଶ୍ନଗୁଡ଼ିକର ଅନ୍ତ ନାହିଁ; ପ୍ରଶ୍ନର ଆଦି କେବେଠାରୁ ତାହା ମଧ୍ୟ ଜଣାନାହିଁ। ପ୍ରକୃତି ପୁଣି ନିଜେ ଅନନ୍ତ। ତେବେ ଏ ସମସ୍ତ ଭୌତିକ ସ୍ତରର ପ୍ରଶ୍ନର ଉତ୍ତରରୁ ଜନ୍ମ ନେଇଛି 'ବିଜ୍ଞାନ' ବା ବିଶେଷ ଜ୍ଞାନ। ସେଇ ବିଜ୍ଞାନ ହିଁ ମଣିଷ ପାଇଁ ଆଣିଦେଇଛି ମାନସିକ ଓ ବୌଦ୍ଧିକ ବିକାଶ। ତା'ହେଲେ ଆଧିଭୌତିକ ସ୍ତରର ପ୍ରଶ୍ନର ମହତ୍ତ୍ୱ ପୁଣି କ'ଣ?

ଆଧିଭୌତିକ ପ୍ରଶ୍ନର ମର୍ମ ହେଲା, ମଣିଷ ନିଜ ଚାରିପାଖର ପ୍ରକୃତି ପରିବର୍ତ୍ତେ ନିଜକୁ ନିଜ ବିଷୟରେ ପ୍ରଶ୍ନ କରିବା ଆରମ୍ଭ କରିଛି। ମୁଁ କିଏ? ମୋର ଏ ଜଗତକୁ ଆସିବାର ଉଦ୍ଦେଶ୍ୟ କ'ଣ? ମୋର କର୍ମ କ'ଣ? ବର୍ତ୍ତମାନର ଏ ଜୀବନର ପରବର୍ତ୍ତୀ ସୋପାନ କ'ଣ? ଇତ୍ୟାଦି ଇତ୍ୟାଦି। ଏ ସମସ୍ତ ଆଧିଭୌତିକ ପ୍ରଶ୍ନର ଉତ୍ତରର ସମ୍ଭାରରେ ସୃଷ୍ଟି ହୋଇଛି 'ଦର୍ଶନ ଶାସ୍ତ୍ର'। ବିଜ୍ଞାନର ଜିଜ୍ଞାସା ହେତୁ ଆମର ବୌଦ୍ଧିକ ବିକାଶ ଯେପରି ସମ୍ଭବପର ହୋଇଥିଲା, ସେହିପରି ଦର୍ଶନଶାସ୍ତ୍ର କରିଛି ମାନବିକ ଚେତନାର ଉତ୍ତରଣ।

ଏ ଇଣ୍ଟରନେଟ୍ ଯୁଗରେ କିନ୍ତୁ ପ୍ରଶ୍ନର ପ୍ରକୃତି ଓ ସ୍ୱରୂପ ପୂରାପୂରି ବଦଳିଯାଇଛି। ଆମେମାନେ ପୂର୍ବର 'କାହିଁକି' ଓ 'କିପରି' ପ୍ରଶ୍ନ ପରିବର୍ତ୍ତେ ମୁଖ୍ୟତଃ ମନୋନିବେଶ କରୁଛୁ ''କ'ଣ'' ବର୍ଗର ପ୍ରଶ୍ନ ପଚାରିବା ସମ୍ବନ୍ଧରେ। ଇଣ୍ଟରନେଟ୍ ଆମକୁ ଠିକ୍



ତଥ୍ୟଟିଏ କ୍ଷଣିକ ମଧ୍ୟରେ ଯୋଗାଇ ଦେଇପାରେ। ପୁଣି 'କିପରି' ଓ 'କାହିଁକି' ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ମଧ୍ୟ କିଛିମାତ୍ରାରେ ଦେଇପାରୁଛି। କିନ୍ତୁ ପ୍ରଶ୍ନ ପଚାରିବାର ପ୍ରବୃତ୍ତିକୁ ଆମ ଭିତରେ ଅଙ୍କୁରୋଦ୍‌ଗମ କରାଇବା ପାଇଁ ଇଣ୍ଟରନେଟ୍ ଅସମର୍ଥ।

କିଛି ପ୍ରଶ୍ନ ପୁଣି ଉଭୟ ବୌଦ୍ଧିକ ଓ ଚେତନାର ବିକାଶକୁ ଭିତ୍ତିଭୂମି ଭାବେ ନେଇ ମାନବର ସାମଗ୍ରିକ ବିକାଶରେ ସାହାଯ୍ୟ କରନ୍ତି। ଏ ସଂଯୋଗ କେବଳ ସମ୍ଭବପର ହୋଇପାରିଛି ମଣିଷର ନାନ୍ଦନିକତା ଓ ଜିଜ୍ଞାସା ପାଇଁ। କାରଣ ଏଭଳି ପ୍ରଶ୍ନର ଉତ୍ତରରେ ଆମେ ତିଆରି କରିପାରିଛୁ 'ଚିତ୍ରକଳା', ସଙ୍ଗୀତ' ଏବଂ 'ସାହିତ୍ୟ' ଭଳି ସୃଜନଶୀଳ ବିଭାଗଗୁଡ଼ିକୁ। ତେଣୁ ମଣିଷର ନିଜସ୍ୱ ଉତ୍କଣ୍ଠା ଓ ସେ ଉତ୍କଣ୍ଠାର ପ୍ରଶମନ ପାଇଁ ପ୍ରାସଙ୍ଗିକ ପ୍ରଶ୍ନଟିଏ ଲୋଡ଼ା। କାରଣ ସେହି ପ୍ରାସଙ୍ଗିକ ପ୍ରଶ୍ନଟିଏ ହିଁ ଯୁଗଯୁଗ ଧରି ମାନବ ସଭ୍ୟତାର ବିକାଶ ନିମିତ୍ତ ଇନ୍ଧନ ଯୋଗାଇ ଚାଲିଛି।

ପ୍ରଶ୍ନ ପଚାରିବାର ବିଭିନ୍ନ ସ୍ତର ରହିଛି। ତା' ମଧ୍ୟରୁ ସବୁଠାରୁ ନିମ୍ନତମ ବର୍ଗ ବୋଧହୁଏ 'କ'ଣ' ପ୍ରଶ୍ନର; ତା' ଉପରେ ରହେ 'କିପରି' ସମ୍ବନ୍ଧୀୟ ପ୍ରଶ୍ନ ଏବଂ ସର୍ବଶୀର୍ଷରେ ରହେ 'କାହିଁକି' ସ୍ତରର ପ୍ରଶ୍ନ। ଭାବିଦେଖନ୍ତୁ ଇଣ୍ଟରନେଟ୍ ଓ ପୁସ୍ତକ ମଧ୍ୟରେ ପ୍ରଭେଦ। ଇଣ୍ଟରନେଟ୍ ଖାଲି ଆପଣଙ୍କ 'କ'ଣ' ପ୍ରଶ୍ନର ତୃଷ୍ଣାକୁ ହୁଏତ ମେଣ୍ଟାଇପାରେ। କିନ୍ତୁ ବହିଟିଏ ନିଜେ ପଢ଼ିଲେ ଆପଣଙ୍କ ମନରେ ବିଭିନ୍ନ ପ୍ରକାର 'କାହିଁକି' ପ୍ରଶ୍ନ ଉଙ୍କିମାରିବ ଓ ତା' ସାଙ୍ଗରେ ସେ 'କାହିଁକି' ପ୍ରଶ୍ନର ଉତ୍ତର ମିଳିଲେ ଯାଇ ଆପଣଙ୍କର ବୌଦ୍ଧିକ ବିକାଶ ହୋଇପାରିବ। ଇଣ୍ଟରନେଟ୍ କେବଳ ଆପଣଙ୍କ ତଥ୍ୟଭିତ୍ତିକ ଜ୍ଞାନ ପରିସରକୁ ଅଳ୍ପ ମାତ୍ରାରେ ହୁଏତ ବଢ଼ାଇପାରେ। ପୁସ୍ତକ କିନ୍ତୁ ମାନବର ଧୀ ଶକ୍ତି ସମେତ ସାମଗ୍ରିକ ପ୍ରଜ୍ଞାର ବିକାଶ କରେ।

ଏହା କେବଳ ଆଜି ପ୍ରାସଙ୍ଗିକ ନୁହେଁ। ମହାଭାରତ ଯୁଗର ଏକ ଉଦାହରଣ ନେଲେ ସରଳ ଭାବେ 'ପ୍ରଶ୍ନ'ର ପ୍ରକାର ଭେଦ ବୁଝିହେବ। ମହାଭାରତ ଯୁଦ୍ଧରେ 'କ'ଣ' ଯୁଦ୍ଧ ହେଉଛି ପ୍ରଶ୍ନ ପଚାରୁଥିଲେ ଧୃତରାଷ୍ଟ୍ର। ତାଙ୍କର ଶେଷଦଶା ତ ସଭିଁଙ୍କୁ ଜ୍ଞାତ। ସେଠାରୁ ଗୋଟିଏ ସୋପାନ ଅତିକ୍ରମ କରି ଆସିଥାଏ, 'କିପରି' ସ୍ତରର ପ୍ରଶ୍ନ। ଯେମିତି ଯୁଦ୍ଧ କରିବାର କୌଶଳ ସମ୍ବନ୍ଧରେ ପ୍ରଶ୍ନ। ଏ ପ୍ରଶ୍ନ ଓ ତା'ର ଉତ୍ତର ପ୍ରାୟତଃ ସମସ୍ତ ମହାଯୋଦ୍ଧା ଯଥା ପିତାମହ ଭୀଷ୍ମ, କର୍ଣ୍ଣ, ଦୁର୍ଯ୍ୟୋଧନ, ଯୁଧିଷ୍ଠିର, ଭୀମ ପ୍ରମୁଖଙ୍କୁ ଜଣାଥିଲା। ସେଥିପାଇଁ ସେମାନଙ୍କର ବୀରତ୍ୱର ଗାଥା ଆଜି ଅମର। କିପରି ଯୁଦ୍ଧ କରିବି ପ୍ରଶ୍ନର; କେବଳ ଅଧା ଉତ୍ତର ଜାଣିଥିବା ହେତୁ ଅଭିମନ୍ୟୁ ଯୁଦ୍ଧରେ ବୀରଗତି ପ୍ରାପ୍ତ ହେଲେ। କିନ୍ତୁ ସେହି କୁରୁକ୍ଷେତ୍ରରେ ଅଂସଖ୍ୟ ବୀର, ଯୋଦ୍ଧା ଓ ଶସ୍ତ୍ରଚାରୀଙ୍କ ମଧ୍ୟରେ କେବଳ ଅର୍ଜୁନ ପଚାରିଥିଲେ; 'କାହିଁକି'ଯୁଦ୍ଧ କରିବି ଭଳି ପ୍ରଶ୍ନ।' ସେହି କାହିଁକି ପ୍ରଶ୍ନର ଉତ୍ତର ସ୍ୱରୂପ କେବଳ ଅର୍ଜୁନଙ୍କୁ ପ୍ରାପ୍ତି ହୋଇପାରିଲା ଶ୍ରୀମଦ୍ ଭଗବଦ୍ ଗୀତାର ଗଭୀର ଜ୍ଞାନ। କେବଳ ଅର୍ଜୁନ ଦିବ୍ୟଚକ୍ଷୁରେ ବିଶ୍ୱରୂପ ଦର୍ଶନର ସୌଭାଗ୍ୟ ଲାଭ କଲେ। ତାଙ୍କର ବୌଦ୍ଧିକ, ଚୈତନିକ ଓ ସର୍ବୋପରି ଆଧ୍ୟାତ୍ମିକ ସ୍ତରରେ ଉତ୍ତରଣ ହେଲା। ତେଣୁ ଅଧୁନାତନ ଇଣ୍ଟରନେଟ୍ ଯୁଗରେ ପ୍ରାସଙ୍ଗିକ 'କାହିଁକି' ସମ୍ବଳିତ ପ୍ରଶ୍ନଟିଏ ହିଁ ଆମର ଧ୍ୟେୟ ହେଉ।

ମୋ: ୭୩୮୧୬୫୧୬୯୭

## ଏଇ ଭାରତରେ

କମ୍ପ୍ୟୁଟର ସାଇନ୍ସରେ ଡିଗ୍ରୀ ହାସଲ କରିବା ପରେ ଅଧିକାଂଶ ଛାତ୍ରୀଛାତ୍ର ଚାକିରି କରିବାକୁ ପସନ୍ଦ କରୁଥିବାବେଳେ ଅନଶୁଲ ମିଶ୍ରା ଚାଷକୁ ବୃତ୍ତି ଭାବେ ଗ୍ରହଣ କରିଛନ୍ତି। ଉତ୍ତରପ୍ରଦେଶ ଶାହାଜାହାନପୁରର ୨୮ ବର୍ଷୀୟ ଅନଶୁଲ ଚେନ୍ନାଇରେ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରୀ କରିବା ପରେ ଚାଷ କରିବାକୁ ୨୦୧୮ରେ ଗାଁକୁ ଫେରିଥିଲେ। ପ୍ରଥମେ ବିଭିନ୍ନ ଫସଲକୁ ନେଇ ପରୀକ୍ଷାନିରୀକ୍ଷା କରିବା ପରେ ଶେଷକୁ ଡ୍ରାଗନଫ୍ରୁଟ୍ସ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ରେ ସେ ମହାରାଷ୍ଟ୍ର ସୋଲାପୁରରୁ ୧୬୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୧ ଏକରରେ ଲଗାଇଥିଲେ। ୧୮ ମାସ ପରେ ପ୍ରଥମ ଫଳ ଆସିଥିଲା। ଏବେ ସେ ସେଥିରୁ ୨୫ରୁ ୩୦ କୁଇଣ୍ଟାଲ ଡ୍ରାଗନଫ୍ରୁଟ୍ସ ପାଉଛନ୍ତି ଏବଂ ବର୍ଷକୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୬ ବର୍ଷ ମଧ୍ୟରେ ଚାଷକୁ ୫ ଏକରକୁ ସମ୍ପ୍ରସାରଣ କରିପାରିଛନ୍ତି। ଏହା ସହ ଡ୍ରାଗନଫ୍ରୁଟ୍ସ ନର୍ସରି କରି ଚାଷୀଙ୍କୁ ଶସ୍ତାରେ ଚାରା ଯୋଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୭୭

- ଢେଙ୍କାନାଳ ଜିଲା କଂଗ୍ରେସ କମିଟିର ଜଣେ ସମ୍ପାଦକଙ୍କ ସମେତ ହିନ୍ଦୋଳ ବ୍ଲକର ୧୫ ଜଣ ସରପଞ୍ଚଙ୍କ କଂଗ୍ରେସ ଦଳରୁ ଇସ୍ତଫା।
- ରାଜ୍ୟ ସରକାର ଚଳଚ୍ଚିତ୍ର ପ୍ରଯୋଜନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ନୂଆକରି ପ୍ରତିଷ୍ଠା କରାଯାଇଥିବା ସିନେମାହଲ୍‌ଗୁଡ଼ିକ ଉପରୁ ୫ ବର୍ଷ ପାଇଁ ପ୍ରମୋଦ କର ଛାଡ଼ କରିଦେବାକୁ ସ୍ଥିର କରିଛନ୍ତି।
- ଗୁଜରାଟର ଅହମ୍ମଦାବାଦଠାରେ ବିଷାକ୍ତ ମଦ୍ୟପାନ କରି ଜଣେ ମହିଳାଙ୍କ ସମେତ ୪୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ଚିରନ୍ତନୀ

ପାଞ୍ଚ ଇନ୍ଦ୍ରିୟେ ଷଡ଼ରିପୁ କଲେ ବିହାର
ମହାତୋଷେ
ସରସ ହୋଇଲା ଏ ଦେହର ଦଶ ଦୁଆର
ନବରସେ ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 2 | | | | 7 | |
| | 1 | 2 | 6 | | | | | |
| | 6 | 7 | | 8 | 5 | 2 | | |
| | | | | | 2 | 3 | 1 | |
| | | | 9 | | | 5 | | 8 |
| | 5 | 9 | | | 8 | | 4 | |
| | 2 | | 5 | | | 1 | | 7 |
| | 9 | | 1 | | 7 | | | |
| | 4 | | 8 | 3 | 9 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 8 | 5 | 2 | 4 | 7 | 3 |
| 7 | 8 | 2 | 4 | 9 | 3 | 1 | 6 | 5 |
| 5 | 4 | 3 | 1 | 6 | 7 | 9 | 8 | 2 |
| 4 | 7 | 5 | 3 | 1 | 9 | 8 | 2 | 6 |
| 2 | 6 | 8 | 5 | 7 | 4 | 3 | 1 | 9 |
| 3 | 9 | 1 | 2 | 8 | 6 | 5 | 4 | 7 |
| 8 | 2 | 6 | 9 | 4 | 5 | 7 | 3 | 1 |
| 1 | 5 | 7 | 6 | 3 | 8 | 2 | 9 | 4 |
| 9 | 3 | 4 | 7 | 2 | 1 | 6 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସହାୟଙ୍କୁ ସହଯୋଗ କରନ୍ତୁ

ମହାଶୟ,
ବର୍ତ୍ତମାନ ଗାଁ କି ସହର ସବୁଠାରେ ବିବାହ, ବ୍ରତ, ଏକୋଇଶିଆରେ ଡିଜେରେ ଲକ୍ଷାଧିକ ଟଙ୍କା ବରବାଦ କରାଯାଉଛି। ଡିଜେ ପିଛା ପ୍ରାୟ ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇ ଭୟଙ୍କର ଶବ୍ଦରେ ଲୋକେ ଅତିଷ୍ଠ ହୋଇ ମରୁଛନ୍ତି । ପୋଲିସ ଇଲିଶିରୂପୀ ଦକ୍ଷିଣା ପାଇ ଚୁପ୍। ମୋର ଅନୁରୋଧ ସେହି ଟଙ୍କାରେ ଅବହେଳିତ ଶ୍ରେଣୀର ଗରିବଙ୍କୁ ଯଦି ଘରଟିଏ କରି ଦିଆଯାଇ ଘର ସାମ୍ନାରେ ନିଜ ପିଲା କି ସଦସ୍ୟଙ୍କ ମାର୍ବଲ ଫଳକ ଲଗାଇ ଦିଆଯାଆନ୍ତା ତେବେ ଅନେକ ଦୁଃଖୀ ରଙ୍କୀ ବ୍ଲକ କିମ୍ବା ପଞ୍ଚାୟତରେ ହାତଗୁଞ୍ଜା ଦେଇ ଆତ୍ମସମ୍ମାନ ହରାଇ ନେହୁରା ହୁଅନ୍ତେ ନାହିଁ। ଆମ ସହାୟତାରେ ସେମାନେ ଘରଟିଏ ପାଇ ଆଶୀର୍ବାଦ କରନ୍ତେ । ଡିଜେ ତ କେତେ ଘଣ୍ଟାର ମାତ୍ର ଉନ୍ମାଦନା। ସଚେତନ ନାଗରିକମାନେ ସେମାନଙ୍କ ପରିବାରର ଅପବ୍ୟୟ ରୋକି ଗରିବଙ୍କୁ ସହାୟତା ପାଇଁ ହାତ ବଢ଼ାନ୍ତୁ। ସହଯୋଗର ହାତ ସହସ୍ରଙ୍କର ଉଠିଲେ ସହସା ସମାଜ ପରିବର୍ତ୍ତନ ଆଡକୁ ଅଗ୍ରସର ହୋଇପାରିବ ଏହା ନିଶ୍ଚିତ।

–ଡ.ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡା, ଜୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶିଶୁ ଉଦ୍ଧାର, ପରିବାରକୁ ହସ୍ତାନ୍ତର**

ପାଣିକୋଇଲି, ( ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ତେଲିଆ ଗ୍ରାମରୁ ରବିବାର ଘରୁ ରାଗି ପଳାଇ ଆସିଥିବା ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସକାଳ କୁହୁଡ଼ିର ସୁଯୋଗ ନେଇ ଘରୁ ରାଗି ପରଦେଶୀ ଗଡିଆ ଗ୍ରାମର ଆଦିବାସୀ ସାହିର ଏକ ପିଲା ଘରୁ ପଳାଇ ଅସି ତେଲିଆ ଗ୍ରାମରେ ପହଞ୍ଚି ଥିଲେ। କେତେଜଣ ଯୁବକ ତାଙ୍କୁ ଅଟକାଇ ପଚାରିବାରୁ ସେ ତାଙ୍କ ଠିକଣା କହି ନ ଥିଲେ। ତେଣୁ ସେମାନେ ଆମେ ଆପଣଙ୍କ ପାଇଁ ହେଲ୍‌ପିଂ ଗ୍ରୁପକୁ ଜଣାଇଥିଲେ। ସଭାପତି ଅଶୋକ କୁମାର ଦାସ ସେଠାରେ ପହଞ୍ଚି ପିଲାଟିଠାରୁ ସବୁ ଜାଣିବା ପରେ ପରିବାରକୁ ଡାକି ହସ୍ତାନ୍ତର କରିଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍‌କୁ ଧକ୍କା ଦେଲା ହାଇୱା, ୨ ଚାଳକ ଆହତ



ପାଣିକୋଇଲି, ୧୩ ( ବିକାଶ ଚନ୍ଦ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଥାନାର ଅଳ୍ପଦୂର ଟ୍ରମା କେୟାର ସମ୍ମୁଖରେ ରବିବାର ପିକ୍‌ଅପ୍ ସହ ହାଇୱା ଦୁର୍ଘଟଣା ହେବାରୁ ଉଭୟ ଚାଳକ ଆହତ ହୋଇଛନ୍ତି। ପାଣିକୋଇଲି ଟ୍ରମା କେୟାର ନିକଟରେ ରାଜପଥ ଉପରେ ଏକ ପିକ୍‌ଅପ୍ ବେକ୍‌ଡାଉନ ହୋଇ ରାସ୍ତା ଉପରେ ଅଟକି ରହିଥିଲା। ମଧ୍ୟାହ୍ନରେ ପାଣିକୋଇଲି ପଟୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ପାଉଁଶ ବୋଝେଇ ହାଇୱା ତାକୁ ଧକ୍କା ଦେଇ ରାସ୍ତା ମଝି ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଅନ୍ୟପକ୍ଷେ ଧକ୍କା ଖାଇ ପିକ୍‌ଅପ୍‌ଟି ଓଲଟି ପଡ଼ିଥିଲା। ଫଳରେ ଉଭୟ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେବା ସହ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ହାଇୱା ଡ୍ରାଇଭରଙ୍କୁ ଗାଡ଼ି ମଧ୍ୟରୁ ଉଦ୍ଧାର କରିଥିଲେ। ଫଳରେ ଯାତାୟାତ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା। ପୋଲିସ ଗାଡି ୨ଟିକୁ ଉଠାଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ପାଣିକୋଇଲି ମେଳଣ ଲାଗି ପ୍ରସ୍ତୁତି ବୈଠକ

ପାଣିକୋଇଲି, ୧୩ (ବିକାଶ ଚନ୍ଦ୍ର ମଲ୍ଲିକ): ମାର୍ଚ୍ଚ ୧୦ ରାତି ଓ ୧୧ ସକାଳରେ ୪୨ ତମ ପାଣିକୋଇଲି ଦୋଳ ମେଳଣ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ସ୍ଥାନୀୟ ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟିର ସଭାପତି ଘନଶ୍ୟାମ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ଅଜୟ କୁମାର ମଲ୍ଲିକ, ବରିଷ୍ଠ ସଭ୍ୟ ଅଦ୍ୱୈତ୍ୟ ପ୍ରସାଦ ଦାଶ, ଅଶୋକ କୁମାର ପଣ୍ଡା, ମଧୁସୂଦନ ସାହୁ, କେଶବ ରାଓ ଭୁକ୍ତା,ପର୍ଶୁରାମ ଦାଶ, ବିନୋଦ ବିହାରୀ ପଣ୍ଡା, ବୃନ୍ଦାବନ ମହାକୁଡ଼, ସୁବାସ ଧଳ, ପୀତବାସ ବେହେରା, ସୂର୍ଯ୍ୟମଣି ପଣ୍ଡା, ନାରାୟଣ ପଣ୍ଡା, ଅଭିରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ମେଳଣରେ ୪୦ରୁ ଊର୍ଦ୍ଧ୍ୱ ବିମାନ ଯୋଗ ଦେବା ସହିତ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ବାରଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଶେଷରେ ପ୍ରଭାକର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟିକାକରଣ ଅଭିଯାନ ଶୁଭାରମ୍ଭ

**ଯାଜପୁର ସଦର, ୧୩ (ସମର ବିଜୟ ଶରଣ)**

ଯାଜପୁର ଜିଲାରେ ଏଚ୍‌ପିଭି (ହ୍ୟୁମାନ୍ ପାପିଲୋମା ଭାଇରସ୍) ଟିକାକରଣ ଅଭିଯାନର ଜିଲାସ୍ତରୀୟ ଶୁଭାରମ୍ଭ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଏମ୍‌ସିଏଚ୍ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଡା. ସଂଯୁକ୍ତା ପଣ୍ଡା, ଡିଏମ୍‌ଓ ସୁପରିଣ୍ଟେଣ୍ଡେଣ୍ଟ ଡା. ହାଁସଦା, ଡା. ଜେ. ଜେ. ମିଶ୍ର, ଡା. ଏଚ୍. କେ. ରାଉଳ, ନର୍ସିଂ ଅଫିସର, ଏଏନ୍‌ଏମ୍, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ, ୧୪ ବର୍ଷର କିଶୋରୀ ବାଳିକାମାନେ ଓ ସେମାନଙ୍କର ଅଭିଭାବକ ଏହି ଶୁଭାରମ୍ଭରେ ଯୋଗଦେଇଥିଲେ। ଉକ୍ତ ଅଭିଯାନ ଜିଲାର କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ଅଭିହିତ କରାଯାଇଛି।

ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିଶ୍ର କହିଛନ୍ତି, ଏହି ଏଚ୍‌ପିଭି ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କୁ ଏହାର ସଂକ୍ରମଣରୁ ସୁରକ୍ଷା ଦେବା, ଯାହା ଜରାୟୁ ଗ୍ରୀବା କର୍କଟର ପ୍ରମୁଖ କାରଣ। ଜିଲାରେ ୧୪ ବର୍ଷ ବୟସ୍କ (୧୪ ବର୍ଷ ପୂରଣ କରିଥିବା, କିନ୍ତୁ ୧୫ ବର୍ଷ ପୂରଣ କରି ନ ଥିବା) ମୋଟ ୧୪,୪୯୬ ଜଣ କିଶୋରୀଙ୍କୁ ଏହି ଅଭିଯାନ ଅଧୀନରେ ଟିକା ପ୍ରଦାନ କରାଯିବ। ଏହି ଅଭିଯାନ ଅନୁସାରେ ପ୍ରତ୍ୟେକ ଲାଭାନ୍ୱିତାଙ୍କୁ ଗାର୍ଡାସିଲ-୪ ଟିକାର କେବଳ ଏକମାତ୍ର ଡୋଜ୍ ଦିଆଯିବ। ଏହି ଟିକା ୪ ପ୍ରକାର ଏଚ୍‌ପିଭି ଭାଇରସ୍ ବିରୋଧରେ ସୁରକ୍ଷା ଦେଇଥାଏ। ଏହି ଟିକାକରଣ ଅଭିଯାନକୁ ପର୍ଯ୍ୟାୟକ୍ରମେ ସମଗ୍ର ଜିଲାରେ ଚାଲୁ କରାଯିବ। ଜିଲାର ୧୦ ବ୍ଲକ୍, ଯାଜପୁରରୋଡ଼, ଯାଜପୁର ଟାଉନ ମୁଖ୍ୟାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ରାମସ୍ତରର ଉପସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ଟିକାକରଣ କାର୍ଯ୍ୟକ୍ରମ ଚାଲିବ ଓ ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ନେଇ ସମସ୍ତ ହସ୍ପିଟାଲ୍‌ରେ ଏଇ ଟିକା ନିଶ୍ଚିତ ଦେବା ପାଇଁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କର ଏଇ ପଦକ୍ଷେପ ସବୁ ମହିଳାମାନଙ୍କ ପାଇଁ ନିଶ୍ଚିତ ଭାବରେ ଜରାୟୁ ଗ୍ରୀବା କର୍କଟରୁ ରକ୍ଷା କରିବ ବୋଲି ଉଲ୍ଲେଖ କରିଥିଲେ। ଏହି ଟିକାକରଣ ଅଭିଯାନ ସମୟସୀମା ୨୦୨୬ ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟସୀମା ମଧ୍ୟରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷ ଟିକାକରଣ ଅଧିବେଶନ ଆୟୋଜନ କରାଯିବ। ଉକ୍ତ ଅଭିଯାନ ପରେ ଯେଉଁ ୧୪ ବର୍ଷ ବୟସ୍କ କିଶୋରୀମାନେ ଟିକା ପାଇନାହାନ୍ତି, ସେମାନଙ୍କୁ ରୁଟିନ୍ ଇମ୍ୟୁନାଇଜେସନ୍ କେନ୍ଦ୍ର ମାଧ୍ୟମରେ ଟିକା ପ୍ରଦାନ ଜାରି ରହିବ। ଶୁଭାରମ୍ଭ କାର୍ଯ୍ୟକ୍ରମର ବିଶେଷତା ଜିଲାସ୍ତରୀୟ ଏଚ୍‌ପିଭି ଟିକାକରଣ ଅଭିଯାନର ଔପଚାରିକ ଶୁଭାରମ୍ଭ, ଗାର୍ଡାସିଲ-୪ ଟିକାର ପ୍ରତୀକାତ୍ମକ ଗୋଟିଏ ଡୋଜ୍ ପ୍ରଦାନ, ଜରାୟୁ ଗ୍ରୀବା କର୍କଟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସମୁଦାୟ ସଚେତନତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ୧୦୦ ପ୍ରତିଶତ ଟିକାକରଣ ହାସଲ କରିବାର ସଂକଳ୍ପ ରହିଛି। ଏହି ଅଭିଯାନ ମାଧ୍ୟମରେ ଜିଲାର ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଙ୍କ ଏହି ପଦକ୍ଷେପ କିଶୋରୀମାନଙ୍କ ସୁସ୍ଥ ଭବିଷ୍ୟତ ନିଶ୍ଚିତ କରିବାରେ ଏକ ମାଇଲ୍‌ଷ୍ଟୋନ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହି କାର୍ଯ୍ୟକ୍ରମରେ ପ୍ରଥମ ହିତାଧିକାରୀ ତୁଳସୀ ଦଳାଇଙ୍କୁ ଟିକା ପ୍ରଦାନ କରିଥିଲେ।



ହିତାଧିକାରୀ ତୁଳସୀ ଦଳାଇଙ୍କୁ ଅତିଥିମାନେ ଟିକା ପ୍ରଦାନ କରୁଛନ୍ତି।

# ଆଦିବାସୀଙ୍କ ଭାଷା ଶିକ୍ଷାର ସୁଦିନ ଫେରୁଛି

### ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଅଭିନବ ପ୍ରୟାସ

**ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୧୩**

କଳିଙ୍ଗନଗର ଅଞ୍ଚଳରେ ଆଦିବାସୀଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଆଦିବାସୀ ଯୁବପିଢ଼ିଙ୍କ ମଧ୍ୟରେ ନିଜସ୍ୱ ଭାଷା ଓ ଲିପିର ପ୍ରସାର ପାଇଁ ସଂଗଠିତ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ 'ୱାରାଙ୍ଗ ଚିଟି' ଏବଂ 'ଅଲଚିକି' ଭାଷା ଶିକ୍ଷା ଦିଆଯାଉଛି। ଫଳରେ ଆଦିବାସୀଙ୍କ ଭାଷା ଶିକ୍ଷାର ସୁଦିନ ଫେରି ଆସିଛି। ମିଳିଥିବା ସୂଚନା ଅନୁସାରେ ୨୦୧୪ରେ ସୁକିନ୍ଦା ଓ ଦାନଗଦି ବ୍ଲକର ୧୦ଟି ଗ୍ରାମ ପଞ୍ଚାୟତରେ ୩୫ଟି କେନ୍ଦ୍ରରୁ ଏହା ଆରମ୍ଭ ହୋଇଥିଲା। ଏବେ ୧୮ଟି ଗ୍ରାମ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳର ୫୫ଟି କେନ୍ଦ୍ରରେ ୱାରାଙ୍ଗ ଚିଟି ଏବଂ ୨୦ଟି କେନ୍ଦ୍ରରେ ଅଲଚିକି ଭାଷା ଶିକ୍ଷା ଦିଆଯାଉଛି। ଗୋବରଘାଟି, ନଡ଼ିଆଭଙ୍ଗା, ରଣାଗୁଣ୍ଡି ଓ ଶାଳିଜଙ୍ଗା ଭଳି ଅଞ୍ଚଳର ପ୍ରାୟ ୪,୫୦୦ରୁ ଅଧିକ ଛାତ୍ରୀଛାତ୍ର ଏହି ଶିକ୍ଷା କେନ୍ଦ୍ରଗୁଡ଼ିକରେ ନିଜ ମାତୃଭାଷାରେ ପଢ଼ିବା ଓ ଲେଖିବା ଶିଖୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ହୋ ଆନସିଏଣ୍ଟ କଲଚର ଆଣ୍ଡ ସାଇନ୍ସ ୱେଲଫେୟାର ଫାଉଣ୍ଡେଶନ ଏବଂ ଆଦିବାସୀ ସୋସିଓ ଏଜୁକେଶନାଲ ଆଣ୍ଡ୍ କଲ୍‌ଚରାଲ ଆସୋସିଏଶନ ସହିତ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ହାତ ମିଳାଇଛି। ତାଲିମପ୍ରାପ୍ତ ଶିକ୍ଷକମାନେ ପ୍ରତି ସପ୍ତାହରେ ୩ ଦିନ କ୍ଲାସ କରୁଛନ୍ତି। ନିକଟରେ ଅଲ୍ ଇଣ୍ଡିଆ ସାନ୍ତାଳି ରାଇଟର୍ସ ଆସୋସିଏଶନ ଦ୍ୱାରା ଆୟୋଜିତ ୨୨ତମ ସାନ୍ତାଳୀ ପାର୍ସି ମହୋତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଅଲ ଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନକୁ ଅଲ ଚିକି ଶତବାର୍ଷିକୀ ପୁରସ୍କାର ପ୍ରଦାନ କରିଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଜନଜାତି ସଂସ୍କୃତି ବିଭାଗ ମୁଖ୍ୟ ଜିରେନ ଜାଭିୟର ଟପ୍ପୋ କହିଛନ୍ତି, ନିଜ ପୂର୍ବପୁରୁଷଙ୍କ ଭାଷା ଶିଖିବା ଅର୍ଥ ହେଉଛି ନିଜର ଜ୍ଞାନ ଓ ପରିଚୟକୁ ସୁରକ୍ଷିତ ରଖିବା। ଆଜିର ଯୁବପିଢ଼ି ପାରମ୍ପରିକ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟାକୁ ସାଥିରେ ନେଇ ଆଗକୁ ବଢ଼ନ୍ତୁ।

# ଲକ୍ଷ୍ମୀନାରାୟଣଙ୍କ ବାର୍ଷିକ ଉତ୍ସବ

**ଯାଜପୁରରୋଡ଼, ୧୩ (ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗର ପୌର ପରିଷଦ ୧୦ ୱାର୍ଡ କହ୍ନେଇପୁରସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଓ ବିଗ୍ରହଙ୍କ ୧୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଉତ୍ସବରେ ଶୁକ୍ରବାର ଅଙ୍କୁରାରୋପଣ ଓ କଳସ ସ୍ଥାପନ କରାଯାଇ ଯଜ୍ଞାରମ୍ଭ ହୋଇଥିଲା। ଶନିବାର ରୀତିନୀତି ଅନୁଯାୟୀ ବିଗ୍ରହଙ୍କ ବେଶ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ କରାଯାଇ ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ମନ୍ତ୍ରଧ୍ୱନି, ହରିନାମ ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ବାତାବରଣ ଅନୁଭୂତ ହୋଇଥିଲା। ମନ୍ଦିର ପୂଜକ ଶଶିକାନ୍ତ କରଙ୍କ ତତ୍ତ୍ୱାବଧାନରେ ପଣ୍ଡିତମାନେ ପୂଜା ହୋମଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ ଉତ୍ସବରେ କର୍ତ୍ତା ଭାବେ ବିଶ୍ୱଜିତ ଦାସ ସାମନ୍ତ ସସ୍ତ୍ରିକ ଭାଗ ନେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ରବିନାରାୟଣ ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ସିଂହ, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ଜେନା, ରତ୍ନାକର ସ୍ୱାଇଁ ଓ ଅଜୟ କରଙ୍କ ସହ ସମସ୍ତ ସଦସ୍ୟ କାର୍ଯ୍ୟ ପରିଚାଳନା କରିଥିଲେ। କହ୍ନେଇପୁର ତଥା ବ୍ୟାସନଗର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଯୋଗଦାନ କରି ଲକ୍ଷ୍ମୀନାରାୟଣଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

# ନୀଳପଥର ବୋଝେଇ ଟାଟା ଏସିଇ ଜବତ, ୪ ଅଟକ





ଟମକା ଫରେଷ୍ଟ ରେଞ୍ଜ ପକ୍ଷରୁ ଗାଡ଼ି ସହ ଅଟକ ଥିବା ୩ ଯୁବକ।

**କଳିଙ୍ଗନଗର, ୧୩, ଶୁଭାଶିଷ ରାଉତ)**

ଟମ୍‌କା ଫରେଷ୍ଟ ରେଞ୍ଜ ଅଞ୍ଚଳରେ ବହୁଦିନ ଧରି ଚୋରା ନୀଳପଥର ଚାଲାଣ ରାକେଟ ଚଳାଉଥିବା ରାଜସ୍ଥାନ ଅଞ୍ଚଳର ବ୍ୟବସାୟୀ ଏକ ଟାଟା ଏସିଇ ଗାଡି ସହ ୩ ସହଯୋଗୀଙ୍କୁ ଟମ୍‌କା ଫରେଷ୍ଟ ବିଭାଗ କାବୁ କରିଛି। ଟମ୍‌କା ଫରେଷ୍ଟ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ କିଶୋର ପାଣିଗ୍ରାହୀ ଶନିବାର ରାତି ୧୧ଟାରେ ରାଇଘାଟି ଅଞ୍ଚଳରେ ପୂର୍ବରୁ ସୂଚନା ପାଇ କୁଲଦୀପ ସିଂ, ବରଗଡ଼ ଜିଲାର ଭି. ରାଜାବାବୁ, ରାଇଘାଟି ଗ୍ରାମର ଇନ୍ଦ୍ରଜିତ ମୁଣ୍ଡା ଓ ଦେବେନ ମୁଣ୍ଡାଙ୍କୁ କାବୁ କରିଛନ୍ତି। ସେମାନଙ୍କ ପାଖରୁ ଗୋଟିଏ ଗାଡ଼ି ନଂ. ଓଆର ୦୨ ଡି ୱାଇ ୪୧୮୮ ସହ ପ୍ରାୟ ୬୦୦ କେଜି ନୀଳପଥର ଜବତ କରାଯାଇଛି। କୁଲ୍‌ଦୀପ ନୀଳପଥର ଚାଲାଣ ର୍ୟାକେଟ୍‌ର କିଙ୍ଗପିନ୍ ବୋଲି ଏସିଏଫ୍ ପାଣିଗ୍ରାହୀ କହିଛନ୍ତି। କୁଲ୍‌ଦୀପଙ୍କୁ ଧରିବାକୁ ବହୁବାର ଚେଷ୍ଟା କରିଥିଲେ ମଧ ସବୁଥର ଚକ୍‌ମା ଦେଇ ଖସି ଯାଉଥିଲେ। କୁଲଦୀପ ଭୁବନେଶ୍ୱରରେ ରହି ନୀଳପଥର ଚୋରା କାରବାର ଚଳାଉଥିବା ଏସିଏଫ୍ ପାଣିଗ୍ରାହୀ କହିବା ସହ ଏହି ର୍ୟାକେଟରେ ଆହୁରି କେତେଜଣ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବା ନେଇ ସୂଚନା ଦେଇଛନ୍ତି।

# ଏସ୍‌ବିଆଇର ନୋଟ୍ ବଦଳ ମେଳା

**ଯାଜପୁର ଟାଉନ, ୧୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ (ଏସ୍‌ବିଆଇ) ମୁଖ୍ୟ ଶାଖା ପକ୍ଷରୁ ଯାଜପୁର ସହର ପୌରପାଳିକା କାର୍ଯ୍ୟାଳୟ ନିକଟରେ ଏକ ନୋଟ ବଦଳ ମେଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଯାଜପୁର ଟାଉନ୍ ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୁତି ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଉପମହାପ୍ରବନ୍ଧକ ଆଲୋକ ରଞ୍ଜନ ରଣରାହୁ, ପ୍ରବନ୍ଧକ ରଶ୍ମିରଞ୍ଜନ ସାହୁ ଯୋଗଦେଇ ମେଳାଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୨୨ଜଣ ଗ୍ରାହକ ୪୭,୯୦୦ ଟଙ୍କାର ଚିରା ଫଟା ନୋଟ୍ ବଦଳ କରିଥିବା ବେଳେ ୪୭ଜଣ ଗ୍ରାହକ ୮୦ହଜାର ଟଙ୍କାର ମୁଦ୍ରା ବଦଳ କରିଥିଲେ। ଏହି ମେଳା ପ୍ରତି ମାସରେ ଆୟୋଜନ ହେବ ବୋଲି ଶାଖା ପକ୍ଷରୁ ସୂଚନା ମିଳିଛି।

# ସୁଲଭ, ମୁକ୍ତା ମଞ୍ଜରୀଙ୍କ ସ୍ମୃତିଚାରଣ ସଭା

**ବଡ଼ଚଣା, ୧୩ (ଦିଲୀପ କୁମାର ମହାନ୍ତି)**





ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ବଡ଼ବାପା ସୁଲଭ ଚରଣ ନାୟକ ଓ ବଡ଼ବୋଉ ମୁକ୍ତା ମଞ୍ଜରୀ ନାୟକଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଶାଳପଡ଼ାଠାରେ ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ସମବାୟ ମନ୍ତ୍ରୀ ପ୍ରଦୀପ୍ତ ବଳ ସାମନ୍ତ, ବିଧାୟକ ଆକାଶ ଦାସ ନାୟକ, ସିଦ୍ଧାର୍ଥ ମହାପାତ୍ର, ହିମାଂଶୁ ଶେଖର ସାହୁ, ଜିଲାପାଳ ଅମ୍ବର କୁମାର କର, ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ସଭାପତି ଗୌତମ ରାୟ, ବରୀ ଭାଜପା ନେତା ଉମେଶ ଜେନା, ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସରପଞ୍ଚ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଗୋକୁଳା ନନ୍ଦ ଶତପଥୀ, ଶିକ୍ଷକ ନେତା ସନ୍ତୋଷ ଜେନା, ଜିଲା ପରିଷଦ ସଦସ୍ୟ ଯତିନ୍ଦ୍ର ପ୍ରସାଦ ନାୟକ, ପୁତ୍ର ଦିଲୀପ ପ୍ରମୁଖ ବହୁ ସଦସ୍ୟ ସ୍ମୃତିଚାରଣ କରିଥିଲେ। ଶେଷରେ ବିଧାୟକ ନାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଇରାନ୍ ଆକ୍ରମଣ ବିରୋଧରେ ପ୍ରତିବାଦ, ଶୋଭାଯାତ୍ରା

**ଯାଜପୁର ଟାଉନ, ୧୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**





ଶାନ୍ତିପୂର୍ଣ୍ଣ ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରତିବାଦ ଶୋଭାଯାତ୍ରା।

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁରଠାରେ ଜିଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏବଂ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ସ୍ୱୟଂପ୍ରଭା ନାୟକଙ୍କ ନେତୃତ୍ୱରେ ଇରାନ୍ ଉପରେ ସାମ୍ରାଜ୍ୟବାଦୀ ଆମେରିକା, ଇସ୍ରାଏଲ୍ ଦ୍ୱାରା ବିନା ପ୍ରରୋଚନାରେ ହୋଇଥିବା ସାମରିକ ଆକ୍ରମଣ ବିରୋଧରେ ଏକ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ପାର୍ଟିର କର୍ମୀ, ସମର୍ଥକ ମେଡିକାଲ ଛକରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ଇରାନ୍ ଉପରେ ଇସ୍ରାଏଲ୍, ଆମେରିକାର ଆକ୍ରମଣ ବନ୍ଦକର, ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ଯୁଦ୍ଧ ବିରୋଧରେ ବିଶ୍ୱର ଶାନ୍ତିକାମୀ ଜନଗଣ ଏକ ହୁଅ ପ୍ରଭୃତି ସ୍ଲୋଗାନ ଦେଇ ସହର ପରିକ୍ରମା କରି ବିରଜା ମହିଳା କଲେଜ ଛକଠାରେ ରାଜ୍ୟ କମିଟି ସଭ୍ୟ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ର, ଏକ ଭିତ୍ତିହୀନ ବାହାନା କରି ଇରାନ୍ ଉପରେ ହୋଇଥିବା ଆମେରିକା, ଇସ୍ରାଏଲ୍ ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଆହୁରି ମଧ ସେ କହିଛନ୍ତି, ବିଶ୍ୱର ସମସ୍ତ ଶୁଭବୁଦ୍ଧି ସମ୍ପନ୍ନ ତଥା ଶାନ୍ତିକାମୀ ଜନଗଣ ଏବଂ ସମସ୍ତ ଶୋଷଣ ନିଷ୍ପେଷିତ ଜନଗଣ ଆମେରିକା, ଇସ୍ରାଏଲ୍ ଯୁଦ୍ଧଖୋର ନୀତି ବିରୋଧରେ ଦୃଢ଼ ଶାନ୍ତି ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପାର୍ଟିର ଜିଲା କମିଟି ସଭ୍ୟ ବୀର କିଶୋର ନାୟକ, ସୁଲୋଚନା ପ୍ରଧାନ, ଅଭିମନ୍ୟୁ ମଲ୍ଲିକ ଏବଂ ସଙ୍ଗଠକ ରାଜଶ୍ରୀ ମହାନ୍ତି, ପ୍ରଫୁଲ୍ଲ ମଲ୍ଲିକ, ନିମାଇଁ ସାହୁ, ବିଷ୍ଣୁ ଚରଣ ବେହେରା, ମମତା ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ଅଧ୍ୟକ୍ଷ, କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

### ଜଗନ୍ନାଥ ଜୀଉ ମହାବିଦ୍ୟାଳୟ

**ଚଢ଼େଇଧରା, ୧୩(ଦିଲୀପ ପରିଡା)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଅଧୀନ ଚଢ଼େଇଧରାସ୍ଥିତ ଜଗନ୍ନାଥ ଜୀଉ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତଙ୍କ ସହ ୪ର୍ଥ ଶ୍ରେଣୀ କର୍ମଚାରୀ ଅନାଦି ଚରଣ ମଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଣେ ଶିକ୍ଷକ ଭାବରେ ଦୀର୍ଘ ୩୬ ବର୍ଷ ନୀରବଚ୍ଛିନ୍ନ ଭାବେ କାର୍ଯ୍ୟ କରି କର୍ମକ୍ଷେତ୍ରରୁ ଅଧ୍ୟକ୍ଷ ରାଉତ ବିଦାୟ ନେଇଥିବା ବେଳେ ଶନିବାରଠାରୁ ଅଧ୍ୟକ୍ଷ ଭାବେ ଅକ୍ଷୟ କୁମାର ସାମଲ ନୂତନ ଭାବେ ମହାବିଦ୍ୟାଳୟର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଚାକିରି ଜୀବନ କାଳ ମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ସେବା କରିଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ମଲିକ ମଧ୍ୟ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ନୂଆ ଅଧ୍ୟକ୍ଷ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଚିତ୍ତରଞ୍ଜନ ଦାସ, ଅଟକ ବିହାରୀ ବଳ, ପ୍ରଭାତ କୁମାର ଦାସ, ଦୁର୍ଗେଶ ନନ୍ଦିନୀ ସାମଲ, ଅଜୟ କୁମାର ମିଶ୍ର, ଉମେଶ ଚନ୍ଦ୍ର ଦୋରା ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟକ୍ଷ ରାଉତଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସଭାରେ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କ ଦୀର୍ଘମୟ ଜୀବନ କାମନା କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ରାଉତଙ୍କ ଅଧ୍ୟାପକ ମଣ୍ଡଳୀ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତ ତାଙ୍କର ସରଳତା ଓ କର୍ତ୍ତବ୍ୟନିଷ୍ଠାକୁ ପ୍ରମାଣିତ କରିଥିଲା। ବକ୍ତାମାନେ ରାଉତଙ୍କ ଶିକ୍ଷାପ୍ରତି ଥିବା ନିଷ୍ଠା କର୍ମ କୁଶଳତା ଓ ପରିଚାଳନାଗତ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ମଲିକଙ୍କ ଦୀର୍ଘ ସେବାକାଳୀନ ସମୟରେ ତାଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ସହଯୋଗୀ ମନୋଭାବକୁ ସମସ୍ତେ ପ୍ରଶଂସା କରିଥିଲେ। ଅତିଥିମାନେ ସେମାନଙ୍କୁ ଉତ୍ତରୀୟ, ଫୁଲମାଳା ଓ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂଘ ସହ ପୁରାତନ ସମ୍ପାଦକ ମାନସ ରଞ୍ଜନ ବିଶ୍ୱାଳ, ପ୍ରବୋଧ ମିଶ୍ର ଓ ପୁରାତନ କମିଟି ସଭ୍ୟ ବେଣୁଧର ପରିଡ଼ା, ବିଜୟ ବଳ ପ୍ରମୁଖ ଉପସ୍ଥିତ ହୋଇ ସମ୍ବର୍ଦ୍ଧିତ କରିଥିଲେ। ବିଧୁ ଭୂଷଣ ସଂଗ୍ରାମ ସିଂ, ପ୍ରଦୀପ କୁମାର ସିଂ, ଅଭିମନ୍ୟୁ ଜେନା, ସିନ୍ଧୁ ନନ୍ଦିନୀ, ମାମିନା ରାଉତ ପ୍ରମୁଖ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ସହ ସହଯୋଗ କରିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1173/Q/25-26

**OFFICE OF THE CHIEF EXECUTIVE CHILIKA DEVELOPMENT AUTHORITY**

PLOT NO-493(P), PALASPALI, KHURDA, BHUBANESWAR-751020

**TENDER CALL NOTICE NO. 349(1)/CDA/2026, Dt. 23.02.2026**

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority

OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**

Panchayati Raj

Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863

**Notice No. : 982 Date : 26.02.2026**

**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME**

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.

The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of t**he Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir

OIPR-19001/19248/1/25-26/0001

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

No.25001/263/2526

**e-Procurement for Building Works**

**Bid Identification No. : EERWJYP-Online -14/2025-26**

**Letter No.1283** **Date : 23.02.2026**

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

# ମଞ୍ଚରେ ସଙ୍ଗଠନ ମଜଭୁତର ବାର୍ତ୍ତା, ଚେୟାର ଫାଙ୍କା

## ବିରିଡ଼ି ବ୍ଲକରେ ଭାଜପାର ମହାମିଶ୍ରଣ ପର୍ବ ବନ୍ଧୁମିଳନ

ଜଗତ୍ସିଂହପୁର, ୧।୩
(ପ୍ରମୋଦ କୁମାର ନାୟକ)

ଭାଜପା ବିରିଡ଼ି ବ୍ଲକ ତରଫରୁ ବାଲିଆଷ୍ଟୋର ନିକଟରେ ରବିବାର ଅନୁଷ୍ଠିତ ମହାମିଶ୍ରଣ ପର୍ବ ଓ ବନ୍ଧୁମିଳନକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟ ଅତୀତରେ ଏହି ବ୍ଲକର ଏକାଧିକ ଆଗଧାଡିଆ ନେତା ବିଜେଡି ଛାଡି ଭାଜପାରେ ମିଶିଥିଲେ। ଏହାପରେ ବିରିଡ଼ି ରାଜନୀତି ନୂଆ ମୋଡ ନେଉଥିବା ବାରି ହୋଇ ପଡ଼ିଥିଲା। ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଶନିବାର ବିଜେଡି ପକ୍ଷରୁ ବିରିଡ଼ି ଛକ ପାର୍ଶ୍ୱ ପଡିଆରେ କର୍ମୀ ସମ୍ମିଳନୀର ଆୟୋଜନ ହୋଇଥିଲା। ଏହା କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କର୍ମୀଙ୍କୁ ବାନ୍ଧି ରଖିବା। ଏଥିରେ ଦଳର ଏକାଧିକ ଆଗଧାଡିଆ ନେତା ଯୋଗ ଦେଇଥିଲେ। କିନ୍ତୁ ତାର ଗୋଟିଏ ଦିନ ପରେ ଭାଜପାର ଏହି ମହାମିଶ୍ରଣ ପର୍ବ ଓ ବନ୍ଧୁମିଳନ ପର୍ବ ବେଶ୍ ଗୁରୁତ୍ୱ ବହନ କରିଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ଅନେକ ଦଳୀୟ ନେତା ଓ ବହୁସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ବିଜେଡି କର୍ମୀ ଭାଜପାରେ ମିଶିବାର ଥିବାରୁ ସଙ୍ଗଠନ ମଜ୍‌ଭୁତ ବାର୍ତ୍ତା ଯାଇଥିଲା। କିନ୍ତୁ ଆରମ୍ଭରୁ କିଛି ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। ଦଳ ଜିଲା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଅନେକ ଦଳୀୟ ନେତୃତ୍ୱ ଅନୁପସ୍ଥିତ ଥିଲେ। ବଡ କଥା ହେଲା ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଆକର୍ଷଣ ଥିଲେ ଗତ ସାଧାରଣ ନିର୍ବାଚନର ୪ ଦଳୀୟ ବିଧାୟକ ପ୍ରାର୍ଥୀ, ଯେଉଁମାନଙ୍କୁ ୪ ଭାଇ ବୋଲି ସମ୍ବୋଧନ କରାଯାଇଥିଲା। ଏହା ଦଳୀୟ ସ୍ଥିତିକୁ ମଜଭୁତ କରୁଥିବା କୁହାଯାଉଥିବାବେଳେ ଅନେକ ଜିଲାସ୍ତରୀୟ ନେତାଙ୍କୁ ଗୌଣ କରାଯିବା ନୂଆ ଆଭାସ ଦେଇଥିଲା। କେବଳ ଏତିକି ନୁହେଁ ଉତ୍ସବରେ ସ୍ୱାଗତ ଭାଷଣ ଦେବା ଅବସରରେ ଭାଜପା ତିର୍ତ୍ତୋଲ ବିଧାନସଭା ଆସନ ନେତା ରାଜକିଶୋର ବେହେରା କାର୍ଯ୍ୟକ୍ରମ କରିବାରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା କଥା ମନେ ପକାଇ ଦେଇଥିଲେ। ଏଥିସହ ବିରୋଧୀ ଦଳର ୨ ଜଣଙ୍କୁ ନାଲି ବାଳ ଓ ଧଳା ବାଳ ବ୍ୟକ୍ତି ବୋଲି ସମ୍ବୋଧନ କରି ସେମାନେ ନିର୍ବାଚନ ମଣ୍ଡଳୀରେ ଚାନ୍ଦା ଆଦାୟ କରିବା କଥା କହିଥିଲେ। ବିଜେଡି ଛାଡି ଭାଜପାରେ ମିଶିଥିବା ବରିଷ୍ଠ ନେତା ନୃସିଂହ ଚରଣ ଦାସ କିନ୍ତୁ ହଠାତ୍ କାହିଁକି ପଳାଇବାକୁ ଚେଷ୍ଟା କଲାବେଳେ ତାଙ୍କୁ ଅଟକାଯିବା ସହ ତାଙ୍କ ବକ୍ତବ୍ୟ ରଖିବାକୁ କୁହାଯାଇଥିଲା। ସେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ବିଷ୍ଣୁ ଦାସଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ସେ ଏକଦା ବିଜେଡିକୁ ଏକ ମନ୍ଦିର ବୋଲି ଭାବୁଥିଲେ। କିନ୍ତୁ କାଳକ୍ରମେ ଏହି ମନ୍ଦିର ଦୁର୍ନୀତିର ଗନ୍ତାଘର ହୋଇ ଯାଇଥିଲା। ନବୀନଙ୍କୁ ଗୃହବନ୍ଦୀ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ସୁଯୋଗ ନେଇ ଜଳ, ଜମି, ଖଣି ଓ ପାଣି ଆଦି ସବୁ ଲୁଟ୍ ଚାଲିଥିବା କହି ଦୁଃଖପ୍ରକାଶ କରିଥିଲେ। ସେମାନଙ୍କୁ ଦଳରେ ଅପମାନିତ କରା ଯାଇଥିଲା। ଏ ପରିସ୍ଥିତିରେ ରାଜ୍ୟର ବିକାଶ ପାଇଁ ସେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଯେତେବେଳେ ଭାଜପାରେ ମିଶିଥିଲେ ସେତେବେଳେ ସେମାନେ ଏହି ଦଳରେ ମିଶିଯିବାର ଥିଲା। କିନ୍ତୁ ମିଶି ନ ଥିବାରୁ ଅନୁତାପ କରୁଥିବା କହିଥିଲେ। ଦେବୀପ୍ରସାଦ ତ୍ରିପାଠୀ ସମ୍ବୋଧନରେ ତ୍ରୁଟି କରିବା ଦେଖି ଅନେକ ବିସ୍ମିତ ହୋଇ ଯାଇଥିଲେ। ବିଧାୟକ ଦାସ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଜିଲାର ସମ୍ପଦ ବୋଲି ଅଭିହିତ କରି ତାଙ୍କ କାର୍ଯ୍ୟ ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ମନ୍ତ୍ରୀ ସ୍ୱାଇଁ ତାଙ୍କ ଭାଷଣରେ ରାଜ୍ୟରେ ଭାଜପା ସରକାର ଆସିଲା ପରେ କିପରି ଜିଲା ଓ ରାଜ୍ୟରେ ବିକାଶ କ୍ରିୟାଶୀଳ ହୋଇଛି ତା ଉପରେ କହିଥିଲେ। କିନ୍ତୁ ସେତେବେଳକୁ ସମ୍ମୁଖର ପ୍ରାୟତଃ ଚେୟାର ଫାଙ୍କା ହୋଇ ଯାଇଥିଲା। ଏତେବଡ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମନ୍ତ୍ରୀ ଥିବାବେଳେ ତାଙ୍କ କଥା ଶୁଣିବାକୁ ଉପସ୍ଥିତ କର୍ମୀମାନଙ୍କ ଧୈର୍ଯ୍ୟ ନ ରହିବା ଆଲୋଚନାକୁ ଖୋରାକ ଯୋଗାଇଛି। ଏ ସମ୍ପର୍କରେ ଦଳର କେତେଜଣ କର୍ମୀ କହିଛନ୍ତି ବିଳମ୍ବରେ ଅର୍ଥାତ୍ ଅପରାହ୍ନ ପ୍ରାୟ ୧ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳୁ ବିଭିନ୍ନ ପଞ୍ଚାୟତରୁ ସ୍ତ୍ରୀ, ପୁରୁଷ, ବୃଦ୍ଧାବୃଦ୍ଧମାନେ ଆସିଥିଲେ। ଭୋକ ଲାଗିବାରୁ ସେମାନେ ସମ୍ଭାଳି ପାରି ନ ଥିଲେ। ତେଣୁ ମଞ୍ଚ ପାର୍ଶ୍ୱ ଟେଣ୍ଟକୁ ଖାଇବାକୁ ଚାଲିଯିବାରୁ ଚେୟାର ଫାଙ୍କା ହୋଇ ଯାଇଥିଲା। ଏହି ଖବର ବିଜେଡି ମହଲରେ ଉତ୍ସାହ ସୃଷ୍ଟି କରିଛି।



ମଞ୍ଚରେ ଖାଲି ପଡ଼ିଥିବା ଚେୟାର।

# ୨ ଗାଡ଼ିରେ ଗୋଟିଏ ନମ୍ବର

## ଘରେ ଥିବା ଗାଡ଼ି ରାସ୍ତାରେ ଚାଲୁଥିବା ଦର୍ଶାଇ ଚାଲାଣ କଟାଯାଇଥିବା ଅଭିଯୋଗ

ନାଉଗାଁ, ୧।୩(ସୁଧା ବେହୁରା)

ଗାଡ଼ି ଚୋରି, ପ୍ଲେଟ ଜରିଆରେ ହେଉଥିବା ନକଲି କାରବାର ଓ ଗାଡ଼ିଗୁଡ଼ିକର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ଗାଡ଼ିରେ ଉଚ୍ଚ ସୁରକ୍ଷା ପଞ୍ଜୀକରଣ ପ୍ଲେଟ ଲଗାଇବାକୁ ବାଧ୍ୟତା ମୂଳକ କରାଯାଇଛି। ଉଚ୍ଚ ସୁରକ୍ଷା ପଞ୍ଜୀକରଣ ପ୍ଲେଟ୍‌ଗୁଡ଼ିକରେ ଲେଜର-କୋଡୋଲୋଗ୍ରାଫିକ ଲୋଗୋ ଏବଂ ଅଣ ଅପସାରଣୀୟ ଲକ୍ ରହିଛି। ଏହା ଅବୈଧ ଟାମ୍ପରିଂକୁ ବନ୍ଦ କରିବା ସହ ଯାନ ବାହନ ଟ୍ରାକିଂ କରିବାରେ ଆଇନ ପ୍ରବର୍ତ୍ତନକୁ ସହାୟତା କରିବ ବୋଲି କୁହାଯାଇଛି। ଏସବୁ ସତ୍ତ୍ୱେ ଗୋଟିଏ ନମ୍ବରରେ ୨ଟି ଗାଡି ରହିଥିବା ଜଣାପଡ଼ିଛି। ଏପରିକି ଘରେ ଥିବା ଗାଡ଼ି ଉପରେ ଚାଲାଣ କଟାଯାଇଥିବା ଅଭିଯୋଗ ହୋଇଛି।

ନାଉଗାଁ ବ୍ଲକ ଅନ୍ତର୍ଗତ ମହିଷାମୁଣ୍ଡା ଗ୍ରାମରେ ଦେବ ପ୍ରସନ୍ନ ମହାରଣା ଅଭିଯୋଗ ଅନୁଯାୟୀ, ତାଙ୍କ ଗାଡି ଘରେ ରହିଥିବାବେଳେ ଗାଡ଼ି ଚଲାଇବାବେଳେ ହେଲ୍‌ମେଟ ବ୍ୟବହାର କରି ନ ଥିବା ଯୋଗୁ ଚାଲାଣ କଟାଯାଇଥିବା ନେଇ ମୋବାଇଲ ଫୋନ୍‌ରେ ମେସ୍‌ଜ ଆସିଛି। ଏନେଇ ସେ ପ୍ରମୁଖ ଶାସନ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ତାଙ୍କ ବାଇକ ନଂ.ଓଡି-୦୨-ସିଏଚ୍-୬୧୫୪ ହଣ୍ଟର ୩୫୦ ଘରେ ରହିଛି। ଗତ ୧୮ ଫେବୃଆରୀ ୨୦୨୬ରେ ତାଙ୍କ ମୋବାଇଲ ନମ୍ବରକୁ ୧ ହଜାର ଟଙ୍କା ଜୋରିମାନା ଦେବା ପାଇଁ ଏକ ମ୍ୟାସେଜ ଆସିଥିଲା। ଯାହାକି ବିନା ହେଲମେଟରେ ଗାଡି ଚଳାଇଥିବା ଯୋଗୁ ଜୋରିମାନା ହୋଇଥିବା ଦର୍ଶାଯାଇଛି। ଉକ୍ତ ଚାଲାଣ ନଂ.ଓଆର-୨୯୬୫୭୭୨୬ ୦୨୧୮୧୦୪୯୦୦କୁ ଦେଖିବା ବେଳକୁ ଏହା ଏକ ପଲସର ବାଇକ ପରି ଦେଖାଯାଉଛି। ଏଥିସହ ପଛରେ ତାଙ୍କ ଗାଡି ନମ୍ବର ଲଗାଯାଇଛି। ଫଳରେ ବେଆଇନ ଭାବେ ତାଙ୍କର ବାଇକ୍‌ନମ୍ବର ବ୍ୟବହାର କରାଯାଉଛି। ତେଣୁ ଉକ୍ତ ଗାଡି ନମ୍ବରକୁ ଯାଞ୍ଚ କରାଯାଇ ତାଙ୍କ ଗାଡି ଉପରେ ହୋଇଥିବା ଜୋରିମାନାକୁ ଛାଡ କରାଯାଉ। ଏଥିସହ ସମାନ ଗାଡି ନମ୍ବର ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ହାତକୁ ବେଲକଣ୍ଟାରେ କାଟି ଲୁଟ୍‌ର ରୂପଦେଲେ

## ଅଭିନବ ଉପାୟରେ ବିଦ୍ୟୁତ୍ ବିଲ୍ ଟଙ୍କା ହଡ଼ପ ଉଦ୍ୟମ

ନାଉଗାଁ, ୧।୩(ସୁଧା ବେହୁରା)

ନାଉଗାଁ ଥାନା ଅଞ୍ଚଳରେ ଜଣେ ଯୁବକ ବିଦ୍ୟୁତ୍ ବିଲ୍ ପାଇଁ ସଂଗ୍ରହ କରିଥିବା ଅର୍ଥକୁ ଡିପୋଜିଟ୍ କରିବା ବଦଳରେ ହଡ଼ପ କରିବା ଉଦ୍ଦେଶ୍ୟରେ ଲୁଟ୍‌ର ରୂପ ଦେବା ଚର୍ଚ୍ଚାର ବିଷୟ ପାଲିଟିଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ମୁତାବକ ମନୋଜ ବେହେରା ନିୟମିତ କର୍ମଚାରୀ ଭାବେ ଏକ ବିଦ୍ୟୁତ୍ ବିତରଣ କମ୍ପାନୀରେ କାର୍ଯ୍ୟ କରନ୍ତି। ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ବିଲ୍‌ର ଅର୍ଥ ସଂଗ୍ରହ ପାଇଁ ନିଜର କମ୍ପାନୀ ଆଇଡିକୁ ଅଭିଯୁକ୍ତ ଯୁବକଙ୍କୁ ଦେଇଥିଲେ। ସମ୍ପୃକ୍ତ ଯୁବକ ଉକ୍ତ ଆଇଡି ଜରିଆରେ ଶିଖର ପଞ୍ଚାୟତର ଉପଭୋକ୍ତାଙ୍କଠାରୁ ମାସକୁ ୨ ଥର ବିଦ୍ୟୁତ୍ ବିଲ୍ ଟଙ୍କା ସଂଗ୍ରହ କରି କାର୍ଯ୍ୟାଳୟରେ ଜମା ଦେଇଥାନ୍ତି। ନିୟମାନୁସାରେ ପ୍ରତିମାସ ୧୫ ଓ ୩୦ ତାରିଖରେ ବିଲ୍ ସଂଗ୍ରହ କରାଯାଇ ଡିପୋଜିଟ କରାଯାଏ। କିନ୍ତୁ ଫେବୃଆରୀ ମାସର ୧୫ ତାରିଖରେ ସମ୍ପୃକ୍ତ ଯୁବକ ବିଲ୍ ପୈଠ କରି ନ ଥିବା ବେଳେ ମାର୍ଚ୍ଚ ୧ରେ ବିଲ ସଂଗ୍ରହ କରି କାର୍ଯ୍ୟାଳୟକୁ ଆସୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ଅଭିନୟ କରିଥିଲେ। ବାଂଶ-ପାଟେଣିଗାଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ପାର୍ଶ୍ୱରେ ତାଙ୍କ ଗାଡି ପଡ଼ିଥିବା ବେଳେ ତାଙ୍କ ହାତରୁ ରକ୍ତ ବୋହୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ତୁରନ୍ତ ଲୋକେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚାରଉଚରା କରିଥିଲା। ସେ ୧ ଲକ୍ଷ ୨ ହଜାର ଟଙ୍କା ସଂଗ୍ରହ କରି ଆସୁଥିବା ବେଳେ ବାଇକ୍‌ରେ ୨ ଜଣ ଯୁବକ ତାଙ୍କୁ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିବା କହିଥିଲେ। ତାଙ୍କ କଥାରେ ପୋଲିସ ସନ୍ଦେହ ହେବାରୁ ଅଟକ ରଖି ଅଧିକ ତଦନ୍ତ କରିବା ପରେ ସେ ନିଜେ ଟଙ୍କା ଖର୍ଚ୍ଚ କରି ହାତକୁ ନିଜେ ବେଲକଣ୍ଟାରେ କାଟିଥିବା ପ୍ରକାଶ କରିଛନ୍ତି।

# ସବୁ ବ୍ଲକ, ଜିଲା ପରିଷଦ ଭାଜପା ଦଖଲ କରିବ: ମନ୍ତ୍ରୀ ସମ୍ପଦ





ଭାଜପାର ମହାମିଶ୍ରଣ ପର୍ବ ଓ ବନ୍ଧୁମିଳନରେ ମଞ୍ଚାସୀନ ଅତିଥି।

## ଜିଲା ବିକାଶ ପାଇଁ ୪ ବିଧାନସଭା ନେତାଙ୍କ ପ୍ରତିଶ୍ରୁତି

ଜଗତ୍ସିଂହପୁର, ୧।୩
(ପ୍ରମୋଦ କୁମାର ନାୟକ)

ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିରିଡ଼ି ବ୍ଲକ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ଗତ ଶନିବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ହୋଇଥିବାବେଳେ ରବିବାର ବାଲିଆଷ୍ଟୋରଠାରେ ଭାଜପାର ମହାମିଶ୍ରଣ ପର୍ବ ଓ ବନ୍ଧୁମିଳନ ନୂଆ ଆଭାସ ଦେଇଛି। ଏହି ଉତ୍ସବରେ ଦଳୀୟ ନେତାମାନେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହା ଏକପ୍ରକାର ନିର୍ବାଚନୀ ବିଗୁଲ ବାଜିଲା ବୋଲି ସମ୍ବୋଧନ କରିବାକୁ ପଛାଇ ନ ଥିଲେ। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଜିଲାକୁ ଆଗକୁ ନେବା ପାଇଁ ସେମାନେ ଦଳ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ଯଥା ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ନେତା ସତ୍ୟସାରଥୀ ମହାନ୍ତି, ତିର୍ତ୍ତୋଲ ନେତା ରାଜକିଶୋର ବେହେରା ଓ ସେ ପ୍ରତିଶ୍ରୁତିବଦ୍ଧ। ଯାହା ଦୀର୍ଘ ୨୪ ବର୍ଷର ବିଜେଡି ସରକାର କରିପାରି ନ ଥିଲା, ତାହା ସେମାନେ ୫ ବର୍ଷରେ କରି ଦେଖାଇବେ। ବିରିଡ଼ିରେ ଦଳୀୟ ମହାମିଶ୍ରଣ ପର୍ବ ଓ ବନ୍ଧୁମିଳନର ମୂଳଦୁଆ ପଡ଼ିଲା। ପରେ ପ୍ରତି ବ୍ଲକ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ହେବ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପା ସବୁ ବ୍ଲକ ଓ ଜିଲା ପରିଷଦ ଜୋନ ଦଖଲ କରିବ ବୋଲି ମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ମନ୍ତ୍ରୀ ଏକଥା ମଧ୍ୟ କହିଥିଲେ, ଗତ ୨ ବର୍ଷ ମଧ୍ୟରେ ସେମାନେ ଅନେକ କିଛି କରିଛନ୍ତି। ଆଗକୁ ପ୍ରତି ପଞ୍ଚାୟତରେ ଗୋଦାବରିଶ ମିଶ୍ର ବିଦ୍ୟାଳୟ ଗଠନ ହେବ। ନିକଟରେ ଜିଲାରେ ଏକ ବିଶ୍ୱ ବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ କରାଯିବା ପାଇଁ ସରକାର ଘୋଷଣା କରିଛନ୍ତି। ଏହା ପୂର୍ବରୁ ଜିଲାରେ ମେଡିକାଲ କଲେଜ କରାଯିବ ବୋଲି ନିଷ୍ପତ୍ତି ସରିଛି। ଖୁବଶୀଘ୍ର ଏସବୁ କାର୍ଯ୍ୟ ଆରମ୍ଭ ହେବ। ଜଗତ୍ସିଂହପୁର ଜିଲାର ଗର୍ବ ଓ ଗୌରବ ବସନ୍ତ ବିଶ୍ୱାଳ ତିର୍ତ୍ତୋଲଠାରେ ସାରଳା ସ୍ପିନିଂ ମିଲ୍ ପ୍ରତିଷ୍ଠା କରି ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲେ। ୧୯୯୯ ମହାବାତ୍ୟାରେ ଏହା କ୍ଷତିଗ୍ରସ୍ତ ହେବାପରେ ତାହା ବନ୍ଦ ହୋଇ ଯାଇଥିଲା। କିନ୍ତୁ ବିଜେଡି ସରକାର ଏତେବର୍ଷ ଶାସନ କରିବା ସତ୍ତ୍ୱେ ଏହାର ପୁନରୁଦ୍ଧାର କିମ୍ବା ବିକଳ୍ପ ବ୍ୟବସ୍ଥା କରିପାରିଲା ନାହିଁ। ଭାଜପା ସରକାର କିନ୍ତୁ ସେଠାରେ ଟେକ୍ନିକାଲ ଟେକ୍ସଟାଇଲ ପାର୍କ କରିବାକୁ ଯାଉଛି। ଏହା ହେଲେ ଯୁବକଙ୍କ ପାଇଁ ନୂଆ ସମ୍ଭାବନା ଓ ସୁଯୋଗ ସୃଷ୍ଟି ହେବ। ଏଥିସହ ପାରାଦୀପରେ ବିମାନ ବନ୍ଦର ଓ ଶିଳ୍ପ ପ୍ରତିଷ୍ଠାକୁ ମଧ୍ୟ ନିଯୁକ୍ତି ସୁଯୋଗ ଦେବ ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ଜଗତ୍ସିଂହପୁର ବିଧାୟକ ଦାସ ପ୍ରଥମେ ସ୍ୱର୍ଗତ ବିଷ୍ଣୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ମନ୍ତ୍ରୀ ସମ୍ପଦଙ୍କ ପରି ମଞ୍ଚାସୀନ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତାଙ୍କୁ ୪ ଭାଇ ବୋଲି ସମ୍ବୋଧନ କରି ଜିଲା ବିକାଶରେ ସେମାନେ ସାରଥୀ ହେବେ ବୋଲି କହିଥିଲେ। ଏହି ଅବସରରେ ସେ ନିଜର କ୍ଷୋଭ ପ୍ରକାଶ କରି କହିଥିଲେ, ପୂର୍ବରୁ ଯେଉଁ ଦଳରେ କାମ କରୁଥିଲେ ତାଙ୍କ ଗୁଣ ସେ ଦଳ ଚିହ୍ନି ପାରିଲା ନାହିଁ, ଯେଉଁ କାରଣରୁ ସେ ଏ ଦଳକୁ ଆସିଛନ୍ତି। ସେ ନିଜେ ମଧ୍ୟ ଗୋଟିଏ ଦଳରେ ୨୪ ବର୍ଷ ସଂଘର୍ଷ କଲେ। କିନ୍ତୁ ସେହି ଦଳ ତାଙ୍କୁ ବୁଝିପାରିଲା ନାହିଁ। ତେଣୁ ଏହି ଦଳ ଛାଡି ସେ ଭାଜପାରେ ମିଶିଛନ୍ତି। ସୁବିଧାବାଦୀ ଲୋକ ନିଜର ସ୍ୱାର୍ଥ ପାଇଁ ଜଗତ୍ସିଂହପୁର ଓ ତିର୍ତ୍ତୋଲ ବିଧାନସଭାକୁ ପଶିଆସିଛନ୍ତି। ଖଣି, ଖାଦନ, ପାଣି, ବାଲି ଘାଟ ଉପରେ ସେମାନଙ୍କ ଲୋଭ। ଏକଦା ଜଗତ୍ସିଂହପୁର ଶିକ୍ଷାରେ ରାଜ୍ୟରେ ୧ ନମ୍ବର ଥିବାବେଳେ ଏବେ ୪ ନମ୍ବର। କ୍ରୀଡାରେ ପୂର୍ବରୁ ତୃତୀୟ ସ୍ଥାନରେ ଥିବାବେଳେ ଏବେ ଚତୁର୍ଥ ସ୍ଥାନକୁ ଖସି ଆସିଛି। କିନ୍ତୁ ମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ଜିଲାର ବିକାଶ କ୍ରୀୟାଶୀଳ ହୋଇଥିବା ବିଧାୟକ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳ ବାଲିକୁଦା-ଏରସମା ବିଧାନସଭା ଆସନ ନେତା ମହାନ୍ତି, ନୃସିଂହ ଚରଣ ଦାସ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ବେହେରା, ସୁନିଲ ମଲ୍ଲିକ, ସୁବୋଧ ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତମ ପାତ୍ରଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୋରେଖନାଥ ପୀଠ: ଦୀପରୁ ନିଆଁ ଲାଗି ମହିଳା ଗୁରୁତର

## ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କଲେ ଲୋକେ

ରଘୁନାଥପୁର, ୧।୩
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ରବିବାର ଅଘଟଣ ଘଟିଛି। ଅସାବଧାନତାବଶତଃ ପ୍ରଭୁଙ୍କ ସମ୍ମୁଖରେ ଜଳୁଥିବା ଦୀପଷ୍ଟାଣ୍ଡରୁ ଶାଢ଼ିରେ ନିଆଁ ଲାଗିଯିବାରୁ ଜଣେ ବୟସ୍କା ମହିଳା ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ଜଗତ୍ସିଂହପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନିଆଁରେ ଶରୀରର ଅଧିକାଂଶ ସ୍ଥାନ ପୋଡ଼ିଯାଇଛି।

ଜଗତ୍ସିଂହପୁର ଅଞ୍ଚଳର ରାମକୃଷ୍ଣ ମେକାପ ନିଜ ପରିବାର ସହ ପୀଠକୁ ଦର୍ଶନ ପାଇଁ ଆସିଥିଲେ। ତାଙ୍କ ସହ ଆସିଥିବା ବୟସ୍କା ମହିଳା ଜଣକ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରୁଥିବାବେଳେ ହଠାତ୍ ପବନରେ ଶାଢ଼ିର କାନି ଉଡି ଦୀପଷ୍ଟାଣ୍ଡରୁ ନିଆଁ ଲାଗିଯାଇଥିଲା। ସେଠାରେ ଥିବା ଲୋକେ କୌଣସି ପ୍ରକାରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ମହିଳାଙ୍କ ଶାଢ଼ି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ତୁରନ୍ତ ରାମକୃଷ୍ଣ ନିଜ ଗାଡ଼ିରେ ମହିଳାଙ୍କୁ ମେଡିକାଲ ନେଇଯାଇଥିଲେ। ପୀଠ କିରାଣି ସରୋଜ ସାହାଣୀ ନିଆଁ ଲାଗିବା ସମ୍ପର୍କରେ ଜାଣି ନ ଥିବା ଓ ଖବର ପାଇ ଆସିଲା ବେଳକୁ ଉକ୍ତ ମହିଳା ମେଡିକାଲ ଚାଲିଯାଇଥିବା ସେ ପ୍ରକାଶ କରିଛନ୍ତି। ଏହାଛଡା ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ସେ ଜାଣିନାହାନ୍ତି ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଅବଗତ ଥିବା ଓ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ ଜରୁରୀ ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ କର୍ମଚାରୀଙ୍କୁ ଉକ୍ତ ସ୍ଥାନରେ ନିୟୋଜିତ କରାଯିବା ସହ ଆପତକାଳୀନ ମୁକାବିଲା ପାଇଁ ସମସ୍ତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଉପଜିଲାପାଳ ତରାଇ କହିଛନ୍ତି।

ସୂଚନାଯୋଗ୍ୟ, ରବିବାର ଛୁଟିଦିନ ସହ ଏବେ ବିବାହ ଋତୁ ଚାଲିଥିବାରୁ ପୀଠରେ ଶତାଧିକ ଲୋକଙ୍କ ଭିଡ଼ ଜମିଛି। ମାତ୍ର ଆସନ୍ନ ବିପଦରୁ ସୁରକ୍ଷା ଦେବାପାଇଁ କୌଣସି କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଇ ନାହିଁ। ଏହାଛଡ଼ା ପୀଠ କାର୍ଯ୍ୟାଳୟରେ ଅଗ୍ନି ନିର୍ବାପକ ଯନ୍ତ୍ର ଥାଇ ସୁଦ୍ଧା ଆବଶ୍ୟକ ସମୟରେ କାର୍ଯ୍ୟରେ ଲଗାଯାଉ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ନିଆଁରେ ଗୁରୁତର ମହିଳା।

# ପୁସ୍ତକ ଜୀବନକୁ ପ୍ରଗତିଶୀଳ, ସାହିତ୍ୟ ସଚେତନ କରାଏ

ତିର୍ତ୍ତୋଲ, ୧।୩
(ଗୌରାଙ୍ଗ ଚରଣ ସ୍ୱାଇଁ)

ସାହିତ୍ୟ ଦ୍ୱାରା ସମାଜ ସଚେତନ ହୋଇଥାଏ ଓ ପୁସ୍ତକ ସର୍ବଦା ଜୀବନକୁ ପ୍ରଗତିଶୀଳ କରିଥାଏ ବୋଲି ବକ୍ତାମାନେ କହିଛନ୍ତି। ସାହିତ୍ୟ, ସଂସ୍କୃତି, ସଂସ୍କାର ଓ ସେବା ଲାଗି ସମର୍ପିତ ଇଣ୍ଟରନ୍ୟାଶନାଲ ଗୀତା ମିଶନ ଦ୍ୱାରା ଆୟୋଜିତ ବସନ୍ତ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ଆଦିକବି ଭବନ ପରିସରରେ ଏହି ବସନ୍ତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ମିଶନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ଚିନ୍ମୟ ଦାସ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ. ଉମାକାନ୍ତ ନାୟକ, ଅଧ୍ୟାପକ ଅଦ୍ୱୈତ କୁମାର ସାହୁ, ଗୋଲୋକ ବିହାରୀ ପଲାଇ, ରୁନୀବାଳା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଡା. ସତ୍ୟ କାନୁନ୍‌ଗୋ ଓ ପରମାନନ୍ଦ ମିଶ୍ରଙ୍କ ସଂଯୋଜନାରେ ବସନ୍ତ ଋତୁକୁ ନେଇ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ମେଜର ଭରତ ଚନ୍ଦ୍ର ଜେନାଙ୍କ ରଚିତ କବିତା ସଙ୍କଳନ ପୁସ୍ତକ 'ବସନ୍ତ ବିଳାସ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପଣ୍ଡିତ ବାସବ କୁମାର ନନ୍ଦ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଜଗତ୍ସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର ଆଦି ଜିଲାର ବହୁ ସାହିତ୍ୟିକ ଉପସ୍ଥିତ ଥିଲେ।





ବସନ୍ତ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ୮୮୦ ବୋତଲ ବିଦେଶୀ ମଦ ଜବତ: ଜଣେ ଗିରଫ

ଜଗତ୍ସିଂହପୁର, ୧।୩
(ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ପୋଲିସକୁ ଆଉ ଏକ ସଫଳତା ମିଳିଛି। ପୋଲିସ ଏହି ଥାନା ଅନ୍ତର୍ଗତ ପାକନପୁର ନିକଟରେ ସନ୍ଦେହଜନକ ଭାବେ ଥିବା ଏକ କାର୍‌ରୁ ବିଭିନ୍ନ ବ୍ରାଣ୍ଡର ୮୮୦ ବୋତଲ (୨୮୯ ଲିଟର) ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଜଗତ୍ସିଂହପୁର ଥାନା ପକ୍ଷରୁ ମାମଲା ନଂ. ୧୯୭/୨୬ ରୁଜୁ ହେବା ସହ କାର ଚାଳକ ଅର୍ଥାତ୍ ଏହି ଥାନା ନୂଆପଡ଼ା ଗ୍ରାମର ଚନ୍ଦନ ଓରଫ ଶିବ ପ୍ରସାଦ ଦାସ (୨୫)ଙ୍କୁ ଗିରଫ କରାଯାଇଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।
ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00
ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-1173/Q/25-26

**OFFICE OF THE CHIEF EXECUTIVE CHILIKA DEVELOPMENT AUTHORITY**
PLOT NO-493(P), PALASPALI, KHURDA, BHUBANESWAR-751020
TENDER CALL NOTICE NO. 349(1)/CDA/2026, Dt. 23.02.2026
No.8001/106/2526 : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.
Sd./- Addl. Chief Executive, Chilika Development Authority
OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**
Panchayati Raj
Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863
Notice No. : 982 Date : 26.02.2026
INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME
No.19001/59/2526 : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.
The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.
1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of** the Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.
Sd./- C.D.O-cum-E.O., Zilla Parishad, Balangir
OIPR-19001/19248/1/25-26/0001

**GOVERNMENT OF ODISHA** No.25001/263/2526
**OFFICE OF THE EXECUTIVE ENGINEER RURAL WORKS DIVISION, JEYPORE**
e-Procurement for Building Works
Bid Identification No. : EERWJYP-Online -14/2025-26
Letter No.1283 Date : 23.02.2026
01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any Addendum or Corrigendum will be available in the Website only.
Sd./- Executive Engineer, Rural Works Division, Jeypore
OIPR-25001/25160/1/25-26/0004

# ବିଜ୍ଞାନ ପ୍ରଦର୍ଶନୀ ମେଳା

**ଗୋପାଳପୁର,୧୩(ନବୀନ ରାଜ ଆଚାରୀ)**

କରାପଲ୍ଲୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜୀବ ବିଜ୍ଞାନୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରକ ବୋର୍ଡର ମୁଖ୍ୟ ଡ.ଦେବାଶିଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାମ ନାରାୟଣ ମହାବିଦ୍ୟାଳୟ ଭୁରାର ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଉଷାରାଣୀ ବ୍ରହ୍ମା ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରି ମୂଲ୍ୟାୟନ କରି ପ୍ରତିଭାକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଅର୍ପିତା ବେହେରା, ଦ୍ୱିତୀୟ ସ୍ଥାନରେ ଏମ୍. ରୁଦ୍ର ପ୍ରସାଦ ପାତ୍ର ଏବଂ ଗୋପାଳ କୃଷ୍ଣ ପାଣିଗ୍ରାହୀ ଓ ଆୟୁଷ୍ମାନ ଶତପଥି ଯୁଗ୍ମ ଭାବେ ତୃତୀୟ ହୋଇଥିଲେ। ସମସ୍ତଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ

**ନୟାଗଡ଼, ୧୩(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ୨୦୨୬ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଗଣତନ୍ତ୍ର ପାଇଁ ୧୯୭୫ ର ଆପତ୍‌କାଳୀନ ସମୟରୁ ମିଳିଥିବା ଶିକ୍ଷା ବିଷୟକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ନୟାଗଡ଼ ଜିଲ୍ଲାସ୍ତରୀୟ ସଂଯୋଜକ ଚିତ୍ତରଞ୍ଜନ ଦାଶ ସଂଯୋଜନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ଼.କୃଷ୍ଣଚନ୍ଦ୍ର ଦାସ ଯୋଗ ଦେଇଥିବାବେଳେ ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ପ୍ରଶିକ୍ଷଣ ସଂଯୋଜକ ନୀରୋଦବର୍ଣ୍ଣା ଖୁଣ୍ଟିଆ ମୁଖ୍ୟବକ୍ତା ରୂପେ ଯୋଗଦେଇ ଥିଲେ। ଜିଲାର ସମସ୍ତ ମହାବିଦ୍ୟାଳୟମାନଙ୍କର ପ୍ରତିଯୋଗୀମାନେ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଭାରତ ସରକାରଙ୍କ ଖେଳ ଓ ଯୁବ ମନ୍ତ୍ରାଳୟର ସହାୟତା ଓ ମୋ ଭାରତର ମିଳିତ ସହଯୋଗରେ ସମ୍ପୃକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ଜରୁରୀ ପରିସ୍ଥିତିର ୫୦ ବର୍ଷ ପରେ ଭାରତୀୟ ଗଣତନ୍ତ୍ରରେ ପ୍ରଭାବ ଶୀର୍ଷକ ଉପରେ ଯୁବତୀ ଯୁବକ, ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଜିଲାର ପାଞ୍ଚଜଣ ବିଚାରକ ଭାବେ ଚନ୍ଦ୍ର ବିଜୟୀ ମିଶ୍ର, ଆଶୁତୋଷ ମିଶ୍ର,ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା, ନିରୁପମା ଦଳବେହେରା ଓ ଚିତ୍ତରଞ୍ଜନ ଦାସ ଯୋଗଦେଇ ୫ ଜଣ ପ୍ରତିଭୁ ରିପସା ତ୍ରିପାଠୀ, କଳିଙ୍ଗ ଜଗନ୍ନାଥ, ଗାୟତ୍ରୀ ବେହେରା,ସର୍ଣ୍ଣପ୍ରଭା ଗୌଡ଼ ଓ ଦୀପକ କୁମାର ଜେନାଙ୍କୁ ମନୋନୀତ କରିଥିଲେ। ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ଟ୍ରଫିଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭୂମାନେ ମାର୍ଚ୍ଚ ୧୩ ରେ ଓଡ଼ିଶା ଲୋକସେବା ଭବନରେ ହେବାକୁଥିବା ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। କାର୍ଯ୍ୟକ୍ରମକୁ ଅଧ୍ୟାପକ ନିରୋଜ ପ୍ରଧାନ ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମିସ୍ ବିଜୟଲକ୍ଷ୍ମୀ କହଁର ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ନୟାଗଡ଼ରେ ଗଡ଼ ଉତ୍ସବ



ଗଡ଼ ଉତ୍ସବରେ ସାମିଲ ବିମାନ।

**ନୟାଗଡ଼,୧୩**
**(ଲୋକନାଥ ମିଶ୍ର)**

- ବିଲମ୍ବିତ ରାତିରେ ୧୨ ଶମ୍ଭୁ ମେଳଣ
- ଭୋଗ ଖାଉଛନ୍ତି ୮ ଠାକୁର
- ଏକାଦଶୀରୁ ଚତୁର୍ଦ୍ଦଶୀ ଚାଟେରୀ ଭୋଗଖିଆ

ନୟାଗଡ଼ ଜିଲା ସଦର ମହକୁମାର ପୁରୁଣା ସହରରେ ଗଡ ମହୋତ୍ସବ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି । ଗଡ ଉତ୍ସବରେ ୧୨ ଶମ୍ଭୁ ମେଳଣ ଓ ଫଗୁ ଖେଳ ମୁଖ୍ୟ ଆକର୍ଷଣ । ତ୍ରୟୋଦଶୀ ରାତିରେ ୧୨ ଶମ୍ଭୁଙ୍କ ସମେତ ଅନ୍ୟ ଠାକୁର ସ୍ୱତନ୍ତ୍ର ପଟୁଆରରେ ଆସି ମେଳଣ ହେବେ । ରାତି ୧୦ଟାରୁ ଶମ୍ଭୁମାନେ ଭୋର ସମୟ ପର୍ଯ୍ୟନ୍ତ ପଟୁଆରରେ ଆସିଥାନ୍ତି । ଅନ୍ୟପକ୍ଷେ ନୟାଗଡ଼ ପୁରୁଣାସହରର ଜଗନ୍ନାଥ, ରାମେଶ୍ୱର, ସ୍ୱପ୍ନେଶ୍ୱର, ରଘୁନାଥ, କାଶୀ ବିଶ୍ୱନାଥ, ଗୋପୀନାଥ, ବିଶ୍ୱନାଥ, ରାଧାମୋହନ, ରାଧାନାଥେ ପ୍ରମୁଖ ୮ ଠାକୁର ଏକାଦଶୀରୁ ଭୋଗଖିଆ ପରମ୍ପରା ଅନୁସାରେ ଚାଲିଛି । ଏହି ଭୋଗଖିଆ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଚାଲୁ ରହିବ । ଚଳିତ ବର୍ଷ ଏକାଦଶୀରୁ ୮ ଠାକୁରଙ୍କର ଭୋଗଖିଆ ପରମ୍ପରା ଆରମ୍ଭ ହୋଇଛି । ଠାକୁରମାନେ ପ୍ରତ୍ୟହ ରାତିରେ ନୟାଗଡ଼ ପୁରୁଣା ସହରରର କରଣସାହି, ବ୍ରାହ୍ମଣସାହ ଓ ରାଜବାଟିରେ ଭୋଗଖାଇ ଫେରୁଛନ୍ତି । ସୋମବାର ଚତୁର୍ଦ୍ଦଶୀରେ ୧୨ ଶମ୍ଭୁଙ୍କ ସହ ୮ ଠାକୁର ମିଳିତ ହୋଇ ଭୋଗ ଖାଇବା ପରେ ଗଡ ଉତ୍ସବ ଶେଷ ହେବ । ଚଳିତ ବର୍ଷ ଗଡ ଉତ୍ସବ ଆରମ୍ଭ ହୋଇଛି । ଗଡ ଉତ୍ସବର ମୁଖ୍ୟ ଠାକୁର ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମହାପ୍ରଭୁ । ଜଗନ୍ନାଥ ମହାପ୍ରଭୁଙ୍କ ତରଫରୁ ନୟାଗଡ଼ ଓ ଆଖପାଖର ୧୭ ଶମ୍ଭୁଙ୍କୁ ଗଡ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ଯାଇଛି । ତେବେ ସବୁ ବର୍ଷ ପରି ଚଳିତ ବର୍ଷ ସିନ୍ଧୁରିଆର ଜଗନ୍ନାଥ ଓ ଲୋକନାଥ ଦେବ, ଜୟପୁରର ସିଦ୍ଧେଶ୍ୱର ଦେବ, ଖମାରସାହି ଓ ଖଣ୍ଡପଡା ରୋଡର ଆଖଣ୍ଡଳମଣି, ଲାଠିପଡାର ନୀଳକଣ୍ଠେଶ୍ୱର, କଳାହାଣ୍ଡିର କପିଳେଶ୍ୱରଦେବ, ବରପଲ୍ଲୀର କୁଞ୍ଜବିହାରୀ, ନୟାଗଡ଼ର ମଦନଶ୍ୱରଦେବ, କାଶୀ ବିଶ୍ୱନାଥ ଦେବ ପ୍ରମୁଖ ଗଡ ଉତ୍ସବରେ ଯୋଗ ଦେବାର ରହିଛି ।

୧୨ ଶମ୍ଭୁଙ୍କ ସହ ନୟାଗଡ଼ ପୁରୁଣାସହରର ଜଗନ୍ନାଥ, ରାମେଶ୍ୱର, ସ୍ୱପ୍ନେଶ୍ୱର, ରଘୁନାଥ, କାଶୀ ବିଶ୍ୱନାଥ, ଗୋପୀନାଥ, ବିଶ୍ୱନାଥ, ରାଧାମୋହନ, ରାଧାନାଥେ ପ୍ରମୁଖ ସାମିଲ ହେବେ । ଉତ୍ସବରେ ୧୨ ଶମ୍ଭୁ ମେଳଣ ଓ ଚତୁର୍ଦ୍ଦଶୀରେ ସମସ୍ତ ଠାକୁର କରଣସାହି ଓ ବ୍ରାହ୍ମଣସାହିରେ ଭୋଗ ଖାଇଫେରିବା ପରେ ରାଜବାଟିରେ ଷୋଡଶ ଉପଚାରରେ ପୂଜା ହେବ । ରାଜବାଟିରୁ ଫେରିବା ପରେ ପୁଣି ଠାକୁର ଜଗନ୍ନାଥ ମନ୍ଦିରରେ ଷୋଡଶ ଉପଚାରେ ପୂଜା ହେବେ । ପରେ ୧୨ ଶମ୍ଭୁ ସହ ଅନ୍ୟ ଠାକୁର ନିଜ ନିଜ ମନ୍ଦିରକୁ ଫେରିବେ। ଏନେଇ ଦେବୋତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ଗଡ ଉତ୍ସବ ଓ ଚାଟେରି ଭୋଗ ଖିଆ କାହିଁ କେଉଁ କାଳରୁ ନୟାଗଡ଼ରେ ହୋଇ ଆସୁଛି । ଚଳିତ ବର୍ଷ ଗଡ ଉତ୍ସବ ରବିବାର ରାତିରେ ଆରମ୍ଭ ହୋଇଛି । ସୋମବାର ଠାକୁର ଘରକୁ ଘର ବୁଲି ଭୋଗ ଖାଇବା ପରେ ଗଡ ଉତ୍ସବ ଉଦ୍‌ଯାପିତ ହେବ ବୋଲି କହିଛନ୍ତି ।

# ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ଜଗନ୍ନାଥ ପ୍ରସାଦ,୧୩(ବିଭୁ ପ୍ରସାଦ ପଟ୍ଟନାୟକ)**

ଜଗନ୍ନାଥ ପ୍ରସାଦ ହାଇସ୍କୁଲ ଛକ ନିକଟସ୍ଥ ଲଟାମହାଦେବ ଶ୍ରୀଦ୍ୟୁତିକେଶ୍ୱର ପଡିଆରେ ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପ୍ରଦୀପ ନାୟକ, ଆଶାଲତା ନାୟକ, ଆଞ୍ଚଳିକ କଲେଜ ଅଧ୍ୟକ୍ଷ ନୃସିଂହ ପ୍ରଧାନ, ଜ୍ୟୋର୍ତିବିଦ ଅନ୍ନଦା ତ୍ରିପାଠୀ, ଅଧ୍ୟାପକ ଡା ଭଞ୍ଜକିଶୋର ରଣା, ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ସମାଜସେବୀ ମହେନ୍ଦ୍ର ପଣ୍ଡା, ଗଞ୍ଜାମ ଜିଆଇପିଏସର ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, ଯୁବ ନେତା ଅମିତାଭ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ସ୍କୁଲର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ କୁନିକୁନି ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। ଶ୍ରେଷ୍ଠ ଛାତ୍ରୀ ଭାବେ ଦିବ୍ୟାଶା ମିଶ୍ର ପୁରସ୍କୃତ ହୋଇଥିଲେ। ସ୍କୁଲର ଦିବ୍ୟଯୋତି ନାୟକ, ସସ୍ମିତା ସାହୁ, ରଶ୍ମିତା ଦାସ, ବୈଭବୀ ରଥ, ଶୁଚିସ୍ମିତା ଷଡଙ୍ଗୀ, ରତ୍ନାକର ସାହୁ, ରତ୍ନମାଳା ପ୍ରଧାନ, ରଶ୍ମିତା ପତି ସମେତ ଅନେକ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଯୁବପିଢ଼ିଙ୍କ ପାଇଁ ଓଡ଼ିଆ ଭାଷା ଓ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ




ମଞ୍ଚାସୀନ ଅତିଥି।

**ପାରଳାଖେମୁଣ୍ଡି,୧୩(ଗିରିଧାରୀ ପରିଚ୍ଛା)**

## ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ କାର୍ଯ୍ୟକ୍ରମ

ଓଡିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଓ ମହିଳା ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆର୍‌ସେଟି ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଭାଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀନା ସାହୁ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଡ. ଭାରତୀ ପାଣିଗ୍ରାହୀ ସ୍ୱାଗତ ସୂଚନା ଦେଇଥିଲେ। ସାହିତ୍ୟିକ ଡ. ଲମ୍ୱୋଦର ପାଣିଗ୍ରାହୀ, ଡ. ଅଶୋକ ପଣ୍ଡା, ରାଜଲକ୍ଷ୍ମୀ ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପୀଢିଙ୍କ ପାଇଁ ଓଡିଆ ଭାଷା ଓ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖି ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟର ଗତି ଓ ପ୍ରଗତି ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ଧ୍ର ପ୍ରଦେଶର ବାରୁଆ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ରାମାରାଓ ମାଝୀ 'ଯୁବପୀଢି ଓ ମାତୃଭାଷା' ଶୀର୍ଷକ ନିବନ୍ଧ ପାଠ କରିଥିଲେ। ମହା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଓଡିଆ ଭାଷା ଓ ସାହିତ୍ୟ ଉପରେ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ତଥା ଜିଲାର ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ,ଅଧ୍ୟାପିକା ଓ ଛାତ୍ରୀମାନେ ଯୋଗ ଦେଇଥିଲେ।

# କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୧୩ (ସୁରେନ୍ଦ୍ର ନାଥ ସାହୁ)**

ଆସିକା କଳିଙ୍ଗ ବୈଶ୍ୟ ସମାଜ ଦ୍ୱିତୀୟ ସଂଘର ସାଧାରଣ ବୈଠକ ଶନିବାର ବଜାରସାହିସ୍ଥିତ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲଡୁ କିଶୋର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂପାଦକ ସୁରେଶ କୁମାର ପାତ୍ର ପରିଚାଳନା କରିଥିଲେ । ତିରୁପତି ପାତ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ମହାସଂଘର ବିଭିନ୍ନ କାର୍ଯ୍ୟଶୈଳି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଲଡୁ କିଶୋର ପାତ୍ର, ସଂପାଦକ ଗୋବିନ୍ଦାରାଜୁ ପାତ୍ର, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ମହିଳା ସଂଘ ସଭାନେତ୍ରୀ ସନ୍ତୋଷିନୀ ପାତ୍ର, ସଂପାଦିକା ରଶ୍ମିତା ପାତ୍ର ଓ କୋଷାଧ୍ୟକ୍ଷ ରୂପେ ରିତା ନାୟକ ଏବଂ ଯୁବକ ସଂଘ ସଭାପତି ରୂପେ ଶିବଶଙ୍କର ପାତ୍ର, ସଂପାଦକ ରବି କୁମାର ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

# ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ମୋହନା,୧୩ (ମନ୍ମଥ ମିଶ୍ର)**

ମୋହନା ବ୍ଲକ ବଡ଼ ଖଣି ପଞ୍ଚାୟତ ଅଧିନ ସାନଖଣି ଖେଳପଡ଼ିଆରେ ୨ ଦିନ ଧରି ଚାଲିଥିବା ମୋହନା ଫରେଷ୍ଟର ଫାୟାର ପ୍ରିମିୟର ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ପ୍ରଥମ ଦିନ ଖେଳକୁ ବଡ଼ଖଣି ସରପଞ୍ଚ କେଶବ ମଲିକ ଉଦଘାଟନ କରିଥିଲେ। ସାନଖଣି ଓ ବଡ଼ଖଣି ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭଲି ଖେଳ ହୋଇଥିଲା। ଟୁର୍ନାମେଣ୍ଟରେ ବିଭିନ୍ନ ଗ୍ରାମାଞ୍ଚଳର ୧୧ଟି ଟିମ୍ ଭାଗ ନେଇଥିଲେ। ଶେଷ ଦିନରେ ପାଲକୁଆ ଟିମ ସହିତ ସାନ ଖଣି ଟିମର ପ୍ରତିଯୋଗୀତାରେ ପାଲକୁଆ ଟିମ ବିଜୟୀ ହୋଇଛି। ସାନଖଣି ଟିମ ଉପ ବିଜେତା ଘୋଷିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ଟ୍ରଫି ସହ ୧୫ଶହ ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୮ଶହ ଟଙ୍କା ପ୍ରଦାନ କରାଯାଇଥିଲା। ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭ଟି ବନ ସୁରକ୍ଷା ସମିତି ଓ ଏହାର ସଭାପତି ବାଳକୃଷ୍ଣ ମଲିକ, ୱାର୍ଡ ମେମ୍ବର କିଷାନ ମଲିକ, ପୂର୍ବତନ ସମିତି ସଭ୍ୟ ସହଦେବ ମଲିକ, ଲିପିକା ଅନୁଷ୍ଠାନର ସଂଯୋଜକ ଅକ୍ଷୟ କୁମାର ଶତପଥୀ, ସମସ୍ତ ବନ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ନିୟମିତ ଯାଞ୍ଚ ହେଉନି ହୋଟେଲ ଖାଦ୍ୟ

**ଭଞ୍ଜନଗର,୧୩(ବାବୁଲା ପ୍ରଧାନ)**

ଭଞ୍ଜନଗର ସହରରେ ଦିନକୁ ଦିନ ଛତୁ ଫୁଟିଲା ଭଳି ଛୋଟ ବଡ ହୋଟେଲ ଖୋଲୁଛି। କିନ୍ତୁ ସେଗୁଡିକର ଖାଦ୍ୟ ନିୟମିତ ଯାଞ୍ଚ ହେଉନାହିଁ। ନିର୍ଦ୍ଦିଷ୍ଟ କେତୋଟି ବଡ ହୋଟେଲରେ ରାତିର ବଳକା ଖାଦ୍ୟକୁ ପରଦିନ ମଧ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଥିସହ ଅନେକ ହୋଟେଲରେ ନିମ୍ନ ମାନର ତେଲ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ସେହିଭଳି ନିମ୍ନ ମାନର ରାଶନ ସାମଗ୍ରୀ ମଧ୍ୟ କେତେକ ଦୋକାନରେ ବିକ୍ରି ହେଉଛି। ଦୋକାନୀମାନେ ଦର ତାଲିକା ଦୋକାନ ସମ୍ମୁଖରେ ମାରୁନାହାନ୍ତି। ମନ ଇଚ୍ଛା ଦରରେ ବିଭିନ୍ନ ସାମଗ୍ରୀ ବିକ୍ରି ହେଉଛି। ସହରରେ କ୍ଷୀର, ଛେନା, ପନିର ମଧ୍ୟ ନିମ୍ନ ମାନର ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରେସର ମାଗଣା ଦିଆଯିବା ସହ ବିଶୁଦ୍ଧ ଜଳ, ଶୌଚାଳୟ ସମେତ ଅନ୍ୟାନ୍ୟ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସରକାରୀ ନିୟମକୁ ଭଞ୍ଜନଗର ସହରରେ କେହି ଏସବୁ ସୁବିଧା କରିନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସବୁଠି ନିୟମିତ ଯାଞ୍ଚ ପାଇଁ ଦାବି ହୋଇଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1173/Q/25-26

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**

PLOT NO-493(P), PALASPALI, KHURDA, BHUBANESWAR-751020

**TENDER CALL NOTICE NO. 349(1)/CDA/2026, Dt. 23.02.2026**

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority

OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**

Panchayati Raj

Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863

**Notice No. : 982 Date : 26.02.2026**

**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME**

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.

The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of** the Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir

OIPR-19001/19248/1/25-26/0001

# ରାଜ୍ୟ ସଭା ନିର୍ବାଚନରେ ଗଞ୍ଜାମ ଜିଲାକୁ ଗୁରୁତ୍ୱ ଦେବାକୁ ଉଠିଲା ସ୍ୱର

**ବ୍ରହ୍ମପୁର,୧୩ (ସୁବାସ ଚନ୍ଦ୍ର ପାଢ଼ୀ)**

ରାଜ୍ୟସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡ଼ିଶାରୁ ୪ଜଣ ରାଜ୍ୟ ସଭାକୁ ଯିବେ। ବିଜେଡି ରାଜ୍ୟ ସଭା ପାଇଁ ଶିଳ୍ପପତି ସଂତୃପ୍ତ ମିଶ୍ର ଏବଂ ବିଶିଷ୍ଟ ଡାକ୍ତର ଦତ୍ତେଶ୍ୱର ଦାସଙ୍କ ନାମ ଘୋଷଣା କରିଛି। ଭାଜପା ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ଏଯାଏଁ ସେମାନଙ୍କ ଅଙ୍କ ଛିଡିନାହିଁ। ଦୀର୍ଘଦିନ ହେଲା ଗଞ୍ଜାମରୁ କେହି ହେଲେ ରାଜ୍ୟସଭାକୁ ଯାଇନାହାନ୍ତି। ଗଞ୍ଜାମ ଜିଲା ଓଡ଼ିଶା ରାଜନୀତିକୁ ସରଗରମ କରିଥାଏ। ଦୀର୍ଘ ୨୪ବର୍ଷ ଧରି ବିଜେଡି ଶାସନରେ ଥିଲା। ରାଜ୍ୟ ସଭାକୁ ଏଠାରୁ ରେଣୁବାଳା ପ୍ରଧାନଙ୍କୁ ପଠେଇ ପ୍ରଭାବଶାଳୀ ନିତ୍ୟାନନ୍ଦ ପ୍ରଧାନ ପରିବାରକୁ ଦଳ ନିଜ ଅଧିନକୁ ଆଣିବାରେ ସଫଳ ହୋଇଥିଲା। ରାଜ୍ୟସଭା ସଦସ୍ୟ ଭାବେ ରେଣୁବାଳା ପ୍ରଧାନଙ୍କୁ ପଠେଇ ମହିଳାଙ୍କ ପାଇଁ ପ୍ରେରଣା ପୂର୍ଣ୍ଣ ସନ୍ଦେଶ ଦେଇ ଥିଲେ ନବୀନ ପଟ୍ଟନାୟକ। ବିଶେଷ କରି ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ସମାଜସେବା କ୍ଷେତ୍ରରେ ରାଜ୍ୟ ଓ ଜାତୀୟସ୍ତରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିତ୍ୱଙ୍କୁ ପ୍ରାର୍ଥୀ କରାଯିବା ନିୟମ ରହିଛି। କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଗଞ୍ଜାମ ଜିଲାର ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଯୋଗଦାନ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବିଜେଡି କେବେ ବି ସୁଯୋଗ ସୃଷ୍ଟି କରି ନ ଥିଲା। ବର୍ତ୍ତମାନ ସମୟରେ ସରକାର ବଦଳିଛି। ରାଜ୍ୟ ରାଜନୀତିରେ ଗଞ୍ଜାମ ଜିଲାର ବିଶେଷ ଅବଦାନ ରହିଛି। ତେଣୁ ଜିଲାର ସ୍ୱାଭିମାନ ମାଟିରୁ ଜଣେ ଉତ୍ତମ ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ପଠାଯିବା ସ୍ୱର ଉଠିଛି। ବିଭିନ୍ନ ଖଟିରେ ବି ଏହାକୁ ନେଇ ଆଲୋଚନା ଜୋର ଧରିଛି। ଭାଜପା ଯଦି ଗଞ୍ଜାମ ମାଟିର ଅସ୍ମିତା ସୁରକ୍ଷାକୁ ସମ୍ମାନ ଜଣାଇ ଜଣେ ସ୍ୱାଭିମାନୀ ଓଡ଼ିଆଙ୍କୁ



ସାଗର ରଞ୍ଜନ ତ୍ରିପାଠୀ



ବିଷ୍ଣୁ ଚରଣ ଚୌଧୁରୀ

ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ବାଛିଲେ ଏହା ନିଶ୍ଚୟ ଗୋଟିଏ ସମୃଦ୍ଧ ସନ୍ଦେଶ କେବଳ ନୁହଁ ବରଂ ଜିଲା ପାଇଁ ଗୌରବ ବିଷୟ ହେବ ବୋଲି ଦଳୀୟ ନେତୃବୃନ୍ଦଙ୍କ ଭିତରେ ବି କୁହାକୁହି ହେଉଥିବା ଚର୍ଚ୍ଚା ହେଉଛି। ଶିକ୍ଷାବିତ୍ ତଥା ବିଶିଷ୍ଟ ରାଜନୀତି ବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ନାମ ଘୋଷଣା ପାଇଁ କିଛି ବ୍ୟକ୍ତି ଦାବି ରଖିଛନ୍ତି। ପ୍ରଫେସର ଚୌଧୁରୀ ଜଣେ ଜ୍ଞାନୀ ବିଦ୍ୱାନ ବ୍ୟକ୍ତି। ରାଜନୀତି ବିଜ୍ଞାନରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସାରା ଭାରତ ରେ ଜଣେ ପ୍ରବୁଦ୍ଧ ଶିକ୍ଷାବିତ୍ ଭାବେ ଜଣାଶୁଣା। ସେହିପରି ଗଞ୍ଜାମ ମାଟିର ଅନ୍ୟ ଜଣେ ଯୁବ ପ୍ରତିଭା ହେଉଛନ୍ତି ଭାଷା ଆନ୍ଦୋଳନ ବ୍ରହ୍ମପୁର ସଭାପତି ତଥା ବିଶିଷ୍ଟ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ। ଶନିବାର ଭୁବନେଶରର ଭାଷା ଆନ୍ଦୋଳନ ପକ୍ଷରୁ ପବିତ୍ର ମହାରଥା ତାଙ୍କୁ ପ୍ରାର୍ଥୀ କରାଯାଉ ବୋଲି ଦୃଢ଼ ଦାବି ରଖିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ସ୍ୱର ଭାବେ ଏଂ ଗଞ୍ଜାମ ଜିଲାର ସ୍ୱାଭିମାନ ପାଇଁ ଅସ୍ମିତା ସୁରକ୍ଷା ପ୍ରସଙ୍ଗରେ ବିଭିନ୍ନ ସମୟରେ ନିରନ୍ତର ପ୍ରୟାସ କରି ସେ ଆସୁଛନ୍ତି । ଭାଜପା ସରକାର ଆସିବା ପରଠୁ ଦଳ ପକ୍ଷରୁ ଆୟୋଜିତ ଅନେକ ବୌଦ୍ଧିକ ସୃଜନ ସାରସ୍ୱତ ସମାରୋହ ସେ ତାଙ୍କ ପ୍ରତିଭା ଦେଖାଇଥିବା କଥାକୁ ଅସ୍ୱୀକାର କରି ହେବ ନାହିଁ। ଏପରିକି ବିଗତ ସାଧାରଣ ନିର୍ବାଚନ ସମୟରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମେନିଫେଷ୍ଟୋ ସଦସ୍ୟ ଥିଲେ ଡାକ୍ତର ତ୍ରିପାଠୀ । ଡାକ୍ତର ତ୍ରିପାଠୀ ଜଣେ ସୁବକ୍ତା ଓ ସୁଲେଖକ ଯିଏକି ନରେନ୍ଦ୍ର ମୋଦି ସରକାରଙ୍କ ନୀତି କୁ ସମ୍ମାନ ଦେଇ ଆସିଛନ୍ତି। ତେଣୁ ଏମାନଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କଲେ ରାଜ୍ୟସଭାରେ ଓଡ଼ିଶାର ସ୍ୱର ବଦଳିପାରେ ଓ ଜିଲା ପାଇଁ ଗୌରବ ବୋଲି ଜାଣିବା ଶୁଣିବା ମହଲରୁ ମତ ପ୍ରକାଶ ପାଉଛି।

**GOVERNMENT OF ODISHA**
No.25001/263/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

e-Procurement for Building Works

**Bid Identification No. : EERWJYP-Online -14/2025-26**

**Letter No.1283** — **Date : 23.02.2026**

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

# ୧୦୦ ବର୍ଷ ପୂରିଲା, ହୋଇପାରୁନି ଜମିଜମା ସଂଶୋଧନ

**ଚଣ୍ଡିଖୋଲ/ବଡ଼ଚଣା,୧୩ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି)**

ଇଂରେଜ ସରକାର ଶାସନ କାଳରେ ୧୯୨୬ରେ ଭୂ-ସଂଶୋଧନ ଆଇନ ଅନୁଯାୟୀ ହୋଇଥିବା ରେକର୍ଡ ଏପର୍ଯ୍ୟନ୍ତ ଆଉ ପୁନର୍ବାର ସଂଶୋଧନ ହୋଇପାରୁନାହିଁ। ଯେଉଁଥି ପାଇଁ ଜମି ମାଲିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲାର ଦର୍ପଣ ତହସିଲ ଅଧୀନରେ। ଏହି ତହସିଲ ଅଧୀନରେ ଥିବା ୯ଟି ରାଜସ୍ୱ ଗ୍ରାମ ଅଦ୍ୟାବଧି ଜମି ପଟ୍ଟା ପାଇ ପାରୁନାହାନ୍ତି। ସେଗୁଡିକ ହେଲା ସୁଙ୍ଗୁଡ଼ା, ଦର୍ପଣୀ, ପତରାଜପୁର, ଚାରିନଙ୍ଗଳ, କଳାଶ୍ରୀ, ପଣସୁଧା, ମାତକାତପୁର, ପଲେଇ ଓ ବରଦା ଗ୍ରାମ। ଏହି ରାଜସ୍ୱ ମୌଜାଗୁଡିକ ୧୯୨୬ ରେ ଭୂସଂସ୍କାର ଆଇନ ବଳରେ ବନ୍ଦୋବସ୍ତ ଆରମ୍ଭ ହୋଇ ୧୯୨୯ରେ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ୧୦୦ ବର୍ଷ ବିତି ଯାଇଥିବା ବେଳେ ସଂଶୋଧନ



ଜମି ସଂଶୋଧିତ ହୋଇ ନ ଥିବା ପତରାଜପୁର ମୌଜା।

ହୋଇପାରିନାହିଁ। ଜମି ପଟ୍ଟା ନ ଥିବାରୁ ସାଧାରଣ ଲୋକ ସମସ୍ୟାରେ ପଡିଛନ୍ତି। ଜାତିଗତ ପ୍ରମାଣ ପତ୍ର, ବାସସ୍ଥାନ ପ୍ରମାଣ ପତ୍ର, ବ୍ୟାଙ୍କ ଋଣ, ଜମିର ଫସଲ ନଷ୍ଟ ହେଲେ କ୍ଷତି ପୂରଣ, ଜମି ଅଧିଗ୍ରହଣ ସମୟରେ ଜମି ପଟ୍ଟାର ଆବଶ୍ୟକତା ରହିଛି। ଏପରିକି ବନ୍ୟା, ବାତ୍ୟା ଓ ମରୁଡିରେ ଫସଲ ହାନି ଘଟିଲେ ଏହି ମୌଜାର ଜମି ମାଲିକମାନେ କ୍ଷତି ପୂରଣ ପାଇପାରୁନାହାନ୍ତି। ଏହି ମୌଜାଗୁଡିକର କେତେକ ଜମି ୧୦୦ ବର୍ଷ ଭିତରେ ବିକ୍ରି ହୋଇଗଲାଣି। କିନ୍ତୁ ଜମି ପଟ୍ଟାରେ ୧୦୦ ବର୍ଷ ତଳର ଜମି ମାଲିକଙ୍କ ନାମ ରହିଛି। ୧୯୮୨ରେ ଏହି ମୌଜାଗୁଡିକର ବନ୍ଦୋବସ୍ତ କାମ ଆରମ୍ଭ ହୋଇଥିଲା। ତେବେ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ କରି ନ ପାରି ଧାରା ୯(୧) ଓ ଧାରା ୧୩(୧) ଚାଲୁଥିବା ବେଳେ ଏହାକୁ ବନ୍ଦ କରି ଦିଆଗଲା। ଦର୍ପଣ ତହସିଲ ଅଧୀନରେ ଏବେ ୨୫୯ ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ସେଥିମଧ୍ୟରୁ ୯ ରାଜସ୍ୱ ଗ୍ରାମ ବନ୍ଦୋବସ୍ତ କାର୍ଯ୍ୟ ହୋଇପାରିନାହିଁ। ଏହା ମଧ୍ୟରେ ଏହି ମୌଜାଗୁଡିକର ଜଳସେଚିତ ଓ ଅଣ ଜଳସେଚିତ ଚାଷ ଜମି ଉପରେ ବହୁସଂଖ୍ୟାରେ କୋଠାଘର ନିର୍ମାଣ ହୋଇସାରିଲାଣି। କିନ୍ତୁ ଜମିର କିସମ ପରିବର୍ତ୍ତନ ହୋଇପାରୁନାହିଁ। ଓଡିଶା ଭୂଲେଖ ୱେବ ପୋର୍ଟାଲରେ ପୁରୁଣା ଜମି ମାଲିକମାନଙ୍କ ନାମ ରହିଛି। ଏପରିକି ଧାନ ବିକ୍ରି ପାଇଁ ପୋର୍ଟାଲରେ ଜମି ପଞ୍ଜୀକରଣ ଠିକ୍ ଭାବେ ହୋଇପାରୁନାହିଁ। ୨୦୨୪ରେ ସରକାରଙ୍କ ପକ୍ଷରୁ ସଂଶୋଧନ ହୋଇ ନ ଥିବା ରାଜସ୍ୱ ଗ୍ରାମଗୁଡିକର ଜମି ସଂଶୋଧନ ହାଇଟେକ ସର୍ଭେ ଜରିଆରେ କରାଯିବ ବୋଲି ଘୋଷଣା ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ୧୯୪୭ରୁ ଦେଶ ସ୍ୱାଧୀନତା ଲାଭ କରିଥିଲେ ମଧ୍ୟ କିନ୍ତୁ ଏପର୍ଯ୍ୟନ୍ତ ଏମାନେ ନିଜ ଜମିର ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ହାଇଟେକ ସର୍ଭେ ଜରିଆରେ ସର୍ଭେ କରାଯିବ ବୋଲି ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ୩ ମୌଜାର ହାଇକୋର୍ଟରେ ମାମଲା ରହିଛି। ୬ ମୌଜାର ସଂଶୋଧନ କରାଯିବ। ବୋଧହୁଏ ଜନଗଣନା କାର୍ଯ୍ୟ ଶେଷ ପରେ ଏହା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କାଏମା ମେଳଣ ପାଇଁ ପ୍ରସ୍ତୁତି ବୈଠକ

**କାଏମା, ୧୩ (ଶିବ ପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ୍ ଅଧୀନ କାଏମା ଅଞ୍ଚଳର ୧୩୪ତମ ମେଳଣ ଉତ୍ସବ ପାଇଁ ଗୋପୀନାଥଜୀଉ ମେଳଣ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଚାନ୍ଦିନୀଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ପଦ୍ମନାଭ ସାହୁ, କ୍ଷେତ୍ରବାସୀ ସେନାପତି, ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ମାୟାଧର ସେନାପତି, ତପନ କିଶୋର ଷଡ଼ଙ୍ଗୀ, ସମ୍ପାଦକ କୁଳମଣି ସ୍ୱାଇଁ, ସହସମ୍ପାଦକ ଧ୍ରୁବ ଚରଣ ପୃଷ୍ଟି, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ମହଲା ତଥା କାର୍ଯ୍ୟକାରୀ ସଦସ୍ୟ ଓ ସାହି ସଦସ୍ୟ ଉପସ୍ଥିତ ରହିଥିଲେ। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆସନ୍ତା ୫ ତାରିଖରେ ନିକଟସ୍ଥ ଚାନ୍ଦିନୀରେ ମା' ବୃନ୍ଦାବତୀଙ୍କ ପୂଜା କରାଯିବ ଓ ସନ୍ଧ୍ୟା ୭ଟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ରାତ୍ରି ୮ ଟାରେ 'ମେଲୋଡି' କାର୍ଯ୍ୟକ୍ରମ, ରାତ୍ରି ୨ଟାରେ ଥାନପତି ବିଜେ କରିବେ ବୋଲି ସୂଚନା ମିଳିଛି। ୨୫ରୁ ଉର୍ଦ୍ଧ୍ୱ ବିମାନ ବିଜେ କରିବାର ବ୍ୟବସ୍ଥା ରହିଛି।

### ଦୁର୍ଗାମନ୍ଦିର କମିଟି ସଭାପତିଙ୍କ ପରଲୋକ

**ଯାଜପୁରରୋଡ଼,୧୩ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସହର ୯ ନଂ. ୱାର୍ଡ କହେଁଇପୁର ଦୁର୍ଗା ମନ୍ଦିର କମିଟିର ସଭାପତି ଜିତେନ୍ଦ୍ର କୁମାର ରାଉତ(୭୪)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଛି। ରାଉତ କିଛିଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ଖବର ପ୍ରଚାର ହେବା ପରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ରାଉତ ପୂର୍ବତନ ବୀମା ଅଧିକାରୀ, ଦୁର୍ଗାମନ୍ଦିର କମିଟି ସଭାପତି, ଶିଶୁ ମନ୍ଦିର କାର୍ଯ୍ୟକର୍ତ୍ତା ଓ ମୁକ୍ତେଶ୍ୱର ମନ୍ଦିର କମିଟି ଉପଦେଷ୍ଟା ସହ ବିଭିନ୍ନ ଅନୁଷ୍ଠାନ ଓ ସମାଜ ସେବା କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଜଣେ ସରଳ, ମିଷ୍ଟଭାଷୀ, ମେଳାପି ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ଶନିବାର ମୃତଦେହକୁ ପ୍ରଥମେ ତାଙ୍କ ଯାଜପୁରରୋଡ଼ସ୍ଥିତ ବାସଭବନକୁ ଅଣାଯାଇଥିଲା। ମୃତଦେହ ନିକଟରେ ସ୍ତ୍ରୀ ଗୀତାଞ୍ଜଳି ଓ ଝିଅ ଜ୍ୱାଇଁ, ପରିବାର ଲୋକ ଉପସ୍ଥିତ ଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ସମବାୟ ମନ୍ତ୍ରୀଙ୍କ ପୁଅ ସବ୍ୟସାଚୀ ବଳସାମନ୍ତ, ବ୍ୟାସନଗର ନଗରପାଳ ସୁବାସ ଚନ୍ଦ୍ର ବଳ, ପୂର୍ବତନ ନଗରପାଳ ସବିତା ରାଉତ, ସ୍ଥାନୀୟ କାଉନସିଲର ମନୀନ୍ଦ୍ର ସାହୁ, ଦୁର୍ଗାମନ୍ଦିର କମିଟିଉପଦେଷ୍ଟା ଆଇନଜୀବୀ ବିବେକାନନ୍ଦ ମହାନ୍ତି, ସମ୍ପାଦକ ନିରାକାର ସାହୁ, ବିନୋଦ କୁମାର ଶର୍ମା, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ ପ୍ରମୁଖଙ୍କ ସହ ସହରର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ସଙ୍ଗଠନ କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ପ୍ରଥମେ ଦୁର୍ଗାମନ୍ଦିର, ପରେ ମଧୁସୂଦନ ନଗର ସରସ୍ୱତୀ ଶିଶୁ ମନ୍ଦିର ଓ ତାଙ୍କ ଜନ୍ମସ୍ଥାନ ତେଲିବାହାଳିକୁ ନିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଥିଲା। ପୁତ୍ର ମାନବ ମୁଖାଗ୍ନି ଦେଇଥିଲେ।

### ମା'ମଙ୍ଗଳଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ବିଞ୍ଝାରପୁର,୧୩(ରାମକୃଷ୍ଣ ଦାସ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ରୁଦ୍ରପୁରସ୍ଥିତ ମା'ମଙ୍ଗଳଚଣ୍ଡୀଙ୍କର ନୂତନ ମନ୍ଦିର ପତିଷ୍ଠା ସହ ମା'ଙ୍କ ବିଗ୍ରହ ବିଜେ ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କର ଉତ୍ସବରେ ପଣ୍ଡିତ ପର୍ଶୁରାମ ମିଶ୍ର ଓ ଲକ୍ଷ୍ମଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅାଙ୍କୁରୋପଣ, କଳସ ଯାତ୍ରା, ଗର୍ଭଧାନ, ମହାସ୍ନାନ ଓ ଦେବତାଙ୍କ ନ୍ୟାସ ଓ ନୂତନ ମନ୍ଦିର ପ୍ରତିଷ୍ଠା ସହ ଚଣ୍ଡୀପାଠ, ଯଜ୍ଞ ସମ୍ପୂର୍ଣ୍ଣ ହୋଇଥିଲା। ନୂତନ ମନ୍ଦିରରେ ମା'ଙ୍କୁ ଅବସ୍ଥାପିତ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କଣ୍ଠଶିଳ୍ପୀ ମାଧବାନନ୍ଦ ଦାସ ଓ ସାଥୀ, ପ୍ରବଚକ ଜିତୁ ଦାଶ, ଶରଣାବିନ୍ଦ ଓଝା, ପାର୍ଥସାରଥି ମହାନ୍ତିଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମା'ଙ୍କର ଏହି ୬ ଦିନ ବ୍ୟାପୀ ଆଧ୍ୟାତ୍ମିକ ଉତ୍ସବକୁ ସାମାଜିକ କର୍ମୀ ମନୋଜ ନାୟକ ଓ ସ୍ତ୍ରୀ ମିତାଲୀ ନାୟକ ସଂକଳ୍ପ କରିଥିଲାବେଳେ ମା' ମଙ୍ଗଳଚଣ୍ଡୀ ସେବା ସମିତିର କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଁସଡା, ରୁଦ୍ରପୁର, କଲ୍ୟାଣପୁର, ସମଲପୁର ଗ୍ରାମର ଅଗଣିତ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

# ମହନ୍ତ ପର୍ଶୁରାମ ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା ଉତ୍ସବ



ମହନ୍ତଙ୍କ ସମାଧି ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥ ସ୍ମୃତି ତର୍ପଣ, ନଙ୍ଗୁଳି ଚରଣାମୃତ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)**

ବଡ଼ଚଣା ବ୍ଲକ ବନ୍ଦରେଶ୍ୱର ଛକ ନିକଟ ଶୁଖୁଆପଡା ପାହାଡ଼ ପାଦ ଦେଶରେ ପ୍ରତିଷ୍ଠା କରାଯାଇଥିବା ନଙ୍ଗୁଳି ମଠର ମହନ୍ତ ମହାରାଜ ପର୍ଶୁରାମ ଦାସଙ୍କର ଗତ ୮ ତାରିଖରେ ପରଲୋକ ହୋଇଥିଲା। ୨୧ ଦିନ ପରେ ଶନିବାର ତାଙ୍କର ସମାଧି ପ୍ରତିଷ୍ଠା ଉତ୍ସବ ନଙ୍ଗୁଳି ମଠ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଳାଶୁଣୀ ମଠାଧିଶ ଡ. ନାମାନନ୍ଦ ଦାସ ଓ ଅନ୍ୟ ସାଧୁମାନେ ପୂଜାର୍ଚ୍ଚନା ପୂର୍ବକ ତାଙ୍କ ସମାଧି ପ୍ରତିଷ୍ଠା କରିଥିଲେ। ଏହି ଉପଲକ୍ଷେ କବି ଅଶୋକ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ନଙ୍ଗୁଳି ମଠ ପକ୍ଷରୁ ଆୟୋଜିତ ସାଧୁସନ୍ଥ ସମାବେଶରେ ଓଳାଶୁଣୀ ମଠ ମହନ୍ତ ଡ. ଦାସ, ଜନ୍ତିଆ ମଠ ମହନ୍ତ ସିଦ୍ଧାର୍ଥ ଶଙ୍କର ଦାସ, ନାଉପାଳ ମଠ ମହନ୍ତ ପରାସର ଦାସ, ମେଦୁଆକୁଳ ମଠ ମହନ୍ତ ନର୍ମଦା ଦାସ, ସଲାର ମଠ ମହନ୍ତ ଗୌତମ ଦାସ, ପଲେଇ ବାରବାଟୀ ମଠ ମହନ୍ତ ମାୟାଧର ଦାସ, ଜେରକନ୍ଦ ମଠ ମହନ୍ତ ନାରାୟଣ ଦାସ, ପୋଡ଼ା ମରେଇ ମଠ ମହନ୍ତ ସୁଧାକର ଦାସ, ଅନନ୍ତ ବଳିଆ ଆଶ୍ରମର ବାବା ସଞ୍ଜୟ ଦାସଙ୍କ ସମେତ ବହୁ ମଠର ମହନ୍ତ ଯୋଗଦେଇ ବାବା ପର୍ଶୁରାମ ଦାସଙ୍କ ଆଧ୍ୟାତ୍ମିକ ଜୀବନାଦର୍ଶନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିବା ସହିତ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ବାବାଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତି ତର୍ପଣ' ଓ ବାବାଙ୍କ ଜୀବନାଦର୍ଶ ସମ୍ପର୍କରେ ରବୀନ୍ଦ୍ର ସିଂହଙ୍କ ଲିଖିତ 'ନଙ୍ଗୁଳି ଚରଣାମୃତ' ପୁସ୍ତିକାକୁ ସାଧୁସନ୍ଥମାନେ ଉନ୍ମୋଚିତ କରିଥିଲେ। ସନ୍ଧ୍ୟାରେ ସମାଧି ପୀଠରେ ଭଜନ କୀର୍ତ୍ତନ ସହିତ ଗୀତ ଗୋବିନ୍ଦ ଗାନ କରାଯାଇ ଏହି କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା। ମହନ୍ତ ପର୍ଶୁରାମ ଦାସଙ୍କ ବଡ଼ପୁଅ ପ୍ରାଧ୍ୟାପକ ଡ. କିଶୋର ଚନ୍ଦ୍ର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭ୍ୟର୍ଥନା କମିଟି କର୍ମକର୍ତ୍ତା ସୁମନ୍ତ ସାମଲ, ରୁଦ୍ର ନାରାୟଣ ସିଂହ, ଜ୍ଞାନ ରଞ୍ଜନ ସାହୁ, ରବୀନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଠ ପରିସର ଲୋକାରଣ୍ୟ ହୋଇ ଉଠିଥିଲା।

# ଲିଙ୍ଗେଶ୍ୱର ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**ପାଣିକୋଇଲି, ୧୩ ( ବିକାଶ ଚନ୍ଦ୍ର ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିଶୁମାନଙ୍କ ମଧ୍ୟରେ ବିଜ୍ଞାନ କୁଇଜ(ପ୍ରଥମରୁ ୯ମ) ପର୍ଯ୍ୟନ୍ତ ପିଲମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୬୫ଜଣ ଭାଗ ନେଇଥିବା ବେଳେ ୩୦ଜଣ କୃତୀତ୍ୱ ହାସଲ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୱତ୍ ପରିଷଦର ସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ବିଜ୍ଞାନ ପ୍ରମୁଖ ଭାସ୍କର ଗୁରୁଜୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ବିଜ୍ଞାନ ପ୍ରମୁଖ ମାହେଶ୍ୱରୀ ଗୁରୁମା ସହଯୋଗ କରିଥିଲେ। ଜ୍ୟୋତି ଗୁରୁମା ଓ ସନ୍ତୋଷିନୀ ଗୁରୁମା ମଞ୍ଚ ପରିଚାଳନା କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ମଥ ଧଳ ଡିଗ୍ରୀ କଲେଜର ଭିତ୍ତିପ୍ରସ୍ତର

**ଦଶରଥପୁର,୧୩(ସୁଶାନ୍ତ କୁମାର ବେହୁରିଆ )**

ଯାଜପୁର ଜିଲା ଦଶରଥପୁର ବ୍ଲକ ବିରିପଟାଠାରେ ବିଜୟ ଧଳଙ୍କ ଉଦ୍ୟମରେ ମନ୍ମଥ ଧଳ ଡିଗ୍ରୀ କଲେଜର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଞ୍ଜୁ ଧଳ ଓ ବିଜୟ ଧଳଙ୍କ କରକମଳରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ବହୁସଂଖ୍ୟାରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ସହ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଉତ୍ସବରେ ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଧଳଙ୍କର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ବହୁ ଗରିବ ମେଧାବୀ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସାମନ୍ତ କହିଥିଲେ।



ଭିତ୍ତିପ୍ରସ୍ତର ଉତ୍ସବରେ ଡ. ଅଚ୍ୟୁତ ସାମନ୍ତ, ବିଜୟ ଧଳ ଓ ଅନ୍ୟମାନେ।

# ଐତିହାସିକ ଧର୍ମଶାଳା ମୁନସୀ ମେଳଣ ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୧୩ (ବଟକୃଷ୍ଣ ପରିଡା ):**

ଧର୍ମଶାଳା ହାଟ ପଡିଆରେ ମାର୍ଚ୍ଚ ୬ ସନ୍ଧ୍ୟାରେ ୧୪୯ତମ ଐତିହାସିକ ଧର୍ମଶାଳା ମୁନସୀ ମେଳଣ ଆରମ୍ଭ ହୋଇ ୭ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବ। ଏ ନେଇ ଧର୍ମଶାଳା ମୁନସୀ ମେଳଣ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟିର ସଭାପତି ତଥା ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିପିନ ବିହାରୀ ନାୟକ, ସମ୍ପାଦକ ପ୍ରମୋଦ କୁମାର ଦାସ, କୋଷାଧ୍ୟକ୍ଷ ମନୋଜ ରାଉଳ, ସାଂସ୍କୃତିକ ସମ୍ପାଦକ ପ୍ରବୋଧ ପାତ୍ର, ରବିନ୍ଦ୍ର ମହାନ୍ତି, ପ୍ରଫୁଲ କୁମାର ରାଉତ, ଗଗନ ବରାଳ,ଗୋଲକ ବିହାରୀ ସାମଲ,ପ୍ରଦୀପ ପଣ୍ଡିତ ପ୍ରମୁଖ ବହୁ ସଦସ୍ୟ ଅଂଶଗ୍ରହଣ କରି ଚଳିତବର୍ଷ କିଭଳି ଆଡମ୍ବର ସହକାରେ ମିଳନ ଉତ୍ସବ ପାଳନ କରାଯିବ ସେନେଇ ମତ ରଖିଥିଲେ। ଚଳିତ ବର୍ଷ ମେଳଣରେ ୩୫ ବଡ ବିମାନ, ୬୦ ଛୋଟ ବିମାନକୁ ବରଣୀ କରିବାକୁ ନିଷ୍ପତ୍ତି ହୋଇଥିଲା। ମେଳଣ ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡକୁ ଦୃଷ୍ଟିରେ ରଖି ପାନୀୟ ଜଳ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଅଗ୍ନିଶମ ବିଭାଗ ପ୍ରମୁଖ ସଜାଗ ରହିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହିତ ଚଳିତ ବର୍ଷ ବିମାନ ରୋଶଣୀ ସମୟରେ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଛି। ଶେଷରେ ସଦସ୍ୟ ଗଙ୍ଗାଧର ମହାରଣା ଧନ୍ୟବାଦ ଦେଇଥିଲେ।

# ମା' ମହାପାଟ ନୂତନ ମନ୍ଦିର ପ୍ରତିଷ୍ଠା

**ଯାଜପୁରରୋଡ଼, ୧୩(ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ କଣ୍ଟାଝରିଗଡ଼ ଗ୍ରାମର ମା' ମହାପାଟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଆରମ୍ଭ ହୋଇ ଶୁକ୍ରବାର ଯଜ୍ଞ ପୂର୍ଣ୍ଣାହୁତି ସମ୍ପୂର୍ଣ୍ଣ ହୋଇଛି। ଏହି ଉପଲକ୍ଷେ ବୁଧବାର ଶତାଧିକ ମହିଳା ଶ୍ରଦ୍ଧାଳୁ କଳସଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ୩ ଦିନ ଧରି ଭଜନ, ନାମ ସଂକୀର୍ତ୍ତନ, ପାଲା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପଣ୍ଡିତଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତଳଗଡ଼ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ ସସ୍ତ୍ରୀକ ମୁଖ୍ୟ କର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟରେ ଭାଗ ନେଇଥିଲେ। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କୋରେଇ ବିଧାୟକ ଅଶୋକ ବଳ ଏବଂ ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ। ମା' ଙ୍କ ମୁଖ୍ୟ ପୂଜକ ପଞ୍ଚାନନ ବାଷ୍ଟ, ଯଜ୍ଞ ପୂଜକ ଉପେନ୍ଦ୍ର ନନା, କାହ୍ନା ନନା, ଅନାମ ଆଚାର୍ଯ୍ୟ, ନରେଶ କୁମାର ହୋତା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ହିଙ୍ଗୁଳା କମିଟି ସମ୍ପାଦକ ଅମୂଲ୍ୟ କୁମାର ନାୟକ, ଅଞ୍ଜନ କୁମାର ନାୟକ, ପ୍ରମୋଦ କୁମାର ରାଉତ, ଏକନ ନାୟକ, ସନ୍ତୋଷ ପଣ୍ଡା, ଚତୁର୍ଭୁଜ ନାୟକ, ଅାଦିକନ୍ଦ ରାଉତ, ହେମନ୍ତ ଜେନା ଓ ତରୁଣ ନାୟକଙ୍କ ସମେତ ମନ୍ଦିର କମିଟି ଓ ଗ୍ରାମବାସୀ ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ ଗୀତକୁ ବାରଣ

## ଜାରକା ମେଳଣ ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୧୩ (ବଟକୃଷ୍ଣ ପରିଡା):**

ଧର୍ମଶାଳା ବ୍ଲକ ପ୍ରସିଦ୍ଧ ଜାରକା ମେଳଣ ମାର୍ଚ୍ଚ ୮ ରାତିରେ ଆରମ୍ଭ ହୋଇ ୯ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବ। ଏ ନେଇ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଏନେଇ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ମେଳଣ କମିଟି ସଭାପତି ଜଳଧର ସାହୁଙ୍କ ସଭାପତିତ୍ୱରେ ମେଳଣ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। ଚଳିତବର୍ଷ ୨୧ଟି ବଡ଼ ରାଧାକୃଷ୍ଣ ବିମାନ ଓ ୨୦ଟି ଛୋଟ ବିମାନକୁ ନିମନ୍ତ୍ରଣ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମେଳଣରେ କମ୍ ଶବ୍ଦର ଡାକବାଜି ବ୍ୟବହାର କରାଯିବ। ଅଶ୍ଳୀଳ ନୃତ୍ୟଗୀତ ପରିବେଷଣକୁ ବାରଣ କରାଯାଇଛି। ଶୋଭାଯାତ୍ରାରେ କେବଳ ପାରମ୍ପାରିକ ବାଦ୍ୟଘଣ୍ଟ, କୀର୍ତ୍ତନ, ବାଜାବାଣ, ଘୋଡ଼ାନାଚ, ବାଡ଼ିଖେଳ, ନଦିଆ କୀର୍ତ୍ତନ ଓ ଭଜନ ପରିବେଷଣ ପାଇଁ ଠାକୁର ବାଡ଼ିଆମାନଙ୍କୁ ଅନୁରୋଧ କରାଯାଇଛି। ସମ୍ପାଦକ ଅଜାମ୍ବର ସାହୁ ଗତ ବୈଠକରେ ବିବରଣୀ ପାଠ କରିବା ସହ ଚଳିତବର୍ଷର ବଜେଟ୍ ଉପସ୍ଥାପନ କରିଥିଲେ। ସଂଯୋଜକ ଦେବରାଜ ମିଶ୍ର, ଉପସଭାପତି ଅଜୟ କୁମାର ମହାପାତ୍ର, ସହସମ୍ପାଦକ ସବ୍ୟସାଚୀ ସୁନ୍ଦରାୟ, କୋଷାଧ୍ୟକ୍ଷ ରବିନାରାୟଣ ସାହୁ, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ବରିଷ୍ଠ ସଦସ୍ୟ ସତ୍ୟପ୍ରିୟ ମହାନ୍ତି, ରାମଚନ୍ଦ୍ର ମଲ୍ଲିକ, କିଶୋର ଚନ୍ଦ୍ର ନାୟକ, ମହେଶ୍ୱର ସାହୁ, ନକୁଳ ଚନ୍ଦ୍ର ସାହୁ, ଅଶୋକ ବରାଳ ଓ ରମେଶ ଦଳାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାପତି ସାହୁ ଧନ୍ୟବାଦ ଦେଇଥିଲେ।

# ତ୍ରିଦିବସୀୟ ପଞ୍ଚକୁଣ୍ଡୀୟ ପୀତାମ୍ବରୀ ଶାକ୍ତ ମହାଯଜ୍ଞ




ଖବରଦାତା ସମ୍ମିଳନୀରେ ଯଜ୍ଞ କମିଟିର ସଦସ୍ୟମାନେ।

**କାଏମା, ୧୩ (ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଜାରକାସ୍ଥିତ ଧର୍ମଶାଳା ମହୋତ୍ସବପଡ଼ିଆଠାରେ ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି କାମନା ନିମନ୍ତେ ତ୍ରିଦିବସୀୟ ପଞ୍ଚକୁଣ୍ଡୀୟ ପୀତାମ୍ବରୀ ଶାକ୍ତ ମହାଯଜ୍ଞ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗରେ ଆରମ୍ଭ ହୋଇଛି। ଏ ନେଇ ଧର୍ମଶାଳା ଷ୍ଟାଡିୟମ ପରିସରରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିନ ଅଙ୍କୁରାରୋପଣ, ଯଜ୍ଞଶାଳା ଶୋଧନ ଓ ମହାପୂଜା ଉନ୍ମୋଚନ କାର୍ଯ୍ୟକ୍ରମ, ୨ୟ ଦିନ ବ୍ରାହ୍ମଣୀ ନଦୀ ତଟରେ ସପ୍ତତୀର୍ଥ ଆବାହନ ଓ କଳସ ଶୋଭାଯାତ୍ରା ସହିତ ଯଜ୍ଞାଗ୍ନି ସ୍ଥାପନ କରାଯିବ। ସନ୍ଧ୍ୟାରେ ଭଜନସନ୍ଧ୍ୟା ଅନୁଷ୍ଠିତ ହେବ। ୩ୟ ଦିନ ମହାସ୍ନାନ, ମହାପୂଜା ଓ ଚଣ୍ଡୀପାଠ ହେବା ସହିତ ଶେଷ ଦିନ ସୂର୍ଯ୍ୟପୂଜା, ଗୋପୂଜା ଓ ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ଦିଆଯିବ। ପ୍ରତ୍ୟେକ ଦିନ ମଧ୍ୟାହ୍ନ ଓ ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଏହି ଉତ୍ସବରେ ସମସ୍ତ ଶ୍ରଦ୍ଧାଳୁ ଘର ଅଗଣାରେ ପୂର୍ଣ୍ଣ କଳସ ସ୍ଥାପନ କରିବା ସହ ଆମିଷ ଭୋଜନ ନ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଦେବରାଜ ମିଶ୍ର, ପ୍ରଦୀପ ପରିଡା, ସବ୍ୟସାଚୀ ସୁନ୍ଦରରାୟ ଏବଂ ପଣ୍ଡିତ ଆଲୋକଚନ୍ଦ୍ର ପଣ୍ଡା, ପ୍ରଭୁପାଦ ରଥ, ଦେବାଶିଷ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବୋଦୟ ନାରା ସମାଜରେ ପ୍ରତିଫଳିତ ହେଉ

## ଛୋଟ ମୋର ଗାଁଟିର ବାର୍ଷିକ ଉତ୍ସବ

**ରସୁଲପୁର, ୧୩(ରଞ୍ଜିତ ରାଉତ) :**

ରସୁଲପୁର ବ୍ଲକ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଲାଏନ୍ସ କ୍ଲବ୍-କୁଆଖିଆ ଶାଖା ସମ୍ମିଳନୀ କକ୍ଷରେ ଛୋଟ ମୋର ଗାଁଟି ଅନୁଷ୍ଠାନର ବାର୍ଷିକ ଉତ୍ସବ ରବିବାର ଖବରଦାତା ଅଖିଳ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସର୍ବୋଦୟ ସମାଜ ଗଠନରେ ଯୁବ ସମାଜର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଓ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଗାନ୍ଧିବାଦୀ ନେତା ରାମଚନ୍ଦ୍ର ଶୁକ୍ଳ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଡା. ରୁଦ୍ର ନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ଭାବେ ଚାଷୀ ନେତା ଶେଷଦେବ ନନ୍ଦ, ସମ୍ମାନନୀୟ ଅତିଥି ଭାବେ ଲାଏନ୍ସ କ୍ଲବ ସଭାପତି ଜନ୍ମେଜୟ ସାହୁ, ସୁଦର୍ଶନ ଛୋଟରାୟ, ମାନବିକ ଅଧିକାର କର୍ମୀ ମନୋଜ ଜେନା ଓ ସାମାଜିକ କର୍ମୀ ନିରାକାର ବେଉରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ



ଅତିଥିମାନେ କୃତୀ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସର୍ବୋଦୟ ସମାଜ ଗଠନରେ ଯୁବ ସମାଜର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଯୁବଶକ୍ତି ଦେଶର ଏକ ଅଭେଦ୍ୟ ବର୍ଗ ଭାବେ ସର୍ବୋଦୟର ଅର୍ଥ ବୁଝିବା ସହ ତାହାର ଲକ୍ଷ୍ୟକୁ ସମାଜରେ ପ୍ରତିଫଳିତ କରିବାରେ ସଫଳ ହେବା ଦରକାର। ସମାଜରେ ସର୍ବୋଦୟକୁ ନେଇ ମହାତ୍ମା ଗାନ୍ଧୀ ରଖିଥିବା ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ମତ ଦେଇଥିଲେ। ଛୋଟ ମୋର ଗାଁଟିର ପ୍ରତିଷ୍ଠାତା ଦେବବ୍ରତ ରାଉତ ଅତିଥି ପରିଚୟ ଓ ଓଡ଼ିଆ ଭାଷା ଗବେଷକ ସୌଭାଗ୍ୟ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ସାମାଜିକ କର୍ମୀ ଅନିଲ କୁମାର ଦାସ ବନ୍ଦେ ଉତ୍କଳ ଜନନୀ ଗାନ କରିଥିବା ବେଳେ ଛୋଟ ମୋର ଗାଁଟି ସଭାପତି ଭାବେ ଯୁବ ସଙ୍ଗଠକ ଜନ୍ମେଜୟ ସାହୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ସଂଗ୍ରାମୀ ବାଳକୃଷ୍ଣ ଶୁକ୍ଳ ସ୍ମୃତି ସମ୍ମାନ ଭକ୍ତବତ୍ସଳ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ ନିରାକାର ବେଉରା ଓ ତାପସ ରାୟଙ୍କୁ ପ୍ରଦାନ କରାଯାଇଥିଲା। ଚୈତନ୍ୟ ରାଉତ ସ୍ମୃତି ସମ୍ମାନ ପ୍ରଭାତ କୁମାର ସାହୁ ଓ କାହ୍ନୁ ଚରଣ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଗଗନ ଜେନା ସ୍ମୃତି ସମ୍ମାନ ପ୍ରମୋଦ କୁମାର କବି, ଶହୀଦ ବାଜି ରାଉତ ସ୍ମୃତି ସମ୍ମାନ ଖବରଦାତା ପ୍ରଭୋଦ କୁମାର ମିଶ୍ର ଓ ଗୌତମ ପାତ୍ର, ଛୋଟ ମୋର ଗାଁଟି ସେବା ସମ୍ମାନ ଜ୍ଞାନ ଦତ୍ତ ବେହେରା, ବିରଞ୍ଚି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ମୃତ୍ୟୁଞ୍ଜୟ ଦେଓ, ନବଘନ ସ୍ୱାଇଁ, ରାଜ କୁମାର ଜେନା, ତ୍ରିଲୋଚନ ମହାଳିକ, କାଳନ୍ଦୀ କଣ୍ଠ ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଯାଜପୁର ଜିଲାର ସୂଚନା ଅଧିକାର କର୍ମୀ ଶ୍ରୀମନ୍ତ ପାତ୍ର, ସାମାଜିକ ନ୍ୟାୟ ଅଭିଯାନର ଶଶିକାନ୍ତ ମଲ୍ଲିକ, ସୁଧୀର କୁମାର ନାୟକ, କୃଷକ ଲକ୍ଷ୍ମଣ ଦାସ, ଗୟାଧର ମଲ୍ଲିକ, ରବୀନ୍ଦ୍ର ଧୀର, ସୌଭାଗ୍ୟ ରାଉତ, ଦିବ୍ୟ ଜ୍ୟୋତି ସାମଲ, ରବୀନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ସ୍ମୃତି ରେଖା ବେହେରା, କ୍ଷୀରାବ୍ଧୀ ତନେୟା, ଜୟନ୍ତୀ ଓଝା ଓ ରଶ୍ମିରେଖା ବାରିକ, ସ୍ମୃତିରେଖା ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କବୟିତ୍ରୀ ଜୟନ୍ତୀବେହେରା ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଡେରାବିଶ, ୧।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରରେ ଜଣେ ଯୁବକଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଲେ ସଦରଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସୁବାସ ଚନ୍ଦ୍ର ମଳିକ(୩୬)। ମୃତ ସୁବାସ ଗୋପ ଛକ ସ୍ଥିତ ଜଣେ କଦଳୀ ବ୍ୟବସାୟୀଙ୍କ ନିକଟରେ ଅଟୋ ଚାଳକ ଭାବେ କାମ କରନ୍ତି। ତେବେ ରବିବାର ଅପରାହ୍ଣରେ ସେ ଅଟୋରେ କଦଳୀ ନେଇ ଚାନ୍ଦୋଳ ଆସିଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଟଳି ପଡ଼ିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ସୁବାସ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ଅଟୋ ଚଳାଇ ଜୀବିକା ନିର୍ବାହ କରିଆସୁଥିଲେ। ତାଙ୍କର ଦୁଇଗୋଟି ଛୋଟ ଛୋଟ ଝିଅ ଥିବା ଜଣାଯାଇଛି।

# ଚିକେନ ବାକି ଦେବାକୁ ମନାକରିବାରୁ: ଦୋକାନୀଙ୍କ ପେଟରେ ବୋତଲ ଭୁସିଲେ

**ଡେରାବିଶ, ୧।୩(ବେବର୍ତ୍ତା ଅଜୟ ଦାସ)**

ଚିକେନ ବାକି ଦେବାକୁ ମନାକରିବାରୁ ଦୋକାନୀଙ୍କ ମୁଣ୍ଡକୁ ବିଅର ବୋତଲରେ ପିଟିବା ସହିତ ଦୋକାନଙ୍କୁ ପେଟରେ ଭଙ୍ଗା ବିୟର ବୋତଲ ଭୁଷିବା ଭଳି ଅଭାବନୀୟ ଘଟଣା ରବିବାର ଘଟିଯାଇଛି।

ସୂଚନାରୁ ପ୍ରକାଶ, କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡିଠାରୁ ୫୦୦ ମିଟର ଦୂରର ବନ୍ତଳା ପୋଲ ନିକଟରେ ଏହି ଘଟଣା ଘଟିଥିବା ବେଳେ ଗୁରୁତର ଅନନ୍ତପୁର ଗ୍ରାମର କାର୍ତ୍ତିକ ମଳିକ ଚିକିତ୍ସା ନିମନ୍ତେ କଟକ ବଡ଼ମେଡ଼ିକାଲ୍‌କୁ ସ୍ଥାନାନ୍ତର ହୋଇଛନ୍ତି। ଏ ସମ୍ପର୍କରେ କାର୍ତ୍ତିକ ଚାନ୍ଦୋଳ ଫାଣ୍ଡିରେ ଦେଇଥିବା ଅଭିଯୋଗ ଅନୁଯାୟୀ ସେ ଚାନ୍ଦୋଳ ବଜାରରେ ଏକ ଚିକେନ୍ କାଉଣ୍ଟର କରିଛନ୍ତି। ତାଙ୍କ ଗ୍ରାମର ଦୁଇଜଣ ଯୁବକ ତାଙ୍କୁ ବାକିରେ ଚିକେନ୍ ମାଗିଥିଲେ, ସେ ଦେବାକୁ ମନା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ କାର୍ତ୍ତିକଙ୍କୁ ବନ୍ତଳା ପୋଲ ଆଡ଼କୁ ଘୋଷାଡ଼ି ନେଇ ସେଠାରେ ଗ୍ରାମର ଦୁଇଯୁବକଙ୍କ ସହିତ ଅନ୍ୟଜଣେ ମିଶି ତାଙ୍କୁ ମାରଧର କରିଥିଲେ। ପରେ ଏକ ବିୟର ବୋତଲ ଆଣି ତାଙ୍କ ମୁଣ୍ଡରେ ବାଡ଼େଇ ଫଟାଇବା ସହ ଭଙ୍ଗା ବିୟର ବୋତଲକୁ ତାଙ୍କ ପେଟରେ ଭୁଷି ଦେଇଥିଲେ ବୋଲି କାର୍ତ୍ତିକ ଅଭିଯୋଗରେ ଦର୍ଶାଇଛନ୍ତି। ପରେ ସେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ ମଧ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କ ପରିବାର ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିବା ଜଣାଯାଇଛି। ତେବେ ରିପୋର୍ଟ ଲେଖା ହେଲାବେଳକୁ ଚାନ୍ଦୋଳ ଫାଣ୍ଡି ପୋଲିସ୍ ଅଭିଯୋଗକୁ ଗ୍ରହଣ କରି ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# ପିଢ଼ି ମଧ୍ୟରେ ସମନ୍ୱୟ ରହିଲେ ବିକଶିତ ରାଜନଗର ସ୍ୱପ୍ନ ସାକାର ହେବ

## ସପ୍ତମ ସାଗରବେଳା ମହୋତ୍ସବ ଉଦ୍‌ଘାଟିତ

**ରାଜନଗର, ୧।୩(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ସପ୍ତମ ସାଗରବେଳା ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜନଗରରେ ପ୍ରତିଭାର ଅଭାବ ନାହିଁ, ମାତ୍ର ପ୍ରତିଭା ବିକାଶ ମାଧ୍ୟମରେ ଶେଷଧଡ଼ିରେ ଠିଆ ହୋଇଥିବା ଲୋକଟିର ମୁହଁରେ ହସ ଫୁଟାଇ ପାରିଲେ ଏକ ସୁନ୍ଦର ରାଜନଗର ଗଢିଉଠିବ। ସାଗରବେଳା ମହୋତ୍ସବ ରାଜନଗରର ଐତିହ୍ୟ, ସଂସ୍କୃତି ଓ ଲୋକକଥାକୁ ଲୋକ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଡ଼. ବାସୁଦେବ ଦଶ ଯୋଗଦେଇ ରାଜନଗର ପ୍ରକୃତିର ଭୂସ୍ୱର୍ଗ। ଏଠି ଉତ୍ତର ପିଢ଼ିଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଅପେକ୍ଷା ରତ। ତେଣୁ ପିଢ଼ି ପିଢ଼ି ମଧ୍ୟରେ ସମନ୍ୱୟ ଗଢି ପାରିଲେ ଏକ ବିକଶିତ ରାଜନଗର ପରିକଳ୍ପନାର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବରେଣ୍ୟ ବକ୍ତା ଭାବେ ବ୍ରହ୍ମ ଅବଧୂତ ସୁବ୍ରତବାବା ବିଶ୍ୱକଲ୍ୟାଣ ପାଇଁ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଅବସରପ୍ରାପ୍ତ ପ୍ରଶାସକ ଡ଼. କେଳୁଚରଣ ସ୍ୱାଇଁ,ଜିଏସ୍‌ଟି କମିଶନର ଡ଼. ପଦ୍ମଲୋଚନ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ, ମହୋତ୍ସବ ମାଧ୍ୟମରେ ଅଞ୍ଚଳର ବିକାଶ ସମ୍ଭବ ବୋଲି ମତ ଦେଇଥିଲେ।

ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା ବିବରଣୀ ପାଠ କରିଥିଲେ, ଡ଼. ଧରଣୀଧର ରାଉତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତ୍ୟବ ରଖିଥିଲେ। ଅଧ୍ୟାପିକା ଭଗବତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଅନିଲ କୁମାର ବଳ ସଂଯୋଜନା କରିଥିଲେ। ସମ୍ବାଦିକତା ଜଗତରେ ନିଜର ସ୍ୱତନ୍ତ୍ର ଛାପ ଛାଡିଥିବା ରାଜନଗରର ଯୁବ ସାମ୍ବାଦିକ ତାପସ କୁମାର ପରିଡା ଓ ଦୋଳ ଗୋବିନ୍ଦ ଜେନା, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ବଳ ଏବଂ ବିଷ୍ଣୁ ଚରଣ ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନ୍ନ କୁମାର ସ୍ୱାଇଁ,କୈଳାସ ଚନ୍ଦ୍ର ମହାନ୍ତି, ସୁରେଶ ନରେନ୍ଦ୍ର, ସୀତାକାନ୍ତ ରାଉଳ, ଅଭୟ କୁମାର ପ୍ରଧାନ, ଗଗନ ବିହାରୀ ସ୍ୱାଇଁ,ସମୀରଣ ମଣ୍ଡଳ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ହଂସୁଆ କଳାପରିଷଦ ଓ ବଳଦେବଜିଉ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।



ମହୋତ୍ସବରେ ସମ୍ମାନିତ କରାଯାଉଛି।

# ଇନ୍ଦାଳୋ, ଚାନ୍ଦୋଳ ମେଳଣ ସମ୍ପନ୍ନ

**ଡେରାବିଶ, ୧।୩(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଇନ୍ଦାଳୋ ଓ ଚାନ୍ଦୋଳ ମେଳଣ ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଛି। ଇନ୍ଦାଳୋ ଗ୍ରାମରେ ଶନିବାର ରାତିରେ ରୀତିନୀତି ଅନୁଯାୟୀ ମେଳଣ ଅନୁଷ୍ଠିତ ହୋଇଥିଲା। ଗାଦିଶ୍ୱର ଦଧିବାମନଜୀଙ୍କୁ ରାତ୍ର ୭.୩୦ରେ ମେଳଣ ପଡ଼ିଆରେ ବସିବା ପରେ ନରସିଂହପୁର ଗ୍ରାମର ବରଣୀଠାକୁର ଶ୍ରୀ ଶ୍ରୀ ରାଧାକାନ୍ତଜୀୟୁ ଇନ୍ଦାଳୋ ଗ୍ରାମର ପୂର୍ବପଟୁ ପ୍ରଥମେ ପଟୁଆରରେ ଯାଇ ରାତ୍ର ୧୦ଟାରେ ପଡ଼ିଆରେ ପହଞ୍ଚିବା ପରେ ବିଭିନ୍ନ ଗ୍ରାମରୁ କ୍ରମାନ୍ୱୟରେ ଠାକୁର ବିମାନ ଗୁଡିକ ପଡ଼ିଆରେ ପହଞ୍ଚିଥିଲେ। ରାତ୍ର ପ୍ରାୟ ୩ଟାରେ ଭୋଗଲାଗି ପରେ ଠାକୁରମାନେ ପଡ଼ିଆରୁ ବିଦାୟ ନେଇଥିଲେ। ମେଳଣ ପରିଚାଳକ ମନୋରଞ୍ଜନ ପଣ୍ଡା,ବିଜୟ କୁମାର ପଣ୍ଡା, ଦେବଦତ୍ତ ପଣ୍ଡା, ବିଷ୍ଣୁ ଚରଣ ପଣ୍ଡା, ଦୁଃଖିଶ୍ୟାମ ପଣ୍ଡା, ଅଧ୍ୟାପକ ନିଶିକାନ୍ତ ପଣ୍ଡା, ପ୍ରହ୍ଲାଦ ଶତପଥୀ,ଭାଗବତ ପଣ୍ଡା,ଗୋଲକ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ ଓ ପ୍ରମୋଦ ଶତପଥି ପ୍ରମୁଖ ମେଳଣ ପରିଚାଳନା କରିଥିଲେ।

ସେହିପରି ଚାନ୍ଦୋଳ ମେଳଣ ରବିବାର ଅପରାହ୍ଣରେ ସମ୍ପନ୍ନ ହୋଇଯାଇଛି। ଗାଦିଶ୍ୱର ପଲେଇ ଶ୍ରୀ ଶ୍ରୀ ଗୋପିନାଥଜୀୟୁ ମେଳଣ ପଡ଼ିଆରେ ପ୍ରଥମେ ଉପବେଶନ କରିବା ପରେ ଅନ୍ୟ ଠାକୁର ବିମାନଗୁଡିକ ମେଳଣ ପଡିଆକୁ କ୍ରମାନ୍ୱୟରେ ଆସିଥିଲେ। ଚାନ୍ଦୋଳ ଗ୍ରାମ ,କେନାଲ ବନ୍ଧ ଓ ବାଙ୍କିମୁଣ୍ଡାଇ ପଟୁ ବିଭିନ୍ନ ବିମାନଗୁଡିକ ପାରମ୍ପରିକ ବାଦ୍ୟଯନ୍ତ୍ରରେ ରୋଷଣୀ କରି ମେଳଣ ପଡିଆକୁ ଆସୁଥିବା ଦେଖିବାକୁ ମିଳିଥିଲା। ତେବେ ଅପରାହ୍ଣ ସୁଦ୍ଧା ସମସ୍ତ ୫୭ ବିମାନ ମେଳଣ ପଡ଼ିଆରେ ପହଞ୍ଚିବା ପରେ ଭୋଗଲାଗି କରାଯାଇଥିଲା। ଏହି ମେଳଣକୁ ପ୍ରମୋଦ କୁମାର ସ୍ୱାଇଁ,ଭରତ ଚନ୍ଦ୍ର ନାୟକ, ଅନ୍ନଦା ପ୍ରସାଦ କାନୁନଗୋ, ରତ୍ନାକର ନାୟକ, ରଜନୀକାନ୍ତ ମହାନ୍ତି, ପ୍ରିୟଦର୍ଶନ ସ୍ୱାଇଁ,ବିଶ୍ୱ କେତନ ନାୟକ ଓ ଗୁରୁଚରଣ ସାହାଣୀ ପ୍ରମୁଖ ପରିଚାଳନା କରିଥିଲେ। ଉଭୟ ମେଳଣକୁ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଚାନ୍ଦୋଳ ଫାଣ୍ଡି ଓ ସଦର ଥାନା ପକ୍ଷରୁ ବ୍ୟାପକ ପୁଲିସ ମୃତୟନ କରାଯାଇଥିଲା।



ମେଳଣରେ ବିଜେ ରାଧାକାନ୍ତଜୀଉ।

# ମହାବୀର କ୍ଲବର ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ସଭା



ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି।

**ରାଜକନିକା, ୧।୩(ସଞ୍ଜୟ କୁମାର ଦାଶ)**

ରାଜକନିକା ଅଞ୍ଚଳ କାଟଣା–ବଣିଆଁ ପଞ୍ଚାୟତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର କ୍ଲବ ପକ୍ଷରୁ ଅଷ୍ଟାଦଶ ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର କୁମାର ରାଉଳ, ମୁଖ୍ୟ ବକ୍ତା ବିଶିଷ୍ଟ ସ୍ତମ୍ଭକାର ତଥା ସୁସାହିତ୍ୟିକ ଅଭୟ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥି ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ଼. ଫକୀର ଚନ୍ଦ୍ର ପ୍ରଧାନ, ସୁଧା ପତ୍ରିକା ସମ୍ପାଦକ ହରେକୃଷ୍ଣ ବାରିକ, ଶିକ୍ଷାବିତ୍ ବେଣୁଧର ସାମଲ ଓ ମୁରଲୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହିକ୍ରମରେ ରାଜକନିକା ବ୍ଲକର ଖବରଦାତା ଅଜୟ କୁମାର ରାଉତଙ୍କୁ "ସାମ୍ବାଦିକ ଗୌରବ" ସମ୍ମାନ ଓ ଶିକ୍ଷବିତ୍ ତଥା ସମାଜିକ କର୍ମୀ ଦାମୋଦର ଧଳଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ସହ ସମ୍ମାନିତ କରିଥିଲେ। କ୍ଲବ ସମ୍ପାଦକ ସୁବ୍ରତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନାରାୟଣ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ସଭାପତି ଦୁଷ୍ମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ଅଧ୍ୟକ୍ଷ ଶିଶିର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ବିଶ୍ୱ ଭୂଷଣ ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା

**ଡେରାବିଶ, ୧।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଲିପିକ ଲଳିତ ମୋହନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ବିନୟ କୁମାର ଷଡଙ୍ଗୀ ଯୋଗଦେଇ ଅବସର ଗ୍ରହଣ କରିଥିବା ଲଳିତ ମୋହନଙ୍କ କର୍ମମୟ ଜୀବନ ଓ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ଲଳିତ ୨୦୧୪ରୁ ପରୀକ୍ଷା ବିଭାଗରେ ଲିପିକ ଭାବେ ଯୋଗଦେଇ ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଞ୍ଜୟ ନାୟକ, ରମାକାନ୍ତ ଦାସ,ମାନସ ରଞ୍ଜନ ଦାଶ, ଶଶୀଭୂଷଣ ଜେନା, ବିଶ୍ୱ ରଞ୍ଜନ ମିଶ୍ର, ପ୍ରଦୀପ ରାଉତ, ପ୍ରଭାକର ଦାସ ଓ ଦିବ୍ୟ କୁମାର ଦାଶ ପ୍ରମୁଖ ଯୋଗଦେଇ ପଟ୍ଟନାୟକଙ୍କ ସହଯୋଗୀ ମନୋଭାବ ଓ କାର୍ଯ୍ୟ ଦକ୍ଷତା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ।

ଏହି ଅବସରରେ ଲଳିତ ମୋହନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷକ ପରିଷଦର ସମ୍ପାଦିକା ଅଧ୍ୟାପିକା ସୁକନ୍ୟା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଝରାଶ୍ରୀ ପରିଜା, ମୀନାକ୍ଷୀ ପ୍ରଧାନ, ସ୍ମୃତି ଶ୍ରାବଣୀ ଓ ଶାଶ୍ୱତୀ ପ୍ରଜ୍ଞା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ମଚାରୀ ପରିଷଦର ସହ ସମ୍ପାଦକ ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶୃଙ୍ଖଳାରେ ଶେଷହେଲା ରାଜନଗର ଦୋଳ ମେଳଣ

**ଡେରାବିଶ, ୧।୩(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ରାଜନଗର ଗ୍ରାମ ପଡିଆରେ ରବିବାର ସନ୍ଧ୍ୟାରେ ବହୁ ପରାତନ ତଥା ପ୍ରସିଦ୍ଧ ରାଜନଗର ଦୋଳ ମେଳଣ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଆଳି ରାଜା ରାଜୁଡା ଶାସନ ସମୟରୁ ଚାଲି ଆସିଥିବା ରାଜନଗର ମେଳଣ ଅଞ୍ଚଳରେ ବହୁ ସ୍ୱତନ୍ତ୍ରତା ବହନ କରି ଆସୁଥିବା ବେଳେ ଏଥିପାଇଁ ମେଳଣ ପଡିଆ ଜନସମାଗମପୂର୍ଣ୍ଣ ହୋଇଉଠିଥିଲା। ବିଧି ଓ ପରମ୍ପରା ଅନୁଯାଇ ଏହି ମେଳଣକୁ ରାଜନଗରରୁ ଏକ ପଞ୍ଚମୁଖି ବିମାନରେ ଠାକୁର ଶ୍ରୀ ରାଧାକାନ୍ତଜୀଉ ବିରାଟ ପଟୁଆରରେ ଆସୁଥିବା ବେଳେ ଅନ୍ୟ ଏକ ସୁସଜ୍ଜିତ ବିମାନରେ ଡେରାବିଶର ଆରା ଶ୍ରୀ ଦଧିବାମନଜୀଉ ମନ୍ଦୀରରୁ ମା’ ଲକ୍ଷ୍ମୀ ଠାକୁରାଣୀଙ୍କ ବିଜେ ପ୍ରତିମା ଘଣ୍ଟ କୀର୍ତ୍ତନ ପଟୁଆର ମଧ୍ୟରେ ମେଳଣ ପଡିଆରେ ପ୍ରବେଶ କରିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମାଟି ନିର୍ମିତ କନକ ବେଦିରେ ଉଭୟ ବିମାନ ଉପବେଶନ ହେବା ପରେ ମେଳଣ ପଡିଆର ଅନ୍ୟ ଦ୍ୱାରମାନ ଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ଅନ୍ୟ ଦୋଳ ବିମାନଗୁଡିକ ପଡିଆରେ ପ୍ରବେଶ କରି ନିଜ ନିଜ ସ୍ଥାନରେ ଉପବେଶନ କରିଥିଲା। ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମାଚିହାଣ୍ଡିରେ ପ୍ରସ୍ତୁତ ଭୋଗ ନୈବେଦ୍ୟ ହେବା ପରେ ମେଳଣ ସମାପ୍ତ ହୋଇଥିଲା। ଏହି ମେଳଣରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିବା ବେଳେ ପଡିଆରେ ପସରା ମେଲାଇଥିବା ବିଭିନ୍ନ ବ୍ୟବସାୟ ଅନୁଷ୍ଠାନମାନଙ୍କରେ ବିଭିନ୍ନ ସାମଗ୍ରୀ କିଣାକିଣି ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡେରାବିଶ ଥାନା ପକ୍ଷରୁ ମେଳଣ ପଡିଆରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ସେହିପରି ଉକ୍ତ ମେଳଣ ପରିଚାଳନାରେ ସ୍ଥାନୀୟ ଅଞ୍ଚଳବାସୀମାନେ ସହଯୋଗ କରିଥିଲେ।

# କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

**ମାର୍ଶାଘାଇ, ୧।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମାର୍ଶାଘାଇ ବ୍ଲକ ଠାଉରି ଅରକ୍ଷିତ ଦାସମଠ ପରିସରରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ବରିଷ୍ଠ ଉପ ସଭାପତି ତଥା ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ଯୋଗଦେଇ କଂଗ୍ରେସ ସଂଗଠନକୁ ଦୃଢ଼ କରିବାକୁ ଶପଥ ନେଇଥିଲେ। ଲେଙ୍କା ପଞ୍ଚାୟତ ନିର୍ବାଚନକୁ ୧୦ ମାସ ବାକି ରହିଛି। କଂଗ୍ରେସ କର୍ମୀମାନେ ଏକଜୁଟ ହୁଅନ୍ତୁ, ଏବେ ଯେତିକି କଂଗ୍ରେସ ଭୋଟ ଆମେ ଦିଲ୍ଲୀପାରୁଛେ ତାହା ଦଶ ଗୁଣ ବୃଦ୍ଧି ହୋଇ ପାରିବ ବୋଲି ଦୃଢୋକ୍ତି ପ୍ରକାଶ କରି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପିସିସି ଦଳିତ ସେଲର ରାଜ୍ୟ ସମ୍ପାଦକ ଉପେନ୍ଦ୍ର କୁମାର ବେହେରା, ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ଶିକ୍ଷାଂଶୁ ଶେଖର ଲେଙ୍କା,ରତିକାନ୍ତ ବେଉରା, ଜିଲା ସାଧାରଣ ସମ୍ପାଦକ ବିଜୟ ପଣ୍ଡା, ଭାରତୀ କାନୁନଗୋ, କବୀନ୍ଦ୍ର ସାମଲ,ଜିଲା ଦଳିତ ସେଲ ସମ୍ପାଦକ ଗୌରାଙ୍ଗ ଜେନା,ଜିଲା ସମ୍ପାଦକ ପ୍ରମୋଦ ସ୍ୱାଇଁ, ବୈବସ୍ୱତ ବେଉରା, ଟୁନ ସାହୁ, ରଶ୍ମିରଞ୍ଜନ ମଳିକ ପ୍ରମୁଖ ଯୋଗଦେଇଥିଲେ। ବ୍ରଜମୋହନ ମଣ୍ଡଳ, କୁହୁଡ଼ି ପଞ୍ଚାୟତର ଯୁବନେତା ଅମୂଲ୍ୟ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗାଁ ପରିକ୍ରମା କଲା ରାଧାକୃଷ୍ଣ ବିମାନ

**ମହାକାଳପଡ଼ା, ୧।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାରଡ଼ାଙ୍ଗ ଗ୍ରାମର ପ୍ରସିଦ୍ଧ ଉଈ ହୁଙ୍କାରେ ଧ୍ୟାନରତ ମହାପୁରୁଷ ଧ୍ୟାନ ଦାସଙ୍କ ମଠ ଓ ରାଧା କୃଷ୍ଣ ପୀଠରେ କାହିଁ କେଉଁ ପ୍ରାଚୀନ କାଳରୁ ଦୋଳ ମେଳଣ ଅନୁଷ୍ଠିତ ହେଉଛି। ପରମ୍ପରା ଅନୁସାରେ ଫଗୁଣ ମାସର ତ୍ରୟୋଦଶୀ ତିଥିରେ ଏହି ଅଞ୍ଚଳର ୧୫ ଗ୍ରାମରୁ ରାଧା କୃଷ୍ଣ ସୁସଜ୍ଜିତ ଦୋଳ ବିମାନଗୁଡିକ ଆଗମନ ହୋଇଥାଏ। ରବିବାର ପୂର୍ବାହ୍ଣରେ ଗାଁ ମୁଣ୍ଡ ବର ଗଛ (ମଣି ବାବାଙ୍କ) ପୀଠ ମୂଳେ ମିଳିତ ହୋଇଥାନ୍ତି। ପରେ ସଂକୀର୍ତ୍ତନ ମଣ୍ଡଳୀ ଯାଦବ ଶିଶୁମାନଙ୍କ କାଠି, ନଉଡ଼ି ଖେଳ ଓ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ନୃତ୍ୟ ଖୁବ ଆକର୍ଷଣୀୟ ହୋଇଥାଏ।

ପରେ ସମସ୍ତ ସୁସଜ୍ଜିତ ଦୋଳ ବିମାନ ଗ୍ରାମର ଶେଷ ମୁଣ୍ଡ ଧ୍ୟାନ ଦାସଙ୍କ ମଠ ପରିସରରେ ଗାଦିସୀନ ହୋଇଥାନ୍ତି। ପ୍ରତି ଦୋଳ ବିମାନ ରାଧା କୃଷ୍ଣଙ୍କ ସମ୍ମୁଖରେ ବିଭିନ୍ନ ଫଳ ଫୁଲୁରି ପିଠା ପଣା ନୈବ୍ୟେଦ୍ୟ ଲାଗି ହୋଇ ପୂଜାର୍ଚ୍ଚନା ପର୍ବ ଶେଷ ହୁଏ। ଅପରାହ୍ଣରେ ସମସ୍ତ ଗ୍ରାମରୁ ଆଗମନ ହୋଇଥିବା ବିମାନଗୁଡ଼ିକ ନିଜ ନିଜ ଗନ୍ତବ୍ୟସ୍ଥଳକୁ ପ୍ରତ୍ୟାବର୍ତ୍ତନ କରନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରାଚୀନ କିଆରବାଙ୍କ ମଠ, ଗୋପଳସାହି ଦୋଳ ବିମାନ, ଗଙ୍ଗାଧରପୁର ଶାସନ, ଜଅାଁରା, ମଙ୍ଗଳପୁର, ବରକନ୍ଧା, ତେନ୍ତୁଳି କନ୍ଧା, ଷାଠିଏ ବାଟି, ବାହାର ସୋବଳା, ଗୋଜାବନ୍ଧ, ଚଡେଇ ଗାଁ, ମହାକାଳପଡା ଗ୍ରାମ ସମେତ ଅନ୍ୟାନ୍ୟ ଗ୍ରାମରୁ ବିମାନ ଆଗମନ ହୋଇଥାଏ। ଦୋଳ ମେଳଣ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଏଣ୍ଡାଓମେଣ୍ଟ ଦେବୋତ୍ତର ବିଭାଗ ପକ୍ଷରୁ କମିଟି ଗଠନ କରାଯାଇଛି।

## ଧ୍ୟାନଦାସ ମଠରେ ଦୋଳ ମେଳଣ



ବାରଡ଼ାଙ୍ଗ ଗ୍ରାମମଣି ବାବାଙ୍କ ପୀଠ ବରଗଛ ମୂଳରେ ବିଭିନ୍ନ ଗ୍ରାମରୁ ଆଗମନ ହୋଇଥିବା ସୁସଜ୍ଜିତ ଦୋଳ ବିମାନ।

# ଦହିପଖାଳ, ଶାଗଭଜା ପାଇଁ ହେବ ଉତ୍ସବମୁଖର



ଓଳକଣା ମେଳଣରେ ଲୋକଙ୍କ ଭିଡ଼।

## ପ୍ରସିଦ୍ଧ ଓଳକଣା ମେଳଣ ଆଜି

**ଦେରାବିଶ, ୧।୩ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଓ କଟକ ଜିଲାର ସଙ୍ଗମ ସ୍ଥଳରେ ଅନନ୍ୟ ପରମ୍ପରାର ପ୍ରତୀକ ଓଳକଣା ମେଳଣ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ସୋମବାର ରାତ୍ରିରୁ ଅନୁଷ୍ଠିତ ହେବ। ଏହି ମେଳଣ ପଡିଆରେ କେନ୍ଦ୍ରାପଡା, କଟକ ଓ ଯାଜପୁର ଜିଲାର ଆଖପାଖ ଗ୍ରାମରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବିମାନ ଆସିଥାନ୍ତି। ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପଡିଆ ସନ୍ନିକଟ ଅରାଖଣ୍ଡସ୍ଥିତ ଭକ୍ତ ବିଦୁରଙ୍କ ମନ୍ଦିରରେ ଦହି ପଖାଳ ଓ ଶାଗଭଜା ଭୋଗ ପାଇବାକୁ ସୋମବାର ସକାଳୁ ମାନସିକ ଧାରୀ ଶ୍ରଦ୍ଧାଳୁଙ୍କ ଭିଡ ଜମିବ।

ଜନଶ୍ରୁତି ରହିଛି, ଅଜ୍ଞାତବାସରେ ପାଣ୍ଡବ ପାଞ୍ଚ ଭାଇ ଡେରାଡିହ ନିକଟ ଘଞ୍ଚ ଜଙ୍ଗଲରେ ରହୁଥିଲେ। ଅରାଖଣ୍ଡଠାରେ ଥିବା ଜଙ୍ଗଲରେ ଭକ୍ତ ବିଦୁରଙ୍କ ଆଶ୍ରମ ରହିଥିଲା। ବିଦୁରଙ୍କ ପରମ ଶଖା ଭଗବାନ ଶ୍ରୀକୃଷ୍ଣଙ୍କୁ ଆତିଥ୍ୟ ଦେବା ସମୟରେ ଶାଗ ଭଜା ଦହି ପଖାଳ ଅର୍ପଣ କରିଥିଲେ। ଏଥିରେ ସନ୍ତୁଷ୍ଟ ହୋଇ ଭଗବାନ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ମିଳନ ଦେଖିବାକୁ ବର ମାଗିଥିଲେ। ଏହାକୁ ପ୍ରାଥେୟ କରି ମେଳଣକୁ ଆସୁଥିବା ସମସ୍ତ ବିମାନରେ ରାଧାକୃଷ୍ଣ ଥିବାବେଳେ ଭଦେଶ୍ୱର ପୀଠରୁ ଏକ ସ୍ୱତନ୍ତ୍ର ବିମାନରେ ହରରୂପୀ ଶିବଶକ୍ତି ଆସିଥାନ୍ତି ବୋଲି ଅରାଖଣ୍ଡ ଗ୍ରାମର ବଟକୃଷ୍ଣ ସାମଲ କହିଛନ୍ତି।



ବଟକୃଷ୍ଣ ସାମଲ



କ୍ଷୀରୋଦ ବିହାରୀ



ପ୍ରଭଞ୍ଜନ ପ୍ରଧାନ

ସେହିପରି ପ୍ରସିଦ୍ଧ ଶୈବ ପୀଠ ଭଦେଶ୍ୱର ମନ୍ଦିରର ମୁଖ୍ୟ ତତ୍ତ୍ୱାବଧାରକ ପ୍ରଭଞ୍ଜନ ପ୍ରଧାନ କୁହନ୍ତି, ବିଦୁର ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣଙ୍କ ସହ ବଡଭାଇ ବଳରାମ ଆତିଥ୍ୟ ଗ୍ରହଣ କରିଥିଲେ। ଶାଗ ପଖାଳ ଭୋଗ ଖାଇବା ପରେ ବିଦୁରଙ୍କୁ ବର ପ୍ରଦାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଚତୁର୍ଦ୍ଦଶୀ ବ୍ରାହ୍ମ ମୁହୂର୍ତ୍ତରେ ଶ୍ରୀକୃଷ୍ଣଙ୍କ ସହ ରୁଦ୍ର ରୁପୀ ବଳରାମଙ୍କ ମିଳନରେ ଏହି ଓଳକଣା ମେଳଣ। ମାତ୍ର ଐତିହାସିକ କିମ୍ବଦନ୍ତୀ ଅନୁସାରେ ରାଜାରାଜୁଡା ସମୟରେ ଆଳି ରାଜାଙ୍କ ଇଲାକାରେ ମେଳଣ ପଡିଆରେ ପ୍ରଥମେ ଡେରିବିଶ ବ୍ଲକ ଅଧିନ ପଞ୍ଚମୁଖି ବିମାନ ମଧ୍ୟରେ ଶ୍ରୀ ରାଧାକୃଷ୍ଣ ଓ ଡେରାବିଶର ପରମାରାଧ୍ୟ ଶ୍ରୀ ଦଧିବାମନ ଜିଉ ମନ୍ଦିରରୁ ଆସୁଥିବା ମା’ ଲକ୍ଷ୍ମୀ ବିମାନ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମାଟିରେ ନିର୍ମିତ କନକ ବେଦୀରେ ଉଭୟ ବିମାନ ଉପବେଶନ କରିବା ପରେ ପଡିଆ ମଧ୍ୟକୁ ଚାରି ଦ୍ୱାର ଦେଇ ଅନ୍ୟ ବିମାନ ପ୍ରବେଶ କରନ୍ତି। ୩ ତାରିଖ ପୂର୍ଣ୍ଣିମା ତିଥିରେ ଚନ୍ଦ୍ର ଗ୍ରହଣ ହେଉ ଥିବାରୁ ସୋମବାର ରାତି ୧ଟାରୁ ୨ରୁ ମଧ୍ୟରେ ଏହି ମେଳଣ ହେବ।

# ହାତୀମୁଣ୍ଡା ଜଙ୍ଗଲ ଗିଳି ଚାଲିଛି ନିଆଁ

■୭୦ରୁ ଊର୍ଦ୍ଧ୍ୱ ହେକ୍ଟର ଜଳୁଛି
■ଗାଁ, ସହର ମୁହାଁ ବନ୍ୟପ୍ରାଣୀ

ନୟାଗଡ,୧।୩(ଲୋକନାଥ ମିଶ୍ର)

ଗ୍ରୀଷ୍ମ ଋତୁ ଆସିଲେ ଜଙ୍ଗଲରେ ନିଆଁ ଲାଗିବା ବଢ଼ୁଛି। ଚଳିତ ବର୍ଷ ଗ୍ରୀଷ୍ମର ପ୍ରାରମ୍ଭରେ ନୟାଗଡ଼ ବନଖଣ୍ଡରେ ରେଞ୍ଜ ଖେଡପଡା ବିଟ୍ ହାତୀମୁଣ୍ଡା ସଂରକ୍ଷିତ ଜଙ୍ଗଲର ଚକାପଥର ନିକଟସ୍ଥ ଅଁଳାବାଙ୍କ ଜଙ୍ଗଲର ନିଆଁ ଦୃଷ୍ଟିକୁ ଆସିଛି। ଫେବୃଆରୀ ୨୮ ରାତିରୁ ଜଙ୍ଗଲ ଜଳୁଥିବାରୁ ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ହେକ୍ଟର ଜଳି ଚାଲିଛି। ବନବିଭାଗର କମଚାରୀ ଦୁଇ ଦଳ ହୋଇ ୬ଜଣ ୧ ତାରିଖ ପୂର୍ବାହ୍ନରେ ପହଞ୍ଚି ନିଆଁ ଲିଭାଇବାରେ ଲାଗିଛନ୍ତି। ତେବେ ନିଆଁ ଲିଭାଇବାର ଶୈଳିକୁ ଦେଖିଲେ ହ୍ରାସ ପରିବର୍ତ୍ତେ ବଢ଼ି ଚାଲିଛି ବୋଲି ଅଭିଯୋଗ ଉଠିଛି। ଜଙ୍ଗଲରେ ନିଆଁ କାରଣରୁ ବନ୍ୟପ୍ରାଣୀ ଗାଁ ଓ ସହର ମୁହାଁ ହୋଇଛନ୍ତି। ହାତୀମୁଣ୍ଡା ସଂରକ୍ଷିତ ଜଙ୍ଗଲର ନିଆଁ ଲିଭାଇବା କାର୍ଯ୍ୟରେ ଅଧିକ ସଂଖ୍ୟକ ଲୋକ ଆବଶ୍ୟକତା ରହିଛି।



ହାତୀମୁଣ୍ଡା ଜଙ୍ଗଲ ଜଳୁଛି।

ପ୍ରକାଶଯେ, ଜଙ୍ଗଲରେ ନିଆଁ ଗାଁ ମୁହାଁ ବନ୍ୟପ୍ରାଣୀଙ୍କୁ କିଛି ଶିକାରୀ ଓ କୁକୁରଙ୍କ ହାବୁଡରେ ପଡି ପ୍ରାଣ ହରାଉଛନ୍ତି। ଜଙ୍ଗଲ ନିଆଁ ପ୍ରକୃତିଗତ ନୁହେଁ ମନୁଷ୍ୟକୃତ। ଏହାକୁ ରୋକିବାକୁ ସଚେନତତାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାର ବନବିଭାଗ ଡିଣ୍ଡିମ ପିଟୁଛି। ହେଲେ ଗ୍ରୀଷ୍ମଋତୁ ଆରମ୍ଭରୁ ଏନେଇ ସଚେତନତା ଦେଖାନାହିଁ। ପ୍ରତିବର୍ଷ ଜଙ୍ଗଲ ନିଆଁ ବଢ଼ି ଚାଲିଛି। ଜିଲାରେ ଗୋଛା, ଗୁମି, ବୁଗୁଡା ଓ ପୋଖରୀ ଗୋଛାରେ ଥିବା ୪ଟି ହାତୀଚଲାପଥ ରହିଛି। ଏହି ଚଲାପଥରେ ନିଆଁ ଲାଗିଲେ ହାତୀଙ୍କ ପାଇଁ ବିପଦ ରହିଛି। ନିଆଁ ଲଗାଇବା ଦଣ୍ଡନୀୟ ଅପରାଧ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ଧାରା ୨୭(୧)(ଏ)୩(ବି) ଅନସାରେ ୩ରୁ ୭ବର୍ଷ ଜେଲ ଦଣ୍ଡ ରହିଛି। ଚଳିତ ବର୍ଷ ଓଡଗାଁ ରେଞ୍ଜର ଜଙ୍ଗଲ ନିଆଁ ଲଗାଇ ଗିରଫ ହୋଇଛନ୍ତି। ହେଲେ ଆଇନ ନେଇ ଅନେକ ଅଜଣା। ଅଙ୍ଗାର ପାଇଁ ହେଉ କି ଅନ୍ୟ କାରଣରୁ ହେଉ ଜଙ୍ଗଲରେ ନିଆଁ ଲଗା ଯାଉଛି। ଜାଳେଣି କାଠ ଓ ଶୁଖିଲା ବାଉଁଶ ଜଙ୍ଗଲରେ ପଡି ରହିଛି। ପୁଣି ଗଛ ପତ୍ରଝଡା ଦେଇଥିବାରୁ ନିଆଁ ଲାଗିଲେ ସହଜରେ ଛାଡୁନି। ପୂର୍ବରୁ କଞ୍ଚାଡାଳ ଓ ବାଲି ନିଆଁ ଲିଭାରେ ବ୍ୟବହାର ହେଉଥିଲା। ତେବେ ଗଛରେ ପତ୍ର ନଥିବାରୁ କଞ୍ଚା ଡାଳ ମିଳୁନି। ପୁଣି ବାଲି ସବୁ ଜଙ୍ଗଲରେ ନାହିଁ। ଏଣୁ ଫାୟାର ଲାଇନ କରାଯାଇ ନିଆଁକୁ ଆୟତ କରାଯାଉଛି। ହେଲେ ଫାୟାର ଲାଇନ୍ ନେଇ ସ୍ଥାନୀୟ ବାସିନ୍ଦା ଅବଗତ ନୁହଁନ୍ତି। ଏନେଇ ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳ କୁହନ୍ତି, ହାତୀମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ନିଆଁ ଖଣ୍ଡପଡା ରେଞ୍ଜ ପାର୍ଶ୍ୱରୁ ଆସିଛି। ନିଆଁ ଲିଭାଇବା କାର୍ଯ୍ୟରେ ଜଙ୍ଗଲରେ ୬ଜଣ ସ୍ଥାନରେ ପୁଣି ୮ଜଣ ଏପରି ୧୪ ଜଣ ନିୟୋଜିତ କରାଯାଇଛି। ପୁଣି ରାତିରେ ଆଉ କେତେକ କର୍ମଚାରୀଙ୍କୁ ନିୟୋଜିତ କରିବୁ। ନିଆଁ ଲିଭାଇବାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ବୋଲି କହିଛନ୍ତି।

## ନୟାଗଡ଼ରେ ଟିକାକରଣ ଅଭିଯାନର ଶୁଭାରମ୍ଭ



ବାଚସ୍ପତି ଓ ଅନ୍ୟମାନେ ଟିକାକରଣର ଶୁଭାରମ୍ଭ କରୁଛନ୍ତି ।

ନୟାଗଡ଼,୧।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ ସଂକ୍ରମଣ ନିରାକରଣ ପାଇଁ ଟିକାକରଣ ଅଭିଯାନର ଶୁଭାରମ୍ଭ ରବିବାର ହୋଇଛି। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦ୍‌ଘାଟନ କରି ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଟିକାକରଣ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଟିକା ଦ୍ୱାରା ଆଗାମୀ ଦିନରେ ଜରାୟୁ ଗ୍ରୀବା କର୍କଟ ରୋଗକୁ ଅଟକା ଯାଇପାରିବ। ପ୍ରକାଶ ଥାଉକି, ପ୍ରଥମ ପର୍ଯ୍ୟାୟରେ ୩୫୦୦ ଟିକା ଆସିଥିବା ବେଳେ ଆଗକୁ ସମୁଦାୟ ୧୦୦୦୦ ଟିକାକରଣର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ଆସନ୍ତା ୩ ମାସ ପର୍ଯ୍ୟନ୍ତ ଚାଲିବ। ୧୪ରୁ ୧୫ ବର୍ଷ ବୟସ୍କ ସମସ୍ତ ବାଳିକାମାନେ ଏହି ଟିକା ନେବେ ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲାପାଳ ମଧୁମିତା ରଥ, ଉପ ଜିଲାପାଳ କର୍ଣ୍ଣଦେବ ସମାଦାର୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପା ନୀଳିମା ଲାକ୍ରା, ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ବେହେରା, ଜିଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ବାନାର୍ଜୀ, ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ତଥା ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମା’ ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ଗଣମାଧ୍ୟମ ପ୍ରତିନିଧି ।

ଖଣ୍ଡପଡ଼ା,୧।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ଅଞ୍ଚଳର ଆରାଧ୍ୟ ଦେବୀ ମା’ ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଥମ କରି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ଖବରଦାତା ଶୁଭେନ୍ଦ୍ର କୁମାର ପଟ୍ଟନାୟକ,ଶରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବରାଡ,ବ୍ରଜବନ୍ଧୁ ଦେହୁରୀ,ପ୍ରଭାତ କୁମାର ବରାଡ ଓ ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା,କଣ୍ଟିଲୋ,ଭାପୁର, ବୋଲଗଡ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୪୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଏ ଅବସରରେ କାର୍ଯ୍ୟରତ ଖବରଦାତା ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମା’ ପାଟଚଣ୍ଡୀଙ୍କ ପୀଠର ସାମଗ୍ରିକ ବିକାଶ ଦିଗରେ ପ୍ରଶାସନିକ ଉଦାସୀନତାକୁ ନେଇ ଗଣମାଧ୍ୟମର ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିବା ବେଳେ ଖଣ୍ଡପଡା ଅଞ୍ଚଳର ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଭଲ ମଣିଷ ହୋଇ ପ୍ରତିଷ୍ଠିତ ହେବା ପାଇଁ ପରାମର୍ଶ

ଖଣ୍ଡପଡା,୧।୩
(ଅଜୟ କୁମାର ମହାରଣା)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେଲେ ସମାଜରେ ପରିବର୍ତ୍ତନ ଆସିବ। ପ୍ରତ୍ୟେକ ମାତାପିତା ଯତ୍ନବାନ ହେଲେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ। ଅତିଥିମାନେ ବିଭିନ୍ନ ଉଦାହରଣର ଦେଇ ଜୀବନରେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷକରି ଶିଶୁମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବା ଦିଗରେ ଗୁରୁଜନମାନେ ଦାୟିତ୍ୱ ବହନ କରିବା ଜରୁରୀ ବୋଲି ଆଲୋକପାତ କରିଥିଲେ । ଶନିବାର ସନ୍ଧ୍ୟାରେ ଖଣ୍ଡପଡା ବ୍ଲକ ଖଳିସାହି ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ,ମୁଖ୍ୟବକ୍ତା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଲିପିକା ମହାନ୍ତି, ଅଧ୍ୟାପକ ପ୍ରଦୀପ କୁମାର ଦାଶ, ମର୍ଦ୍ଦରାଜପୁର ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛି, ସିଂଘାପଡା ଓ ଖଳିସାହି ସରପଞ୍ଚ ଯଥାକ୍ରମେ ସୁନୀଲ ପ୍ରଧାନ ଓ ଫକୀର ମୋହନ ଦାସ, ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ମତ ରଖିଥିଲେ। ଶୁକ୍ରବାର ସକାଳ ୮ଟାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ବିଦ୍ୟାଳୟକୁ ଫେରିଥିଲେ। ଅପରାହ୍ନ ୪ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପବିତ୍ର କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ କଳାକାର ଓ ସହପାଠୀମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ନୃତ୍ୟନାଟିକା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ବାର୍ଷିକୋତ୍ସବରେ ଯୋଗଦେଇଥିବା ପିଲାମାନେ ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଖଣ୍ଡପଡା,୧।୩(ଅଜୟ କୁମାର ମହାରଣା)



ଖଣ୍ଡପଡା ବ୍ଲକ କଣ୍ଟିଲୋ ମଝିସାହିପାଟଣା ଗ୍ରାମର ସତ୍ୟଭାମା ମହାରଣା(୯୦)ଙ୍କର ଶନିବାର ରାତି ପ୍ରାୟ ୧୦.୧୫ରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟ ଜନୀତ ରୋଗରେ ଦୀର୍ଘ ମାସ ହେଲା ପିଡିତ ଥିଲେ । ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ବହୁ ବିଶିଷ୍ଟ ବ୍ୟକ୍ତି, ବନ୍ଧୁ ପରିଜନ ଓ ଶୁଭେଚ୍ଛୁ ତାଙ୍କ ବାସ ଭବନରେ ସମାଗମ ହୋଇ ଶେଷ ଦର୍ଶନ କରିଥିଲେ। ରବିବାର ପୂର୍ବାହ୍ନ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ପରିସର ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଅଭିଯୋଗ, ପ୍ରତିବାଦ ପରେ ବି ହଟାଉନି ବିଦ୍ୟୁତ୍ ବିଭାଗ

ନୟାଗଡ଼,୧।୩(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ଓଡଗାଁ ବ୍ଲକ ଗୋଡିପଡା ନିକଟସ୍ଥ ତୋଡିବାଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଛାତ୍ରୀଛାତ୍ରଙ୍କ ପାଇଁ ବିପତ୍ତି ଡାକି ଆଣିଛି। ସେହିପରି ସ୍କୁଲ ପରିସରରେ ଚାଲିଥିବା ଅଙ୍ଗନାୱାଡି କେନ୍ଦ୍ରର ଛୋଟ ଛୋଟ ଶିଶୁମାନଙ୍କ ପାଇଁ ମଧ ଅନୁରୂପ ବିପଦ ସାଜିଛି। ଟ୍ରାନ୍ସଫର୍ମରକୁ ହଟାଇବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଓ ଗାଁଲୋକ ବାରମ୍ବାର ଦାବି କରୁଥିଲେ ମଧ ସୁଫଳ ମିଳୁନି। ବିଦ୍ୟାଳୟ ପରିସରରେ ଟ୍ରାନ୍ସଫର୍ମର ଥିବାରୁ ଛାତ୍ରୀଛାତ୍ର ଓ ଅଙ୍ଗନୱାଡି ଶିଶୁ ଖେଳକୁଦ କରିପାରୁ ନାହାନ୍ତି। ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ନିକଟରେ ସ୍ଥାନୀୟ ବାସିନ୍ଦା ରଣପୁର ବିଧାୟକ ତଥା ବାଚସ୍ପତିଙ୍କୁ ଦୃଷ୍ଟି ଆକର୍ପଣ କରିଥିଲେ। ବାଚସ୍ପତି ମଧ ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଟିପିସିଓଡିଏଲର ଭୁବନେଶ୍ୱରସ୍ଥ ମଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଚିଠି ଯୋଗେ ଅବଗତ କରାଇଥିଲେ ମଧ ସୁଫଳ ମିଳିନି ବୋଲି କୁହାଯାଉଛି।

## ଦୃଢ଼ ବିଶ୍ୱାସ, ଇଚ୍ଛାଶକ୍ତି ଦ୍ୱାରା ଈଶ୍ୱରପ୍ରାପ୍ତି ହୋଇଥାଏ

ଖଣ୍ଡପଡା,୧।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧିନ ରୟତି ଡୋଳମରା ଗ୍ରାମସ୍ଥିତ ବାବା ଶ୍ରୀ ଶ୍ରୀ ହଟକେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ଏକ ପଥପ୍ରାନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୟତି ଡୋଳମରା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସାଧୁ ଅଖଣ୍ଡାନନ୍ଦଙ୍କୁ ଶନିବାର ସନ୍ଧ୍ୟାରେ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଗ୍ରାମବାସୀଙ୍କ ଉପସ୍ଥିତରେ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା । ପରେ ତ୍‌କେଉଁଝର ଅଂଚଳରୁ ଆସିଥିବା ସଂପୃକ୍ତ ସାଧୁଙ୍କୁ ବାବା ଶ୍ରୀ ହଟକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣକୁ ଅଣାଯାଇ ତାଙ୍କ ଦ୍ୱାରା ଭାଗବତ ପାଠ ସହିତ ପ୍ରବଚନ ଶ୍ରବଣ କରିବାକୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସମାଗମ ହୋଇଥିଲେ । ସାଧୁ ପ୍ରବଚନ ମାଧ୍ୟମରେ କେବଳ ଈଶ୍ୱର ଭକ୍ତି, ଦୃଢ ବିଶ୍ୱାସ, ଇଚ୍ଛାଶକ୍ତି, ପ୍ରେମ ଓ ଭଲପାଇବା ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ହୋଇଥାଏ ବୋଲି ପ୍ରକାଶ କରିଥିଲେ ।

## ୧୯୮୭-୮୮ ବ୍ୟାଚ ବନ୍ଧୁମିଳନ

ଖଣ୍ଡପଡା,୧।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୮୭-୮୮ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମା’ ଶ୍ମଶାନଚଣ୍ଡୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୯୮୭-୮୮ ଉଚ୍ଚ ପ୍ରାଥମିକ ଓ ୧୯୯୩-୯୪ ଯୁକ୍ତ୨ ଓ ଯୁକ୍ତ୩ ବିଭାଗ ସହପାଠୀଙ୍କ ମଧ୍ୟରୁ ଧର୍ମେନ୍ଦ୍ର ସାହୁ, ସୁରେଶ କୁମାର ସାହୁ, ପଦ୍ମଲୋଚନ ସେଠୀଙ୍କ ସମେତ କଲେଜ ସହପାଠୀଙ୍କ ପ୍ରୟାସ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ପୁରାତନ ସହପାଠୀମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମୟରେ ସମସ୍ତ ସହପାଠୀମାନେ ମିଳିତ ହୋଇ ସହଯୋଗର ହାତ ବଢାଇବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ଅବସରରେ କର୍କଟ ରୋଗରେ ପୀଡିତ ସହପାଠୀ କୃଷ୍ଣଚନ୍ଦ୍ରପୁର ପାଟଣାଗ୍ରାମର ସୁରେଶ ଚନ୍ଦ୍ର ସାହୁ ଅର୍ଥାଭାବରୁ ଆବଶ୍ୟକ ଚିକିତ୍ସା ପାଇପାରୁ ନ ଥିବାରୁ ୧୯୯୩ରୁ ୧୯୯୮ କଲେଜ ସହପାଠୀମାନେ ତାଙ୍କୁ ନିଜର ବାସ ଭବନରେ ସାକ୍ଷାତ କରି ସଂଗୃହୀତ ୪୫୦୫୫ ଟଙ୍କା ପ୍ରଦାନ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗ ଦେଇଥିଲେ ।



ବନ୍ଧୁମିଳନରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ।

## ଅଦାଳତ ପରିସରରେ ବାର୍ ହଲ୍ ଉଦ୍‌ଘାଟିତ

ନୟାଗଡ଼, ୧।୩(ଲୋକନାଥ ମିଶ୍ର)



ବାର୍ ଉଦ୍‌ଘାଟନରେ ବାଚସ୍ପତି ସୁରମା ପାଢୀ ଓ ଅନ୍ୟମାନେ ।

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଓକିଲଙ୍କ ବ୍ୟବହାର ପାଇଁ ବହୁ ପ୍ରତିକ୍ଷିତ ଅଦାଲତ ପରିସରରେ ବାର୍ ହଲ ବାଚସ୍ପତି ସୁରମା ପାଢ଼ୀ ଓ ଜିଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଛନ୍ତ। ଏହି ଅବସରରେ ଜିଲା ଓକିଲ ସଙ୍ଘ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲା ଓକିଲ ସଙ୍ଘ ପକ୍ଷରୁ ବାଚସ୍ପତି ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓକିଲ ସଙ୍ଘ ସଭାପତି ସଂଗ୍ରାମ ମିଶ୍ର, ସମ୍ପାଦକ ବିକ୍ରମ କେଶରୀ ଦେଓ, ଓଡଗାଁ ଓକିଲ ସଙ୍ଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦଶପଲ୍ଲା ଓକିଲ ସଙ୍ଘ ସଭାପତି ସୁଶାନ୍ତ କୁମାର ପାତ୍ର ଏବଂ ଦଲିଲ ଲେଖକ ମୋହରିର ସଙ୍ଘ ସଭାପତି କ୍ଷୀରୋଦ ମହାପାତ୍ର ପ୍ରମୁଖ ବାଚସ୍ପତି ଏବଂ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ । ବହୁତ ଅପେକ୍ଷା ପରେ ଜିଲାପାଳଙ୍କ ଅଦାଲତ ପରିସରରେ ଓକିଲ ମାନଙ୍କ ପାଇଁ ସୁନ୍ଦର ବାର୍ ହଲ ପ୍ରଦାନ ପାଇଁ ଜିଲା ଓକିଲ ସଙ୍ଘ ସମ୍ପାଦକ ସ୍ୱଦେଶ ମିଶ୍ର ବାଚସ୍ପତି ଏବଂ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ । ନିଜେ ଆଇନଜୀବୀ ଡିଗ୍ରୀ ହାସଲ କଲାପରେ ଓକିଲାତି କରିବା ପାଇଁ ପ୍ରବଳ ଇଚ୍ଛାଶକ୍ତି ଥିଲେ ମଧ ତାହା ସମ୍ଭବ ହୋଇପାରିନଥିବା ବାଚସ୍ପତି ପାଢ଼ୀ ଭାବବିହ୍ୱଳ ହୋଇ କହିଥିଲେ । ଦଳମତ ନିର୍ବିଶେଷରେ ଜିଲାର ବିକାଶରେ ସାମିଲ ହେବାପାଇଁ ପାଢ଼ୀ ଓକିଲମାନଙ୍କୁ ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରୋଜିନା ଦାଶ, ଉପଜିଲାପାଳ କର୍ଣ୍ଣଦେବ ସମଦାର,ନୟାଗଡ଼ ବାର ବରିଷ୍ଠ ସଦସ୍ୟ ଦଣ୍ଡପାଣି ନାୟକ, ମନୋରଞ୍ଜନ ମହାପାତ୍ର,ପ୍ରତାପ ନନ୍ଦ ଓ କିଶୋର ଚନ୍ଦ୍ର ମହାପାତ୍ର ଓ ଜିଲାର ବିଭିନ୍ନ ବାର ଆସୋସିଏଶନ ସଦସ୍ୟ ଆଇନଜୀବୀ ଯୋଗ ଦେଇଥିଲେ । ସଙ୍ଘ ଉପସଭାପତି ସନ୍ତୋଷ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଆସି ଜୀବନ ଗଲା


ମୃତ ରାହୁଲ ମହାରଣା



ଗିରଫ ୩ ଅଭିଯୁକ୍ତ, ଘଟଣାସ୍ଥଳରୁ ଜବତ ମଦ ବୋତଲ ଓ ଚାଖଣା।

## ୟୁଟ୍ୟୁବରଙ୍କୁ ଛୁରି ଭୁସି ହତ୍ୟା ଘଟଣା

- ମଦ ପିଇବା ବେଳେ ଦୁଇ ଗୋଷ୍ଠୀ ଭିତରେ ହୋଇଥିଲା କଥା କଟାକଟି
- ଯବାନଙ୍କ ସହ ଦୁଇ ପୁତୁରାଙ୍କୁ ଗିରଫ କଲା ପୋଲିସ
- ପୂର୍ବଶତ୍ରୁତା ନୁହେଁ, ହଠାତ୍ ଗଣ୍ଡଗୋଳରୁ ହତ୍ୟା:ଏସିପି

**ଭୁବନେଶ୍ୱର,୧।୩(ତ୍ରିନାଥ ମହାନ୍ତି)**

ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଶନିବାର ରାତିରେ ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ହତ୍ୟା ଘଟଣା ଉପରୁ ପରଦା ହଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନୁହେଁ, ବରଂ ହଠାତ୍ ଗଣ୍ଡଗୋଳରୁ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି ଖବରଦାତା ସମ୍ମିଳନୀରେ ରବିବାର ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଜଣେ ଯବାନଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯବାନ ସଂଗ୍ରାମ କେଶରୀ ବେହେରା, ତାଙ୍କ ପୁତୁରା ସଂଗ୍ରାମ ବେହେରା ଓରଫ କୁନା ଏବଂ ସମରେନ୍ଦ୍ର ବେହେରା ଓରଫ ମୁନା। ସେମାନଙ୍କ ନିକଟରୁ ଦୁଇଟି ବାଇକ୍ ଏବଂ ଏକ ଛୁରି ଜବତ କରାଯାଇଛି। ପୋଲିସ ଏକ ହତ୍ୟା ମାମଲା(ନଂ-୧୪୪/୨୬) ରୁଜୁ କରି ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଏସିପି ସେନାପତି ସୂଚନା ଦେଇଛନ୍ତି। ରବିବାର ସକାଳୁ ପୋଲିସ ଏବଂ ଫୋରେନ୍ସିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଫୋରେନ୍ସିକ୍ ଟିମ୍ ସେଠାରେ ପଡ଼ିଥିବା ରକ୍ତ ନମୁନା, ଚପଲ, ମଦ ବୋତଲ ଏବଂ ଚାଖଣା ଜବତ କରି ଫୋରେନ୍ସିକ୍ ଲାବ୍‌କୁ ପଠାଇଛି। ଏଥିସହ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏସିପିଙ୍କ କହିବା ଅନୁସାରେ, ସଂଗ୍ରାମ ସେନାରେ ଯବାନ ଥିବାବେଳେ ସମରେନ୍ଦ୍ର ଓ କୁନା ତାଙ୍କର ପୁତୁରା। ସମସ୍ତଙ୍କ ଘର କଟକ କାନପୁରରେ ହୋଇଥିବାବେଳେ ଜିଜିପିରେ ସଂଗ୍ରାମ ଘର ଭଡ଼ା ନେଇ ରହୁଥିଲେ। ଶନିବାର ରାତି ପ୍ରାୟ ୯ଟା ୩୦ମିନିଟରେ ଜିଜିପି ହାଇସ୍କୁଲ ପଡ଼ିଆରେ ଦୁଇ ଗୋଷ୍ଠୀ ମଦ ପିଉଥିଲେ। ଗୋଟିଏ ଗୋଷ୍ଠୀରେ ରାହୁଲ, ଶିବା ଏବଂ ଅନ୍ୟ ଦୁଇ ଜଣ ବସିଥିବାବେଳେ ଅନ୍ୟ ଗୋଷ୍ଠୀରେ ଯବାନ ସଂଗ୍ରାମ ଏବଂ ତାଙ୍କ ଦୁଇ ପୁତୁରା ବସି ପିଉଥିଲେ। ଶିବାଙ୍କ ଫୋନ କଲ୍ ଆସିବାରୁ ସେ କଥା ହୋଇ ଅଭିଯୁକ୍ତମାନେ ବସିଥିବା ସ୍ଥାନ ପାଖଦେଇ ଚାଲିଯାଇଥିଲେ। ଶିବା ଫୋନରେ କଥା ହେଲା ବେଳେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିଲେ। ଏହା ଶୁଣି ସଂଗ୍ରାମ ବିରୋଧ କରିଥିଲେ। ଫଳରେ ଶିବା ଓ ସଂଗ୍ରାମଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ସଂଗ୍ରାମ ଏବଂ ଦୁଇ ପୁତୁରା ଶିବାଙ୍କୁ ମାଡ଼ ମାରିଥିଲେ। ଏହାଦେଖି ଶିବାଙ୍କୁ ବଞ୍ଚାଇବାକୁ ସେଠାରେ ରାହୁଲ ପହଞ୍ଚିଥିଲେ। ଅଭିଯୁକ୍ତମାନେ ରାହୁଲଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସଂଗ୍ରାମ ଓ ତାଙ୍କ ବଡ଼ ପୁତୁରା ରାହୁଲଙ୍କୁ ଧରିଥିବା ଅବସ୍ଥାରେ ସାନ ପୁତୁରା ମୁନା ଏକ ଛୁରିରେ ତାଙ୍କ ଛାତିକୁ ଭୁସି ଦେଇଥିଲେ। ଛାତିରେ ଗଭୀର କ୍ଷତ ହୋଇଥିବାରୁ ପ୍ରବଳ ମାତ୍ରାରେ ରକ୍ତ ବୋହିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାହୁଲ ତଳେ ପଡ଼ି ଯାଇଥିବାବେଳେ ସଂଗ୍ରାମ ଏବଂ ଦୁଇ ପୁତୁରା ସେଠାରୁ ଫେରାର ହୋଇଯାଇଥିଲେ। ରାହୁଲଙ୍କୁ ସାଙ୍ଗମାନେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଖବର ପାଇ ମୃତଦେହ ଜବତ ସହ କ୍ୟାପିଟାଲ ହସ୍ପିଟାଲକୁ ମୃତଦେହ ପଠାଇଥିଲା। ଡିସିପି ଜଗମୋହନ ମୀନା ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଜିଜିପିରେ ପୋଲିସ ଖବରୀଙ୍କୁ ଆକ୍ଟିଭ୍ କରିବା ପରେ ଅଭିଯୁକ୍ତଙ୍କ ଗାଡ଼ି ନମ୍ବର ମିଳିଥିଲା। ପୋଲିସ ଗାଡ଼ି ନମ୍ବର ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଠିକଣା ଭୁବନେଶ୍ୱର ବାହାରେ ହୋଇଥିବାରୁ ଗିରଫ କରିବା କଷ୍ଟକର ଥିଲା। ପୋଲିସ ଦୁଇଟି ବାଇକ୍ ନମ୍ବର ସହ ପଞ୍ଜୀକରଣ ହୋଇଥିବା ଫୋନ୍ ନମ୍ବର ଆଧାରରେ ଚଢ଼ାଉ କରି ଜିଜିପି କଲୋନୀରୁ ୩ଜଣଙ୍କୁ ଗିରଫ କରିଥିଲା। ପୋଲିସ ପଚରାଉଚରା ପରେ ସେମାନେ ହଠାତ୍ ଗଣ୍ଡଗୋଳ କରିବାରୁ ଏଭଳି ଛୁରି ଭୁସିଥିବା କହିଥିଲେ। ଯବାନ ସଂଗ୍ରାମ ଜମ୍ମୁ କଶ୍ମୀରରେ ଡ୍ୟୁଟି କରୁଥିବା ବେଳେ ଛୁଟିରେ ଆସି ଜିଜିପି କଲୋନୀରେ ରହୁଥିବା ବେଳେ ବଡ଼ ପୁତୁରା ତାଙ୍କ ନିକଟରେ ରହୁଥିଲେ। ହେଲେ ଶନିବାର ସାନ ପୁତୁରା ମୁନା ଆସିଥିବାରୁ ସେମାନେ ମଦ ପିଇବାର ଯୋଜନା କରି ଉକ୍ତ ପଡ଼ିଆରେ ବସିଥିଲେ।

# ପଥରରେ ଛେଚି ବଡ଼ଭାଇଙ୍କୁ ହତ୍ୟା

## ଅଭିଯୁକ୍ତ ସାନଭାଇ ଫେରାର

**ଝାରସୁଗୁଡ଼ା, ୧।୩ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବୃନ୍ଦାମାଲ ରେଲଷ୍ଟେଶନ ନିକଟ ଏକ ବସ୍ତିରେ ଶନିବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବଚସାକୁ କେନ୍ଦ୍ରକରି ବଡ଼ଭାଇଙ୍କୁ ପଥରରେ ଛେଚି ସାନଭାଇ ହତ୍ୟା କରିଛନ୍ତି। ମୃତକ ହେଲେ ବିବେକ ନାଥ ନାଗ (୨୮)। ଖବରପାଇ ଉଭୟ ବଡ଼ମାଲ ପୋଲିସ ଓ ଝାରସୁଗୁଡ଼ା ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚିଥିଲା। ହତ୍ୟାକାଣ୍ଡ ସ୍ଥଳ ଜିଆର୍‌ପି ଅଧୀନରେ ଆସୁଥିବାରୁ ଜିଆର୍‌ପି ତଦନ୍ତ କରିଥିଲା। ଏଥିସହ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।


ଘଟଣାସ୍ଥଳରେ ଝାରସୁଗୁଡ଼ା ଏସ୍‌ପି ଏବଂ ଜିଆର୍‌ପି ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ବସ୍ତିରେ ପ୍ରେମନାଥ ନାଗଙ୍କ ସହିତ ତାଙ୍କ ବଡ଼ପୁଅ ବିବେକ ନାଥ ନାଗ ଓ ସାନପୁଅ କ୍ଷୀରୋଦ ନାଥ ନାଗ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଉକ୍ତ ବସ୍ତିର ଏକ ଚାଷଜମି ନିକଟରେ ବିବେକ ଓ କ୍ଷୀରୋଦଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ କ୍ଷୀରୋଦ ଉତ୍‌କ୍ଷିପ୍ତ ହୋଇ ବଡ଼ଭାଇ ବିବେକଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ପ୍ରେମନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୧୫/୨୬) ରୁଜୁ କରିଛି। ରବିବାର ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଜିଆର୍‌ପି ଆଇଆଇସି ସନ୍ତୋଷ ମିର୍ଦ୍ଧା କହିଛନ୍ତି।

# ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ୨ ଗିରଫ

- ୩୯ ଅନ୍‌ଲାଇନ ଠକେଇ ମାମଲାରେ ସମ୍ପୃକ୍ତ
- ୪.୯୭ କୋଟି ଟଙ୍କାର କାରବାର

**କେନ୍ଦୁଝର,୧।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**


ଗିରଫ ୨ ଅଭିଯୁକ୍ତ।

କେନ୍ଦୁଝର ସଦର ପୋଲିସ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ୨ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅଧୀନ ବାରିଗାଁ ଗ୍ରାମର କଳ୍ପତରୁ ପଲେଇ(୩୬) ଓ ଘସିପୁରା ଥାନା ଅଧୀନ ପଦନପୁର ଗ୍ରାମର ଅଭିନନ୍ଦନ ପୁହାଣ(୩୦)। କେନ୍ଦୁଝର ସଦର ଥାନା ଇନ୍ସପେକ୍ଟର ଅମିତ କୁମାର ଭୂୟାଁ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ଟଙ୍କାକୁ ଚାଲାଣ କରିବା ପାଇଁ ବ୍ୟବହୃତ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିଲେ। ସେମାନେ ଏପର୍ଯ୍ୟନ୍ତ ୩୯ଟି ଅନ୍‌ଲାଇନ ଠକେଇ ମାମଲାରେ ସମ୍ପୃକ୍ତ ଥିବାବେଳେ ୨ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୪ କୋଟି ୯୭ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ହୋଇଛି। ସମ୍ପୃକ୍ତ ଅନ୍ୟ ସହଯୋଗୀ ଏବଂ ଅତିରିକ୍ତ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଇନ୍ସପେକ୍ଟର ଭୂୟାଁ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୨୦/୨୬) ସହ ଆଇଟି ଆଇନର ଧାରା ୩୧୯(୨)/୩୧୮(୪)/୩(୫) ବିଏନ୍‌ଏସ୍, ୨୦୨୩ ସହ ଧାରା ୬୬(ସି)/୬୬(ଡି) ଅନୁଯାୟୀ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସାଇବର ଠକେଇ ନେଇ ସତର୍କ ରହିବା ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ କିମ୍ବା ନିକଟତମ ପୋଲିସ ଷ୍ଟେଶନ ମାଧ୍ୟମରେ ଘଟଣାଗୁଡ଼ିକ ତୁରନ୍ତ ରିପୋର୍ଟ କରିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ସରଣ୍ଡା ଟିମରା ଜଙ୍ଗଲରେ ଲ୍ୟାଣ୍ଡମାଇନ ବିସ୍ଫୋରଣ

- କୋବ୍ରା ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁରୁତର, ଦିଲ୍ଲୀ ଏୟାରଲିଫ୍ଟ
- ମାଓବାଦୀଙ୍କ ସହ ଗୁଳିବିନିମୟରେ ୨ ଯବାନ ଗୁରୁତର
- ସର୍ଚ୍ଚ ଅପରେଶନ ଜାରି

**ବଣାଇଁ,୧।୩(ପ୍ରଦୀପ ତ୍ରିପାଠୀ)**

ଓଡ଼ିଶା - ଝାଡଖଣ୍ଡ ସୀମା ସଂଲଗ୍ନ ସରଣ୍ଡା ଟିମରା ଘଞ୍ଚ ଜଙ୍ଗଲରେ ରବିବାର ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିବା ବେଳେ ରବିବାର ସକାଳ ପ୍ରାୟ ୬ଟାରେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ସିଆର୍‌ପିଏଫ୍ କୋବ୍ରା ୨୦୯ ନମ୍ବର ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ ମଲ୍ଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅପରାହ୍ନରେ ତାଙ୍କୁ ପ୍ରଥମେ ରାଞ୍ଚି ଓ ପରେ ସଙ୍କଟାପନ୍ନ ହେବାରୁ ଦିଲ୍ଲୀ ଏୟାରଲିଫ୍ଟ କରାଯାଇଛି ବୋଲି ଝାଡଖଣ୍ଡ ପୋଲିସ ସ୍ପଷ୍ଟ କରିଛି।


ଆହତ ଅଜୟ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୋବ୍ରା ୨୦୯ ନମ୍ବର ବାଟାଲିୟନ।

ସେହିଭଳି ଛୋଟନାଗରା ଥାନା ଅନ୍ତର୍ଗତ ମାରଙ୍ଗପଙ୍ଗା ଓ କିନବିର ମଝିରେ ଥିବା ଜଙ୍ଗଲ ନିକଟରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ସକାଳ ୯ଟାରେ ସଂଘଟିତ ଏହି ଗୁଳି ବିନିମୟରେ ଜଣେ ଯବାନ ବିକ୍ରମ ଯାଦବଙ୍କ ପେଟରେ ଗୁଳି ବାଜିଥିଲା। ତାଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହେବାରୁ ଅପରାହ୍ନରେ ତାଙ୍କୁ ଏୟାରଲିଫ୍ଟରେ ରାଞ୍ଚି ପଠାଯାଇଛି। ଉଭୟ ପକ୍ଷରୁ ଗୁଳି ବିନିମୟ ଯୋଗୁ ଆହତ ଯବାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇବାରେ ବିଳମ୍ବ ଘଟିଥିଲା। ଗୁଳି ବିନିମୟ ସମୟରେ ଆଉ ଜଣେ ଯବାନ ସଞ୍ଜୀବ କୁମାର ଆହତ ହୋଇଥିବା ଜଣାପଡ଼ିଛି। ଏହି ୨ଟି ଘଟଣା ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ପଶ୍ଚିମ ସିଂଭୂମ ମନୋହରପୁର ଥାନା ଅଧୀନସ୍ଥ ଚିଡ଼ିଆ ଫାଣ୍ଡି ଅଧୀନ ଟିମରା ଜଙ୍ଗଲରେ ଘଟିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ଓ ଗୁଳି ବିନିମୟ ସ୍ଥଳ ଛୋଟ ନାଗରା ଥାନା ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେଶନ ଜାରି ରହିଛି। ବର୍ତ୍ତମାନ ମାରାଙ୍ଗପଙ୍ଗାଠାରୁ କିନବିର ଯେଉଁଠି ମାଓବାଦୀ ଲୁଚି ରହିଛନ୍ତି ସେଠାରେ ଚାରି ହଜାରରୁ ଊର୍ଦ୍ଧ୍ୱ ଯବାନ ସମ୍ପୃକ୍ତ ଅଞ୍ଚଳକୁ ଘେରା ବନ୍ଦୀ କରି ରଖିଛନ୍ତି। ଡ୍ରୋନ ବ୍ୟବହାର କରି ଠାବ କରିବା ପାଇଁ ଚେଷ୍ଟା ଜାରି ରଖି ବାହାରୁ ସେ ଅଞ୍ଚଳକୁ କାହାକୁ ପୂରାଇ ନ ଦେବା ସହ ଅଞ୍ଚଳରୁ କାହାକୁ ବାହାରକୁ ଛଡ଼ା ଯାଉନାହିଁ ବୋଲି ସୂଚନା ମିଳିଛି। ଉଭୟ ଓଡ଼ିଶା ଓ ଝାଡଖଣ୍ଡ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି।

## ଡକାୟତି ଯୋଜନା ବେଳେ ୭ ଧରାପଡ଼ିଲେ

**ଟାଙ୍ଗୀ,୧।୩ (ରଘୁନାଥ ସାହୁ)**

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଜଙ୍କିଆ ଥାନା ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଏସ୍.କେ. କରିମ, ଏସ୍.କେ. ଅଜିମ, ଏସ୍.କେ. ସମିମ, ରାଜୁ ଖାନ, ଗୋବିନ୍ଦ ଜେନା, ଖୋର୍ଦ୍ଧା ମକୁନ୍ଦପ୍ରସାଦର ଫାରୁକ ଖାନ ଏବଂ ନିରାକାରପୁର ଥାନା ପଦ୍ମପୁର ଗ୍ରାମର ରଞ୍ଜନ ସ୍ୱାଇଁ। ଏମାନଙ୍କ ନିକଟରୁ ଖଣ୍ଡା, କଟୁରି, ଛୁରି, ଲୁହାରଡ୍, ମଦ ବୋତଲ, ସିଗାରେଟ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ନୂଆ ଜଗନ୍ନାଥ ସଡ଼କ ଛଣଗିରି ଗ୍ରାମ ନିକଟ ଜଙ୍ଗଲରେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରିଥିଲେ। ଖବରପାଇ ଜଙ୍କିଆ ପୋଲିସ ଅତର୍କିତଭାବେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ମାରଣାସ୍ତ୍ର ଏବଂ ବାଇକ୍ ଜବତ କରିଥିଲା।

## ମାନସିକ ବିକାରଗ୍ରସ୍ତ ଭାଣିଜୀଙ୍କୁ ବଳାତ୍କାର, ସମ୍ପର୍କୀୟ ମାମୁ ଗିରଫ

**ନୀଳଗିରି, ୧।୩(ପ୍ରଶାନ୍ତ କୁମାର ବିଶ୍ୱାଳ)**



ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ଯୁବକ ସମ୍ପର୍କୀୟ ମାମୁ ବୋଲି ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

ଚନ୍ଦ୍ରପୁର ଗ୍ରାମର ମହେନ୍ଦ୍ର ସିଂ ଶନିବାର ଅପରାହ୍ନରେ ଉକ୍ତ ଯୁବତୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଯୁବତୀଜଣକ ନିଜଘର ଉପର ତାଲାକୁ ସିଡିରେ ଯାଉଥିବା ବେଳେ ଏହାର ସୁଯୋଗ ନେଇ ମହେନ୍ଦ୍ର ବଳାତ୍କାର କରିଥିଲେ। ପରେ ସମ୍ପୃକ୍ତ ଯୁବତୀ ଉକ୍ତ ଘଟଣା ବିଷୟରେ ନିଜ ବାପାଙ୍କୁ ଜଣାଇଥିଲେ। ଏନେଇ ରବିବାର ପୀଡ଼ିତାଙ୍କ ବାପା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ପୋଲିସ ତଦନ୍ତ କରିବା ସହ ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ମାମଲା(ନଂ.୨୬/୨୬) ରୁଜୁ କରି ମହେନ୍ଦ୍ର ସିଂ ଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତ ମହେନ୍ଦ୍ର ସିଂ ଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦାରିଙ୍ଗବାଡ଼ି ଜଙ୍ଗଲରେ ଶୁକ୍ରୁ ଘେରାବନ୍ଦୀ

**ଭୁବନେଶ୍ୱ,୧।୩(ତ୍ରିନାଥ ମହାନ୍ତି)**

- ଆକାଶ ମାର୍ଗରୁ ଖୋଜୁଛି ଥର୍ମାଲ ସେନ୍‌ସର ଡ୍ରୋନ୍
- ଜଙ୍ଗଲକୁ ଘେରି ରହି ସର୍ଚ୍ଚ ଅପରେଶନ ଚଳାଇଛନ୍ତି ଯବାନ, ପୋଲିସ
- ଏବେ ବି ସମୟ ଅଛି, ଆତ୍ମସମର୍ପଣ କର: ଏସ୍‌ପି


ମାଓବାଦୀ ଶୁକ୍ରୁ

ଓଡ଼ିଶା ପୋଲିସର ଶେଷ ଟାର୍ଗେଟରେ ମାଓନେତା ଶୁକ୍ରୁ। ସେ ଏବେ କନ୍ଧମାଳ ଜିଲା ଦାରିଙ୍ଗବାଡି ଜଙ୍ଗଲରେ ସାଥୀମାନଙ୍କ ସହ ଲୁଚି ରହିଛନ୍ତି। ପୋଲିସ ବାରମ୍ବାର ଆହ୍ୱାନ ଓ ଚେତାବନୀ ଦେଉଥିଲେ ମଧ୍ୟ ସେ ଆତ୍ମସମର୍ପଣ କରୁନାହାନ୍ତି କି ସାଥୀମାନଙ୍କୁ ଛାଡୁନାହାନ୍ତି। ତେଣୁ ଶୁକ୍ରୁଙ୍କୁ ଧରିବାକୁ ବା ଏନ୍‌କାଉଣ୍ଟର କରିବାକୁ ଯବାନ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଛି ବଡ଼ ଅପରେଶନ୍। ଶୁକ୍ରୁ ଏନ୍‌କାଉଣ୍ଟର ନ ହେଲେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନ୍ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ମାଓବାଦୀମୁକ୍ତ ହେବା କଷ୍ଟକର ହୋଇ ପଡ଼ିବ। ତେଣୁ ସନ୍ଧାନୀ କୁକୁରଠାରୁ ଆରମ୍ଭ କରି ଡ୍ରୋନ୍ ଏବଂ ଖବରୀକୁ ଅଧିକ ସକ୍ରିୟ କରି ଦେଇଛି ପୋଲିସ। ଦାରିଙ୍ଗବାଡ଼ି ଜଙ୍ଗଲକୁ ଚାରିପଟୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେଶ କରାଯାଉଛି। ଥର୍ମାଲ ସେନ୍ସର ଡ୍ରୋନ୍ ରାତିଦିନ ଘଞ୍ଚ ଜଙ୍ଗଲ ଉପରେ ଉଡ଼ି ଶୁକ୍ରୁଙ୍କୁ ଖୋଜୁଛି। ଘଞ୍ଚ ଜଙ୍ଗଲ ଭିତରେ କୌଣସି ମଣିଷ ହେଉ ଅବା ପ୍ରାଣୀ ରହିଥିଲେ ଏହି ଥର୍ମାଲ ସେନ୍‌ସର ଡ୍ରୋନ୍ ମାଧ୍ୟମରେ ଠାବ କରିହେବ। ତେଣୁ ଦାରିଙ୍ଗବାଡ଼ି ଜଙ୍ଗଲ ସାରା ଏହି ଡ୍ରୋନ୍ ପାଇଁତରା ମାରି ଶୁକ୍ରୁ ଏବଂ ତା'ର ସହଯୋଗୀଙ୍କୁ ଖୋଜୁଛି। ଡ୍ରୋନ୍‌ର ଇସାରାରେ ସୁରକ୍ଷା କର୍ମୀ ପାହାଡିଆ ଓ ଦୁର୍ଗମ ଇଲାକା ମଧ୍ୟରେ ପଶି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଛନ୍ତି।

ଅନ୍ୟପକ୍ଷରେ କନ୍ଧମାଳ ଏସ୍‌ପି ହରିଶ୍ ବସି କହିଛନ୍ତି, ଏବେବି ସମୟ ରହିଛି ଶୁକ୍ରୁ ଓ ତା'ର ଟିମ୍ ଆତ୍ମସମର୍ପଣ କରନ୍ତୁ। ନ ହେଲେ ଆଉ ୫ ଦିନରେ ଯେଉଁଠି ଥିଲେ ବି ଠାବ କରାଯାଇ ଏନ୍‌କାଉଣ୍ଟର କରାଯିବ। ତେଣୁ ପୋଲିସ ଦେଇଥିବା ନମ୍ବରରେ ଯୋଗାଯାଗ କରି ଆତ୍ମସମର୍ପଣ କଲେ ସମସ୍ତ ସୁବିଧା ମିଳିପାରିବ। ପୋଲିସ ସେମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇଦେବ। ଗାଁଲୋକେ ମାଓବାଦୀଙ୍କ ହାତ ଛାଡ଼ି ଦେଇଛନ୍ତି। ତେଣୁ ଜଙ୍ଗଲରେ ଜୀବନ ସାରିବା ପୂର୍ବରୁ ପରିବାର ଲୋକଙ୍କ ସହ ଖୁସିରେ ରହିବାକୁ ଏସ୍‌ପି ଆହ୍ୱାନ ଦେଇଛନ୍ତି।

ମାଲିକାନଗିରିର ବାସିନ୍ଦା ଶୁକ୍ରୁ ହେଉଛନ୍ତି କେକେବିଏନ୍‌ର ଷ୍ଟେଟ୍ କମିଟି ମେମ୍ବର। ୮କମ୍ପାନୀର ନେତୃତ୍ୱ ନେଇ କନ୍ଧମାଳ ଜଙ୍ଗଲ ଭିତରେ ଲୁଚିରହି ସରକାରଙ୍କ ମାଓମୁକ୍ତ ଅଭିଯାନ ବିରୋଧରେ ରଣନୀତି ଚଳାଇଛନ୍ତି। ପୋଲିସ ନିକଟରେ ଆତ୍ମ ସମର୍ପଣ କରିବାକୁ ଚାହୁଁଥିବାରୁ ଶୁକ୍ରୁ ତାଙ୍କ ଟିମ୍ ସଦସ୍ୟ ତଥା ଛତିଶଗଡ଼ ସାଥୀ ମାଓବାଦୀ ଅନ୍ୱେଷଙ୍କୁ ଗୁଳି କରି ହତ୍ୟା କରିବା ପରେ ଜଙ୍ଗଲରେ ପୋତି ଦେଇଥିଲେ। କନ୍ଧମାଳ ପୋଲିସ ଅନ୍ୱେଷର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁକ୍ରୁଙ୍କ ସହ ୩୦ରୁ ଅଧିକ ମାଓବାଦୀ ବର୍ତ୍ତମାନ କନ୍ଧମାଳରେ ଲୁଚି ବୁଲୁଛନ୍ତି। ସଂଗଠନରେ ବିଦ୍ରୋହ ବଢୁଥିବାବେଳେ ୪୯ ବର୍ଷୀୟ ଶୁକ୍ରୁର ସାହା ଭରସା ସାଜିଛନ୍ତି ନକୁଳ ସହ ଜଣେ ଲେଡି ମାଓବାଦୀ ଶୀଳା। ଶୁକ୍ରୁଙ୍କ ସହ ଏମାନଙ୍କୁ ଧରିବାକୁ ଚାହୁଁଛି ଓଡ଼ିଶା ପୋଲିସ।

# ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର

## ମାଓବାଦୀ ଅନ୍ୱେଷଙ୍କୁ ହତ୍ୟା ଘଟଣା

**ବ୍ରହ୍ମପୁର/ଦାରିଙ୍ଗବାଡ଼ି,୧।୩ (ସୁବାସ ଚନ୍ଦ୍ର ପାଢ଼ୀ/ଅରୁଣ ସାହୁ)**

ସଙ୍ଗଠନରେ ମନୋମାଳିନ୍ୟ କାରଣରୁ ମାସକ ତଳେ ହତ୍ୟାର ଶିକାର ହୋଇଥିବା ଛତିଶଗଡ଼ର ମାଓବାଦୀ ନେତା ଅନ୍ୱେଷ(୩୧)ଙ୍କ ମୃତଦେହ ଗତ ୨୪ ତାରିଖରେ କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ ପକାରି ଜଙ୍ଗଲରୁ ମାଟିତଳୁ ଜବତ ହୋଇଥିଲା।

ଦାରିଙ୍ଗବାଡି ପୋଲିସ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଅନ୍ୱେଷଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ରବିବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏମ୍‌କେସିଜି ମେଡିକାଲ ଏଫଏମ୍‌ଟି ବିଭାଗରେ ଅନ୍ୱେଷଙ୍କ ବାପା, ଭଉଣୀ, ଭଣଜା ଓ ପୁତୁରା ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପରେ ପୋଲିସ ପକ୍ଷରୁ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଅନ୍ୱେଷଙ୍କ କଳଦାନ୍ତ, ଶରୀରର ଅବଶିଷ୍ଟାଂଶକୁ ଚିହ୍ନଟ ପାଇଁ ବାପାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ଏହାର ଡିଏନ୍‌ଏ ମ୍ୟାଚିଂ କରାଯିବ ବୋଲି ଆଇଆଇଆସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ଦାରିଙ୍ଗବାଡି ପୋଲିସ ଅନ୍ୱେଷଙ୍କ ମୃତଦେହ ତାଙ୍କ ଘରକୁ ପଠାଇବା ନିମନ୍ତେ ଆମ୍ବୁଲାନ୍ସ ଯୋଗାଇ ଦେଇଛି।


ମାଓବାଦୀ ଅନ୍ୱେଷଙ୍କ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଉଛି।

ଦାରିଙ୍ଗିବାଡି ଥାନା ଅଧିନ ପାକାରି ସ୍ଥିତ ସଂରକ୍ଷିତ ଜଙ୍ଗଲରୁ ଜଣେ ମାଓବାଦୀଙ୍କ ଶବ ପୋତାଯାଇଥିବା ପୋଲିସକୁ ଖବର ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ଗତ ୨୫ ତାରିଖରେ ଏମକେସିଜି ମେଡିକାଲ ପଠାଯାଇଥିଲା। ଏହାପରେ ମୃତଦେହ ବିଷୟରେ ପଚରାଉଚୁରା ପରେ ମୃତକ ଜଣେ ମାଓବାଦୀ ନେତା ଓ ଛତିଶଗଡ ବିଜାପୁର ଜିଲା ମାର୍କାନାଗୁଡା ବାସିନ୍ଦା ଅନ୍ୱେଷ ବୋଲି ଜଣାପଡିଥିଲା। ଅନ୍ୱେଷ ନିଜର ୧୨ ସହଯୋଗୀଙ୍କୁ ନେଇ ପୋଲିସ ନିକଟରେ ଆତ୍ମସର୍ମପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ କନ୍ଧମାଳ ଜିଲା ସଂଗଠନ ଦାୟିତ୍ୱରେ ଥିବା ମୋଷ୍ଟ ୱାଣ୍ଟେଡ ଶୁକ୍ରୁ ବିରୋଧ କରୁଥିଲେ। ଏହାକୁ ନେଇ ଶୁକ୍ରୁ ଏବଂ ଅନ୍ୱେଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶୁକ୍ରୁ ଓ ଅନ୍ୟ ସାଥୀମାନେ ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଘଟଣାଟି ଜାନୁଆରୀ ୨୯ରେ ଘଟିଥିଲେ ମଧ୍ୟ ପୋଲିସ ଫେବୃଆରୀ ୨୪ରେ ଅନ୍ୱେଷଙ୍କ ମୃତଦେହ ମାଟିତଳୁ ଜବତ କରିଥିଲା। ପୋଲିସ ଜାଣିବାକୁ ପାଇଲା ଯେ, ମାଓବାଦୀମାନେ ସରକାରଙ୍କ ଘୋଷଣା ଅନୁସାରେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ମାଓବାଦୀଙ୍କୁ ଶୁକ୍ରୁ ଓ ତାର ସହଯୋଗୀ ସାଥୀ ଶୀଳା ଓ ନକୁଳଙ୍କ ସମେତ ଅନ୍ୟମାନେ ବାଟ ଓଗାଳୁଛନ୍ତି। ତେଣୁ ଏବେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶୁକ୍ରୁଙ୍କୁ ଚରମବାଣୀ ଶୁଣାଇଛି। ଦାରିଙ୍ଗବାଡ଼ି ଜଙ୍ଗଲରେ ଶୁକ୍ରୁ ଓ ତାଙ୍କର ଅନ୍ୟ ସାଥୀମାନେ ଲୁଚିଥିବା ଅନୁମାନ କରାଯାଇ ଅପରେଶନ ଶୁକ୍ରୁକୁ ଶକ୍ତିଶାଳୀ କରାଯାଇଛି। ଅଧିକ ସୁରକ୍ଷାକର୍ମୀ, ସନ୍ଧାନୀ କୁକୁରର ସହାୟତା ସହ ଥର୍ମାଲ ସେନ୍ସର ଡ୍ରୋନ୍‌କୁ ବ୍ୟବହାର କରାଯାଇ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଣବ ସୁଯୋଗ୍ୟ ବାପାଙ୍କ ଅଯୋଗ୍ୟ ସନ୍ତାନ: ହିମାଂଶୁ

**କାଏମା, ୧।୩ (ଶିବ ପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ନିର୍ବାଚନକୁ ପ୍ରାୟ ୨୦ ମାସ ବିତିଯାଇଥିଲେ ସୁଦ୍ଧା ରାଜନୈତିକ ଆରୋପ ପ୍ରତ୍ୟାରୋପ ଜୋର୍‌ଦାର ଚାଲିଛି। ରବିବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ୧୪ନମ୍ବର ଜୋନ୍‌ରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ବର୍ତ୍ତମାନର ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଟାର୍ଗେଟ କରି ଭାଜପା ସରକାର କାର୍ଯ୍ୟ ଉପରେ ଅନେକ ପ୍ରଶ୍ନ କରିଥିଲେ। ଧର୍ମଶାଳାରେ ଚାଷ, ରାସ୍ତା, ଖଣି, ପାଣି ଭଳି ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ କହିବା ସହ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିଥିଲେ। ଏହାର ଜବାବରେ ହିମାଂଶୁ ଶେଖର ସାହୁ ଭାଜପା ପକ୍ଷରୁ ଜାରକା କୁମାରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରଣବଙ୍କୁ ସୁଯୋଗ୍ୟ ବାପାଙ୍କ ଅଯୋଗ୍ୟ ପୁଅ ବୋଲି କହିଥିଲେ। ପୂର୍ବ ୧୦ବର୍ଷରେ ସରକାର କ'ଣ କରୁଥିଲେ ବୋଲି ହିମାଂଶୁ ପ୍ରଶ୍ନ କରିଛନ୍ତି। ପ୍ରସବ କରିବା ପାଇଁ ୯ମାସ ସମୟ ଲାଗେ ବୋଲି କହିବା ସହ ସରକାର ବଦଳିବାକୁ ବର୍ଷେ ୭ମାସ ବିତିଛି। ଆଗାମୀ ଦିନରେ ଯଦି ୧୦ ଗୁଣ କାର୍ଯ୍ୟ ହୋଇ ନ ଥିବ ତେବେ ସେ ବିଧାୟକ ପଦରୁ ଇସ୍ତଫା ଦେଇଦେବେ ବୋଲି କହିଛନ୍ତି। ଜାରକାରେ କେବଳ ଏକ ଷ୍ଟାଡିୟମ୍ ଥିବାବେଳେ ଆଗାମୀ ଦିନରେ ଗଡ଼ମଧୁପୁର ଏବଂ ରସୁଲପୁର ବ୍ଲକରେ ଦୁଇଟି ଷ୍ଟାଡିୟମ କରାଯିବା ନେଇ ଟେଣ୍ଡର ହୋଇଥିବା ସେ କହିଛନ୍ତି। ସେହିପରି ଖଣ୍ଡିତରରେ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତା ହେଉଥିବାବେଳେ ପୂର୍ବ ସରକାର ସମୟରେ ଏଠାରେ ଷ୍ଟାଡିୟମ ନ ଥିଲା, ବ୍ଲକ ପାଣ୍ଠିରୁ କିଛି ଟଙ୍କା ଖର୍ଚ୍ଚ କରି ପୂର୍ବତନ ବିଧାୟକ ପ୍ରଣବ ବାହାବା ନେଉଥିବାବେଳେ ବର୍ତ୍ତମାନ ୧୨କୋଟି ଟଙ୍କା ବ୍ୟୟରେ ଏକ ଇନ୍‌ଡୋର ଷ୍ଟାଡିୟମ୍ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଖଣି ଦୁର୍ନୀତି କରି ଶହ ଶହ ଏକର ସରକାରୀ ଜମି ଜବରଦଖଲ କରିଥିବା ହିମାଂଶୁ ଅଭିଯୋଗ ଆଣିଛନ୍ତି। ସେହିପରି ଅନେକ ବୃଦ୍ଧ ଓ ବୃଦ୍ଧା ୬୬ବର୍ଷରେ ବି ଭତ୍ତା ପାଇବାରୁ ବଞ୍ଚିତ ଥିଲେ, ପୂର୍ବ ସରକାର କ'ଣ କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ମଞ୍ଚ ଭିଡ଼ା ହେଉଛି, ୩ ମାସ ମଧ୍ୟରେ ୧୦ ବର୍ଷରେ କ'ଣ ବିକାଶ ହୋଇଛି ଏବଂ ୨ବର୍ଷରେ କେତେ ବିକାଶ ହୋଇଛି, ତା'ର ଉତ୍ତର ରଖିବେ ବୋଲି ହିମାଂଶୁ କହିଛନ୍ତି।

ଅନ୍ୟପକ୍ଷରେ ଧର୍ମଶାଳାର ଭାଜପା ନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଏକ ଖବରଦାତା ସମ୍ମିଳନୀ କରି ବର୍ଷିଛନ୍ତି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ପନ୍ତୁରିଠାରେ ବେଆଇନ ଭାବରେ ୧.୧୦ ଏକର ସରକାରୀ ଜମିକୁ ଜବରଦଖଲ କରିଥିଲେ, ଯାହାକୁ ପ୍ରଶାସନ ପକ୍ଷରୁ କିଛି ଦିନ ପୂର୍ବରୁ ଉଚ୍ଛେଦ କରାଯାଇଛି। ତେଣୁ ରକ୍ଷକ ହୋଇ ଭକ୍ଷକ ସାଜିଥିବା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଧର୍ମଶାଳାବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ସର୍ବେଶ୍ୱର କହିଛନ୍ତି। ସେହିପରି ତାଙ୍କୁ ପୂର୍ବ ସରକାର ସମୟରେ ଟାର୍ଗେଟ କରାଯାଇ ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ପାହାଡ଼ ସଂକ୍ରାନ୍ତରେ ୨୨୮ କୋଟି ଟଙ୍କା ଜରିମାନା ହୋଇଥିବା ସର୍ବେଶ୍ୱର କହିଛନ୍ତି।


ରବିବାର ଜାରକା କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟ ମିଶ୍ରଣ ପର୍ବରେ ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଜଳିଗଲା ଶତାଧିକ ଏକର ଚାଷଜମିର କୁଟା



**ପାଣିକୋଇଲି, ୧।୩ (ବିକାଶ ଚନ୍ଦ ମଲ୍ଲିକ)**

ମେଶିନ ସାହାଯ୍ୟରେ ଧାନକଟା ଯୋଗୁ ସମସ୍ତ ଚାଷଜମିରେ କୁଟା ପଡ଼ିରହିଥିଲା। ଏପରିସ୍ଥଳେ କେହି ଦୁର୍ବୃତ୍ତ ଚାଷଜମିରେ ନିଆଁ ଲଗାଇ ଦେଇଥିଲେ, ଯାହା କ୍ରମଶଃ ବ୍ୟାପୀ ଶହ ଶହ ଏକର ଜମି ଜଳିବାରେ ଲାଗିଥିଲା। ଫଳରେ ଗୋରୁଗାଈ ଦୌଡାଦୌଡି ହୋଇ ଘରମୁହାଁ ହୋଇଥିଲେ। ଫଳରେ ନିଆଁର ଚତୁଃପାର୍ଶ୍ୱରେ ଥିବା ମୁଲରି, ଧନପୁର, ଆଲିଆ, ବେଗନା ଆଦି ଗ୍ରାମର ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ହାଲୁକା ପବନ ହେବା କ୍ଷଣି ଏହା ଚାରିଆଡକୁ ବ୍ୟାପୀ ଯାଇଥିଲା। ଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। ଏଥିଯୋଗୁ ତାପମାତ୍ର ବୃଦ୍ଧି ପାଇବା ସହ ପରିବେଶ ପ୍ରଦୂଷିତ ହୋଇଛି। ଲୋକମାନଙ୍କ ଦ୍ୱାରା ନିଆଁ ନିୟନ୍ତ୍ରଣ ନ ହେବାରୁ ଶେଷରେ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା। ବରୁଣ୍ଡାଇ, ଯାଜପୁରରୋଡ ଅଗ୍ନିଶମ ବାହନୀର ବହୁ ଚେଷ୍ଟା ଓ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିବାରୁ ସାଧାରଣରେ ଆଶ୍ୱସ୍ତି ମିଳିଥିଲା।

# ଭାଜପାର ମିଶ୍ରଣ ପର୍ବ

**କାଏମା, ୧।୩(ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଜାରକା କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ତପନ ମାହୁନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ, ଭାଜପା ଜିଲା ସଭାପତି ଦେବଯାନୀ ପ୍ରଧାନ, ଯାଜପୁର ପୂର୍ବତନ ସାଂସଦ ରୀତା ତରେଇ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଡ. ପ୍ରିୟନାଥ ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତର ବିଧିବଦ୍ଧ ଭାବେ ସାମିଲ ହୋଇଥିବା ବହୁ ଶହ କର୍ମୀଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ପାଟପୁର ପଞ୍ଚାୟତର ସମିତି ସଭ୍ୟଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ପାଣିଗ୍ରାହୀ, ଥାନୁଆଳ ପଞ୍ଚାୟତ ସୋସିଆଲ ମିଡିଆ କର୍ମୀ ସଞ୍ଜୟ ପାଳ, ପାଖର ପଞ୍ଚାୟତ ସୋସିଆଲ ମିଡିଆ କର୍ମୀ ସଞ୍ଜୟ ନାୟକ, ଚୋରମୁହାଁ ପଞ୍ଚାୟତ ଯୁବ ସଭାପତି ଦେବେନ୍ଦ୍ର ମଲ୍ଲିକ ଓ ଅନ୍ୟ ଶତାଧିକ କର୍ମୀ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଦଳରେ ସାମିଲ ହୋଇଥିବା କହିଥିଲେ।


## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀକ୍ଷିତ୍


@ ହାପି


@ ସତ୍ୟପ୍ରକାଶ


@ ସନିଆ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ରାଛିପୁର ଚାମ୍ପିୟନ

**ଧର୍ମଶାଳା, ୧।୩ (ବଟକୃଷ୍ଣ ପରିଡା)**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଦନାମଠ ଖେଳପଡିଆଠାରେ ଚାଲିଥିବା ୩ୟ ବାର୍ଷିକୀ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜିତୁ ଏକାଦଶ ସହ ରାଛିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିତୁ ଏକାଦଶକୁ ହରାଇ ରାଛିପୁର ଦଳ ଚାମ୍ପିୟନ ହୋଇଛି। ରାଛିପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୯୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଜିତୁ ଏକାଦଶ ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୫୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର ତିଳକ ଜେନା, ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିବାବେଳେ ବିଶ୍ୱନାଥ ବିଶ୍ୱାଳ, ନରୋତ୍ତମ ସ୍ୱାଇଁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ନାଗାର୍ଜୁନ ସାମଲ, ପ୍ରହଲ୍ଲାଦ ସାହୁ, ମନୋରଞ୍ଜନ ସେଠୀ, ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ୱର୍ଗତ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ଅଧ୍ୟାପକ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିତିକଣ୍ଠ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜୀବନ ସାଧାରଣ ଜନତାଙ୍କ ପାଇଁ ସମର୍ପିତ ଥିଲା ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଚାମ୍ପିୟନ ରାଛିପୁର ଦଳକୁ ପୁରସ୍କାର ସ୍ୱରୂପ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଜିତୁ ଏକାଦଶ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରାଜ୍ ମିଶ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ପୀତାମ୍ବର ରାଉତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ଦେବାଶିଷ ମହାରଣାଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଚାମ୍ପିୟନ ଦଳ ରାଛିପୁରକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।


# Classified Everyday

0674-2580101, 9692975378


REAL ESTATE

**SALE**

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ଫ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ଫ୍ଲଟ୍ କିଣି **immediate** ଘର କରନ୍ତୁ। **9439363944.** D-3495

***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

## AFFIDAVIT

I, Dwarikanath Padhi, S/o.- Late Balakrushna Padhi, resident of Ward No. 2, Banibihar 3rd Lane, P.O./ P.S.- Aska, Dist.- Ganjam, Odisha, PIN- 761110 declare by this affidavit No. 1233 Dtd.- 28.02.2026 that now onwards I shall be known as DWARIKA NATH PADHY for all future purposes. D-3517

By virtue of an affidavit sworn before the Notary Public, Bhubaneswar, I, Shankuni Kanhar, father of Birupakhya Kanhar who is a minor has changed the name of my son from "A. BIRUPASHYA KANHAR" to "BIRUPAKHYA KANHAR" as per the birth certificate. Henceforth, the name of my son shall be known as "BIRUPAKHYA KANHAR" for all purposes and for correction in the Aadhaar issued by Unique Identification Authority of India. D-3518

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**୰କେଦାରନାଥ ସ୍ୱାଇଁ**
ଗଜପତିନଗର, ବାଣୀବିହାର, ଭୁବନେଶ୍ୱର
ଆବିର୍ଭାବ: ୨୩।୧୦।୧୯୪୩
ତିରୋଧାନ: ୨୦।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୧

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


**୰ ହରେକୃଷ୍ଣ ମହାନ୍ତି**
Qtr. No. IVR- PF- 19, Unit- 6, Bhubaneswar
ଆବିର୍ଭାବ- ୧୪।୦୪।୧୯୪୩
ତିରୋଧାନ- ୦୭।୦୩।୨୦୧୨
ଆଜିର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୫୧୯

### ଶ୍ରଦ୍ଧାଞ୍ଜଳି


**୰ ବିନୋଦିନୀ ପଟ୍ଟନାୟକ**
ନବକଳେବର ରୋଡ ନୂଆସାହି, ପୁରୀ
ଆବିର୍ଭାବ- ୨୨।୦୫।୧୯୫୦
ତିରୋଧାନ- ୨୦।୦୨।୨୦୨୬
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୪

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁ ପାଢୀ**
ଆବିର୍ଭାବ: ୧୨।୦୭।୧୯୪୭
ତିରୋଧାନ: ୧୯।୦୨।୨୦୨୬
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ।
ଆଜି ୦୨।୦୩।୨୦୨୬ ସୋମବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଈଶ୍ୱର ପ୍ରାପ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ ବିମଳା, ନୂଆବୋହୂ ଇନ୍ଦୁମତୀ, ଭଉଣୀ- ରେବ, ନଖୀ, ପ୍ରଭାତୀ, ପୁଅ- ମିହିର, ସମୀର, ପପୁ, ସିପୁ, ସିଲୁ, ବୋହୂ- ମିନୁଆ, କୁନି, ବେବୀ, ଶୁଭ, ଗୁଡି, ଝିଅ- ଫୁକୁ, ମମତା, ହିପି, ଚୁମୁକି, ଲିଲି, ଜ୍ୱାଇଁ- ଶଙ୍କର, କୁନା, ତାରିଣୀ, ବାବୁ, ଲିପୁ, ନାତି- ମିକୁନ, ଶିଣ୍ଟୁ, ଗୁଡୁ, ଲୁଡୁ, ଚନ୍ଦନ, ରୁଦ୍ର, କ୍ରିଷ୍ଣା, ରାମ, ନିଶାନ୍ତ, ନାତୁଣୀ- ଲିମା, ଲିକା, କାଜଲ, ଥୁକୁଲୁ, ସାଇପ୍ରିୟା, ଭଣଜା- ରବି, ବାବୁନି, ଟିକିନା, ବାପି, ଭାଣିଜୀ- ସବିତା, ଲିପି, ବୁଢୀ, ଝିଲନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୨

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତା ଶୁଶିଳା ପଣ୍ଡିତ୍**
ଆବିର୍ଭାବ : ୦୧।୧୧।୧୯୪୦
ତିରୋଧାନ : ୧୯।୦୨।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୩୫୨୦

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**୰ଡ଼. ମାୟା ନନ୍ଦ**
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା, ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ, ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ୮ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦ୍ରାପଡା, ୧।୩ (ଜଗନ୍ନାଥ ଧଳ)- କେନ୍ଦ୍ରାପଡା ସଦର ପୋଲିସ ପକ୍ଷରୁ ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର ଅଭିଯାନ ରବିବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦୁହୁରିଆ, ଜମଧର, ଶ୍ୟାମସୁନ୍ଦରପୁର ଆଦି ଅଞ୍ଚଳରେ ଥିବା ହୋଟେଲ ଓ ଗ୍ୟାରେଜ ଉପରେ ଚଢାଉ କରି ପୋଲିସ ୮ ଜଣ ଶିଶୁଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁଙ୍କୁ ଥାନା ପୋଲିସ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲା। ତେବେ ପୋଲିସର ଚଢାଉ ପରେ ପିଲାମାନଙ୍କ ଅଭିଭାବକମାନେ ଶିଶୁ ମଙ୍ଗଳ ସମିତିର ଗରାପୁରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିଥିଲେ । କୌଣସି ମତେ ପିଲାଙ୍କୁ ନେଇଯିବା ପାଇଁ ଉଦ୍ୟମ ମଧ୍ୟ କରିଥିଲେ। ସେମାନଙ୍କ ପିଲାମାନେ ଶିଶୁ ଶ୍ରମିକ ନୁହନ୍ତି ବରଂ କିଛି ଜରୁରୀ ସାମଗ୍ରୀ କିଣିବା ପାଇଁ ଦୋକାନକୁ ଯାଇଥିବା ବେଳେ ପୋଲିସ ସେମାନଙ୍କୁ ଉଠାଇ ଆଣିଛି ବୋଲି ଅଭିଯୋଗ କରିଥିଲେ ।

# ସି.ଭି. ରମଣଙ୍କ ପରି ବିଜ୍ଞାନ ଅନୁସନ୍ଧିତ୍ସୁ ହୁଅନ୍ତୁ ଛାତ୍ରୀଛାତ୍ର

**ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ବିଜ୍ଞାନ ବିଭାଗ ଜାତୀୟ ବିଜ୍ଞାନ ଦିବସ**

**ପଟ୍ଟାମୁଣ୍ଡାଇ, ୧।୩ (କଳ୍ପତରୁ ନାୟକ):**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ରୋବୋଟିକ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ହେବା ସହିତ ଏକ କୁଇଜ ପ୍ରତିଯୋଗିତା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ ଓ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବଙ୍କ ସଂଯୋଜନାରେ ଶନିବାର ଆୟୋଜିତ ଆଲୋଚନା ଚକ୍ରରେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ରସାୟନ ବିଭାଗ ପ୍ରାଧ୍ୟାପକ ଡ. ଫକୀର ଚନ୍ଦ୍ର ପ୍ରଧାନ ଯୋଗଦେଇ ବୈଜ୍ଞାନିକ ସି.ଭି. ରମଣଙ୍କ ପରି ବିଜ୍ଞାନ ଅନୁସନ୍ଧିତ୍ସୁ ହେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ।

ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି କହିଥିଲେ, ବିଜ୍ଞାନ କେବଳ ପୁସ୍ତକ କିମ୍ବା ପ୍ରୟୋଗଶାଳାରେ ସୀମିତ ନୁହେଁ। ବିଜ୍ଞାନ ଆମ ଚାରିପାଖରେ ନୂତନ ପ୍ରଶ୍ନ ମାଧ୍ୟମରେ ବଢୁଛି। ଏହା ଆମ ଜୀବନକୁ ଉନ୍ନତ କରିବା ପାଇଁ ନବସୃଜନ ଆଣିଥାଏ। ଯେତେବେଳେ ବୈଜ୍ଞାନିକ ବୁଝାମଣା ସୃଜନଶୀଳତା ଏବଂ ଉଦ୍ଦେଶ୍ୟ ସହିତ ମିଶିଯାଏ, ତାହା ଜୀବନକୁ ପରିବର୍ତ୍ତନ କରେ। ସ୍ୱଚ୍ଛ ଶକ୍ତିର ବିକାଶ ଯାହା ଆମ ଗ୍ରହକୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ମହାକାଶ ଅନୁସନ୍ଧାନ ଆମକୁ ବ୍ରହ୍ମାଣ୍ଡର ରହସ୍ୟଗୁଡ଼ିକୁ ବୁଝିବାର ସୁଯୋଗ ଦିଏ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଲୋକଙ୍କୁ ଉନ୍ନତ ଜୀବନଯାପନ କରିବାରେ ସାହାଯ୍ୟ କରିଛି। ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ବିଶ୍ୱକୁ ଏକ ଛୋଟ ଗ୍ଲୋବରେ ପରିଣତ କରିଛି। ସମ୍ପ୍ରତି ରୋବୋଟିକ୍ ଓ ଏଆଇ ଦୁନିଆ ଆମ ଜୀବନକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସମସ୍ୟା ସମାଧାନ କରିବା ଏବଂ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିବାର ଶକ୍ତି ଆମ ପାଖରେ ଅଛି। ବର୍ତ୍ତମାନ ସମସ୍ତଙ୍କ ମୁହଁରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ଏହି ଏଆଇ ହେଉଛି କମ୍ପ୍ୟୁଟର ସାଇନ୍ସର ଏକ ଉନ୍ନତ ଶାଖା। ଏଥିରେ କମ୍ପ୍ୟୁଟର ପ୍ରୋଗ୍ରାମିଂ ମାଧ୍ୟମରେ ଏକ ଯନ୍ତ୍ରକୁ ବୁଦ୍ଧିମାନ କରିବାକୁ ଚେଷ୍ଟା କରାଯାଏ। ଯାହା ମଣିଷ ପରି ଭାବିପାରେ ଏବଂ ନିଷ୍ପତ୍ତି ନେଇପାରେ। ଏହି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସାହାଯ୍ୟରେ ଏକ ରୋବୋଟିକ୍ ସିଷ୍ଟମ ତିଆରି କରାଯାଇଥାଏ। ଏହା ସମାନ ତର୍କ ଆଧାରରେ ଚାଲିବାକୁ ଚେଷ୍ଟା କରେ, ଯାହା ମନୁଷ୍ୟର ବୁଦ୍ଧି ଭଳି କାମକରି ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି।

ସ୍ୱାସ୍ଥ୍ୟସେବା, ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି, କୃଷି ଶିଳ୍ପରେ ଦକ୍ଷତା, ଉତ୍ପାଦକତା ଏବଂ ସ୍ଥିରତା ବୃଦ୍ଧି କରିଛି। ଆର୍ଥିକ କ୍ଷେତ୍ରରେ ଏହା ଜାଲିଆତି ଚିହ୍ନଟ ଏବଂ ଯାଞ୍ଚ ସହିତ କ୍ରେଡିଟ୍ ସ୍କୋରିଂ ଏବଂ ଆର୍ଥିକ କାରବାରରେ ମୂଲ୍ୟାଙ୍କନ ପାଇଁ ବ୍ୟବହୃତ ହେଉଛି। ମାର୍କେଟିଂ ଏବଂ ବ୍ୟକ୍ତିଗତ ବିଜ୍ଞାପନ ପ୍ରଦାନ କରିବାକୁ ଉପଭୋକ୍ତା ପ୍ରାଥମିକ ଏବଂ ଆଚରଣ ବିଶ୍ଳେଷଣ କରି ଲକ୍ଷ୍ୟ ରଖାଯାଇଥିବା ବିଜ୍ଞାପନରେ ସାହାଯ୍ୟ କରେ। ସ୍ୱୟଂଚାଳିତ ଯାନ ସହିତ ପରିବହନ କ୍ଷେତ୍ରରେ ଅନେକ ସାହାଯ୍ୟ କରୁଛି। ସାଇବର ସିକ୍ୟୁରିଟି ଓ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ପ୍ରାସଙ୍ଗିକ ହୋଇପାରିଛି। ଏହାର ଆଡଭାନ୍ସ ଏବଂ ଡିପ୍ ଲର୍ଣ୍ଣିଂ ମଡେଲଗୁଡିକ ବହୁ ଦ୍ରୁତ ଗତିରେ ବିକାଶ କରୁଛି। ଯାହା ଡାକ୍ତରୀ ନିରାକରଣ, ସ୍ୱୟଂଚାଳିତ କାର, ସ୍ମାର୍ଟ ହାଉସ୍, ଷ୍ଟକ୍ ମାର୍କେଟ ବିଶ୍ଳେଷଣ ଇତ୍ୟାଦି କାର୍ଯ୍ୟରେ ବ୍ୟବହୃତ ହେଉଛି। ଅନ୍ୟତମ ଅତିଥି ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁନୀଲ ପ୍ରଧାନ, ଉଦ୍ଭିଦ ବିଭାଗ ମୁଖ୍ୟ ଡ. ଅଳି କୁମାରୀ ଦାଶ, ପ୍ରାଣୀ ବିଭାଗ ମୁଖ୍ୟ ସରୋଜିନୀ ମିଶ୍ର ଆଲୋଚନାଚକ୍ରର ଗୁରୁତ୍ୱ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବାରେ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ର କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଜ୍ୟୋତିରଞ୍ଜନ ରାଉତ, କମ୍ପ୍ୟୁଟର ସାଇନସ୍ ଅଧ୍ୟାପକ ନବଜ୍ୟୋତି ସାହୁ, କମଳଲୋଚନ ଦାସ, ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଲୋକାପଡ଼ା ସିରିଜ ଲୁଟ୍

■ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଆଳି, ୧।୩(ବନମାଳୀ ସେନାପତି):**

ଆଳି ଥାନାଠାରୁ ମାତ୍ର ୧ କି.ମି.ଦୂର ଲୋକାପଡ଼ା ଗାଁରେ ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ସହ ନଗଦ ଟଙ୍କା ଲୁଟି ନେଇଥିବା ବେଳେ ଜଣେ ବ୍ୟବସାୟୀଙ୍କ ଘରେ ପଶି ଆତଙ୍କ ସୃଷ୍ଟି କରିଛନ୍ତି। ଆଳି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ଏଭଳି କାଣ୍ଡ ଭିଆଇଥିବା ବେଳେ ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ହାତ ଖାଲି । ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଉନି। ସୂଚନା ମୁତାବକ ଗତ ୨୭ ତାରିଖ ଦିନ ଲୋକାପଡା ଗ୍ରାମର ମନୋଜ କୁମାର ରାୟଙ୍କ ପରିବାର ଲୋକ ଏକ ବିବାହ ଉତ୍ସବରେ ଯୋଗଦେବା ନିମନ୍ତେ ଭୁବନେଶ୍ୱର ଯାଇଥିବା ବେଳେ ସେମାନେ ୨୮ ତାରିଖ ରାତିରେ ଘରକୁ ଫେରି ଘର ତାଲା ଭଙ୍ଗା ହୋଇ ତାଙ୍କ ଗଡ଼ରେଜ ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହିପରି ଶିକ୍ଷାବିତ ଶରତ ରାୟ ନ ଥିବା ବେଳେ ତାଙ୍କ ଘରେ ମଧ୍ୟ ଲୁଟେରାମାନେ ଲୁଟପାଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ବ୍ୟବସାୟୀ ସମ୍ବିତ ଦାସଙ୍କ ଘର ଓ ଅଫିସରେ ମଧ୍ୟ ଲୁଟେରା ଗ୍ୟାଙ୍ଗ ପଶି ଲୁଟ ଉଦ୍ୟମ କରି ବିଫଳ ହୋଇ ପଳାଇ ଯାଇଥିଲେ। ଏହି ସିରିଜ ଚୋରିକୁ ନେଇ ଆଳିଥାନାରେ ୨ଟି ମାମଲା ରୁଜୁ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀକ୍ଷିତ୍



@ ହାପି


@ ସତ୍ୟପ୍ରକାଶ


@ ସନିଆଁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# Classified Everyday
0674-2580101, 9692975378


REAL ESTATE

**SALE**

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ଫ୍ଲାଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ଫ୍ଲାଟ୍ କିଣି immediate ଘର କରନ୍ତୁ। 9439363944. D-3495

***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

**AFFIDAVIT**

I, Dwarikanath Padhi, S/o.- Late Balakrushna Padhi, resident of Ward No. 2, Banibihar 3rd Lane, P.O./ P.S.- Aska, Dist.- Ganjam, Odisha, PIN- 761110 declare by this affidavit No. 1233 Dtd.- 28.02.2026 that now onwards I shall be known as DWARIKA NATH PADHY for all future purposes. D-3517

By virtue of an affidavit sworn before the Notary Public, Bhubaneswar, I, Shankuni Kanhar, father of Birupakhya Kanhar who is a minor has changed the name of my son from "A. BIRUPASHYA KANHAR" to "BIRUPAKHYA KANHAR" as per the birth certificate. Henceforth, the name of my son shall be known as "BIRUPAKHYA KANHAR" for all purposes and for correction in the Aadhaar issued by Unique Identification Authority of India. D-3518

### ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ଏକେଦାରନାଥ ସ୍ୱାଇଁ
ଗଜପତିନଗର, ବାଣୀବିହାର, ଭୁବନେଶ୍ୱର
ଆବିର୍ଭାବ: ୨୩।୧୦।୧୯୪୩
ତିରୋଧାନ: ୨୦।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୧

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


ଏହରେକୃଷ୍ଣ ମହାନ୍ତି
Qtr. No. IVR- PF- 19, Unit- 6, Bhubaneswar
ଆବିର୍ଭାବ- ୧୪।୦୪।୧୯୪୩
ତିରୋଧାନ- ୦୭।୦୩।୨୦୧୨
ଆଜିର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୫୧୯

**ଶ୍ରଦ୍ଧାଞ୍ଜଳି**


ଏ ବିନୋଦିନୀ ପଟ୍ଟନାୟକ
ନବକଳେବର ରୋଡ ନୂଆସାହି, ପୁରୀ
ଆବିର୍ଭାବ- ୨୨।୦୫।୧୯୫୦
ତିରୋଧାନ- ୨୦।୦୨।୨୦୨୬
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁ ପାଢୀ
ଆବିର୍ଭାବ: ୧୨।୦୭।୧୯୪୭
ତିରୋଧାନ: ୧୯।୦୨।୨୦୨୬
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ । ଆଜି ୦୨।୦୩।୨୦୨୬ ସୋମବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଈଶ୍ୱର ପ୍ରାପ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ ବିମଳା, ନୂଆବୋହୂ ଇନ୍ଦୁମତୀ, ଭଉଣୀ- ରେବ, ନଖୀ, ପ୍ରଭାତୀ, ପୁଅ- ମିହିର, ସମୀର, ପପୁ, ସିପୁ, ସିଲୁ, ବୋହୂ- ମିନୁଆ, କୁନି, ବେବୀ, ଶୁଭ, ଗୁଡି, ଝିଅ- ଫୁଲୁ, ମମତା, ହିପି, ଚୁମୁକି, ଲିଲି, ଜ୍ୱାଇଁ- ଶଙ୍କର, କୁନା, ତାରିଣୀ, ବାବୁ, ଲିପୁ, ନାତି- ମିକୁନ, ଶିଣ୍ଟୁ, ଗୁଡୁ, କୁଡୁ, ଚନ୍ଦନ, ରୁଦ୍ର, କ୍ରିଷ୍ଣା, ରାମ, ନିଶାନ୍ତ, ନାତୁଣୀ- ଲିମା, ଲିକା, କାଜଲ, ଥୁକୁଲୁ, ସାଇପ୍ରିୟା, ଭଣଜା- ରବି, ବାବୁନି, ଟିକିନା, ବାପି, ଭାଣିଜୀ- ସବିତା, ଲିପି, ବୁଢୀ, ଝିଲନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତା ଶୁଶିଳା ପଣ୍ଡିତ୍
ଆବିର୍ଭାବ : ୦୧।୧୧।୧୯୪୦
ତିରୋଧାନ : ୧୯।୦୨।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୩୫୨୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ଏଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚନ୍ଦ୍ରଗ୍ରହଣ ପାଇଁ ବଦଳିଲା ଶ୍ରୀବଳଦେବଜୀଉଙ୍କ ଦେବନୀତି

**କେନ୍ଦ୍ରାପଡା, ୧।୩(ଜଗନ୍ନାଥ ଧଳ):**


ସିଦ୍ଧ ବଳଦେବ ଜୀଉ ।

ଆସନ୍ତା ୩ ତାରିଖ ଫାଲଗୁନ ଶୁକ୍ଳ ପୂର୍ଣ୍ଣିମା ମଙ୍ଗଳବାରରେ କେତୁ ଗ୍ରସ୍ତୋଦୟ ଚନ୍ଦ୍ରଗ୍ରହଣ ହେବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡାର ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଦେବ ନୀତିରେ ପରିବର୍ତ୍ତନ ହୋଇଛି। ସୋମବାର ରାତି ୩ଟା ୨୦ ମିନିଟଠାରୁ ପାକ ତ୍ୟାଗ ହେବ। ଏଥିପାଇଁ ଜୟ ମଙ୍ଗଳା ଆଳତି ସୋମବାର ରାତି ୧୨ଟା ୪୫ ମିନିଟ, ନୀତିସ୍ନାନ ଓ ବଲ୍ଲଭ ଭୋଗ ରାତି ୧ଟା ୩୦ ମିନିଟ ଓ ଖେଚୁଡି ଧୂପ ରାତି ୨ଟାରେ ହେବ। ୩ ତାରିଖ ସନ୍ଧ୍ୟା ୬ଟା ୪୦ରେ ଗ୍ରହଣ ସ୍ନାନ ଓ ଗ୍ରହଣ ଭୋଗ ହେବ। ଶ୍ରୀଜୀଉଙ୍କ କୃଷ୍ଣ ବଳରାମ ବେଶ ସନ୍ଧ୍ୟା ୭ଟାରେ ହେବାକୁ ସ୍ଥିର ହୋଇଛି।

ସେହିପରି ସନ୍ଧ୍ୟା ୭ଟା ୩୦ ରେ ଦୋଳଦେବୀ ପ୍ରତିଷ୍ଠା ହେବାକୁ ଥିବା ବେଳେ ଦୋଳବେଦୀକୁ ଶ୍ରୀଜୀଉଙ୍କ ବିଜେ ପ୍ରତିମା ରାତି ୮ରେ ଗମନ କରିବେ। ଏହି ନୀତିରେ ମନ୍ଦିରର ଦେବନୀତି ଆରମ୍ଭ ହୋଇ ମଧ୍ୟରାତ୍ରି ୧୨ଟାରେ ଶ୍ରୀଜୀଉଙ୍କ ପହୁଡ ଲାଗି ହେବ ବୋଲି ଶ୍ରୀ ବଳଦେବଜୀଉ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

# ତୁଳସୀ କ୍ଷେତ୍ର ପଣ୍ଡିତସଭା ବୈଠକ

**କେନ୍ଦ୍ରାପଡା, ୧।୩(ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ସହର ଇଚ୍ଛାପୁରସ୍ଥିତ ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ତୁଳସୀ କ୍ଷେତ୍ର ପଣ୍ଡିତ ସଭା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ହୃଷୀକେଶ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ସଭା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏପ୍ରିଲ ୩ରେ ହେବାକୁ ଥିବା ନିଃଶୁଳ୍କ ସାମୂହିକ ବ୍ରତୋପନୟନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ସମ୍ପାଦକ ମାଧବ ଚନ୍ଦ୍ର ପତ୍ରୀ, ସଦସ୍ୟ କୁଳମଣି ପଣ୍ଡା, ସତ୍ୟନାରାୟଣ ପତି, ଅବଧୂତ ରାଉତ, ଦାମୋଦର ରାଉତ ଓ ପ୍ରସନ୍ନଜିତ ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ରତୋପନୟନ ପାଇଁ ଥିବା ଆବଶ୍ୟକ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ଏଥିସହିତ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ସାମାଜିକ ସଦ୍‌ଭାବ ରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସଭା ସଦସ୍ୟ ରାମାକାନ୍ତ ପତି, ପ୍ରଭାକର ଆଚାର୍ଯ୍ୟ, ହରିହର ଶତପଥୀ ଓ ଅକ୍ଷୟ କୁମାର ପତ୍ରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଉଜଙ୍କୁ ବଳାତ୍କାର ଘଟଣାରେ ସମ୍ପର୍କୀୟ ଦିଅର ଗିରଫ

**ଗୋପାଳପୁର,୧୩ (ନବୀନ ରାଜ ଆଚାରୀ)**

ସୁନାପୁର ସାମୁଦ୍ରିକ ଥାନା ଅଧିନସ୍ଥ ଏକ ଗ୍ରାମରେ ମହିଳାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିବା ଅଭିଯୋଗରେ ରବିବାର ସନ୍ଧ୍ୟାରେ ବଳାତ୍କାରୀ ସମ୍ପର୍କୀୟ ଦିଅରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ହରି ସେଠୀ(୧୯)। ସୂଚନାନୁସାରେ, ସୁନାପୁରା ସାମୁଦ୍ରିକ ଥାନା ଅଧିନସ୍ଥ ଏକ ଗ୍ରାମରେ ହରିଙ୍କ ଘରେ ସମ୍ପର୍କୀୟ ଭାଉଜ ରହୁଥିଲେ। ଗତ ୨ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ହରି ଭାଉଜଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ନ କହିବା ପାଇଁ ସେ ଧମକ ଦେଇଥିଲେ। ଶେଷରେ ବାହାର ରାଜ୍ୟରେ ରହୁଥିବା ସ୍ୱାମୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ କହିଥିଲେ। ଗତ ଶନିବାର ସାମୁଦ୍ରିକ ଥାନାରେ ମହିଳା ଜଣକ ଅଭିଯୋଗ କରିଥିଲେ। ଏନେଇ ଥାନା କେଶ୍ ନଂ. ୭/୨୬ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଘରେ ଥିବା ଖବର ପାଇ ପୋଲିସ ହରିଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଡାକ୍ତରି ମଇନା କରିବା ପରେ ପୋଲିସ ସନ୍ଧ୍ୟାରେ ହରିଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ମହିଳାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରି ମଇନା କରିଥିବା ବେଳେ ସୋମବାର ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ

# ଢେଙ୍କାନାଳ ଚାମ୍ପିୟନ

**ଖଣ୍ଡପଡ଼ା, ୧୩ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଢେଙ୍କାନାଳ ପପୁଲାର କ୍ଲବ ଓ କଟକର ବିଡାନାସୀ କ୍ଲବ। ଢେଙ୍କାନାଳ ପପୁଲାର କ୍ଲବ ଟ୍ରାଇବ୍ରେକର ସହାୟତାରେ ୧-୦ ଗୋଲରେ କଟକ ବିଡାନାସୀ କ୍ଲବକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଥିବା ଜଣାଯାଇଛି। ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲା ବେଳେ ପ୍ରସନ୍ନ ନାୟକ ଓ ବିଦେଶୀ ନାୟକ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଢେଙ୍କାନାଳ ଦଳ।

ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ସରୋଜ ସାହୁ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ କ୍ରୀଡା ପ୍ରଶାସକ ଭାରତୀ ଭୂଷଣ ମିଶ୍ର, ଖଣ୍ଡପଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ପଣ୍ଡିତ ମନୋଜ ଦାଶ, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ଯୁବ ସମାଜସେବୀ ଭୋଳାନାଥ ମହାନ୍ତି, ଆଇନଜୀବୀ ବିକ୍ରମ କେଶରୀ ଦେଓ, ଉଦ୍‌ଘୋଷକ ନୀରଦ ଆର୍ଯ୍ୟ, ସିନେ ତାରକା ଧାରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଖବର ଦାତା,ପୋଲିସ ଅଧିକାରୀ ଓ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚକୁ ଉପଭୋଗ କରିଥିଲେ। ବରିଷ୍ଠ କ୍ରୀଡ଼ାବିତ ଭିକାରୀ ଖଣ୍ଡାୟତ ଓ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏଶନର ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାପଡିଛି।

# ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ରାଜ୍ୟସ୍ତରୀୟ ସେମିନାର

**ଦଶପଲ୍ଲା, ୧୩ (ପ୍ରକାଶ କୁମାର ପାଣି)**

ଦଶପଲ୍ଲାର ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଇଣ୍ଡିଆନ କାଉନସିଲ ଅଫ ଫିଲୋସୋଫିକାଲ ରିସର୍ଚ୍ଚ ଆର୍ଥିକ ସହଯୋଗରେ ଆୟୋଜିତ ରାଜ୍ୟସ୍ତରୀୟ ପିରିୟଡିକ୍ ଲେକ୍ଚର ସେମିନାର ଜ୍ଞାନ, ଯୁକ୍ତି ଓ ମନନର ଏକ ସୁନ୍ଦର ସମାଗମରେ ପରିଣତ ହୋଇଥିଲା । ମହାବିଦ୍ୟାଳୟର ବର୍ସାର ଡା. ରମେଶ କୁମାର ଦାଶ ସ୍ୱାଗତ ଭାଷଣରେ ଅତିଥିବର୍ଗଙ୍କ ଗୌରବମୟ ଉପସ୍ଥିତିକୁ ମହାବିଦ୍ୟାଳୟ ପାଇଁ ଗର୍ବର ବିଷୟ ବୋଲି ଉଲ୍ଲେଖ କରିଥିଲେ । ବିଭାଗ ମୁଖ୍ୟ କ୍ଷୀରୋଦ ଚନ୍ଦ୍ର ମହାନ୍ତି ବକ୍ତାମାନଙ୍କର ପାଣ୍ଡିତ୍ୟ, ଗବେଷଣାମୂଳକ ଅବଦାନ ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ସ୍ୱତନ୍ତ୍ର ପରିଚୟକୁ ଉଜାଗର କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଅତିଥିବର୍ଗଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନ କରାଯାଇଥିଲା ।



ମଞ୍ଚାସୀନ ଅତିଥି ବୃନ୍ଦ ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ପୂର୍ବତନ ସହଯୋଗୀ ପ୍ରାଧ୍ୟାପକ ଡା. ସଚ୍ଚିନ୍ଦ୍ର ରାଉଳ 'କାରଣ ବିଷୟରେ ଉପସ୍ଥାପନା କରି କାରଣ ଓ କାର୍ଯ୍ୟର ଦାର୍ଶନିକ ଧାରଣାକୁ ଭାରତୀୟ ଓ ପାଶ୍ଚାତ୍ୟ ପରମ୍ପରା ସହିତ ସମ୍ପର୍କିତ କରି ବିଶ୍ଳେଷଣ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ମୋହିନ ମହମ୍ମଦ 'କର୍ମସିଦ୍ଧାନ୍ତ' ବିଷୟରେ ଆଲୋଚନା କରି ନୈତିକ ଦାୟିତ୍ୱ କର୍ମଫଳ ଓ ଆଧୁନିକ ସମାଜରେ ତାର ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିଥିଲେ ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ପ୍ରାଧ୍ୟାପକ ପ୍ରଫେସର ଅଶୋକ କୁମାର ତରାଇ 'ଏପିଷ୍ଟେମିକ ଅନ୍ୟାୟ' ବିଷୟରେ ଗଭୀର ଆଲୋଚନା କରି ସମାଜରେ ଜ୍ଞାନ ଓ ମତାମତର ଅସମାନତା , ମାର୍ଜିନାଲାଇଜେସନ ଓ ଜ୍ଞାନାତ୍ମକ ନ୍ୟାୟ ବିଷୟରେ ସଚେତନତା ଜାଗୃତ କରିଥିଲେ। ସେମିନାରର ଅଧ୍ୟାପକ, ଗବେଷକ ଓ ଛାତ୍ରୀଛାତ୍ରମାନେ ସକ୍ରିୟ ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତର୍କ , ଧର୍ମ ଓ ନୀତିଶାସ୍ତ୍ର ବିଷୟକ ରଚନା ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଶେଷରେ ଆୟୋଜକ ସଚିବ ମହିମାସାଗର ମଲ୍ଲିକ ଧନ୍ୟବାଦ ଜ୍ଞାପନ କରି ଆଇସିପିଆର ସହ ସମସ୍ତ ଅତିଥି ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀକ୍ଷିତ


@ ହାପି


@ ସତ୍ୟପ୍ରକାଶ


@ ବାପୁ


@ ସନିଆଁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# Classified Everyday

0674-2580101, 9692975378


REAL ESTATE

**SALE**

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

**AFFIDAVIT**

I, Dwarikanath Padhi, S/o.- Late Balakrushna Padhi, resident of Ward No. 2, Banibihar 3rd Lane, P.O./ P.S.- Aska, Dist.- Ganjam, Odisha, PIN- 761110 declare by this affidavit No. 1233 Dtd.- 28.02.2026 that now onwards I shall be known as DWARIKA NATH PADHY for all future purposes. D-3517

By virtue of an affidavit sworn before the Notary Public, Bhubaneswar, I, Shankuni Kanhar, father of Birupakhya Kanhar who is a minor has changed the name of my son from "A. BIRUPASHYA KANHAR" to "BIRUPAKHYA KANHAR" as per the birth certificate. Henceforth, the name of my son shall be known as "BIRUPAKHYA KANHAR" for all purposes and for correction in the Aadhaar issued by Unique Identification Authority of India. D-3518

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


୰କେଦାରନାଥ ସ୍ୱାଇଁ
ଗଜପତିନଗର, ବାଣୀବିହାର, ଭୁବନେଶ୍ୱର
ଆବିର୍ଭାବ: ୨୩।୧୦।୧୯୪୩
ତିରୋଧାନ: ୨୦।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୧

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


୰ ହରେକୃଷ୍ଣ ମହାନ୍ତି
Qtr. No. IVR- PF- 19, Unit- 6, Bhubaneswar
ଆବିର୍ଭାବ- ୧୪।୦୪।୧୯୪୩
ତିରୋଧାନ- ୦୭।୦୩।୨୦୧୨
ଆଜିର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୫୧୯

**ଶ୍ରଦ୍ଧାଞ୍ଜଳି**


୰ ବିନୋଦିନୀ ପଟ୍ଟନାୟକ
ନବକଳେବର ରୋଡ ନୂଆସାହି, ପୁରୀ
ଆବିର୍ଭାବ- ୨୨।୦୫।୧୯୫୦
ତିରୋଧାନ- ୨୦।୦୨।୨୦୨୬
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁ ପାଢୀ
ଆବିର୍ଭାବ: ୧୨।୦୭।୧୯୪୭
ତିରୋଧାନ: ୧୯।୦୨।୨୦୨୬
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ । ଆଜି ୦୨।୦୩।୨୦୨୬ ସୋମବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଈଶ୍ୱର ପ୍ରାପ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ ବିମଳା, ନୂଆବୋହୂ ଇନ୍ଦୁମତୀ, ଭଉଣୀ- ରେବ, ନଖୀ, ପ୍ରଭାତୀ, ପୁଅ- ମିହିର, ସମୀର, ପପୁ, ସିପୁ, ସିଲୁ, ବୋହୂ- ମିନୁଆ, କୁନି, ବେବୀ, ଶୁଭ, ଗୁଡ଼ି, ଝିଅ- ଫୁଲୁ, ମମତା, ହିପି, ଚୁମୁକି, ଲିଲି, ଜ୍ୱାଇଁ- ଶଙ୍କର, କୁନା, ତାରିଣୀ, ବାବୁ, ଲିପୁ, ନାତି- ମିକୁନ, ଶିଣ୍ଟୁ, ଗୁଡୁ, କୁଡୁ, ଚନ୍ଦନ, ରୁଦ୍ର, କ୍ରିଷ୍ନା, ରାମ, ନିଶାନ୍ତ, ନାତୁଣୀ- ଲିମା, ଲିକା, କାଜଲ, ଥୁକୁଲୁ, ସାଇପ୍ରିୟା, ଭଣଜା- ରବି, ବାବୁନି, ଟିକିନା, ବାପି, ଭାଣିଜୀ- ସବିତା, ଲିପି, ବୁଢ଼ୀ, ଝିଲନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତା ଶୁଶିଳା ପଣ୍ଡିତ୍
ଆବିର୍ଭାବ : ୦୧।୧୧।୧୯୪୦
ତିରୋଧାନ : ୧୯।୦୨।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୩୫୨୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


୰ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାଇରାଲିଟି: ପ୍ରକୃତିର ରହସ୍ୟମୟ ସ୍ୱାକ୍ଷର



ପ୍ର. ହିମାଂଶୁ ଶେଖର ବିଶ୍ୱାଳ

''ପୃଥକୀକରଣ ଓ ଆସିମେଟ୍ରିକ ସିନ୍ଥେସିସ ଏହି ଯମଜ ଅଣୁଗୁଡ଼ିକୁ ପୃଥକ୍ କରିବା ବଡ଼ କଷ୍ଟକର, କାରଣ ସେମାନଙ୍କ ଓଜନ ଓ ଗଣନାଙ୍କ ସମାନ। ବୈଜ୍ଞାନିକମାନେ ଏଥିପାଇଁ 'ତାଲା-ଚାବି' ପଦ୍ଧତି (କାଇରାଲ କ୍ରୋମାଟୋଗ୍ରାଫି) କିମ୍ବା ଏନଜାଇମର ସାହାଯ୍ୟ ନିଅନ୍ତି। ତେବେ ସର୍ବୋତ୍ତମ ପଦ୍ଧତି ହେଉଛି 'ଆସିମେଟ୍ରିକ ସିନ୍ଥେସିସ', ଯେଉଁଠାରେ ବିଶେଷ ପ୍ରକ୍ରିୟା ମାଧ୍ୟମରେ ପ୍ରଥମରୁ ହିଁ କେବଳ ଗୋଟିଏ ଦରକାରୀ 'ହାତ'ର ଅଣୁ ପ୍ରସ୍ତୁତ କରାଯାଏ।''






କାଇରାଲିଟି ହେଉଛି ପ୍ରକୃତିର ଏକ ଅଦ୍ଭୁତ ତଥା ରହସ୍ୟମୟ ଗୁଣ। ଗ୍ରୀକ୍ ଶବ୍ଦ 'cheir' (ହାତ)ରୁ ଆସିଥିବା ଏହି ଶବ୍ଦର ସରଳ ଅର୍ଥ ହେଉଛି 'ହସ୍ତତା'। ଯେପରି ଆମର ବାମ ଏବଂ ଡାହାଣ ହାତ ପରସ୍ପରର ପ୍ରତିବିମ୍ବ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଗୋଟିକ ଉପରେ ଆଉ ଗୋଟିଏ ରଖିଲେ ତାହା ସମ୍ପୂର୍ଣ୍ଣ ଭାବେ ମିଶି ନ ଥାଏ, ପ୍ରକୃତିର ଅଣୁଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ ନିୟମ ପ୍ରଯୁଜ୍ୟ। ଏହି ପରସ୍ପରର ଦର୍ପଣ-ପ୍ରତିବିମ୍ବ ଭଳି ଦେଖାଯାଉଥିବା ଅଣୁଗୁଡ଼ିକୁ ବିଜ୍ଞାନ ଭାଷାରେ 'ଏନାଣ୍ଟିଓମର୍ସ' କୁହାଯାଏ। ଏହି ପରିପ୍ରେକ୍ଷୀରେ କାଇରାଲିଟିର ବିଭିନ୍ନ ଦିଗ ବିଷୟରେ ସମ୍ୟକ ଆଲୋଚନା ଉଚିତ ମନେ ହେଉଛି।

## ଜୀବନ ସରଞ୍ଜନାରେ ପ୍ରକୃତିର ଚୟନମୂଳକ ଭୂମିକା

ଯଦି ଆପଣ ଜୀବନର ମୌଳିକ ଗଠନ ପ୍ରଣାଳୀକୁ ଦେଖନ୍ତି, ତେବେ ଜଣାପଡ଼ିବ ଯେ ପ୍ରକୃତି ଆଶ୍ଚର୍ଯ୍ୟଜନକ ଭାବେ ପକ୍ଷପାତପୂର୍ଣ୍ଣ। ପୃଥିବୀର ପ୍ରତ୍ୟେକ ଜୀବ, କ୍ଷୁଦ୍ରତମ ବ୍ୟାକ୍ଟେରିଆଠାରୁ ଆରମ୍ଭକରି ବିଶାଳକାୟ ନୀଳ ତିମି ପର୍ଯ୍ୟନ୍ତ, ସମସ୍ତେ 'ବାମ-ହାତୀ' ଆମିନୋ ଏସିଡ ଏବଂ 'ଡାହାଣ-ହାତୀ' ଶର୍କରା ଦ୍ୱାରା ଗଠିତ। ଉନବିଂଶ ଶତାବ୍ଦୀରେ ଲୁଇ ପାଶ୍ଚର ପ୍ରଥମେ ଆବିଷ୍କାର କରିଥିଲେ ଯେ ଜୀବନର ଏକ 'ହସ୍ତତା' ବା ଦିଗ ରହିଛି। ଯେତେବେଳେ ସେ ଲକ୍ଷ୍ୟ କଲେ ଯେ ମଦ ପ୍ରସ୍ତୁତିରେ ବ୍ୟବହୃତ ଟାର୍ଟ୍ରେଟଗୁଡ଼ିକ ଆଲୋକକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ଘୂରାଉଛନ୍ତି, ସେବେଠାରୁ ଜୀବବିଜ୍ଞାନୀମାନେ ହୋମୋକାଇରାଲିଟିର ରହସ୍ୟ ସହିତ ସଂଘର୍ଷ କରୁଛନ୍ତି: ଜୀବନ କାହିଁକି କେବଳ ଗୋଟିଏ ପାର୍ଶ୍ୱକୁ ବାଛିଲା ? ଏହାର ଉତ୍ତର ଆଜି ବି ବିଜ୍ଞାନ ଜଗତର ସବୁଠାରୁ ବଡ଼ ରହସ୍ୟମୟ କାହାଣୀ ହୋଇ ରହିଛି। ଏହା ପ୍ରାଥମିକ ସୌରମଣ୍ଡଳର ଧ୍ରୁବୀକୃତ ନକ୍ଷତ୍ର ଆଲୋକ ଯୋଗୁ ହୋଇଥାଉ କିମ୍ବା କୋଟି କୋଟି ବର୍ଷ ପୂର୍ବେ କୌଣସି ଏକ ଆକସ୍ମିକ ରାସାୟନିକ ଘଟଣା ହେତୁ ହୋଇଥାଉ, ଏହାର ପରିଣାମ ହେଉଛି ଆମ ଶରୀର ଏକ 'କାଇରାଲ ପରିବେଶ'। ଆମ ଶରୀରର ଏନଜାଇମ ଏବଂ ରିସେପ୍ଟରଗୁଡ଼ିକ ବାମ ହାତ ପାଇଁ ତିଆରି ହୋଇଥିବା ବିଶେଷ ଗ୍ଲୋଭସ ପରି ; ସେଥିରେ ଏକ ଡାହାଣ-ହାତୀ ଅଣୁ ସହଜରେ ଖାପ ଖାଇପାରିବ ନାହିଁ।

ଔଷଧ ଓ ଚିକିତ୍ସା ବିଜ୍ଞାନରେ 'ଯମଜ' ଅଣୁର ପ୍ରଭାବ ଅନେକ ସମୟରେ ଲାବୋରେଟୋରିରେ ତିଆରି ହେଉଥିବା ଔଷଧରେ ବାମ ଓ ଡାହାଣ-ହାତୀ ଅଣୁର ସମାନ ମିଶ୍ରଣ (ରେସିମେଟ) ଥାଏ। ଏହାର ପରିଣାମ ଭିନ୍ନ ଭିନ୍ନ ହୋଇପାରେ:

**ସକାରାତ୍ମକ:** ଇବୁପ୍ରୋଫେନ ଭଳି ଔଷଧର ଗୋଟିଏ ରୂପ କାମ କରୁଥିବା ବେଳେ ଅନ୍ୟଟି ନିଷ୍କ୍ରିୟ ରହେ।

**ସ୍ୱାଦ ଓ ଗନ୍ଧ:** କାଇରାଲିଟି ଯୋଗୁ ଗୋଟିଏ ଅଣୁ (ଲେମୋନିନ) ଲେମ୍ବୁ ପରି ବାସନା ହେଉଥିବା ବେଳେ ତା'ର ଦର୍ପଣ-ପ୍ରତିବିମ୍ବ କମଳା ପରି ବାସନା ହୁଏ।

**ବିପଜ୍ଜନକ:** ୧୯୫୦ ଦଶକର 'ଥାଲିଡୋମାଇଡ' ଦୁଃଖଦ ଘଟଣା ଏହାର ବଡ଼ ଉଦାହରଣ। ଏହି ଔଷଧର ଗୋଟିଏ ରୂପ ଶାନ୍ତିଦାୟକ ଥିଲା, କିନ୍ତୁ ଅନ୍ୟ ରୂପଟି ଭ୍ରୂଣର ବିକୃତି ପାଇଁ ଦାୟୀ ଥିଲା। ଏହା ପରଠାରୁ ଔଷଧର ପ୍ରତିଟି 'ହାତ'କୁ ପୃଥକ ଭାବେ ପରୀକ୍ଷା କରିବା ବାଧ୍ୟତାମୂଳକ ହୋଇଛି।

ପୃଥକୀକରଣ ଓ ଆସିମେଟ୍ରିକ ସିନ୍ଥେସିସ ଏହି ଯମଜ ଅଣୁଗୁଡ଼ିକୁ ପୃଥକ କରିବା ବଡ଼ କଷ୍ଟକର, କାରଣ ସେମାନଙ୍କ ଓଜନ ଓ ଗଣନାଙ୍କ ସମାନ। ବୈଜ୍ଞାନିକମାନେ ଏଥିପାଇଁ 'ତାଲା-ଚାବି' ପଦ୍ଧତି (କାଇରାଲ କ୍ରୋମାଟୋଗ୍ରାଫି) କିମ୍ବା ଏନଜାଇମର ସାହାଯ୍ୟ ନିଅନ୍ତି। ତେବେ ସର୍ବୋତ୍ତମ ପଦ୍ଧତି ହେଉଛି 'ଆସିମେଟ୍ରିକ ସିନ୍ଥେସିସ', ଯେଉଁଠାରେ ବିଶେଷ ପ୍ରକ୍ରିୟା ମାଧ୍ୟମରେ ପ୍ରଥମରୁ ହିଁ କେବଳ ଗୋଟିଏ ଦରକାରୀ 'ହାତ'ର ଅଣୁ ପ୍ରସ୍ତୁତ କରାଯାଏ। ଏହା ଏକ ଏପରି ପ୍ରଭାବଶାଳୀ କ୍ଷେତ୍ର ଯେ ଏଥିପାଇଁ ୨୦୦୧ ଏବଂ ୨୦୨୧ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏକ 'କାଇରାଲ କାଟାଲିଷ୍ଟ' (ଏକ କ୍ଷୁଦ୍ର ଆଣବିକ ଉପକରଣ ଯାହା ଏକ ଛାଞ୍ଚ ପରି କାମ କରେ) ବ୍ୟବହାର କରି ରସାୟନବିଜ୍ଞାନୀମାନେ ଏକ ରାସାୟନିକ ପ୍ରତିକ୍ରିୟାକୁ କେବଳ ଗୋଟିଏ ଦିଗରେ ଅଣୁ ଗଠନ କରିବା ପାଇଁ ବାଧ କରିପାରନ୍ତି। ଏହା ଏକ ଏପରି ଛାଞ୍ଚ ବ୍ୟବହାର କରିବା ସହ ସମାନ, ଯାହା କେବଳ ବାମ-ହାତୀ ଗ୍ଲୋଭସ ତିଆରି କରିବାକୁ ଅନୁମତି ଦିଏ। ଔଷଧ ଶିଳ୍ପ ପାଇଁ ଏହି ପଦ୍ଧତି ହେଉଛି 'ଗୋଲ୍ଡ ଷ୍ଟାଣ୍ଡାର୍ଡ' ବା ସର୍ବୋତ୍ତମ ମାନଦଣ୍ଡ, କାରଣ ଏହା ଅତ୍ୟନ୍ତ ଦକ୍ଷ ଏବଂ ଏଥିରେ କୌଣସି ଜିନିଷ ନଷ୍ଟ ହୁଏନାହିଁ।

## ଭବିଷ୍ୟତର ପ୍ରଯୁକ୍ତି

କ୍ୱାଣ୍ଟମ ଏନକ୍ରିପ୍ସନ ଓ ସ୍ପିନ୍ଟ୍ରୋନିକ୍ସ ଆଜି କାଇରାଲିଟି କେବଳ ରସାୟନ ବିଜ୍ଞାନରେ ସୀମିତ ନାହିଁ। ଆଲୋକର କାଇରାଲିଟି (ବୃତ୍ତାକାର ଧ୍ରୁବୀକୃତ ଆଲୋକ)କୁ ବ୍ୟବହାର କରି କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗରେ ଅତି ସୁରକ୍ଷିତ ତଥ୍ୟ ପଠାଯାଇପାରୁଛି। ନିକଟରେ ଆବିଷ୍କୃତ CISS (Chiral-Induced Spin Selectivity) ପ୍ରଭାବ ବ୍ୟବହାର କରି ଏପରି 'ସ୍ପିନ ଫିଲ୍ଟର୍' ତିଆରି କରାଯାଉଛି, ଯାହା କମ୍ପ୍ୟୁଟରକୁ ହଜାରେ ଗୁଣ ଅଧିକ ଦ୍ରୁତ ଓ ଶକ୍ତି-ଦକ୍ଷ କରିପାରିବ। ଏପରିକି ଜାଲିଆତି ରୋକିବା ପାଇଁ ଦାମୀ ସାମଗ୍ରୀରେ 'କାଇରାଲ କାଳି'ର ବ୍ୟବହାର କରାଯାଉଛି।

ମହାକାଶରେ ଜୀବନର ସନ୍ଧାନ ସବୁଠାରୁ ରୋମାଞ୍ଚକର କଥା ହେଉଛି, ପୃଥିବୀ ବାହାରେ ଜୀବନ ଖୋଜିବା ପାଇଁ କାଇରାଲିଟି ଏକ 'ବାୟୋସିଗ୍ନେଚର୍' ବା ଜୈବିକ ସଙ୍କେତ। ମହାକାଶର ପଦାର୍ଥ ବିଜ୍ଞାନ ସାଧାରଣତଃ ୫୦/୫୦ ର ମିଶ୍ରଣ ପସନ୍ଦ କରେ, କିନ୍ତୁ ଜୀବବିଜ୍ଞାନ କେବଳ ଗୋଟିଏ ପାର୍ଶ୍ୱକୁ ବାଛିଥାଏ। ଯଦି କୌଣସି ଗ୍ରହରୁ ଆମେ କେବଳ ଏକ-ପାଖିଆ ଅଣୁ ପାଉ, ତେବେ ସେଠାରେ ଜୀବନ ଥିବାର ସମ୍ଭାବନା ନିଶ୍ଚିତ ହେବ। ମର୍ଚିସନ ଉଲ୍କାପିଣ୍ଡରୁ ମିଳିଥିବା ସୂଚନା ଅନୁଯାୟୀ, ଆମ ଜୀବନର ଏହି 'ବାମ-ହାତୀ' ପ୍ରେମ ବୋଧହୁଏ ମହାକାଶରୁ ହିଁ ଆରମ୍ଭ ହୋଇଥିଲା।

ଶେଷରେ କାଇରାଲିଟି ପ୍ରମାଣ କରେ ଯେ ବ୍ରହ୍ମାଣ୍ଡ ଏକ ଅତ୍ୟନ୍ତ ସୂକ୍ଷ୍ମ ଓ ନିର୍ଦ୍ଦିଷ୍ଟ ନକ୍ସାରେ ଗଢ଼ା। ଆମ ଡିଏନ୍ଏର ସର୍ପିଳ ମୋଡ଼ଠାରୁ ଆରମ୍ଭ କରି ମହାକାଶର ଗଭୀରତା ପର୍ଯ୍ୟନ୍ତ, ଏହି ଆଣବିକ ସମତା ଓ ଅସମତାର ନୃତ୍ୟ ହିଁ ଜୀବନର ପ୍ରକୃତ ସତ୍ତା। ଏହି ରହସ୍ୟକୁ ବୁଝିବା ପାଇଁ ଭାଇବ୍ରେସନାଲ ସର୍କୁଲାର୍ ଡିକ୍ରୋଇଜିମ (ଭିସିଡି) ସ୍ପେକ୍ଟ୍ରୋସ୍କୋପି ଭଳି ଆଧୁନିକ ଉପକରଣ ଆଜି ବୈଜ୍ଞାନିକମାନଙ୍କ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ସାଜିଛି।

-ରସାୟନ ବିଜ୍ଞାନ ବିଭାଗ, ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (NISER), ଭୁବନେଶ୍ୱର
ମୋ : ୯୧୭୮୩୧୧୧୮

# କିଡ୍‌ନୀର ଅକ୍ଷମତା



କିଡ୍‌ନୀ ଏପରି ଏକ ଅଙ୍ଗ, ଯାହା ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇପଡ଼ିଥିଲେ ମଧ୍ୟ ଅନ୍ୟ କିଡ୍‌ନୀଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ମିଳି ନ ଥାଏ। ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର୍' ବା ଏ.ଆର୍.ଏଫ୍.। କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରଭାବିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ତରଳ ଝାଡ଼ାବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶ ପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ପରିସ୍ରାର ପରିମାଣ କମିଯିବା, ଅଇ ଉଠାଇବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦୁଆ ଲାଗିବା, ଶ୍ୱାସକ୍ରିୟାରେ କଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ। ଏଭଳି ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଆପଣାନ୍ତୁ ସହଜ ଉପାୟ



ନିଜକୁ ସୁସ୍ଥ ରଖିବା ବର୍ତ୍ତମାନ ଏକ ପ୍ରଧାନ କଥା ପାଲଟି ଗଲାଣି। ପ୍ରଥମ କଥା ହେଲା, କୌଣସି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସବୁବେଳେ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖନ୍ତୁ। ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ସିଧାସଳଖ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଯୋଗ, ପ୍ରାଣାୟାମ ପାଇଁ ଯଦି କିଛି ସମୟ ଦେଲେ ତେବେ ତାହା ଆପଣଙ୍କୁ କେତେକାଂଶରେ ସୁସ୍ଥ ରଖିଥାଏ। ବିଶେଷଭାବରେ ଯଦି ଆପଣ ବ୍ଲଡପ୍ରେସର ବା ରକ୍ତଚାପ, ଡାଇବେଟିସ୍ କିମ୍ବା ଆଜ୍‌ମା ସମସ୍ୟା ସହ ଜଡିତ ତେବେ ଏନେଇ ନିଜକୁ ଯେତେ ସତର୍କ ରଖିବେ ସେତେ ଭଲ। ବୟସ ବଢ଼ିବା ସହ ଧୀରେ ଧୀରେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାକୁ କଦାପି ଅଣଦେଖା କରନ୍ତୁ ନାହିଁ। ଠିକ୍ ସମୟରେ ମେଡିସିନ୍ ଖାଆନ୍ତୁ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ବିଳମ୍ବରେ ଶୋଇବା କିମ୍ବା ରାତ୍ରିଭୋଜନ କରିବା ଅଭ୍ୟାସକୁ ବଦଳାନ୍ତୁ। ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ।

## ଦାନ୍ତବିନ୍ଧା ସହ ସେଲ୍‌ର ସମ୍ପର୍କ

ଥଣ୍ଡା ଆଦି କେତେକ କାରଣରୁ ଦାନ୍ତମୂଳ ବିନ୍ଧିଥାଏ। ତେବେ ଏହା ସହ ସେଲ୍ ବା କୋଷର ସମ୍ପର୍କ ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ଦାନ୍ତବିନ୍ଧା ଏବଂ ସେଲ୍‌ର ସମ୍ପର୍କ' ବିଷୟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏକଥା ଜାଣିବାକୁ ମିଳିଛି। ଦାନ୍ତ ବିନ୍ଧିବା ପଛରେ ସେଲ୍‌ର କି ସମ୍ପର୍କ ରହିଛି ତାହା ଜାଣିବାକୁ ସେମାନେ ଏନେଇ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏହି ସେଲ୍‌ଟି ହେଉଛି 'ଆମେଲୋବ୍ଲାଷ୍ଟ'। ଏହି ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ। ତେବେ ଦାନ୍ତ ବିନ୍ଧାରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।



## ଅଧିକ ସମୟ ଭିଡିଓ ଗେମ୍ ଖେଳୁଥିଲେ...

ଭିଡିଓ ଗେମ୍ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା କେତେକ ସମସ୍ୟାକୁ ଡାକି ଆଣିଥାଏ। ଯେତେବେଳେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ, ସେତେବେଳେ ତାହା ନିଜର ଦୈନନ୍ଦିନ ଜୀବନଶୈଳୀକୁ କେତେକାଂଶରେ ପ୍ରଭାବିତ କରିବା ଆଶଙ୍କା ରହିଛି। ଭିଡିଓ ଗେମ୍ ଖେଳିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିବା କେତେକ ବ୍ୟକ୍ତିଙ୍କ ଉପରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀ ଏହାଦ୍ୱାରାପ୍ରଭାବିତ ହେଉଥିବାର ଜଣାପଡିଥିଲା।



## ଜାଣିରଖନ୍ତୁ



➢ଆପଣଙ୍କର ନିଦ୍ରାଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ପ୍ରତିଦିନ କିଛି ଅଙ୍ଗୁର ଖାଇଲେ ତାହା ସୁନିଦ୍ରାରେ କେତେକାଂଶରେ ସହାୟକ ହୋଇଥାଏ।

➢ରାତିରେ ଶୋଇବା ପୂର୍ବରୁ ପାଦକୁ ଭଲ ଭାବରେ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➢ଶୋଇବାକୁ ଯିବାର ଦୁଇ ଘଣ୍ଟା ପୂର୍ବରୁ ହେଭି ଏକ୍ସରସାଇଜ କରନ୍ତୁ ନାହିଁ।

➢ସବୁବେଳେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ।

➢ବେଡ୍ ରୁମ୍‌ର ପରିବେଶ ସୁନିଦ୍ରାରେ ଅନେକାଂଶରେ ସହାୟକ ହୋଇଥାଏ। ଏହାର ପରିବେଶ ସବୁବେଳେ ଶାନ୍ତ ରହିବା ଦରକାର।

➢ଶୋଇବାକୁ ଯିବା ପୂର୍ବରୁ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।

➢ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଶେଷ କରନ୍ତୁ, ଆଉ ଏହି ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➔ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ପ୍ରଥମେ ବିଶ୍ରାମ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଯଦି ଶୋଇବାରେ ଏପଟ ସେପଟ ହୁଏ, ତେବେ ସେଥିଯୋଗୁ ମୁଣ୍ଡ ବିନ୍ଧିବା, ମୁଣ୍ଡ ବୁଲାଇବା, ହାଲିଆ ଲାଗିବା ଆଦି ସମସ୍ୟା ଦେଖାଦେଇଥାଏ। ପରବର୍ତ୍ତୀ ସମୟରେ ଏଗୁଡିକ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➔ବର୍ତ୍ତମାନ ଖରାଦିନ। ତେଣୁ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

➔ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବା ଯଦି ଅଭ୍ୟାସରେ ପରିଣତ ହୋଇଯାଇଛି ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଥିଯୋଗୁ ପେଟଜନିତ ରୋଗ ହେବାର ଆଶଙ୍କା ରହିଛି।

➔କମ୍ପ୍ୟୁଟର ସାମ୍‌ନାରେ ବସି ଯଦି ସବୁବେଳେ କାମ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ମଝିରେ ମଝିରେ କାମରୁ କିଛି ସମୟ ବିରତି ନେଇ ଆଖି ଏବଂ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ମିଳିଥାଏ।

➔ସ୍ନାୟୁଜନିତ ସମସ୍ୟା ଥିଲେ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଏବଂ ସ୍ନାୟୁ ଉପରେ ପଡ଼ିଥାଏ।

➔ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। ହେଲେ ଖାଦ୍ୟ ଖାଇବାର ଠିକ୍ ପରେ ପରେ ଫଳମୂଳ ଖାଆନ୍ତୁ ନାହିଁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ।



# ବୃଦ୍ଧିପାଉଛି ପ୍ଲାଷ୍ଟିକ ପ୍ରଦୂଷଣ

ପ୍ଲାଷ୍ଟିକ ପ୍ରଦୂଷଣ ମଧ୍ୟ ସ୍ଥଳଭାଗରେ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି। ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ଏକ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଜଣାଯାଏ। ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସହ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ ଆବର୍ଜନା ସୋରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ, ଯାହାକୁ ସଫା କରିବା ପାଇଁ ବାର୍ଷିକ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ।






# ଓଡ଼ିଶା-ଚେନ୍ନାଇନ୍ ଏଫ୍‌ସି ମ୍ୟାଚ୍ ଡ୍ର'

**ଭୁବନେଶ୍ୱର, ୧।୩ (ଅନାଦି କର)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ୍ ୧-୧ ଗୋଲରେ ଡ୍ର' ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳକୁ ୧ ଲେଖାଏ ପଏଣ୍ଟ ଦିଆଯାଇଛି।

**ଆଇଏସ୍ଏଲ୍**

ଏଥିଯୋଗୁ ଓଡ଼ିଶା ଲଗାତର ଦୁଇ ମ୍ୟାଚ୍‌ରେ ଦୁଇ ଡ୍ର' ସହ ପୂର୍ବ ଭଳି ନବମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ଚେନ୍ନାଇନ ଏହି ମ୍ୟାଚ୍ ଜରିଆରେ ପଏଣ୍ଟ ଖାତା ଖୋଲିଛି। ଦଳ ବର୍ତ୍ତମାନ ୧ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛି।

ଉଭୟ ଦଳ ସମାନ ୪-୪-୨ ଫର୍ମେଶନ ସହ ମ୍ୟାଚ୍‌କୁ ଓହ୍ଲାଇଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପ୍ରାୟତଃ ଗୋଲ ଶୂନ୍ୟ ରହିଥିଲା। ମାତ୍ର ଇଞ୍ଜୁରି ଟାଇମରେ ଚେନ୍ନାଇନ ଦଳକୁ ଏକ କର୍ନର ମିଳିଥିଲା। ଫାରୁକ ଚୌଧାରୀଙ୍କଠାରୁ ମିଳିଥିବା ଓଭର ହେଡ୍ ପାସକୁ ଏଲସିନୋ (୪୫+୨) ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଚେନ୍ନାଇନ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିକୁ ଏକ ଫ୍ରି-କିକ୍ ମିଳିଥିଲା। ଲାଲଥାଥଙ୍ଗା ଖଲରିଙ୍ଗଙ୍କଠାରୁ ମିଳିଥିବା ପାସକୁ କାର୍ଲସ ଡେଲଗାଡୋ ଗୋଲରେ କନଭର୍ଟ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହି ସ୍କୋର ଲାଇନ୍ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଶ୍ରେୟାଂଶ, ଆର୍ଯ୍ୟନ ଚାମ୍ପିୟନ

**ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)**

ଫୁଲନଖରାସ୍ଥିତ ସିନର୍ଜି କ୍ୟାମ୍ପସରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ରବିବାର ଉଦ୍‌ଯାପିତ ହୋଇଛି। ଟ୍ରିପଲ 'ସି' ଚେସ୍ କ୍ଲବ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍

**ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ**

ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟର ର୍‍ୟାପିଡ୍ ବର୍ଗରେ କଟକର ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ ଓ ବ୍ଲିଜ୍‌ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିୟନ ହୋଇଛନ୍ତି। ରାପିଡ୍‌ରେ ଆର୍ଯ୍ୟନ ବେହେରା ରନରଅପ୍ ହୋଇଥିବାବେଳେ ଓମ୍ ଆଦିତ୍ୟ ଖାଡ଼ଙ୍ଗା, ନିଳସୁ ପଟ୍ଟନାୟକ ଓ ଲଭ୍ୟଜ୍ୟୋତି ରାଉତରାୟ ଟପ୍-୫ ଫିନିଶ୍ କରିଥିଲେ। ସେହିପରି ବ୍ଲିଜ୍‌ରେ କେନ୍ଦ୍ରାପଡ଼ାର ଲଭ୍ୟଜ୍ୟୋତି ରାଉତରାୟ ରନରଅପ୍ ହୋଇଥିବାବେଳେ ତପନ ବଡ଼ମୁଣ୍ଡି, ଫକୀର ମାଝି ଓ ଅମ୍ଲାନ ପ୍ରଧାନ ଶୀର୍ଷ ୫ ସ୍ଥାନରେ ରହିଥିଲେ। ଉଭୟ ର୍‍ୟାପିଡ୍ ଓ ବ୍ଲିଜ୍ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଆଗାମୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଝାଡ଼ଖଣ୍ଡର ରାଞ୍ଚିଠାରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, କ୍ରୀଡ଼ା ଅଧିକାରୀ ସମରେନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ବିଶ୍ୱଜିତ ରାୟ ଓ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୂରଜ କୁମାର ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଅନୁପମ ପୁରୁଷ, ଦୀପ୍ତିରାଣୀ ମହିଳା ପ୍ରଥମ

**ଭୁବନେଶ୍ୱର, ୧।୩ (ବିଜୟ ରଣା)**

କଳିଙ୍ଗ ରନର୍ସ ଟ୍ରଷ୍ଟ ଆନୁକୂଲ୍ୟରେ ନିସମ କନସଲ୍‌ଟିଂ ସହଯୋଗରେ ନିସମ ଭୁବନେଶ୍ୱର ମାରାଥନ୍‌ର ୭ମ ସଂସ୍କରଣ ରବିବାର ଚନ୍ଦ୍ରଶେଖରପୁରର ଆରଟିଓ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ୨୧କିଲୋମିଟର ପୁରୁଷ ବର୍ଗରେ ଅନୁପମ ମହତା,ରଶ୍ମିରଞ୍ଜନ ନାୟକ ଏବଂ ପଙ୍କଜ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ମହିଳା ବର୍ଗରେ ଦିପ୍ତିରାଣୀ ସାହୁ, ପୂଜା ସିଂ ଓ ନୀତା ପ୍ୟାରେଲାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିଭଳି ୧୦ କିଲୋମିଟର ପୁରୁଷ ବର୍ଗରେ ପବନ କୁମାର ଯାଦବ, ଦୋଳମଣି ଚିରଗୁଣ, ଦୟାନିଧି ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳାବର୍ଗରେ ସାକ୍ରା ମୁର୍ମୁ, ପ୍ରଥମ, ଭାବନା ସାହୁ, ଦ୍ୱିତୀୟ ଓ କ୍ଲାଉଡିୟା, ତୃତୀୟ ସ୍ଥାନ ଅଧିକାର କରିଥିଲେ। ୫ କିଲୋମିଟର ବର୍ଗରେ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସମସ୍ତ ଧାବକ ଓ ଧାବିକାମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା ପାରାଲିମ୍ପିକ ଚାମ୍ପିୟନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ଖୋର୍ଦ୍ଧାର ଏସ୍‌ପି ବିବେକାନନ୍ଦ ଶର୍ମା, ଏବଂ ପୂର୍ବତଟ ରେଳପଥର ଡେପୁଟି ଚିଫ୍ କମର୍ସିଆଲ୍ ମ୍ୟାନେଜର ପ୍ରୀତି ରାଣା, ଆଇଆରଟିଏସ, ଡେପୁଟି ଚିଫ୍ କମର୍ସିଆଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ରହି ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ, କଳିଙ୍ଗ ରନର୍ସ ଟ୍ରଷ୍ଟର ସ୍ୱାତୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ଆଥଲେଟ୍।

# ଦ. ଆଫ୍ରିକାର ବିଜୟଧାରା ଜାରି

**ନୂଆଦିଲ୍ଲୀ,୧।୩:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ଜିମ୍ବାୱେକୁ ପରାସ୍ତ କରିଛି। ଜିମ୍ବାୱେ ଦ୍ୱାରା ପ୍ରଦତ୍ତ ୧୫୪ ରନର ଟାର୍ଗେଟକୁ ଦ. ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଦକ୍ଷିଣ ଆଫ୍ରିକା ଅପରାଜେୟ ଭାବେ ସୁପର-୮ ପର୍ଯ୍ୟାୟ ଶେଷ କରିଛି। ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ରଜାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଆସନ୍ତା ୪ ତାରିଖରେ ଦକ୍ଷିଣ ଆଫ୍ରିକା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପାଇଁ ଅଧିନାୟକ ସିକନ୍ଦର ରଜା ୪୩ ବଲରେ ୭୩ (୮ ଚୌକା ଓ ୪ ଛକା) ଓ କ୍ଲାଇଭ ମାଡାଣ୍ଡେ ୨୦ ବଲରେ ଅପରାଜିତ ୨୬ (୩ ଚୌକା) ରନ କରିଥିଲେ। ଦ. ଆଫ୍ରିକା ପାଇଁ କ୍ୱେନା ମାଫାକା ଓ କର୍ବିନ ବୋଶ୍ଚ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଖୁବ ଶସ୍ତାରେ ଦୁଇ ଓପନର ଅଧିନାୟକ ଏଡେନ ମାରକ୍ରମ (୪) ଓ କ୍ୱିଣ୍ଟନ ଡି କକ୍ (୦)ଙ୍କ ଉଇକେଟ ହରାଇଥିଲା। ଉଭୟଙ୍କୁ ରଜା ପାଭିଲିଅନ ବାଟ ଦେଇଥିଲା। ହେଲେ ରିୟାନ ରିକଲଟନ ୨୨ ବଲରେ ୩୧ (୪ ଛକା), ଡେୱାଲ୍ଡ ବ୍ରେଭିସ ୧୮ ବଲରେ ୪୨ (୨ ଚୌକା ଓ ୪ ଛକା) ଓ ଡେଭିଡ୍ ମିଲର ୨୨(୨ ଲେଖାଏ ଚୌକା ଓ ଛକା) ରନ କରି ଦଳକୁ ଆଗେଇ ନେଇଥିଲେ। ଟ୍ରିଷ୍ଟାନ ଷ୍ଟବ୍ସ (୨୧) ଓ ଜର୍ଜ ଲିଣ୍ଡେ (୩୦ ରନ, ୨ ଚୌକା ଓ ୧ ଛକା) ଅବିଭାଜିତ ଷଷ୍ଠ ଉଇକେଟରେ ୫୩ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଫଳରେ ଦ. ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟ ହରାଇ ୧୫୪ ରନ କରି ନେଇଥିଲା। ଜିମ୍ବାୱେ ପାଇଁ ରଜା ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ: ୨୦ ଓଭରରେ ୧୫୩/୭ (ସିକନ୍ଦର ରଜା-୭୩, କ୍ଲାଇଭ ମାଡାଣ୍ଡେ-୨୬*; କ୍ୱେନା ମାଫାକା-୨/୨୧, କର୍ବିନ ବୋଶ୍ଚ-୨/୪୦)। ଦ. ଆଫ୍ରିକା: ୧୭.୫ ଓଭରରେ ୧୫୪/୫(ଡେୱାଲ୍ଡ ବ୍ରେଭିସ-୪୨, ରିୟାନ ରିକଲଟନ-୩୧, ଜର୍ଜ ଲିଣ୍ଡେ-୩୦*; ସିକନ୍ଦର ରଜା-୩/୨୯, ବ୍ରାଡ ଇଭାନ୍ସ-୧/୨୨)।

# ପ୍ରଥମ ସ୍ଥାନରେ ଉତ୍କଳ ବିଶ୍ୱବିଦ୍ୟାଳୟ

**ବାଲେଶ୍ୱର,୧।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ୬ଦିନ ବ୍ୟାପୀ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗୀ ଓ କ୍ରୀଡ଼ା ଅଧିକାରୀଙ୍କ ଶିଷ୍ଟାଚାରପୂର୍ଣ୍ଣ ଖେଳ ପ୍ରଦର୍ଶନ, ଶୃଙ୍ଖଳିତ ଆଚରଣ, କ୍ରୀଡ଼ା ମନୋଭାବ ଓ ସହଯୋଗିତାକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ନିବେଦିତା ନାଥ ଯୋଗଦେଇ କ୍ରୀଡ଼ା ଭବିଷ୍ୟତ ଜୀବନକୁ ଶୃଙ୍ଖଳିତ କରେ ବୋଲି ବକ୍ତବ୍ୟରେ କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ରମୋହନ ନାୟକ ମଞ୍ଚାସୀନ ଥିଲେ। ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ୧୧ଟି ବର୍ଗର ୨୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରୁଷ ଓ ମହିଳା ଉଭୟ ବର୍ଗରେ କ୍ରିକେଟ୍, ଫୁଟବଲ୍, କବାଡ଼ି, ହକି, ଖୋ-ଖୋ, ବାସ୍କେଟବଲ୍, ଭଲିବଲ୍, ଟେବୁଲ୍ ଟେନିସ୍, ଚେସ୍, କ୍ୟାରମ୍ ଓ ବ୍ୟାଡମିଣ୍ଟନ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନ୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମସ୍ତ ଦଳକୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ପରିଷଦ ଉପନିର୍ଦ୍ଦେଶକ ଅମିତ କୁମାର ଶର୍ମା, ବିଶ୍ୱବିଦ୍ୟାଳୟ ପିଇଓ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସହାୟକ ପ୍ରଫେସର ଶଶାଙ୍କ ଶେଖର ଗଡ଼ନାୟକ ଓ ରାଜଶ୍ରୀ ଦତ୍ତ ମଞ୍ଚ ସଂଯୋଜନା କରିଥିଲେ।



ବିଜେତା ମହିଳା ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ସୁନେଲିତା

**ହାଇଦ୍ରାବାଦ, ୧।୩ (ପି.ଟି.)**

ମହିଳା ବିଶ୍ୱକପ୍ କ୍ୱାଲିଫାୟର ପାଇଁ ରବିବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଭେଟେରାନ ଗୋଲ୍‌କିପର ତଥା ପୂର୍ବତନ ଅଧିନାୟିକା ସବିତା ପୁନିଆ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ମିଡ୍‌ଫିଲ୍ଡର ସାଲିମା ଟେଟେ ଦଳର ନେତୃତ୍ୱ ନେବେ। ଏହି ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ସୁନେଲିତା ଟୋପ୍ପୋଙ୍କୁ ସ୍ଥାନ ମିଳିଛି।

ହାଇଦ୍ରାବାଦରେ ଏଫ୍ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ କ୍ୱାଲିଫାୟର୍ସ ମାର୍ଚ୍ଚ ୮ରୁ ୧୪ ପର୍ଯ୍ୟନ୍ତ ହେବ। ୨୦୨୬ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡ୍‌ସରେ ଖେଳାଯିବାକୁଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ୍‌ର ୩ଟି କ୍ୱାଲିଫିକେଶନ ସ୍ଥାନ ପାଇଁ ଆୟୋଜକ ଭାରତ, ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ପ୍ରତିଯୋଗିତାରେ ଭାଗ ନେବେ। ଦଳଗୁଡ଼ିକୁ ଦୁଇ ବିଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ

**ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର**

ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ରହିଛନ୍ତି। ଖବର ଅନୁସାରେ ସବିତା ପାରିବାରିକ କାରଣରୁ ଛୁଟିରେ ଅଛନ୍ତି। ଖବର ଅନୁସାରେ ସବିତା ପାରିବାରିକ କାରଣ ଦର୍ଶାଇ ଟୁର୍ନାମେଣ୍ଟ ପୂର୍ବରୁ ଜାତୀୟ କ୍ୟାମ୍ପରେ ଯୋଗଦାନ କରି ନ ଥିଲେ। ତେଣୁ ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ସାଲିମା ଅଧିନାୟିକା ପଦ ବଜାୟ ରଖିଥିବା ବେଳେ ବଂଶାରି ସୋଲାଙ୍କି ଓ ବିଚ୍ଚୁ ଦେବୀ ଖରିବାମ୍ ଗୋଲ୍ କିପିଙ୍ଗ ଦାୟିତ୍ୱ ନିର୍ବାହ କରିବେ। ଟୁର୍ନାମେଣ୍ଟରେ ଭାରତ ପ୍ରଥମେ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳିବାକୁ ଥିବା ବେଳେ ପରେ ମାର୍ଚ୍ଚ ୯ ଓ ୧୧ରେ ଯଥାକ୍ରମେ ସ୍କଟଲାଣ୍ଡ ଓ ୱେଲ୍ସକୁ ଭେଟିବ।

# ସିନ୍ଧୁ ବର୍ତ୍ତମାନ ସୁରକ୍ଷିତ

**ନୂଆଦିଲ୍ଲୀ, ୧।୩ (ପି.ଟି.):** ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ସମୟରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ କିପରି ଭୟ ଓ ଆଶଙ୍କା ମଧ୍ୟରେ ଅଟକି ରହିଥିଲେ ତାହା ବର୍ଣ୍ଣନା କରିଛନ୍ତି। ସିନ୍ଧୁଙ୍କ ସହିତ ତାଙ୍କ ଇଣ୍ଡୋନେସୀୟ କୋଚ୍ ଇର୍‌ୱାନସ୍ୟା ଆଦି ପ୍ରତିମା ମଧ୍ୟ ଥିଲେ। ସେମାନେ ବିମାନବନ୍ଦରରେ ଅବତରଣ କରିବାର ମାତ୍ର କିଛି ସମୟ ମଧ୍ୟରେ ବିମାନବନ୍ଦରଠାରୁ ପ୍ରାୟ୧୦୦ମିଟର ଦୂରରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ଏହାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳ ଦୋହଲି ଉଠିଥିଲା। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ବର୍ତ୍ତମାନ ସେମାନେ ଏକ ହୋଟେଲରେ ସୁରକ୍ଷିତ ଅଛନ୍ତି। ସିନ୍ଧୁ ଅଲ ଇଂଲଣ୍ଡ ଓପନ ବ୍ୟାଡମିଣ୍ଟନ ଖେଳିବା ଲାଗି ଦୁବାଇରୁ ଲଣ୍ଡନ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ ବ୍ରୋଞ୍ଜ



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶାର ପଦକ ବିଜେତା କରାଟେକା।

**ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)**

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ୩ ସ୍ୱର୍ଣ୍ଣ ସହ ମୋଟ ୮ ପଦକ ମିଳିଛି। ଏହା ମଧ୍ୟରେ ୨ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ରବିବାର ଅନ୍ତିମ ଦିବସରେ ଅନୁଷ୍ଠିତ ସିନିୟର ମହିଳା ଟିମ୍ କାଟାରେ (ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି)

**ଜାତୀୟ କରାଟେ ପ୍ରତିଯୋଗିତା**

ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ସିନିୟର ମହିଳା ଟିମ୍ ଫାଇଟିଂ (ଅନୁପମା ସ୍ୱାଇଁ, ସୋନାଲୀ ପାଣିଗ୍ରାହୀ, ଲୋମା ସ୍ୱାଇଁ, ବ୍ରତତୀ ବିଶ୍ୱପ୍ରଭା ପତି, ମୋନାଲି ସାହୁ) ଏବଂ ସିନିୟର ପୁରୁଷ ଟିମ୍ କାଟା (ଯୋଗେଶ ବରିହା, କ୍ରୀଷ୍ଣା ଶିକାରୀ, ମହେଶ ଡୋରା, କାମେଶ ମହାପାତ୍ର)ରେ ଓଡ଼ିଶାକୁ ବ୍ରୋଞ୍ଜ ପଦକ ମିଳିଛି। ଦଳ ସହ ରାଜୀବ କୁମାର ସିଂ ରେଫରି, ଅବିନାଶ ପୁନ୍ଦିର ପ୍ରବନ୍ଧକ ଏବଂ କୋଚ ଭାବେ ଖାରବେଳ ମଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା ଓ ସିନ୍ଧୁ ତନୟା ଖୁଣ୍ଟିଆ (ମହିଳା ପ୍ରବନ୍ଧକ) ଦଳ ସହ ଯାତ୍ରା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, ବରିଷ୍ଠ ଆଡ୍‌ଭୋକେଟ କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଶାନ୍ତ ଧଳ, ପ୍ରଦୀପ ସରକାର, ପ୍ରକାଶ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ